
ଡି 377
22/11/93





ଓଡ଼ିଶା ବିଧାନ ସଭା ହତାରେ ସହିଦ ଦିବସ ଉପଲକ୍ଷେ ଅନୁଷ୍ଠିତ ନୀରବ ପ୍ରାର୍ଥନାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଓ ଡକ୍ଟର ହରେକୃଷ୍ଣ ମହତାବ ଯୋଗ ଦେଇଥିଲେ ।



ଭାରତରେ ଅବସ୍ଥାପିତ ବ୍ରିଟିଶ ହାଇକମିଶନର ସାର ଜନ୍ ଥମସନ ଏବଂ ତାଙ୍କର ପତ୍ନୀ ଓଡ଼ିଶା ପରିଦର୍ଶନରେ ଆସିଥିବା ବେଳେ ତା ୮ । ୨ । ୭୯ ରେ ଓଡ଼ିଶା ରାଜ୍ୟପାଳଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ ।

# ଉତ୍କଳ ପ୍ରସଙ୍ଗ

୧୯୭୯ ଫେବ୍ରୁଆରୀ
ମାଘ/ଫାଲ୍‌ଗୁନ
୧୯୦୦ ଶକାବ୍ଦ
୩୫ ଭାଗ : ସପ୍ତମ ସଂଖ୍ୟା

## ସୂଚୀପତ୍ର


| | | |
|---|---|---|
| ପ୍ରଗତିର ମୂଳଦୁଆ ସୁଦୃଢ଼ ହେଲାଣି | .. | ୧ |
| ମୁଁ ଗାନ୍ଧୀଜୀଙ୍କୁ ଚିହ୍ନି ନ ଥିଲି | .. | ୭ |
| ସୂର୍ଯ୍ୟ ମନ୍ଦିରର ସଂରକ୍ଷଣ ପାଇଁ ସ୍ମାରକପତ୍ର | .. | ୧୦ |
| ଶିଶୁ ସାହିତ୍ୟିକର ଦାୟିତ୍ୱ | .. | ୧୩ |
| ପ୍ରାଚୀନ ଲୋକକଥା, ପ୍ରବାଦ ଓ ପ୍ରବଚନ | .. | ୧୫ |
| ହାନିକର-ନା-ଶ୍ରେୟସ୍କର | .. | ୧୭ |
| ସଫଳତାର କାହାଣୀ | .. | ୨୧ |
| ନେତାଜୀ ସୁଭାଷ | .. | ୨୩ |
| ରାଜ୍ୟ ପ୍ରେକ୍ଷାଳୟମାନଙ୍କରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ | .. | ୨୫ |
| ଲୋକନାଟ୍ୟ ଏକ ଅଧ୍ୟୟନ | .. | ୨୬ |
| ଗଣନୃତ୍ୟ "ଡାଲଖାଇ" | .. | ୩୩ |
| ଜିଲ୍ଲା ପରିକ୍ରମା | .. | ୩୫ |
| ସାଂସ୍କୃତିକ ବିଚିତ୍ରା | .. | ୪୧ |
| କୋଶଳ ଇତିହାସର ପ୍ରଣେତା—ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ମଲ୍ଲିକ | | ୪୪ |
| ୧୯୭୯ ଗଣରାଜ୍ୟ ଦିବସ : ଏକ ପର୍ଯ୍ୟାଲୋଚନା | .. | ୪୬ |
| ଓଡ଼ିଶା ବିଧାନସଭା ପଞ୍ଚମ ଅଧିବେଶନରେ ରାଜ୍ୟପାଳଙ୍କ ଉଦ୍‌ବୋଧନ । | | ୫୧ |



ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦.୦୦

ପ୍ରତିଖଣ୍ଡ—ଟ ୧.୦୦


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ଦୃଷ୍ଟିକାକୁ ହେବନାହିଁ ।

# ପ୍ରଗତିର ମୂଳଦୁଆ ସୁଦୃଢ଼ ହେଲାଣି



**ଶ୍ରୀ ମୋରାରଜୀ ଦେଶାଇ**
ପ୍ରଧାନ ମନ୍ତ୍ରୀ

ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ, ଭାରତର ଇତିହାସରେ ଏ ଦୁଇଟି ସ୍ମରଣୀୟ ଦିନ । ପ୍ରତି ବର୍ଷ ଦେଶ ସାରା ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଦିନ ଦୁଇଟି ପାଳିତ ହୋଇଆସୁଛି । ଏ ଦିନ ଦୁଇଟିର ତାତ୍ପର୍ଯ୍ୟ ଦେଶ ପକ୍ଷରେ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ଦିବସ ସୂଚାଉଛି ଦେଶରୁ ବ୍ରିଟିଶ ଶାସନର ଅବସାନ ଏବଂ ସ୍ୱାଧୀନ ଭାରତର ଆବିର୍ଭାବ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ୯୦ ବର୍ଷରେ ସିଧାସଳଖ ବ୍ରିଟିଶ ଶାସନର ଅବସାନ ଘଟିଲା ଆମର ଏହି ଭାରତବର୍ଷରେ ଏବଂ ସେଦିନ ବ୍ରିଟିଶ ସିଂହାସନାଧୀନ ଏକ ଡୋମିନିୟନ ବା ସଭ୍ୟ ରାଷ୍ଟ୍ର ରୂପେ ସ୍ୱାଧୀନ ଭାରତ ଉଭା ହେଲା ବିଶ୍ୱ ଦରବାରରେ ।

ତାପରେ ଆସୁଛି ଛବିଶ ଜାନୁୟାରୀ ବା ସାଧାରଣତନ୍ତ୍ର ଦିବସ କଥା । ପଚାଶ ବର୍ଷ ତଳେ ଏମିତି ଏକ ଛବିଶ ଜାନୁୟାରୀରେ ଦେଶ ସ୍ୱାଧୀନ ହେବ ବୋଲି ଆମେ ଶପଥ ନେଇଥିଲୁ । ଅଣତ୍ରିଶ ବର୍ଷ ତଳେ ଆଉ ଏକ ଛବିଶ ଜାନୁୟାରୀରେ ଦେଶ ତାହାର ସାଧାରଣତନ୍ତ୍ରୀୟ ସମ୍ବିଧାନ ପ୍ରଣୟନ କରିଥିଲା । ସେହି ସମ୍ବିଧାନର ତାତ୍ପର୍ଯ୍ୟ ଉଲ୍ଲେଖଯୋଗ୍ୟ । ଏହା ଫଳରେ ବ୍ରିଟିଶ ସିଂହାସନାଧୀନ ଏକ ଡୋମିନିୟନ ପରିଣତ ହେଲା ଏକ ସାଧାରଣତନ୍ତ୍ରରେ । ଏହାଛଡ଼ା ଦେଶ କିଭଳି ଭାବରେ ଶାସିତ ହେବ, ତାହା ଲିପିବଦ୍ଧ ହେଲା ସେହି ସମ୍ବିଧାନରେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଭାରତବାସୀଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ । ଭାଗ୍ୟ ସଙ୍ଗେ ସେଦିନ ଆମର ମୁହାଁମୁହିଁ ଭେଟ ହୋଇଥିଲା । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦେଶ ପାଇଁ ଆଉ ଏକ ଅବିସ୍ମରଣୀୟ ଦିବସ । ସେଦିନ ଦେଶବାସୀ ସ୍ଥିର କଲେ କିଭଳି ଏ ଦେଶକୁ ଗଠନ କରାଯିବ । କେଉଁ ନୀତି ନିୟମ ଓ ତାହାରେ ଆମେ ଶାସିତ ହେବାକୁ ଚାହୁଁ, ତାହା ଚୂଡ଼ାନ୍ତ ରୂପ ନେଇ ସେହିଦିନ ।

ଏଭଳି ନୀତିନିୟମର ଯଥାଯଥ ପାଳନ ଏବଂ ତାହାର ସଫଳ ରୂପାୟନ ପ୍ରତ୍ୟେକ ସରକାରଙ୍କର ଦାୟିତ୍ୱ । ଦୁଃଖର କଥା, ଏହି ନୀତିନିୟମ ଓ ତାହାକୁ ପୂର୍ବତନ ସରକାର ଭାଙ୍ଗିରୁଜି ଏକାକାର କରି ଦେଲେ । ଫଳରେ ଦେଖା ଦେଲା ଏକ ବିସ୍ମୟକର ଗଣବିଦ୍ରୋହ । ରକ୍ତପାତ ନାହିଁ, ଭୋଟ ଜରିଆରେ ଦେଶବାସୀ ସେ ସରକାରକୁ ହଟାଇ ଶାସନର ଦାୟିତ୍ୱ ଦେଲେ ଜନତା ଦଳକୁ । ଗତ ୨୧ ମାସ ହେଲା ଏହି ଦଳ ଦେଶର ଶାସନ ଦାୟିତ୍ୱରେ ଅଛି ।

ଏହି ନୂତନ ଦଳର ସମ୍ବିଧାନ ଚୂଡ଼ାନ୍ତ ହେବା ପୂର୍ବରୁ ଦେଶବାସୀ ତାକୁ ଆଣି ଗାଦିରେ ବସାଇ ଦେଲେ । ସେଥିରୁ ପୂର୍ବତନ ସରକାର ବିରୁଦ୍ଧରେ ଦେଶବାସୀଙ୍କର ତିକ୍ତତା କିପରି ଉତ୍କଟ ହୋଇଥିଲା, ତାହା ଅନୁମାନ

କରାଯାଇପାରେ । ପୂର୍ବତନ ସରକାର ଯାହାସବୁ ଜାଳିକୁଳି ନଷ୍ଟ ଭ୍ରଷ୍ଟ କରିଛନ୍ତି, ସେଗୁଡ଼ିକ ଜନତା ସରକାର ପୁନର୍ବାର ପ୍ରତିଷ୍ଠା କରିବ, ଏହି ବିଶ୍ୱାସରେ ସେମାନେ ଜନତା ଦଳକୁ ଜିଣାଇ ସରକାରକୁ ଆଣିଲେ । ଜନତା ସରକାରକୁ ସେମାନେ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି, ସେଗୁଡ଼ିକ ହେଲା ଦେଶରେ ଗଣତାନ୍ତ୍ରିକ ପଦ୍ଧତି ଓ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା, ଆଇନର ଶାସନର ପୁନଃ ପ୍ରବର୍ତ୍ତନ, ନାଗରିକ ସ୍ୱାଧୀନତାର ପୁନରୁଦ୍ଧାର ଏବଂ ଏକ ସମୟବଦ୍ଧ କାର୍ଯ୍ୟକ୍ରମ ଜରିଆରେ ଦାରିଦ୍ର୍ୟ ଦୂରୀକରଣ ଏବଂ ବେକାରୀ ହ୍ରାସ ଲାଗି ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାର ପୁନର୍ବିନ୍ୟାସ ।

## ଗଣତନ୍ତ୍ର ପଦ୍ଧତିର ପୁନରୁଦ୍ଧାର

ଗଣତାନ୍ତ୍ରିକ ପଦ୍ଧତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପନର୍ଜୀବିତ କରିବାଲାଗି ଇତି ମଧ୍ୟରେ କେତେକ ଉଲ୍ଲେଖଯୋଗ୍ୟ ତଥା ସୁଦୂରପ୍ରସାରୀ ପଦକ୍ଷେପ ଦେଶରେ ନିଆଗଲଣି । ଆଇନର ଶାସନକୁ ପୁଣି ପ୍ରବର୍ତ୍ତନ କରାଗଲଣି ଓ ଅତୀତର ଧ୍ୱଂସ ସ୍ତୂପକୁ ସମୂଳେ ହଟାଇ ଦିଆଗଲଣି । ନାଗରିକ ସ୍ୱାଧୀନତା, ସମ୍ବାଦପତ୍ର ଏବଂ ବାକ୍ ସ୍ୱାଧୀନତା ଆଦିକୁ ଫେରାଇ ଅଣାଗଲଣି । ସମ୍ବିଧାନର ଆବଶ୍ୟକ ସଂଶୋଧନ ଏବଂ ଅର୍ଥନୀତିର ପୁନର୍ବିନ୍ୟାସ ଲାଗି ପଥ ପ୍ରସ୍ତୁତ କରାଗଲଣି ।

ସମ୍ବିଧାନର ୪୨ତମ ସଂଶୋଧନ ଆଇନ ଯୋଗୁଁ ଆମର ଏକାଧିକ ବ୍ୟକ୍ତି ସଂଶ୍ଳିଷ୍ଟ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଯେଉଁଳି ଧ୍ୱଂସ ଘଟିଲା, ତାହାକୁ ଅକାମୀ କରି ଦିଆଗଲଣି । ଏହାଛଡ଼ା ୪୫ତମ ସମ୍ବିଧାନ୍ ସଂଶୋଧନ ବ୍ୟବସ୍ଥାକୁ ମୂଳ ଆକାରରେ ଆମେ ଖୁବ୍ ଶୀଘ୍ର ଆଇନରେ ପରିଣତ କରିଥାନ୍ତୁ । କିନ୍ତୁ ରାଜ୍ୟ ସଭାରେ ଏଥିପାଇଁ ଆମକୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା । ଯେଉଁ ଦଳ ଭୋଟଦାତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ, ସେହି ଦଳ ଏହି ଗୃହରେ ସଂଖ୍ୟାଗରିଷ୍ଠ ଶକ୍ତି ଦ୍ୱାରା ବଳୀୟାନ ହୋଇ କେବଳ ଭୋଟଦାତାଙ୍କ ମତାମତକୁ ସମ୍ପୂର୍ଣ୍ଣ ଭାବେ ଯେ ଉପେକ୍ଷା କରିଛି, ତାହା ନୁହଁ ; ବରଂ ଯେଉଁ କାର୍ଯ୍ୟକଳାପ ଯୋଗୁଁ ଏହି ଦଳ ଲୋକଙ୍କର ବିରାଗଭାଜନ ହୋଇଛି, ସେଗୁଡ଼ିକୁ ନିଜ ପଦକ୍ଷେପ ସ୍ୱରୂପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛି । ଏହିଭଳି ଭାବରେ ଆମେ ସାଧ୍ୟାନୁସାରେ ସେଗୁଡ଼ିକୁ ଧ୍ୱଂସ କବଳରୁ ରକ୍ଷା କରିଛୁ । କିନ୍ତୁ ତା' ସତ୍ତ୍ୱେ ୪୨ତମ ସଂଶୋଧନର କେତେଗୁଡ଼ିଏ କ୍ଷତିକାରକ ଦିଗକୁ ସମ୍ବିଧାନରେ ରଖିବାକୁ ବାଧ୍ୟ ହୋଇଛୁ ।

## ପ୍ରତିକ୍ରିୟାଶୀଳ ଭୂମିକା

ସମ୍ବିଧାନର କେତେକ ମୌଳିକ ସଂଶୋଧନ ଦ୍ୱାରା ଯଦି ଏହାର ଧର୍ମ ନିରପେକ୍ଷତା ଓ ଗଣତାନ୍ତ୍ରିକ ଧାରା ବ୍ୟାହତ ହେଉଥିବ, ଅବାଧ ଓ ମୁକ୍ତ ନିର୍ବାଚନରେ ଅନ୍ତରାୟ ସୃଷ୍ଟି ହେଉଥିବ କିମ୍ବା ବଗ୍ର ବିଭାଗର ସ୍ୱାଧୀନତାରେ ହସ୍ତକ୍ଷେପ ଘଟି ଆଇନର ଶାସନରେ ବାଧା ସୃଷ୍ଟି କରାଯାଉଥିବ, ତେବେ ସେସବୁ ପ୍ରକ୍ରିୟାରେ ଲୋକଙ୍କର ପ୍ରତ୍ୟକ୍ଷ ସମର୍ଥନ ମିଳିବା ଉଚିତ ବୋଲି ଆମେ ଚାହୁଁ । ଅନ୍ୟୂନ ଶତକଡ଼ା ୫୧ ଭାଗ ଭୋଟଦାତା ଏଭଳି ମତ ପ୍ରଦାନ ବା "ରେଫରେଣ୍ଡମ" ପଦ୍ଧତିରେ ଅଂଶ ଗ୍ରହଣ କରିବା ଉଚିତ । କିନ୍ତୁ ସେହି ବିରୋଧୀ ଦଳର ଲୋକେ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଓଲଟି ଆମ ବିରୁଦ୍ଧରେ ମୌଳିକ ଅଧିକାର କ୍ଷୁଣ୍ଣ କରୁଥିବା ଅଭିଯୋଗ ବାଢ଼ୁଛନ୍ତି ।

ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଆମକୁ ପ୍ରଥମେ ଅତି ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏକ ବିପର୍ଯ୍ୟସ୍ତ ଅର୍ଥନୀତିର ମୁକାବିଲା କରିବା ପାଇଁ ଆମକୁ କେତେଗୁଡ଼ିଏ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିଥିଲା । ଦେଶରେ ପୂର୍ବରୁ ଜିନିଷପତ୍ରର ମୂଲ୍ୟ ଯେପରି ଗତାନୁଗତିକ ଭାବେ ବଢ଼ିବାରେ ଲାଗିଥିଲା, ତାହା ରୋକିବା ପାଇଁ ଆମେ ଜାଣିଶୁଣି କେତେକ ଖାଉଟି ଜିନିଷର ରପ୍ତାନି ଉପରେ କଟକଣା ଜାରି କରିବାକୁ ଏବଂ ଅନ୍ୟ କେତେକ ଜିନିଷ ବିଦେଶରୁ ଆମଦାନି କରିବାକୁ ନିଷ୍ପତ୍ତି ନେଇଥିଲୁ । ଏହା ଫଳରେ ପ୍ରାୟ ୩-୪ ମାସ ପରେ ଜିନିଷପତ୍ରର ଅଭାବ ଦୂର କରିବା ଏବଂ ଏ ସବୁର ମୂଲ୍ୟ ସ୍ଥିର ରଖିବାରେ ଆମେ ସମର୍ଥ ହେଲୁ ।

ଏହିସବୁ ପଦକ୍ଷେପ ନିଆଯିବା ଯୋଗୁଁ ଦେଶରେ ମୁଦ୍ରା-ଯୋଗାଣ ବୃଦ୍ଧି ପାଇବା ସତ୍ତ୍ୱେ ମୁଦ୍ରାସ୍ଫୀତି ରୋକା ଯାଇଛି । ଉତ୍ପାଦନ ବୃଦ୍ଧି ନିମନ୍ତେ ଦୀର୍ଘମିଆଦୀ ଭିତ୍ତିକ ନୀତି ପ୍ରଣୟନ କରିବା ଏବଂ ସ୍ୱଳ୍ପମିଆଦୀ ନୀତିର୍ ଉନ୍ନତି ଘଟାଇବାରେ ଆମେ ସମର୍ଥ ହୋଇଛୁ । ୧୯୭୭ ଜୁନ୍ ମାସରେ ନୂତନ ଚିନ୍ତାଧାରା ପ୍ରସୂତ ଆବର୍ତ୍ତନ ଯୋଜନା ବା ରୋଲିଂ ପ୍ଲାନ ଭିତ୍ତିରେ ଷଷ୍ଠ ଯୋଜନା ଉପରେ ନୀତି ବିଧାନ ପ୍ରସ୍ତୁତ କରିବା ଲାଗି ଯୋଜନା କମିଶନକୁ ପୁନର୍ଗଠିତ କରାଗଲା । ଗତ ବର୍ଷର ପ୍ରାରମ୍ଭରେ ଚିଠା ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇ ମାର୍ଚ୍ଚ ମାସରେ ଜାତୀୟ ଉନ୍ନୟନ ପରିଷଦରେ ଉପସ୍ଥାପିତ କରାଗଲା । ଇତ୍ୟବସରେ ନୂତନ ଆଭିମୁଖ୍ୟ ନେଇ ୧୯୭୭-୭୮ ପାଇଁ ଆମେ ଯେଉଁ ବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲୁ,ତାହାକୁ ରାଜ୍ୟ ସରକାରମାନଙ୍କ ପ୍ରତିନିଧିଙ୍କ ପରାମର୍ଶକ୍ରମେ ଚୂଡ଼ାନ୍ତ କଲୁ । ଏହିସବୁ ନୂତନ ଯୋଜନା ପ୍ରଣୟନର ଦାର୍ଶନିକ ପଟ୍ଟଭୂମିରେ ଆମେ ୧୯୭୭ ନଭେମ୍ବର ଓ ଡିସେମ୍ବର ମାସରେ ଯଥାକ୍ରମେ ଆମର ଅର୍ଥନୈତିକ ଓ ଶିଳ୍ପ ନୀତିମାନ ପ୍ରଣୟନ କଲୁ । ଏହା ସଙ୍ଗେ ସଙ୍ଗେ ନୂତନ ବସ୍ତ୍ରନୀତି ସଂକ୍ରାନ୍ତରେ ପ୍ରସ୍ତାବ ଗୃହୀତ ହୋଇ ଏ ସମ୍ପର୍କୀୟ ଶିଳ୍ପ କ୍ଷେତ୍ରରେ ଦେଖା ଯାଉଥିବା କେତେକ ଜଟିଳ ସମସ୍ୟା ସମାଧାନ ଦିଗରେ ଉଦ୍ୟମ କରାଯାଇଛି । ମୁଁ ସାହସର ସହିତ କହିପାରେ ଯେ ଏହି ସ୍ୱଳ୍ପ ସମୟ ମଧ୍ୟରେ ଏଭଳି ମୌଳିକ ଆର୍ଥନୀତିକ ନୀତିମାନ ପ୍ରଣୟନ କରିବା ଖୁବ୍ କ୍ୱଚିତ ଦେଖା ଯାଇଥାଏ ।

## ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ

ଯୋଜନା ପ୍ରଣୟନ କ୍ଷେତ୍ରରେ ନୂତନ ଚିନ୍ତାଧାରା ଅନୁସରଣ କରାଯିବା ଦ୍ୱାରା ପୂର୍ବର ଯୋଜନା ପ୍ରଣୟନ ଧାରାରେ କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ଘଟିଛି । ଏହାର ଏକ ମୁଖ୍ୟ ବିଶେଷତ୍ୱ ହେଲା ୧୯୭୮—୮୩ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟଗୁଡ଼ିକର ଉନ୍ନୟନ ଉଦ୍ୟୋଗକୁ ଅଗ୍ରାଧିକାର ଦିଆଯିବ । ଏହାଛଡ଼ା ଆମର ନିର୍ବାଚନ ଇସ୍ତାହାରର ଘୋଷଣାନୁଯାୟୀ କୃଷି ଓ ଗ୍ରାମ୍ୟ ପୁନର୍ଗଠନ ଉପରେ ମଧ୍ୟ ଅନୁରୂପ ପ୍ରାଧାନ୍ୟ ଦିଆଯାଇଥିବାରୁ ଏଭଳି ବ୍ୟତିକ୍ରମ ଘଟାଇବାକୁ ପଡୁଛି । କେନ୍ଦ୍ରୀୟ ଉଦ୍ୟୋଗ ତୁଳନାରେ ରାଜ୍ୟ ଉଦ୍ୟୋଗଗୁଡ଼ିକ ନିମନ୍ତେ ଅଧିକ ଅର୍ଥ ବରାଦରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ । ୧୯୭୮-୭୯ ବର୍ଷ ପାଇଁ ରାଜ୍ୟସ୍ତରୀୟ ଯୋଜନା ବାବଦ ୫,୯୮୫ କୋଟି ଟଙ୍କା ବରାଦ କରାଯାଇଥିବା ସ୍ଥଳେ କେନ୍ଦ୍ରୀୟ ଯୋଜନା ଲାଗି ୫,୬୬୪ କୋଟି ଟଙ୍କା ବରାଦ ହୋଇଛି । ସପ୍ତମ ଅର୍ଥ କମିଶନଙ୍କ ସୁପାରିଶ ଗ୍ରହଣ କରାଯିବା ଦ୍ୱାରା ରାଜ୍ୟଗୁଡ଼ିକୁ ୧୯୭୮-୭୯ ବାର୍ଷିକ ଯୋଜନା ନିମନ୍ତେ ୧୧,୬୪୯ କୋଟି ଟଙ୍କା ଦିଆଯିବ ବୋଲି ସ୍ଥିର ହୋଇଛି । ଏହି ଅର୍ଥ ୧୯୭୭-୭୮ ବର୍ଷର ବରାଦଠାରୁ ଶତକଡ଼ା ୧୭ ଭାଗ ଅଧିକ ।

## ଗ୍ରାମ୍ୟ ଉନ୍ନୟନ

ଗ୍ରାମ୍ୟ ଉନ୍ନୟନ ଉପରେ ଆମେ କେତେଦୂର ଅଗ୍ରାଧିକାର ଦେଉଛୁ, ତାହା ୧୯୭୮—୮୩ ଯୋଜନା କାଳରେ ମୋଟ ଅର୍ଥ ବରାଦ ପରିମାଣରୁ ଜଣାପଡ଼ିବ । ଏଥିପାଇଁ ଉପରୋକ୍ତ ଯୋଜନା କାଳରେ ଶତକଡ଼ା ୪୩ ଭାଗ ଅର୍ଥ ବରାଦ କରାଯାଇଥିବା ସ୍ଥଳେ ପଞ୍ଚମ ଯୋଜନାରେ ତାହାର ପରିମାଣ ଥିଲା ମାତ୍ର ସାଢ଼େ ୩୭ ଭାଗ । କୁଟୀର ଓ ଘରୋଇ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ଲାଗି ପଞ୍ଚମ ଯୋଜନାରେ ୩୮୮ କୋଟି ଟଙ୍କା ବରାଦ କରାଯାଇଥିବା ସ୍ଥଳେ ଷଷ୍ଠ ଯୋଜନାରେ ଏଥିପାଇଁ ୧୪୧୦ କୋଟି ଟଙ୍କାର ଅର୍ଥ ବରାଦ ପ୍ରସ୍ତାବ ରହିଛି । ସେହିଭଳି ସଂଶୋଧିତ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ପ୍ରୌଢ଼ ଶିକ୍ଷା, ଗ୍ରାମ୍ୟ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ, ଗ୍ରାମରେ ସଡ଼କ ନିର୍ମାଣ ଓ ବିଦ୍ୟୁତ୍‌କରଣ, ଭୂମିହୀନଙ୍କ ଲାଗି ଘରଡ଼ିହ, ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ପୁଷ୍ଟିସାର କାର୍ଯ୍ୟକ୍ରମ ପାଇଁ ୧୯୭୪—୭୮ ବର୍ଷ ଆଠ ଶହ କୋଟି ଟଙ୍କା ବରାଦ କରାଯାଇଥିବା ସ୍ଥଳେ ଏସବୁ କାର୍ଯ୍ୟକ୍ରମ ପାଇଁ ଏବେ ଏହି ଅର୍ଥ ବରାଦ ୪୧୮୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି । ଏ କ୍ଷେତ୍ରରେ ଆଉ ଗୋଟିଏ ବଡ଼ କଥା ହେଲା, ଚଳିତ ଯୋଜନାର ପ୍ରଥମ ତିନି ବର୍ଷ ମଧ୍ୟରେ ଉନ୍ନୟନର ବେଗ ତ୍ୱରାନ୍ୱିତ କରିବା ପାଇଁ ଆମେ ନିଷ୍ପତ୍ତି ଗ୍ରହଣ କରିଛୁ । ବ୍ଲକ ସ୍ତରରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଇ ଏହା ହାସଲ କରାଯିବ । ଏହାଦ୍ୱାରା ୧୯୮୧ ମସିହା ମାର୍ଚ୍ଚ ସୁଦ୍ଧା ଦେଶର ୧୩୦୦ଟି ବ୍ଲକରେ ପ୍ରାୟ ପୂର୍ଣ୍ଣ ଲୋକ ନିଯୁକ୍ତି ସମ୍ଭବ ହେବ ଏବଂ ସେହି ସମୟ ମଧ୍ୟରେ ଖୁବ୍ ଅଳ୍ପ ଜଳ ମିଳୁଥିବା କିମ୍ବା ମରୁଡ଼ିପ୍ରପୀଡ଼ିତ ଦେଢ଼ ଲକ୍ଷ ଗ୍ରାମକୁ ଜଳ ଯୋଗାଇ ଦିଆଯିବ ।

ଗତ ନଭେମ୍ବର ମାସରେ ବଡ଼ ବଡ଼ ବ୍ୟାଙ୍କ କର୍ମକର୍ତ୍ତା-ମାନଙ୍କର ଯେଉଁ ସମ୍ମିଳନୀ ମୁଁ ଡକାଇଥିଲି, ସେଥିରେ ଛୋଟ ଛୋଟ ଚାଷୀ, ଆତ୍ମନିଯୁକ୍ତ ବ୍ୟକ୍ତି, ବିଶେଷ କରି ହରିଜନ ଓ ଆଦିବାସୀ ଶ୍ରେଣୀଭୁକ୍ତ ବ୍ୟକ୍ତିମାନଙ୍କୁ ବ୍ୟାଙ୍କମାନଙ୍କରୁ ଅର୍ଥ ଯୋଗାଣର ପରିମାଣ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନ୍ୟୂନତମ ବିଯୋଗଫଳ ଭିତ୍ତିକ ସୁଧହାର କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆତ୍ମନିଯୁକ୍ତ ବ୍ୟକ୍ତିଙ୍କ ଲାଗି ଅର୍ଥଯୋଗାଣର ପରିସର ବୃଦ୍ଧି କରିବାକୁ ଏବଂ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କୁ ଅଧିକରୁ ଅଧିକ ଅର୍ଥ ଯୋଗାଇଦେବା ନିମନ୍ତେ ଏହି ସମ୍ମିଳନୀରେ କୁହାଯାଇଛି । ଏହିସବୁ ପଦକ୍ଷେପ ନିଶ୍ଚିତ ଭାବେ ବେକାର ସମସ୍ୟା ସମାଧାନ, ଗ୍ରାମ୍ୟ ଉନ୍ନୟନ ଏବଂ ଗ୍ରାମ୍ୟ ଶିଳ୍ପର ବେଗକୁ ତ୍ୱରାନ୍ୱିତ କରିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ ।

## ଶିଳ୍ପ ଉତ୍ପାଦନର ପରିମାଣ

ଶିଳ୍ପ କ୍ଷେତ୍ରରେ ସବୁ ଦିଗରୁ ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟିଛି । ଗତ ବର୍ଷ ଅପ୍ରେଲରୁ ନଭେମ୍ବର ମାସ ମଧ୍ୟରେ ଶିଳ୍ପ ଉତ୍ପାଦନ ଶତକଡ଼ା ଆଠ ଭାଗ ବୃଦ୍ଧି ପାଇଛି । ବିଦ୍ୟୁତ ଶକ୍ତି ଉତ୍ପାଦନ ମଧ୍ୟ ପ୍ରାୟ ଶତକଡ଼ା ୧୩ ଭାଗ ବଢ଼ିଛି । ପ୍ରତି ଜିଲାରେ ଜିଲା ଶିଳ୍ପ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବାଦ୍ୱାରା ସମଗ୍ର ଦେଶରେ ଗ୍ରାମ୍ୟ ଶିଳ୍ପ ସମେତ ଅନ୍ୟାନ୍ୟ ଶିଳ୍ପର ନିଶ୍ଚୟ ଅଗ୍ରଗତି ଘଟିବ । ଶିଳ୍ପ ଉତ୍ପାଦନ ସମ୍ପର୍କରେ ଆବଶ୍ୟକ ତଥ୍ୟ ଅନୁଧ୍ୟାନ କରିବା ଲାଗି ଏବଂ ଅଧିକ ଉତ୍ପାଦନ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ସେଗୁଡ଼ିକ ଏଡ଼ାଇବା ନିମନ୍ତେ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ଦୃଢ଼ କରିବା ଲଗି ଏକ ମନ୍ତ୍ରିମଣ୍ଡଳୀୟ ଅର୍ଥାତ୍ କ୍ୟାବିନେଟ କମିଟି ଗଢ଼ାଯାଇଛି । ଏହି ବ୍ୟବସ୍ଥା ଫଳରେ ଆମର ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଛି ଏବଂ ଏହି ଉତ୍ପାଦନ ଆଗାମୀ ବର୍ଷ ଆହୁରି ବୃଦ୍ଧି ପାଇବ ବୋଲି ଆମେ ଆଶା ବାନ୍ଧିଛୁ ।

ଜନତା ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରଠାରୁ କୃଷି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ୧୯୭୭-୭୮ ବର୍ଷ ଦେଢ଼ ନିୟୁତ ହେକ୍ଟର ଜଳସେଚିତ ଜମିରେ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଏକ ନୂତନ ରେକର୍ଡ ସୃଷ୍ଟି ହୋଇଛି ଏବଂ ଚଳିତ ବର୍ଷ ଉକ୍ତ ଉତ୍ପାଦନ ଅଢ଼େଇ ନିୟୁତ ହେକ୍ଟର ଜମିକୁ ବୃଦ୍ଧି ପାଇବ ବୋଲି ଆଶା । ଗତ ୩୦ ବର୍ଷ ମଧ୍ୟରେ କୃଷି ଉତ୍ପାଦନ ଏଭଳି ଭାବେ ଆଦୌ ବୃଦ୍ଧି ପାଇ ନଥିଲା । ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ଗତ ବର୍ଷର ପ୍ରବଳ ବନ୍ୟା ସତ୍ତ୍ୱେ ମଧ୍ୟ କୃଷି ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଏହି ସଫଳତା ହାସଲ ହୋଇଛି ।

## ଚାଷୀଙ୍କୁ ଉଚିତ ମୂଲ୍ୟ

ଚାଷୀ ତାହାର ଉତ୍ପାଦିତ ସାମଗ୍ରୀ ଲାଗି ଉଚିତ ମୂଲ୍ୟ ପାଉନାହିଁ ବୋଲି ଯେପରି କେହି ଧାରଣା ନ କରନ୍ତି, ସେଥିଲାଗି ଏ ସମସ୍ୟା ପ୍ରତି ଯଥୋଚିତ ଧ୍ୟାନ ଦିଆଯାଉଛି ।

ସେଥିପାଇଁ ମୋଟା ଧାନର ସହାୟକ ଦର ଗତ ବର୍ଷ ତୁଳନାରେ ଫିଣ୍ଟା ୮୫ ଟଙ୍କାରୁ ବୃଦ୍ଧି କରାଯାଇଛି । ୧୯୭୬-୭୭ ବର୍ଷ ଏହି ସହାୟକ ଦର ୭୭ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ସେହିଭଳି ଗହମର ସହାୟକ ଦର ୧୧୦ ରୁ ୧୧୨ ଟଙ୍କା ୫୦ ପଇସାକୁ ଓ ବିକ୍ରି ୧୨୫ ଟଙ୍କାରୁ ୧୪୦ ଟଙ୍କାକୁ ବଢ଼ାଇ ଦିଆଯାଇଛି । ଚାଉଳ ଓ ଗହମର ସଂଗ୍ରହ ପ୍ରକ୍ରିୟାରୁ ଏହି ଶସ୍ୟ ଦୁଇଟିର ସହାୟକ ଦର ବୃଦ୍ଧିର ଉପକାରିତା ସୂଚିତ ହୁଏ । ଗତ ବର୍ଷ ୧୯.୮୪ ଲକ୍ଷ ଟନ୍ ଚାଉଳ ସଂଗୃହୀତ ହୋଇଥିବା ସ୍ଥଳେ ଚଳିତ ବର୍ଷ ତାହା ୨୫.୨୧ ଲକ୍ଷ ଟନ୍‌କୁ ଏବଂ ସେହିପରି ଗହମ ୫୧.୭୫ ଲକ୍ଷ ଟନ୍‌ରୁ ୫୪.୬୯ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି ।

ଆମର ନିର୍ବାଚନ ଇସ୍ତାହାରରେ ଦର ସ୍ଥିର ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାରଣ ଆମେ ଶାସନ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଦେଶରେ ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଜାରି ଥାଇ ମଧ୍ୟ ସେ ବର୍ଷ ଦରବୃଦ୍ଧି ଶତକଡ଼ା ୧୨ ଭାଗ ଅଧିକ ହୋଇଥିଲା । ଗତ ଡିସେମ୍ବର ମାସରେ ପାଇକାରୀ ମୂଲ୍ୟସୂଚୀ ଶତକଡ଼ା ୧୮୪.୬ ଭାଗ ଥିଲା । ଏହି ମୂଲ୍ୟସୂଚୀ ତା' ପୂର୍ବ ବର୍ଷର ସେହି ମାସ ଅପେକ୍ଷା ଶତକଡ଼ା ୦.୪ ଭାଗ କମ୍ ହୋଇଥିଲା ସେହିଭଳି କୃଷି ଓ ଶିଳ୍ପଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ଖାଉଟି ମୂଲ୍ୟସୂଚୀ ବର୍ଷସାରା ଉଣାଅଧିକେ ସ୍ଥିର ରହିଥିଲା । ଦେଶରେ ମୁଦ୍ରାଯୋଗାଣ ବୃଦ୍ଧି ପାଉଥିବା ସତ୍ତ୍ୱେ, ୧୯୭୭-୭୮ ବର୍ଷ ବଜେଟ ନିଅଣ୍ଟ ପ୍ରାୟ ଆଠ ଶହ କୋଟି ଟଙ୍କା ହୋଇଥିବା ସତ୍ତ୍ୱେ ଏବଂ ୧୯୭୮-୭୯ ବର୍ଷ ଏହି ବଜେଟ ନିଅଣ୍ଟ ୧୫୦୦ କୋଟି ଟଙ୍କାରୁ ବୃଦ୍ଧି ପାଇବାର ଆଶା କରାଯାଉଥିଲେ ମଧ୍ୟ ଜିନିଷପତ୍ରର ଦର ସ୍ଥିର ରହିଛି ।

## ବୈଦେଶିକ ବାଣିଜ୍ୟ ପରସ୍ଥିତି

ଯଦିଓ ଉନ୍ନତ ରାଷ୍ଟ୍ରଗୁଡ଼ିକ ନିଜର ସ୍ୱାର୍ଥରକ୍ଷା କରିବା ଲାଗି କେତେକ ପଦକ୍ଷେପ ନେବାଯୋଗୁଁ ଏବଂ ଆମର ଆମଦାନୀ କିଛି ପରିମାଣ ବୃଦ୍ଧି ପାଇବା ଯୋଗୁଁ ଏବେ ନିକଟରେ ଆମର ବୈଦେଶିକ ବାଣିଜ୍ୟ କାରବାର ଏବଂ ଅର୍ଥ ସଂଗ୍ରହ ପରିସ୍ଥିତି କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା ତା' ସତ୍ତ୍ୱେ ଆମର ବୈଦେଶିକ ମୁଦ୍ରା ସଞ୍ଚିତ ଜମା ୧୯୭୭-୭୮ ରେ ୧୬୩୭ କୋଟି ଟଙ୍କା ବୃଦ୍ଧି ପାଇଥିଲା । ଆଜି ଏହି ମୁଦ୍ରାର ପରିମାଣ ୪,୮୧୩ କୋଟି ଟଙ୍କାରେ ପହଞ୍ଚିଛି । ଏହି ସବୁ ହିସାବରୁ ଆମେ ଦାବୀ କରିପାରୁ ଯେ ଅତୀତରେ ଆମେ ଯେଉଁ ଅର୍ଥନୀତି ହାତକୁ ନେଇଥିଲୁ ତାହା ଆଜି ଯଥେଷ୍ଟ ଉନ୍ନତ ଅବସ୍ଥାକୁ ଆସିଛି । ଆମର ଆଶା ଯେ ଏହି ଅର୍ଥନୀତି ଭବିଷ୍ୟତରେ ଆହୁରି ଉନ୍ନତ ହେବ ଏବଂ ତାହା ଚଳିତ ଯୋଜନା ଶେଷ ସୁଦ୍ଧା ଦେଶର ଦାରିଦ୍ର୍ୟ ଓ ବେକାର ସମସ୍ୟା ସମାଧାନ ଦିଗରେ ଆମକୁ ବିଶେଷ ସାହାଯ୍ୟ କରିବ । ଯଦି ସବୁ କିଛି ସୁରୁଖୁରୁ ରହେ ଗତିକରେ ତେବେ ନିର୍ଦ୍ଧାରିତ ଦଶ ବର୍ଷ ସମୟ କାଳ ମଧ୍ୟରେ ଆମେ ଆମ ଅର୍ଥନୈତିକ ଜୀବନର ଉପରୋକ୍ତ ଚିରନ୍ତନ ସମସ୍ୟା ଦୁଇଟି ବହୁଳାଂଶରେ ଦୂର କରିବାରେ ସକ୍ଷମ ହେବୁ ।

## ପରିବାର କଲ୍ୟାଣ

**ଆମ** କାର୍ଯ୍ୟକ୍ରମର ଗୋଟିଏ ଦିଗ ମୋ ମନରେ କିଞ୍ଚିତ୍ ଉଦ୍‌ବେଗ ସୃଷ୍ଟି କରିଛି । ତାହା ହେଉଛି ପରିବାର କଲ୍ୟାଣ କାର୍ଯ୍ୟକ୍ରମ । ଏ ଦିଗରେ ଜରୁରୀକାଳୀନ ପରିସ୍ଥିତି ବେଳେ ଯେଉଁ ମାତ୍ରାଧିକ କାର୍ଯ୍ୟଗୁଡ଼ିକ କରାଯାଇଥିଲା ତାହା ଲୋକମାନଙ୍କର ଏଭଳି ନୈତିକ ଅଧୋପତନ ଘଟାଇଥିଲା ଯେ, ପ୍ରରୋଚନାମୂଳକ ଉପାୟ ଅବଲମ୍ବନ ମୂଳରୁ ଏକ ଅନ୍ତର୍ନିହିତ ପ୍ରତିବନ୍ଧକର ସମ୍ମୁଖୀନ ହେଲା । ଏହି କାର୍ଯ୍ୟକ୍ରମକୁ ପ୍ରଗାଢ଼ ଉଦ୍ୟମର ସହିତ ହାତକୁ ନେବା ଲାଗି ମୁଁ ମୁଖ୍ୟମନ୍ତ୍ରୀମାନଙ୍କୁ ମଝିରେ ମଝିରେ ଲେଖିଲେ ମଧ୍ୟ ଏହାର ଫଳାଫଳ ବିଶେଷ ଉତ୍ସାହପ୍ରଦ ହୋଇନାହିଁ । କିନ୍ତୁ କହିବା ବାହୁଲ୍ୟ ଯେ ସମସ୍ୟାଟି ଅତି ଜରୁରୀ ଓ ଜଟିଳ । ଏହି କାର୍ଯ୍ୟକ୍ରମଟିର ସଫଳତା ଯେ ଅତି ସଂକଟଜନକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି, ତାହା ସାଧାରଣତଃ ସମସ୍ତେ ଉପଲବ୍ଧି କରୁଥିବାର ଜଣାଯାଏ । ଜନସଂଖ୍ୟା ବିସ୍ଫୋରଣ ଆଜି ଉନ୍ନତ ଓ ଧନଶାଳୀ ଦେଶଗୁଡ଼ିକରେ ଯେତେବେଳେ ଉଦ୍‌ବେଗର କାରଣ ହେଲାଣି ସେତେବେଳେ ଭାରତ ଭଳି ଏକ ଦାରିଦ୍ର୍ୟ ପ୍ରପିଡ଼ୀତ ଓ ବିକାଶଶୀଳ ଦେଶ ପାଇଁ ଏହି ସମସ୍ୟାଟିକୁ ବିଶେଷ ଦୃଢ଼ ସଂକଳ୍ପ ଓ ଏକମନ ହୋଇ ସମ୍ଭାଳିବାକୁ ପଡ଼ିବ । କିନ୍ତୁ ଏଥିପାଇଁ ଆମେ ଜରୁରୀକାଳୀନ ସମୟର କାର୍ଯ୍ୟପନ୍ଥା ଅନୁସରଣ କରିବୁ ନାହିଁ । ପ୍ରରୋଚନା ଦ୍ୱାରା ଏହା ଲୋକଙ୍କ ମନରେ ପୂରାଇବାକୁ କିଛି ସମୟ ଲାଗିବ । ଆମର ନୈତିକ ଅଧୋପତନ ଏବଂ କୁଣ୍ଠାମନୋଭାବ ବର୍ତ୍ତମାନ କ୍ରମଶଃ ଦୂରୀଭୂତ ହୋଇ ତା' ସ୍ଥାନରେ କିଛି ପରିମାଣରେ ବୁଝାମଣା ଓ ଜାଗରଣ ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମଟିକୁ ଅଧିକ କ୍ଷିପ୍ର ଓ ଫଳପ୍ରଦଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଏ ଦିଗରେ ଆମର ଉଦ୍ୟମକୁ ତ୍ୱରାନ୍ୱିତ ଏବଂ ବ୍ୟାପକ କରିବାକୁ ପଡ଼ିବ । ତେଣୁ ଏଥିପାଇଁ ମୁଁ ମୋ ତରଫରୁ ସରକାରୀ ତଥା ବେସରକାରୀ ସମର୍ଥନ ଏକତ୍ର କରିବା ଲାଗି ଉଦ୍ୟମ ଜାରି ରଖିବା ନିମନ୍ତେ ପ୍ରସ୍ତାବ ଦେଉଛି ।

## ସଂଖ୍ୟାଲଘୁଙ୍କ ସୁରକ୍ଷା

ଗତ କେତେମାସ ହେଲା ଦୁଇଟି ଗୁରୁତର ସମସ୍ୟା ଲୋକଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି । ଗୋଟିଏ ହେଲା ହରିଜନଙ୍କ ଉପରେ ଅତ୍ୟାଚାର ଓ ଅନ୍ୟଟି ସାମ୍ପ୍ରଦାୟିକ ଗଣ୍ଡଗୋଳ । ଏହି ଦୁଇଟିର ମୁକାବିଲା କରିବାକୁ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କ ସହ କେତେକ ବୈଠକ ଅନୁଷ୍ଠିତ ହୋଇଛି ଓ ଏହିସବୁ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ଲାଗି ଆମେ କେତେକ ପଦକ୍ଷେପ ସ୍ଥିର କରିଛୁ । ତା ଛଡ଼ା ତ ଅଛି ଅସ୍ପୃଶ୍ୟତା ଦୂରୀକରଣ ରୂପକ କଠିନ ସମସ୍ୟା ।

ଏହିସବୁ ସମସ୍ୟାର କ୍ରମାଗତ ଅନୁଧ୍ୟାନ ଲାଗି ଏବଂ ସେଗୁଡ଼ିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ସ୍ଥିର କରିବା ନିମନ୍ତେ ଆମେ ଦୁଇଟି ଆଇନ ସମ୍ମତ କମିଶନ

ଗଠନ କରିଛୁ । ଏଥିମଧ୍ୟରୁ ଗୋଟିଏ କମିଶନ ହରିଜନ ଓ ଆଦିବାସୀଙ୍କ ସମସ୍ୟା ଏବଂ ଅନ୍ୟଟି ସଂଖ୍ୟାଲଘୁଙ୍କ ସମସ୍ୟା ଅନୁଧ୍ୟାନ କରିବେ । ଏହି କମିଶନ ଦୁଇଟିରେ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ସଭ୍ୟ ରହିଛନ୍ତି । ଏହା ବାଦ୍ ଅନ୍ୟ ଯେଉଁସବୁ ଅନୁନ୍ନତ ଶ୍ରେଣୀଙ୍କ ଲାଗି ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇ ନାହିଁ, ସେମାନଙ୍କ ସମସ୍ୟା ବୁଝାମଣା କରିବା ଲାଗି ଆମେ ଅନୁନ୍ନତ ଶ୍ରେଣୀଙ୍କ ଲାଗି ମଧ୍ୟ ଏକ କମିଶନ ଗଠନ କରିଛୁ । ସମାଜର ଏହିସବୁ ଦୁର୍ବଳ ଶ୍ରେଣୀର ଲୋକେ ଯେପରି ଚାକିରୀବାକିରୀ କ୍ଷେତ୍ରରେ ଉପଯୁକ୍ତ ସ୍ଥାନ ପାଆନ୍ତି ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବାରେ ମଧ୍ୟ ସଂଶ୍ଳିଷ୍ଟ ହୁଅନ୍ତି ସେଥିପ୍ରତି ଆମେ ଉଦ୍ୟମ ଚଳାଇଛୁ ।

## ଭବଷ୍ୟତ ଲାଗି କାର୍ଯ୍ୟପନ୍ଥା

ଅତୀତରେ ଯେଉଁ ସବୁ ଦୋଷ ତ୍ରୁଟି ଆମ ସମ୍ମୁଖକୁ ଆସିଛି ସେଗୁଡ଼ିକୁ ଦୂର କରିବା ଲାଗି ଏବଂ ଭବିଷ୍ୟତରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିବା ପାଇଁ ଗୋଟିଏ ମାତ୍ର ପଥ ରହିଛି । ତାହା ହେଲା ଅନଗ୍ରସର ଅଞ୍ଚଳଗୁଡ଼ିକୁ ଯଥୋଚିତ ସମ୍ବଳ ଯୋଗାଇ ଦେବା । ଏହି ସମ୍ବଳ ସାହାଯ୍ୟରେ ଉପରୋକ୍ତ ଅଞ୍ଚଳଗୁଡ଼ିକରେ ଦାରିଦ୍ର୍ୟ ଓ ବେକାରୀ ବିରୁଦ୍ଧରେ ସଂଗ୍ରାମ କରିବା, ପାନୀୟ ଜଳ ଯୋଗାଇ ଦେବା, ଗ୍ରାମାଞ୍ଚଳକୁ ବିଦ୍ୟୁତ୍, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସଡ଼କ ଏବଂ ଯୋଗାଯୋଗ ବ୍ୟବସ୍ଥା ଆଦି ଯୋଗାଇ ଦେବା ସମ୍ଭବ ହେବ । ଏହାଛଡ଼ା କୃଷିର ଉନ୍ନତି ଲାଗି ଆବଶ୍ୟକ କୃଷି ସରଞ୍ଜାମ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବ ଏବଂ ଅଧିକ ପରିମାଣର ଜମିକୁ ଜଳସେଚନ ସୁବିଧା ପ୍ରସାରିତ ହେବ । ଏଥିପାଇଁ ଅତୀତରେ ଯେପରି ମନ୍ଥର ଗତିରେ କାର୍ଯ୍ୟ କରାଯାଉଥିଲା ସେଭଳି କରା ନ ଯାଇ କ୍ଷିପ୍ର ଗତିରେ କାର୍ଯ୍ୟ ସମ୍ପାଦନ କରାଯିବ ।

ସେହିଭଳି କାମପାଇଁ ଖାଦ୍ୟ କାର୍ଯ୍ୟକ୍ରମକୁ ଅଧିକ ଦୃଢ଼ କରାଯାଇ ୧୯୭୮-୭୯ ବର୍ଷ ୪୦ କୋଟି ଶ୍ରମ ଦିବସ ଲାଗି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଗତବର୍ଷ କେନ୍ଦ୍ରୀୟ ସହାୟତା ଭିତ୍ତିରେ ଜଳଯୋଗାଣ କାର୍ଯ୍ୟ ପ୍ରବର୍ତ୍ତନ କରାଯିବା ପରଠାରୁ ଅଧିକ ୧୬ ହଜାର ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି । ୧୯୫୫ରୁ ୧୯୭୭ ଏହି ୨୨ ବର୍ଷ ମଧ୍ୟରେ ୬୪ ହଜାର ଗ୍ରାମକୁ ଏହି ସୁବିଧା ମିଳିଥିଲା ।

ବର୍ତ୍ତମାନ ଦେଶର ମୋଟ ୬୪ ହଜାର ଗ୍ରାମକୁ ଡାକ ସୁବିଧା ଯୋଗାଇ ଦିଆଯାଇଛି । ଆମେ ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଡାକ ଘର ସଂଖ୍ୟା ବହୁ ଗୁଣ ବଢ଼ି ଯାଇଛି । ବହୁ ବାଧାବିଘ୍ନ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଆମେ ଯେତେଦୂର ସଫଳତା ଅର୍ଜନ କରିଛୁ, ତାହା ବେଶ ଉତ୍ସାହଜନକ ଓ ସେଥିରୁ ଆମେ ଆଶା କରୁ ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବୁ ।

ଗତ ୨୧ ମାସ ମଧ୍ୟରେ ଆମେ ଶାସନ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବହୁତ କିଛି ଅଗ୍ରଗତି ଘଟିଥିଲେ ମଧ୍ୟ ଭବିଷ୍ୟତ ଲାଗି ମୁଁ କେବେହେଲେ ଆତ୍ମସନ୍ତୋଷ-ମୂଳକ ମନୋଭାବ ପୋଷଣ କରୁନାହିଁ । ବରଂ ମୁଁ ସ୍ଥିର ନିଶ୍ଚିତ ଯେ ଯେଉଁ ଭୋଟଦାତାମାନଙ୍କ ବିଶ୍ୱାସ ଓ ଆସ୍ଥାଭାଜନ ହୋଇ ସେମାନଙ୍କ ନିକଟରେ ଅଙ୍ଗୀକାର-ବଦ୍ଧ ହୋଇଛୁ ଓ ପ୍ରତିଶ୍ରୁତିମାନ ଦେଇଛୁ, ତାହା ପୂରଣ କରିବା ଲାଗି ଆମକୁ ଅଧିକରୁ ଅଧିକ ବେଗରେ ଉଦ୍ୟମ ଚଳାଇବାକୁ ପଡ଼ିବ । ଏହି ସବୁ ନିର୍ବାଚନକାଳୀନ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ଏହି ସ୍ୱଳ୍ପକାଳ ମଧ୍ୟରେ ଯାହା କରାଯାଇଛି ତାହା ସ୍ୱାଧୀନତା ପ୍ରାପ୍ତି ପରଠାରୁ ଏଭଳି ଅଳ୍ପ ସମୟ ମଧ୍ୟରେ କରାଯାଇଥିବା କାର୍ଯ୍ୟଠାରୁ ଢେର ଅଧିକ । ମୁଁ ସ୍ୱୀକାର କରୁଛି ଯେ ଆହୁରି ଅନେକ କାର୍ଯ୍ୟ ବାକି ରହିଛି । କିନ୍ତୁ ସେହି ଅନୁପାତରେ ମାତ୍ର ୧୯୭୭ ମସିହାରୁ ଆରମ୍ଭ ହୋଇଥିବା ଆମ ଗନ୍ତବ୍ୟ ପଥର ଲକ୍ଷ୍ୟ-ସ୍ଥଳରେ ପହଞ୍ଚିବା ଲାଗି ଯୁକ୍ତିଯୁକ୍ତ ସମୟ ଲୋଡ଼ା । ସୌଭାଗ୍ୟବଶତଃ ଆମେ ଏଥିପାଇଁ ଏକ ଉତ୍ତମ ଭିତ୍ତିଭୂମି ପ୍ରସ୍ତୁତ କରିଛୁ । ମୋର ବିଶ୍ୱାସ, ଲୋକଙ୍କର ସାହାଯ୍ୟ ସହଯୋଗ ଲାଭ କରି ଦୃଢ଼ ସଂକଳ୍ପ ଓ ଆତ୍ମୋତ୍ସର୍ଗ ମନୋଭାବ ନେଇ ଏ ଦିଗରେ ଆଗେଇ ଗଲେ ସେମାନଙ୍କ ନିକଟରେ ଆମର ପ୍ରକୃତ ପରିଚୟ ଦେଇ ପାରିବା । ଶେଷରେ ମୋର ଏତିକି କହିବାର କଥା ଯେ ଭବିଷ୍ୟତ ଲାଗି ଲୋକେ ଆମଠାରେ ବିଶ୍ୱାସ ରଖନ୍ତୁ ଏବଂ ଗତ ୨୧ ମାସରେ ଯାହା କିଛି କରାଯାଇଛି ତାହାକୁ ନଗଣ୍ୟ ମନେ ନ କରନ୍ତୁ ।

# ଏଲ ଆଇ ସି ର ସି ଏ ପି

## ଆପଣଙ୍କ ସନ୍ତାନ ପାଇଁ ଏକ ଶୁଭ ପଦକ୍ଷେପ



## ନୂତନ ଚିଲ୍ଡ୍ରେନ୍ସ୍ ଆଣ୍ଟିସିପେଟେଡ୍ ପଲିସି

ଏଲ୍ ଆଇ ସି ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି ଏକ ନୂତନ ନିରନ୍ତର ପଲିସି । ବିଶେଷଭାବରେ ଆପଣଙ୍କ ସୁଯୋଗ୍ୟ ସନ୍ତାନ ମାନଙ୍କ ପାଇଁ ଉଦ୍ଦିଷ୍ଟ । ଆପଣଙ୍କ ସନ୍ତାନ ଉପଯୁକ୍ତବେଳେ ୧୮ ବା ୨୧ ବର୍ଷ ବୟସରେ ପଦାର୍ପଣ କରନ୍ତି, ତାଙ୍କ ଜୀବନର ଲକ୍ଷ୍ୟ ସାଧନରେ ସାହାଯ୍ୟକାରୀ ହେବା ପାଇଁ, ଚିଲ୍ଡ୍ରେନ୍ସ ଆଣ୍ଟିସିପେଟେଡ୍ ପଲିସି (CAP) ଦରକାରୀ ଜିନିଷ, ଉଚ୍ଚଶିକ୍ଷା ଏବଂ ରୋଜଗାର ଦେବ । ତା'ପରେ ପଲିସି ପୂରା ହେବା ପର୍ଯ୍ୟନ୍ତ ଜୀବନ ବୀମାକୁ ଲାଭ ମିଳେ । ପ୍ରିମିୟମ୍ ଖର୍ଚ୍ଚ ମଧ୍ୟ ଅତି କମ୍ ।

ଉଦାହରଣ ସ୍ୱରୂପ, ଆପଣ ଯଦି ଆପଣଙ୍କ ୧ ବର୍ଷର ସନ୍ତାନ ପାଇଁ ମାସିକ ପ୍ରିମିୟମ୍ ମାତ୍ର ଟ. ୩୧ (ବାର୍ଷିକ ଟ. ୩୬୭.୨୦) ହିସାବରେ ଦେଇ ଟ. ୧୫,୦୦୦ର ତ୍ରୋଇଁଶ ୩୯ ବର୍ଷିଆ ପଲିସି ଧାରଣ କରନ୍ତି ତା'ହେଲେ ୧୮ ବର୍ଷ ବୟସରେ ତାଙ୍କ ଉଚ୍ଚ ଶିକ୍ଷାଲାଭରେ ସୁବିଧା ପାଇଁ ସେ ପାଆନ୍ତି ମୋଟ ରକମ ସ୍ୱରୂପରେ ଟ. ୭,୬୧୧.୨୦ । ତା'ପରେ ମଧ୍ୟ ପୂରା ଜୀବନ ବୀମାକୁ ଲାଭ ମିଳିଥାଏ, ଏବଂ ୪୦ ବର୍ଷ ବୟସରେ ସେ ପାଆନ୍ତି ଟ. ୧୫,୦୦୦ ସୁନିଶ୍ଚିତ ବୋନସ୍ (ଟ. ୬,୭୦୦ ଧରାଯାଇ ବର୍ତ୍ତମାନ ହାରରେ) ମୋଟ ଟ. ୨୧,୭୦୦ । ଯଦି ୧୮ ବର୍ଷ ପରେ କୌଣସି ସମୟରେ ମୃତ୍ୟୁ ଘଟେ, ତେବେ ବୋନସ୍ ସହ ପୂର୍ଣ୍ଣ ପରିମାଣ ଏବଂ ସମୟରେ ମିଳିବାର ପ୍ରତିଶ୍ରୁତି ରହିଛି । ୧୮ ବର୍ଷ ପୂର୍ବରୁ ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟିଲେ ମଧ୍ୟ, ଦିଆଯାଇଥିବା ସମସ୍ତ ପ୍ରିମିୟମ ଫେରାଇ ଦିଆଯିବ ।

୧୮ ବର୍ଷ ବୟସରେ ଟ. ୭,୬୧୧.୨୦ ସହିତ ୪୦ ବର୍ଷ ବୟସରେ ଟ. ୨୧,୭୦୦ ବା ଅଧିକ ପାଇବା ପାଇଁ ଏଲ ଆଇ ସି କୁ ଦେବାକୁ ପଡିଥାଏ, ଅଳ୍ପ କିସ୍ତିରେ ମାତ୍ର ଟ. ୩୬୭.୨୦ × ୩୯ = ଟ. ୧୪,୩୨୦.୮୦ (ଏହା ଉପରେ କରରିହାତି ସୁବିଧା ମଧ୍ୟ ରହିଛି) ।

ସି ଏ ପି, ଆପଣଙ୍କ ୧୪ ବର୍ଷ ବୟସାଧୀନ ସନ୍ତାନ ମାନଙ୍କ ପାଇଁ ସୋଜିଏ ଅତି ଉତ୍କୃଷ୍ଟ ଉପହାର । ବର୍ତ୍ତମାନ ହିଁ, କମ ଉଚ୍ଚ ହାରରେ କମ୍ ବୟସର ପ୍ରିମିୟମ୍‌ର ସୁବିଧା ପାଇବା ପାଇଁ ଆପଣଙ୍କ ସନ୍ତାନ ନାମରେ ବୀମା କରାଇନିଅନ୍ତୁ ।

ଅଧିକ ତଥ୍ୟ ସମ୍ବନ୍ଧରେ ଲେଖନ୍ତୁ :
ପି ଆର୍ ଏଣ୍ଡ ପବ୍ଲିସିଟି ଡିପାର୍ଟମେଣ୍ଟ,
ଲାଇଫ୍ ଇନ୍ସ୍ୟୁରେନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ,
"ଯୋଗକ୍ଷେମ", ଜୀବନ ବୀମା ମାର୍ଗ, ବମ୍ବେ-୪୦୦ ୦୨୧ ।

**ଲାଇଫ୍ ଇନସିଓରେନ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ**

ସତରେ! ଜୀବନ ବୀମା ଅଦ୍ବିତୀୟ

daCunha-LIC-60 Ori

# ମୁଁ ରାଜାଜୀଙ୍କୁ ଚିହ୍ନି ନ ଥିଲି

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ମୁଁ ଯେବେ ରାଜନୀତି ଆରମ୍ଭ କଲି, ସେତେବେଳେ ତ୍ରିମୂର୍ତ୍ତି ରାଜନୈତିକ ପୁରୁଷ ମୋର ଆଦର୍ଶ ମନେ ହେଉଥିଲେ । ଆଦର୍ଶ ମନେ କରୁଥିଲି ବା ସେମାନଙ୍କୁ ଆଦର୍ଶ ବୋଲି ମାନୁଥିଲି ବୋଲି କହିଲେ ଅଧିକ ସାର୍ଥକ ହେବ । ସେ ତିନିଙ୍କ ଭିତରୁ ଜଣେ ଏବେ ବି ଜୀବିତ । ଯେଉଁ ତିନିଜଣ ଦିବଂଗତ ସେମାନଙ୍କ ଭିତରୁ ରାଜାଜୀ—ଚକ୍ରବର୍ତ୍ତୀ ରାଜଗୋପାଳ ଆଚାରୀ, ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ବା ବଡ଼ଲାଟ ଜଣେ । ସେତେବେଳେ ସେ ବଡ଼ଲାଟ ହୋଇ ନଥିଲେ, ଥିଲେ ସ୍ୱାଧୀନତା ସଂଗ୍ରାମର ଜଣେ ନେତା, କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ । ଏ ବର୍ଷ ତାଙ୍କରି ଜନ୍ମ ଶତବର୍ଷ ପାଳିତ ହେଉଛି ।

ଆଜି ତାଙ୍କ କଥା ସ୍ମରଣ କଲାବେଳେ ମନେପଡୁଛି ଦିନକର କଥା । ମୁଁ ଥାଏଁ ସେତେବେଳେ ଜଣେ ବିରୋଧୀ ଦଳର ଏମ୍.ଏଲ୍.ଏ. । ୧୯୬୨-୬୩ ର କଥା ହେବ । ବିଧାନ ସଭାରେ ପଞ୍ଚାୟତରାଜ ବିଲ୍ ପଡ଼ିଥାଏ । ଯାଞ୍ଚ କମିଟି ବସିଥାଏ । ଭାରି ପାଟିତୁଣ୍ଡ ଲାଗିଥାଏ । ସରକାର ଗୋଟାଏ ପ୍ରକାରର ଆଇନ କରିବାକୁ ଚାହୁଁଥାନ୍ତି । ଆମେ ରାଜି ପଡୁ ନଥାଉଁ । ହଠାତ୍ ମୁଖ୍ୟମନ୍ତ୍ରୀ ଘୋଷଣା କଲେ, ଉଭୟ ସରକାରୀ ଓ ବିରୋଧୀ ଦଳର ବଛା ବଛା କେତେ ଜଣ ବିଧାନ ସଭା ସଭ୍ୟ ଆନ୍ଧ୍ର ଓ ତାମିଲନାଡୁର ପଞ୍ଚାୟତି ରାଜ ବ୍ୟବସ୍ଥା ଅଧ୍ୟୟନ କରି ଆସିବା ପରେ ଯାଞ୍ଚ କମିଟିରେ ତାଙ୍କ ରିପୋର୍ଟ ପଢି କମିଟିର ନିଷ୍ପତ୍ତି ଗୃହୀତ ହେବ । ଆମେ ପ୍ରାୟ ପଚିଶ ଜଣ ଯାଏ ଗଲୁ । ମାଡ୍ରାଜ ରହଣି ବେଳେ ଶୁଣିଲୁ ଯେ ରାଜାଜୀ ସେଠି ଅଛନ୍ତି । ଭାରି ମନ ହେଲା, ତାଙ୍କୁ ଭେଟିବା ପାଇଁ । ଶୁଣିଥିଲି, ଦେଖିଥିଲି, କିନ୍ତୁ ଭେଟି ନଥିଲି । ଆମେ ତିନି ଚାରିଜଣ ତାଙ୍କ ପାଖକୁ ଗଲୁଁ । ରାଜାଜୀ ଗୋଟିଏ ଛୋଟ ଦୋତାଲା ଘରର କୋଠରୀଟିରେ ବସିଥାନ୍ତି । ଚଉକୀ ଟେବୁଲ ନାହିଁ । ନିରାଡ଼ମ୍ବର ଖଟ ଉପରେ, ଏଡ଼ିକି ମଣିଷଟିଏ । କଳା ମଟ ମଟ ଚେହେରା । ଆଖି ଜଳ ଜଳ । ଚଷମା ଉପର ବାଟେ ଆମକୁ ଚାହିଁଲେ । ପଚାରିଲେ ମାଡ୍ରାଜ ଆଗମନ କି କାରଣେ ? ଆମେ କହିଲୁ'ଷ୍ଟଡ଼ି ଟିମ୍'—ପଞ୍ଚାୟତିରାଜ ଷ୍ଟଡ଼ି କରିବୁ' । ପଚାରିଲେ—"ଆପଣମାନେ କେତେ ଜଣ" ଆମେ କହିଲୁଁ—"ପଚିଶ" । ସେ କାବା ହୋଇଗଲେ ! "ପଚିଶ ଜଣ ? ଷ୍ଟଡ଼ି ଟିମ୍ ? ଓଃ ଦୃଶ୍ୟ ଦେଖିବାପାଇଁ ଆସିଛନ୍ତି ଆପଣମାନେ ?"

ଅଳ୍ପ କେତେକ ରାଜନୀତି ଆଲୋଚନା ପରେ ଆମେ ଚାଲି ଆସିଲୁ । ସେ ସାମାନ୍ୟ ଅସୁସ୍ଥ ଥିଲେ । ତେଣୁ ଚାଲି ଆସିଲୁଁ ବେଶି ବେଳ ନରହି । ସେଇ ଗୋଟିଏ ସାକ୍ଷାତରେ ଏ ବିଚକ୍ଷଣ ବ୍ୟକ୍ତିର ଗଭୀର ଅନ୍ତର୍ଦ୍ଦୃଷ୍ଟିର ପ୍ରମାଣ ପାଇ ମୁଁ ଆଶ୍ଚର୍ଯ୍ୟ ବୋଧ କଲି । ମୁଁ ଜାଣିଥିଲି ଯେ ମୁଖ୍ୟମନ୍ତ୍ରୀ ପ୍ରକୃତରେ ଷ୍ଟଡ଼ି କରିବା ଲକ୍ଷ୍ୟରେ ପଠାଇ ନଥିଲେ । ସଭ୍ୟ-ମାନଙ୍କୁ ସରକାରୀ ଖର୍ଚ୍ଚରେ ଭ୍ରମଣ କରାଇ ଆଣି ତୋଷାଜ କରିବା ଥିଲା ଅସଲ ଉଦ୍ଦେଶ୍ୟ । ରାଜାଜୀ ଏଡ଼େ ସହଜରେ, ପଦେ କଥାରେ ଏ ମତଲବ ଟା ଧରିଦେବେ ବୋଲି କାହାରି କଳ୍ପନାରେ ନଥିଲା । ସେହିଦିନ ମୁଁ ରାଜାଜୀଙ୍କୁ କେତେକଟା ଚିହ୍ନିଲି ।

ବିଗତ କେତେ ବର୍ଷ ହେଲା ରାଜାଜୀ ମୋ ଆଦର୍ଶର ଉଚ୍ଚ ଆସନରୁ ଖସି ପଡ଼ିଥିଲେ । ମାତ୍ର ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାର ଅଭାବ କେବେ ଘଟିନାହିଁ । ତିନୋଟି ଆଦର୍ଶ ପୁରୁଷଙ୍କ ଭିତରୁ ଏଇ ରାଜାଜୀଙ୍କ ସହିତ ମୁଁ ସବୁ-ବେଳେ ଏକମତ ହୋଇପାରିନାହିଁ । କିନ୍ତୁ ଆଉ ଦୁଇଜଣ ନେତାଙ୍କ ବିରୋଧରେ କିଛି କହିବାର ଅବକାଶ ହୋଇନାହିଁ । ଏପରିକି ଏଇ ବାକି ଦୁଇଜଣଙ୍କ ଭିତରେ ମତଭେଦ ଦେଖା ଯିବା ବେଳେ ମଧ୍ୟ, କିଏ ଭୁଲ୍, କିଏ ଠିକ୍ କହିବାର ଆବଶ୍ୟକତା ମୁଁ ଦେଖିନାହିଁ । ଅନେକ ସମୟରେ ମୁଁ ଏ ତିନିଙ୍କୁ ତୁଳନା କରି ଦେଖିଛି । କେହି କାହାରି ସହିତ ତୁଳି ହୁଅନ୍ତି ନାହିଁ । ତୁଳୀରେ ସମସ୍ତଙ୍କ ରଙ୍ଗ ଅଲଗା ଅଲଗା ମନେହୁଏ । ତିନିଜଣ ମିଶିଗଲେ, ଯେଉଁଠାସ୍ଥାନରେ ଯେଉଁଠି ଥାଇ ମଧ୍ୟ, ଗୋଟିଏ ମନୋରମ ଚିତ୍ରରେ ପରିଣତ ହୋଇଯାନ୍ତି । ଏହି ଶତକରେ ଏହି ତିନୋଟି ପୁରୁଷ ଭାରତର ଆଧ୍ୟାତ୍ମିକ ଚିନ୍ତାଧାରାକୁ ରାଜନୀତିର 'ଫିଡ଼ିଂ କପ୍' ରେ ଯେପରି ପୁଷ୍ଟ କରିଛନ୍ତି ତାହା ଅତୁଳନୀୟ ।

ଏମାନଙ୍କୁ ଜଣେ ଜଣେ ରାଜନୈତିକ ନେତା କହିଲେ ସଂପୂର୍ଣ୍ଣ ଭୁଲ ହେବା ବୋଲି ବିଶ୍ୱସିବା ଭୁଲ୍ । ତିନିଜି ତିନିହେଁ ପ୍ରମାଣ କରିଯାଇଛନ୍ତି ଯେ ଅଧ୍ୟାତ୍ମ ସାଧନା ନିରପେକ୍ଷ ରାଜନୀତି ରାଜନୀତି ନୁହେଁ । ରାଜନୀତି ମାଧ୍ୟମରେ ଅଧ୍ୟାତ୍ମ ସାଧନାର ତିନୋଟି ମୁଖ୍ୟ ଅଙ୍ଗ ତିନିଜଣ ଯାକ ସମ୍ୟକ୍ ଭାବରେ ପୂରଣ କରିଥିଲେ ହେଁ, ଜଣେ ଗୋଟିଏ ଗୋଟିଏ ଗୁଣର ବିଶିଷ୍ଟ ନାୟକ ବା ନେତା ଥିଲେ । କାରଣ ସେ ଅନ୍ୟ ଅନେକଙ୍କୁ ପ୍ରେରିତ କରି ତାଙ୍କରି ପଥରେ ନେଇପାରୁଥିଲେ । ଗାନ୍ଧୀଜୀଙ୍କ ଠାରେ ସତ୍ୟ, ରାଜାଜୀଙ୍କ ଠାରେ ସେବା ଓ ନେତାଜୀଙ୍କ ଠାରେ ସାହସର ପ୍ରାଚୁର୍ଯ୍ୟ ଦେଖାଯାଇଥିଲା ।

ଏ ତିନିଜଣଙ୍କ ଭିତରୁ ନେତାଜୀଙ୍କ ମାନଚିତ୍ର ପୂର୍ଣ୍ଣ ରୂପେ ଅଙ୍କିତ ହୋଇପାରିନାହିଁ, ଅନଧିକୃତ ଏକ ଭୂଖଣ୍ଡ ପରି, ତଥାପି ମନୋରମ । କାରଣ ଏହି ପୃଥିବୀରେ ତାର ଛିଟି ସେ ମାନଚିତ୍ର ଭିତରେ ପାହାଡ଼ ପର୍ବତ ସାଗର, ସରିତ, ସବୁ ଅଛି । ମାତ୍ର ମାନଚିତ୍ରରେ ସେ ସବୁର ସଙ୍କେତ ଜନ୍ମଭୂମି ରହି ପାରିନାହିଁ । ମୁଁ ତାଙ୍କୁ ଜଣେ ମନୁଷ୍ୟ, ମାତ୍ର ସୁପୁରୁଷ ଭାବରେ ଶ୍ରଦ୍ଧା କରିଛି । କିନ୍ତୁ ଗାନ୍ଧୀଜୀ ସ୍ୱର୍ଗୀୟ, ସେ ଏହି ପୃଥିବୀକି ଆସିଥିଲେ ସତ, କିନ୍ତୁ ପୃଥିବୀର ନଥିଲେ । ତାଙ୍କୁ ଧରିବା ମୋ ପରି ସାଧାରଣ ମଣିଷ ପକ୍ଷରେ ଅସମ୍ଭବ ମନେ ହୋଇଛି । ସେ ଅନନୁକରଣୀୟ ଅନନୁସରଣୀୟ କହିଲେ ଚଳେ । ରାଜାଜୀହିଁ ବୋଧହୁଏ ଏକମାତ୍ର ବ୍ୟକ୍ତି ଯିଏ ବହୁଳାଂଶରେ ତାଙ୍କୁ ଅନୁକରଣ ଓ ଅନୁସରଣ କରିପାରିଥିଲେ ଏକଥା କହିବା ବେଳେ ପ୍ରତିବାଦର ସ୍ୱର ପ୍ରତି ମୁଁ ସଜାଗ ଅଛି । ମାତ୍ର ପ୍ରତିବାଦର ପ୍ରତ୍ୟୁତ୍ତର ଦ୍ୱାରା ନିଜ ମତର ଯାଥାର୍ଥ୍ୟ ପ୍ରତିପାଦନ କରିବାର ଅବସର ଏ ନୁହେଁ । ଏତିକି କହିଲେ ଯଥେଷ୍ଟ ହେବ ଯେ ରାଜାଜୀ ବ୍ରହ୍ମଚାରୀ ନଥିଲେ । ଥିଲେ ଗୃହୀ । ଆମରି ପରି ଜଣେ ସାଧାରଣ ମଣିଷ ଉପରେ ଦେଖିବାକୁ । ସେ ସଂସାରରୁ ଡରି ଅଧ୍ୟାତ୍ମର ସନ୍ଧାନୀ ନଥିଲେ । ସେ ଗୃହୀ ହୋଇ ମଧ୍ୟ ଅନାସକ୍ତ ଥିଲେ । ଗୀତାର କର୍ମ ଯୋଗୀ ସେ । ସେ ଇନ୍ଦ୍ରିୟ-ନିଗ୍ରହୀ ନଥିଲେ, ଥିଲେ ସଂଯତେନ୍ଦ୍ରିୟ । ପୁଣି କେହି କହିବ ନାହିଁ ଯେ ସେ ପ୍ରଥମେ ମାର୍କସବାଦୀ ପରେ ଗାନ୍ଧୀବାଦରେ ଦୀକ୍ଷିତ ହୋଇ ନଥିଲେ । ମତ ପରିବର୍ତ୍ତନ କରିବାର ଆବଶ୍ୟକତା ତାଙ୍କର ନଥିଲା । ସେ ମୂଳରୁ ଗାନ୍ଧୀବାଦୀ । ଗାନ୍ଧୀଙ୍କ ସହ ତାଙ୍କର ଯେଉଁଠି ମତଦ୍ୱୈଧ ଦେଖାଦେଇଛି, ତା ମୌଳିକ ନୀତିକୁ ଭିତ୍ତି କରି ନୁହେଁ, ସେ ଭେଦ ନୀତିର ପ୍ରୟୋଗ ପ୍ରକାରେ-ନୀତିର କର୍ମକୁଶଳତା ନେଇ । ନୀତି ବିଷୟରେ ସେମାନେ ଦୃଢ଼ ଏକତାବଦ୍ଧ । ସାମୟିକ ଅନୁସୃତିରେ ଛଳ ବିଶେଷରେ ସେ ଗାନ୍ଧୀଙ୍କ ଠାରୁ ସ୍ୱତନ୍ତ୍ର ମତ ପୋଷଣ କରିଥିଲେ । ଉଦାହରଣ ସ୍ୱରୂପ, ସାଂପ୍ରଦାୟିକ ଭିତ୍ତିରେ ଭାରତର ବିଭାଜନ । ଉଭୟଙ୍କ ଲକ୍ଷ୍ୟ ଥିଲା ଭାରତର ସ୍ୱାଧୀନତା ଓ ସାଂପ୍ରଦାୟିକ ଐକ୍ୟ । ଗାନ୍ଧୀଜୀ ଦେଖୁଥିଲେ ବିଭାଜନ ଦ୍ୱାରା ଉଭୟ ସ୍ୱାଧୀନତା ଓ ସାଂପ୍ରଦାୟିକ ଐକ୍ୟ ବିପର୍ଯ୍ୟସ୍ତ ହେବ । ମାତ୍ର ବିଭାଜନ ଦ୍ୱାରାହିଁ ତାହା ଅଧିକ ଦୃଢ଼ ହେବ ବୋଲି ବିଶ୍ୱସୁଥିଲେ ।

ଏପରି ସାମାନ୍ୟ କେତେକ ସ୍ଥଳରେ ମତଭେଦ ଦେଖାଯାଇଥିଲେ ମଧ୍ୟ ରାଜାଜୀଙ୍କୁ କେହି କେହି ଗାନ୍ଧୀଜୀଙ୍କ ବଡ଼ ଭକ୍ତ ବୋଲି କହିଛନ୍ତି । କହିବା ସ୍ୱାଭାବିକ । ରାଜାଜୀ ଗାନ୍ଧୀଜୀଙ୍କ ସମ୍ବନ୍ଧରେ ମତ ଦେଇ ଯେତେବେଳେ କହିଲେ— 'ମୁଁ ତାଙ୍କୁ ଈଶ୍ୱରଙ୍କଦ୍ୱାରା ପ୍ରେରିତ ଜଣେ ଦୂତ ବା ଅବତାର ବୋଲି ଜ୍ଞାନ କରେ ସେତେବେଳେ ତାଙ୍କର ଗାନ୍ଧୀଜୀଙ୍କ ପ୍ରତି ଆନୁଗତ୍ୟ ସମ୍ବନ୍ଧରେ ସନ୍ଦେହ କରିବାର କିଛି ନ ଥିଲା । ମାତ୍ର ରାଜାଜୀଙ୍କ ସମ୍ବନ୍ଧରେ ଗାନ୍ଧୀଜୀଙ୍କର ମତ ଯେଉଁମାନେ ଜାଣନ୍ତି, ସେମାନେ ଗାନ୍ଧୀଜୀ ତାଙ୍କୁ ତାଙ୍କର ପଛଶିଷ୍ୟ ରୂପେ ଗ୍ରହଣ କରିଥିଲେ ଅଥବା କୃଷ୍ଣ ସଖା ଅର୍ଜୁନ ପରି ଅତି ନିକଟସ୍ଥ ବନ୍ଧୁ ମନେ କରିଥିଲେ ସେ ବିଷୟରେ ଅବଶ୍ୟ ସନ୍ଦିହାନ ଥାଇ ପାରନ୍ତି ରାଜାଜୀ ମୋର ବିବେକ ରକ୍ଷୀ" ବା ମୁଁ ରାଜାଜୀଙ୍କ ପକେଟ ଭିତରେ''—ଗାନ୍ଧୀଜୀଙ୍କର ଏ ସବୁ ଉକ୍ତିରୁ ଉଭୟଙ୍କର ସଂପର୍କ ନିରୂପଣ କରିବା କଠିନ । ରାଜାଜୀ କିନ୍ତୁ ଏ ସଂପର୍କଟାକୁ ଆଉ ଟିକିଏ ସ୍ପଷ୍ଟ କରିଦେଇଛନ୍ତି ଗୋଟିଏ ଛୋଟ ସାମାନ୍ୟ ଘଟଣାରେ । ରାଜାଜୀ ଜଣେ କଫି ଭକ୍ତ । ସେ ଯେ ନିଜେ ଜଣେ ଦକ୍ଷିଣ ଭାରତୀୟ ଏହା ହୁଏତ ତା'ର ସର୍ବୋତ୍କୃଷ୍ଟ ପ୍ରମାଣ । ଜଣେ ବନ୍ଧୁ ତାଙ୍କୁ ଏହି କଫି ଖାଇବା ସମୟରେ ସ୍ମରଣ କରାଇ ଦେଇଥିଲେ ଯେ ବାପୁଜୀ କଫି ଖାଇବାକୁ 'ପାପ' ବୋଲି କହନ୍ତି । ରାଜାଜୀ ସଙ୍ଗେ ସଙ୍ଗେ ଉତ୍ତର ଦେଲେ— "ମୁଁ ଯଦି ଏହି ପାପରୁ ନିଷ୍କୃତି ପାଇବି, ସଙ୍ଗେ ସଙ୍ଗେ ସ୍ୱର୍ଗ ଲାଭ" । ଏହା ଅବଶ୍ୟ ସେ ତାଙ୍କର ସ୍ୱାଭାବିକ ରହସ୍ୟ ଛଳରେ କହିଥିଲେ ।

ମୁଁ ରାଜାଜୀଙ୍କୁ ପ୍ରକୃତରେ ଚିହ୍ନି ନ ଥିଲି । ପ୍ରଥମେ ତାଙ୍କୁ ଯେତେବେଳେ ଭେଟିଥିଲି ସେତେବେଳେ ସେହି ବ୍ୟକ୍ତିଙ୍କର ପୂର୍ଣ୍ଣାଙ୍ଗ ପରିଚୟ ପାଇ ନ ଥିଲି । କ୍ରମେ ଘଟଣା ଚକ୍ରରେ ସେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଉଠୁଥିଲେ । ସେ ଯେ ବିଚକ୍ଷଣ ଦୂରଦ୍ରଷ୍ଟା ତାହା ପରବର୍ତ୍ତୀ ଭାରତ ଇତିହାସ ପ୍ରମାଣ କରିଦେଇଛି । ତେଣୁ ତାଙ୍କୁ ଆଧୁନିକ ଭାରତର ଋଷି, ମୁନି, ଉପନିଷଦ ବର୍ଣ୍ଣିତ କବି କ୍ରାନ୍ତିଦର୍ଶୀ କହିଲେ ଅତ୍ୟୁକ୍ତି ହେବନାହିଁ । ମୁଁ ତାଙ୍କର ନୂଆ ରୂପ ଦେଖିଲି ଏହି ବର୍ଷ, ତାଙ୍କ ତିରୋଭାବର ନ' ବର୍ଷ ପରେ । ରାଜାଜୀ ଶତବାର୍ଷିକୀ ସମିତି ପକ୍ଷରୁ ମୋତେ ତାଙ୍କ ଗୀତା ସଂଗ୍ରହ ଇଂରାଜୀ ପୁସ୍ତକର ଅନୁବାଦ କରିବାର ଦାୟିତ୍ୱ ଦିଆଯାଇଥିଲା । ତାହା ପୂର୍ବରୁ ଅନୂଦିତ ହୋଇ ଯାଇଥିବାରୁ ପରେ ମୋତେ ତାଙ୍କ 'କମ୍ବନ ରାମାୟଣ, ଅଯୋଧ୍ୟା କାଣ୍ଡ'ର ଇଂରାଜୀ ଅନୁବାଦକୁ ଓଡ଼ିଆ ଭାଷାନ୍ତର କରିବା ପାଇଁ କୁହାଗଲା । ତା' ସଙ୍ଗେ ସଙ୍ଗେ ତାଙ୍କର ଅନ୍ୟ କେତେକ କୃତିର ଓଡ଼ିଆ ଅନୁବାଦର ସଂଶୋଧନ ଦାୟିତ୍ୱ ମଧ୍ୟ ପଡ଼ିଲା । ରାଜାଜୀ ଜଣେ ଭଲ ତାମିଲ କଥାକାର ବୋଲି ଶୁଣିଥିଲି । ଏବେ ପଢ଼ିବାର ସୁଯୋଗ ମିଳିଲା । ସେ ସବୁ ପଢ଼ି ମୋର ଦୃଢ଼ ଧାରଣା ହୋଇଛି ଯେ ରାଜାଜୀ କେବଳ ଉପନିଷଦୀୟ 'କବି' ନଥିଲେ, ଆମ ପ୍ରଚଳିତ କଥାରେ ମଧ୍ୟ ସେ ଜଣେ ବିଶିଷ୍ଟ କବି ଓ ଗାଳ୍ପିକ । କମ୍ବନ ରାମାୟଣ (ଅଯୋଧ୍ୟା କାଣ୍ଡ) ର ସେ ଯେଉଁ ଇଂରାଜୀ ପଦ୍ୟ ଅନୁବାଦ କରିଛନ୍ତି ତାହା ତାଙ୍କର କବିତ୍ୱର ପ୍ରମାଣ

ଦେବା ସଙ୍ଗେ ସଙ୍ଗେ ଇଂରାଜୀ ଭାଷାରେ ତାଙ୍କ ବ୍ୟୁତ୍ପତ୍ତିର ମଧ୍ୟ ସାକ୍ଷ୍ୟ ଦିଏ । ସେ ସମୟରେ ଗାନ୍ଧୀ ଓ ରାଜଗୋପାଳ ଆଚାରୀଙ୍କ ପରି ବିଦେଶୀ ଭାଷା ଉପରେ ଦଖଲ ଥିବା ଲୋକ କ୍ୱଚିତ୍ ଦେଖାଯାଇଛନ୍ତି । ମୁଁ ରାଜାଜୀଙ୍କ ଇଂରାଜୀ ରାମାୟଣ, ମହାଭାରତ ପଢିଥିଲି । ସେଥିରୁ ପୁସ୍ତକର ସରଳ ଇଂରାଜୀ ମୋ ପରି ଇଂରାଜୀ ଅପାଠୁଆକୁ ମୁଗ୍ଧ କରିଥିଲା । କିନ୍ତୁ କମ୍ବନ ରାମାୟଣର ଇଂରାଜୀ ଅନୁବାଦ ପଢି ମୁଁ କାବା ହୋଇଗଲି । ସେ ଯେପରି ଇଂରାଜୀ ଶବ୍ଦ ସବୁକୁ ଧରି କ୍ରୀଡ଼ା କରିଛନ୍ତି—ଏପରି ମନେ ହେଲା । ସାହିତ୍ୟ ଓ ରାଜନୀତି ପରସ୍ପର ବିରୋଧୀ ବୋଲି ଯେଉଁ-ମାନେ କହନ୍ତି ସେମାନେ ସବ୍ୟସାଚୀ ରାଜଗୋପାଳ ଆଚାରୀଙ୍କ ଜୀବନ ଅଧ୍ୟୟନ କରିବା ଉଚିତ ।

ରାଜାଜୀ ମହାତ୍ମା ନ ଥିଲେ । ମଣିଷ ଥିଲେ । କିନ୍ତୁ ତାଙ୍କ ଜୀବନ ଯାତ୍ରାର ଶୈଳୀରେ ମାହାତ୍ମ୍ୟ ପୂରି ରହିଥିଲା । ମହାତ୍ମା ଗାନ୍ଧୀଙ୍କ ବାଟରେ ଚାଲିଲା ବେଳେ ଆମେ ଯେତେ-ବେଳେ ଝୁଣ୍ଟିପଡୁ, ସେତେବେଳେ ରାଜାଜୀଙ୍କର ଜୀବନୀ ହିଁ ଆମକୁ ସାହସ ଦେଇ କହେ—ଏଇଟାଇ ମଣିଷର ଚଲାବାଟ ।

ରାଜାଜୀ ରାଜା ହୋଇ ଜନ୍ମି ନ ଥିଲେ । ରାଜପଦ ତାଙ୍କୁ ମିଳିଥିଲା । ଭାରତର ସଲ୍ତନତ୍‌ରେ ଆସୀନ ହୋଇ-ଥିଲେ, ପ୍ରଥମ ଭାରତୀୟ ବଡ଼ଲାଟ ହୋଇ । କିନ୍ତୁ ଆସନ ଓ ପଦବୀ ତାଙ୍କୁ କଳୁଷିତ କରି ନ ଥିଲା । ସେ ଥିଲେ ଏ ଯୁଗର ଜନକ—ରାଜର୍ଷି ।

ରାଜାଜୀ ଇଂରାଜୀ ସାହିତ୍ୟରେ ପଣ୍ଡିତ ଥିଲେ । ମାତ୍ର ସେ ପାଣ୍ଡିତ୍ୟ ଘେନି ସେ ଆଧୁନିକ ବହୁ ଇଂରାଜୀ ବିଦ୍ୟାବନ୍ତ-ମାନଙ୍କ ପରି ପାଶ୍ଚାତ୍ୟ ସଭ୍ୟତାର ଅନୁକରଣାମୋଦୀ ଉଦ୍‌ଭ୍ରାନ୍ତ ଭାରତୀୟ ନ ଥିଲେ । ସେ ଆଧୁନିକ ଯୁଗରେ ପ୍ରାଚୀନ ପରମ୍ପରାର ମୂର୍ତ୍ତିମନ୍ତ ପ୍ରତୀକ । ଏ ଯୁଗରେ ମଧ୍ୟ ମନୁଷ୍ୟ ତା'ର ପୂର୍ବ ଉତ୍ତରାଧିକାରର ଯୋଗ୍ୟ ଦାୟାଦ ରୂପେ ଜୀବନ ନିର୍ବାହ କରିପାରେ, ଏ ବିଶ୍ୱାସ ରାଜାଜୀ ଆଣି ଦେଇ ଯାଇଛନ୍ତି । ଭାରତବାସୀଙ୍କୁ ତାଙ୍କର ପୂର୍ବ ପୁରୁଷମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥରେ ଚାଲିବା ପାଇଁ ସେ ଯଥେଷ୍ଟ ପ୍ରେରଣା ଦେଇଯାଇଛନ୍ତି । ଉପନିଷଦ, ଗୀତା, ମୋହମୁଦ୍‌ଗର ଓ ତାମିଲ କୁର୍‌ଲର ଇଂରାଜୀ ଭାଷାନ୍ତର ତଥା ରାମାୟଣ ମହାଭାରତର ସହଜ ଇଂରାଜୀ ରଚନା ତା'ର ପ୍ରକୃଷ୍ଟ ପ୍ରମାଣ । ଯୁବକମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ବକ୍ତବ୍ୟ ଥିଲା—ଆମର ସାଂସ୍କୃତିକ ଉତ୍ତରାଧିକାର ପାଇଁ ଏବଂ ଯେଉଁ ପୂର୍ବ ପୁରୁଷମାନେ ତାହା ଆମକୁ ଅର୍ପଣ କରି ଯାଇଛନ୍ତି ସେମାନଙ୍କ ପାଇଁ ଆମେ ଗର୍ବିତ । ଏହା କହିବା ସଙ୍ଗେ ସଙ୍ଗେ ସେ ଆଧୁନିକ ଯୁବକମାନଙ୍କୁ ଆହ୍ୱାନ ଜଣାଇ-ଛନ୍ତି—'ଆମର ପୂର୍ବ ପୁରୁଷମାନେ ଆଜି ଯଦି ତୁମ୍ଭମାନଙ୍କୁ ଦେଖନ୍ତି, ତେବେ ତୁମ୍ଭମାନଙ୍କ ପାଇଁ ଗର୍ବ ଅନୁଭବ କରିବେ କି ?

ରାଜାଜୀ ଶ୍ରୀମଦ୍‌ଭଗବଦ୍ ଗୀତା କଥିତ ଅନାସକ୍ତ କର୍ମ-ଯୋଗୀ ଭାବରେ ସର୍ବ ଭୂତରେ ଈଶ୍ୱର ଦର୍ଶନ କରି, ସେମାନଙ୍କର ସେବା ହିଁ ପ୍ରକୃତ ଈଶ୍ୱର ସେବା ବୋଲି ବିଚାର କରି ସ୍ୱଦେଶର ସେବା କରିଛନ୍ତି । ବିଶ୍ୱଶାନ୍ତି ପାଇଁ ବିଦେଶୀ ରାଷ୍ଟ୍ର ନାୟକମାନଙ୍କର ଦ୍ୱାରସ୍ଥ ହୋଇ ଗୀତୋକ୍ତ 'ଲୋକସଂଗ୍ରହ' ବା 'ଲୋକ କଲ୍ୟାଣ' ସାଧନ କରିଯାଇଛନ୍ତି ମାତ୍ର ଗୀତୋକ୍ତ ଲୋକ ସଂଗ୍ରହ କେବଳ ଜନଗଣର ସେବା ବୁଝାଏ ନାହିଁ । ଗୀତୋକ୍ତ ଲୋକସଂଗ୍ରହର ପ୍ରକୃତ ଅର୍ଥ—ନିଜେ ପବିତ୍ର ଜୀବନ ଯାପନ କରି ସମାଜ ଶ୍ରେଷ୍ଠ ପୁରୁଷ-ରୂପେ ଇତରମାନଙ୍କୁ ତଦନୁବର୍ତ୍ତୀ କରାଇବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ପୁରୁଷମାନଙ୍କ ପାଇଁ ଆଦର୍ଶ ହୋଇ, ପୂର୍ବ ପୁରୁଷ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପରମ୍ପରାକୁ ପୁନର୍ଜୀବନ ଦାନ କରିବା । ରାଜାଜୀ ସେହି ଗୀତୋକ୍ତ 'ଲୋକସଂଗ୍ରହ'ର ପରାକାଷ୍ଠା ପ୍ରଦର୍ଶନ କରି ଏକ ମହନୀୟ ଜୀବନୀ ଆମ୍ଭମାନଙ୍କର ଅଧ୍ୟୟନ ଓ ଅନୁସରଣ ପାଇଁ ରଖି ଯାଇଛନ୍ତି ।

ରାଜାଜୀ ନିଃସନ୍ଦେହରେ ଏହି ସ୍ମରଣୀୟ ଶତକର ଜଣେ ଅବିସ୍ମର ପୁରୁଷ । ଭାରତୀୟ ଚିନ୍ତନ କ୍ଷେତ୍ରରେ ସେ ଚିର ସମୁଜ୍ଜ୍ୱଳ ଜ୍ୟୋତିଷ୍କ ।

କାନ୍ତ କୁଟୀର
ଡି/୪, ଲେବର କଲୋନୀ
ଖାରବେଳ ନଗର
ଭୁବନେଶ୍ୱର

# ସୂର୍ଯ୍ୟମନ୍ଦିରର ସଂରକ୍ଷଣ ପାଇଁ ସ୍ମାରକ ପତ୍ର

ଭାରତର ପୂର୍ବ ଉପକୂଳରେ ପୁରୀଠାରୁ ଉତ୍ତର-ପୂର୍ବ ଦିଗକୁ ୨୦ ମାଇଲ ଦୂରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଧ୍ୱଂସ ସ୍ତୂପ ମଧ୍ୟରେ ଦଣ୍ଡାୟମାନ । କିନ୍ତୁ ବିଶ୍ରୁତ କଳାନୈପୁଣ୍ୟ ଭରା ଏହି ମନ୍ଦିରଟି ଭାସ୍କର୍ଯ୍ୟ କଳାର ଉତ୍କର୍ଷ ତଥା ପର୍ଯ୍ୟଟନ ଦୃଷ୍ଟିକୋଣରୁ ଆମର ଜାତୀୟ ପରଂପରା ରକ୍ଷା କରିବା ସଂଗେ ସଂଗେ ଅନ୍ତର୍ଜାତିକ ସ୍ତରରେ ମଧ୍ୟ ଏକ ଗୌରବମୟ ସ୍ଥାନ ଅଧିକାର କରି ପାରିଛି । ପୂର୍ବ ଗଂଗ ବଂଶୀୟ ରାଜା ପ୍ରଥମ ନରସିଂହ ଦେବ (୧୨୩୮–୧୨୬୪ ଖ୍ରୀଷ୍ଟାବ୍ଦ) ଉକ୍ତ ମନ୍ଦିରଟିକୁ ନିର୍ମାଣ କରିଥିଲେ । ଏହାର ପ୍ରଧାନ ମୁଖଶାଳା 'ଜଗମୋହନ' ବ୍ୟତୀତ ଅନ୍ୟ ସମସ୍ତ ପ୍ରକୋଷ୍ଠ ଆଜି ପ୍ରାୟ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି । ସମ୍ରାଟ ଅକବରଙ୍କ ରାଜ ଦରବାରର ଐତିହାସିକ ଅବୁଲ ଫାଜଲ୍ ଅଲ୍ଲାମିଙ୍କ ବିବରଣୀରୁ ମନ୍ଦିରର ମୂଳ ନକ୍ସା ସଂପର୍କରେ ଜାଣିବାକୁ ମିଳେ ଏବଂ "ନ୍ୟୁ ଲାଇଟ ଅନ୍ ଦି ସନ୍ ଟେମ୍ପଲ ଅଫ୍–କୋଣାର୍କ" ନାମକ ପୁସ୍ତକରେ ସନ୍ନିବେଶିତ କରାଯାଇଥିବା ପାଣ୍ଡୁଲିପିରୁ ମଧ୍ୟ ମନ୍ଦିରର ନିର୍ମାଣ ସଂପର୍କରେ ସବିଶେଷ ତଥ୍ୟ ଜଣା ପଡ଼େ । ଏହି ମନ୍ଦିରଟି ସମୁଦ୍ର ତଟରେ ପ୍ରାଚୀ ନଦୀର ଏକ ଶାଖା ନଦୀ ଚନ୍ଦ୍ରଭାଗାର ମୁହାଣରେ ଅବସ୍ଥିତ ।

୧୯୦୪ ଖ୍ରୀଷ୍ଟାବ୍ଦରେ ଭାରତର ପୂର୍ବତନ ପ୍ରତ୍ନତତ୍ତ୍ୱ ବିଭାଗର ଡିରେକ୍ଟର ଜେନେରାଲ ସାର ଜନ୍ ମାର୍ଶାଲ ଉକ୍ତ ମନ୍ଦିର ସଂଲଗ୍ନ ଶିଳାତ୍ମକ ଖନନ କରି କୋଣାର୍କ ମନ୍ଦିର ଭଳି କଳା ଭାସ୍କର୍ଯ୍ୟପୂର୍ଣ୍ଣ ମନ-ଲୋଭା ବିଶାଳକାୟ ପ୍ରାଚୀନ କୀର୍ତ୍ତି ସମଗ୍ର ଦେଶରେ କୁତ୍ରାପି ଦେଖିବାକୁ ମିଳେ ନାହିଁ ବୋଲି ଘୋଷଣା କରିଥିଲେ । ଅନ୍ୟାନ୍ୟ ଶିଳ୍ପକଳା-ଐତିହାସିକ ତଥା ସମାଲୋଚକ-ମାନେ ମଧ୍ୟ କୋଣାର୍କ ମନ୍ଦିରର କଳା, ସ୍ଥାପତ୍ୟ ତଥା ଭାସ୍କର୍ଯ୍ୟପୂର୍ଣ୍ଣ କାରୁକାର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ମନ୍ଦିରର ସ୍ଥପତି ଶିଳ୍ପୀଗଣ ଅକ୍ଳାନ୍ତ ପରିଶ୍ରମ କରି ଏଭଳି ଏକ ବିରାଟ ମନ୍ଦିରର ପ୍ରତ୍ୟେକ ଅଂଶରେ ଯେପରି ଭାବେ ସୂକ୍ଷ୍ମ କାରୁକାର୍ଯ୍ୟର ସଫଳ ରୂପାୟନ କରି ପାରିଛନ୍ତି ତାହାର ଦୃଷ୍ଟାନ୍ତ ମାନବ ଇତିହାସରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ଜାତୀୟ ଐତିହ୍ୟର ମୂକସାକ୍ଷୀ ତଥା ଅନ୍ତର୍ଜାତିକ ତାତ୍ପର୍ଯ୍ୟପୂର୍ଣ୍ଣ ଏହି ମନ୍ଦିରର କିପରି ଯଥାଯଥ ରକ୍ଷଣାବେକ୍ଷଣ କରାଯାଇ ପାରିବ ସେଥି ନିମନ୍ତେ ଆମେମାନେ ସର୍ବାଧିକ ଦୃଷ୍ଟି ଦେବା ଉଚିତ । ୨୦୦ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ପ୍ରଧାନ ମନ୍ଦିରଟି ୧୮୩୭ ରୁ ୧୮୩୯ ମସିହା ମଧ୍ୟରେ ଧୂଳିସାତ୍ ହୋଇ ଥିବାର ଅନୁମାନ କରାଯାଏ । ୧୯୦୩ ମସିହାରେ ମନ୍ଦିରର ପ୍ରଧାନ ମୁଖଶାଳା 'ଜଗମୋହନ'ରୁ ଏକ ପ୍ରକାଣ୍ଡ ଶିଳା ଖଣ୍ଡ ଖସି ପଡ଼ିବା ଫଳରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମଧ୍ୟରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ମନ୍ଦିରଟି କ୍ରମଶଃ ଭାଙ୍ଗି ପଡୁଥିବା ବିଷୟ ଖବର କାଗଜଗୁଡ଼ିକରେ ପ୍ରକାଶ ପାଇଲା । ରାଜ୍ୟ ତଥା ଦେଶର ଜନସାଧାରଣ ଏହି ଖବର ପାଇ ବିଶେଷ ବ୍ୟଥିତ ହୋଇ ପଡ଼ିଲେ । ଏ ଦିଗରେ ପ୍ରକାଶ ପାଇଥିବା ସମସ୍ତ ଆଶଙ୍କାକୁ ଦୂର କରିବା ପାଇଁ ରାଜ୍ୟ ସରକାର ସବୁମତେ ଚେଷ୍ଟା କରିବା ସଂଗେ ସଂଗେ ଏହାକୁ ସଂରକ୍ଷଣ କରିବାର ବିଭିନ୍ନ ଦିଗ ସଂପର୍କରେ ସବିଶେଷ ଅନୁଧ୍ୟାନ ତଥା ଗବେଷଣା କରିବା ଲାଗି ଏହା ଏକ ସମୟୋଚିତ ଚେତାବନୀ ଦେଇ ବୋଲି ସ୍ୱୀକାର କରିଥିଲେ ।

ନିର୍ମାଣ କୌଶଳ ଦୃଷ୍ଟିରୁ ମନ୍ଦିରର ସ୍ଥାୟିତ୍ୱ ଯେପରି ଅଧିକ ଦୃଢ଼ୀଭୂତ ହୁଏ ଓ ମନ୍ଦିର ଦେହରେ ଖୋଦିତ କଳା ଭାସ୍କର୍ଯ୍ୟ-ପୂର୍ଣ୍ଣ ମନଲୋଭା ମୃଣ୍ମୟ ଶିଳ୍ପଗୁଡ଼ିକର ସୌନ୍ଦର୍ଯ୍ୟ ପୂର୍ବ ଭଳି ଅତୁଟ ରହେ ସେ ଦିଗରେ ଆମେ ଅଦ୍ୟାବଧି କି କି ପଦକ୍ଷେପ ନେଇଛୁ ଓ ଆଉ କ'ଣ ବା ଅଛି ସେ ସବୁର ପର୍ଯ୍ୟାଲୋଚନା କରିବା ଆମ ପାଇଁ ଅତୀବ ଜରୁରୀ । ମନ୍ଦିରର ସ୍ଥାୟିତ୍ୱ ଅପେକ୍ଷା ମନ୍ଦିର ଦେହରେ ଖୋଦିତ କଳା ଭାସ୍କର୍ଯ୍ୟପୂର୍ଣ୍ଣ କାରୁକାର୍ଯ୍ୟ-ଗୁଡ଼ିକର ଗୁଣାତ୍ମକ ମାନ ଯେପରି ଅବ୍ୟାହତ ରହେ ସେ ଦିଗରେ ବିଶେଷ ଉଦ୍‌ବେଗ ପ୍ରକାଶ ପାଉଥିବାର ଲକ୍ଷ୍ୟ କରାଯାଉଛି । ଏଣୁ ଏ ଦିଗରେ ନିର୍ମାଣ ତଥା କେମିକାଲ ଇଂଜିନିୟରିଂ କ୍ଷେତ୍ରରେ ଥିବା ବୈଷୟିକ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କର ଯେ ଦାୟିତ୍ୱ ରହିଛି ତାହା ନୁହେଁ, ପରନ୍ତୁ କଳା-ଐତିହାସିକ ସ୍ଥପତି, ମୃଣ୍ମୟ ଶିଳ୍ପୀ ଓ ଗବେଷକମାନଙ୍କର ମଧ୍ୟ ଅନୁରୂପ ଦାୟିତ୍ୱ ରହିଛି । କୋଣାର୍କ ମନ୍ଦିରର କଳା ଭାସ୍କର୍ଯ୍ୟପୂର୍ଣ୍ଣ ମନଲୋଭା ବିଶାଳତା ସହିତ ମନ୍ଦିରର ପ୍ରତ୍ୟେକଟି କାରୁକାର୍ଯ୍ୟପୂର୍ଣ୍ଣ ମୃଣ୍ମୟ ଶିଳ୍ପ ମଧ୍ୟରେ ମାନବିକ ଜୀବନର ରସାତ୍ମକ ଭାବକୁ କିଭଳି ନିର୍ଭୁଲ ଭାବେ ବ୍ୟକ୍ତ କରାଯାଇ ପାରିଛି ତାହା ହେଉଛି ମନ୍ଦିରର ପ୍ରଧାନ ବୈଶିଷ୍ଟ୍ୟ । ବିଗତ କେତେ ବର୍ଷ ହେଲା ମନ୍ଦିରର ପ୍ରତି ଶିଳା ଚିତ୍ରର ଶିଳସ୍ୟ ସଜୀବତା ଏବଂ ଗୁଣାତ୍ମକ ମାନ କ୍ରମଶଃ ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି । ଏଣୁ ମନ୍ଦିରର ଭବିଷ୍ୟତ ସଂପର୍କରେ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିବା ସ୍ୱାଭାବିକ । ଜାତୀୟ ଐତିହ୍ୟର ସମୁଜ୍ଜ୍ୱଳ ବାର୍ତ୍ତାବହ ଏହି ମନ୍ଦିରଟିର ଯଥାଯଥ ସଂରକ୍ଷଣ କରିବା ଦିଗରେ କିପରି କର୍ମତତ୍ପରତା ପ୍ରକାଶ ପାଇବ ତାହା ହୃଦୟଙ୍ଗମ କରିବାର ସମୟ ଆସି ଉପଗତ ।

ପ୍ରାଚୀନ କୀର୍ତ୍ତି ଗୁଡ଼ିକର ରକ୍ଷଣାବେକ୍ଷଣ ତଥା ସୁସଂରକ୍ଷଣ କରିବା ଦିଗରେ ଅନ୍ତର୍ଜାତିକ ବିଶେଷଜ୍ଞମାନଙ୍କର ସହାୟତା ବିଶେଷ ଆବଶ୍ୟକ ହେଉଥିବାର ଲକ୍ଷ୍ୟ କରାଯାଇଛି ଓ ଏ ସଂପର୍କୀୟ ବୈଷୟିକ ଶିକ୍ଷା ଖୁବ୍ ବ୍ୟାପକ ଓ ଅନ୍ୟାନ୍ୟ ବିଷୟ ଗୁଡ଼ିକ ଠାରୁ ବିଶେଷ ଭିନ୍ନ ଧରଣର । ବାସ୍ତବ ପକ୍ଷେ କହିବାକୁ ଗଲେ ଏହା ବର୍ତ୍ତମାନ ଏକ ସ୍ୱତଃ ଅନୁଶାସନ ବିଷୟ ରୂପେ ଗୁରୁତ୍ୱ ଅର୍ଜନ କରିଛି । ଏଣୁ ଖୁବ୍ ଚତୁର ଇଂଜିନିୟର, ପ୍ରତ୍ନତତ୍ତ୍ୱବିତ୍, ଶିଳ୍ପୀ ଓ କଳା-ଐତିହାସିକ ମାନେ ପ୍ରାଚୀନ କୀର୍ତ୍ତି ଗୁଡ଼ିକର ରକ୍ଷଣାବେକ୍ଷଣ ତଥା ସୁ ସଂରକ୍ଷଣ ପାଇଁ ଏକ ନୂତନ ଉପାୟ ଅନ୍ୱେଷଣ କରୁଛନ୍ତି ।

ମନ୍ଦିରର ସୁ ସଂରକ୍ଷଣ ଲାଗି ଏଭଳି ଜ୍ଞାନର ଯଥେଷ୍ଟ ପ୍ରଭାବ ଉପଯୋଗିତା ରହିଛି ।

ମନ୍ଦିରର ସ୍ଥାପତ୍ୟ ଶିଳ୍ପ ଗୁଡ଼ିକର ଗୁଣାତ୍ମକ ମାନ କିଭଳି ହାରରେ ହ୍ରାସ ପାଇଛି ଓ ନିର୍ମାଣ କୌଶଳ ଦୃଷ୍ଟିରୁ ମନ୍ଦିରଟି କିପରି କ୍ଷୟ ପ୍ରାପ୍ତ ହେବାରେ ଲାଗିଛି ସେ ସଂପର୍କରେ ପ୍ରତ୍ନତତ୍ତ୍ୱ ବିଭାଗ ସବିଶେଷ ଅନୁଧ୍ୟାନ କରିଛି କି ନା ସେ ବିଷୟରେ ଆମେ ଅବଗତ ନୋହୁଁ । ଏତଦ ବ୍ୟତିତ ସ୍ୱାଧୀନତା ପ୍ରାପ୍ତି ପରେ ଅର୍ଥାତ୍ ବିଗତ ୩୦ ବର୍ଷ ଧରି ଉକ୍ତ ମନ୍ଦିରର ରକ୍ଷଣାବେକ୍ଷଣ ଓ ସ୍ଥାୟିତ୍ୱ ସଂପର୍କରେ ପ୍ରତ୍ନତତ୍ତ୍ୱ ବିଭାଗ ବିଶେଷଜ୍ଞ ମତ ସଂବଳିତ ଗବେଷଣାତ୍ମକ ପୁସ୍ତକ ପ୍ରକାଶ କରିଛନ୍ତି କି ନା ତାହା ମଧ୍ୟ ଆମେ ଜାଣୁନା । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ତଥା ରାଜ୍ୟବାସୀ ବିଶେଷ ଉଦବିଗ୍ନ ହୋଇ ପଡ଼ିଛନ୍ତି ଓ ମନ୍ଦିରର ଭବିଷ୍ୟତ ସଂପର୍କରେ ଜାତୀୟ ସ୍ତରରେ ଅନୁରୂପ ଉଦ୍‌ବେଗ ପ୍ରକାଶ ପାଇବା ଉଚିତ ବୋଲି ସେମାନେ ମଧ୍ୟ ଅନୁଭବ କରନ୍ତି । ଆବଶ୍ୟକ ହେଲେ ମନ୍ଦିରର ସୁସଂରକ୍ଷଣ ପାଇଁ ଆନ୍ତର୍ଜାତିକ ବିଶେଷଜ୍ଞଙ୍କୁ ଡକାଯିବା ଦରକାର । ଉଦାହରଣ ସ୍ୱରୂପ ଗ୍ରୀସ ଦେଶରେ ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ସଂରକ୍ଷଣ କରି ରଖିବା ନିମନ୍ତେ ପ୍ରତିବର୍ଷ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୁଏ । ଉକ୍ତ ଆଲୋଚନା ଚକ୍ରରେ ବିଶ୍ୱର ବିଭିନ୍ନ ଅଂଚଳରୁ ଗବେଷକ ଓ ଶିକ୍ଷାବିତମାନେ ଯୋଗ ଦେଇଥାଆନ୍ତି । ପ୍ରାଚୀନ କୀର୍ତ୍ତି ଓ ସୌଧଗୁଡ଼ିକର କିପରି ଉପଯୁକ୍ତ ରକ୍ଷଣାବେକ୍ଷଣ କରି ହେବ ତାହାର ଏକ ଉନ୍ନତ ଧରଣର ପ୍ରଣାଳୀ ଇଟାଲି, ମେକ୍ସିକୋ ଓ ରୁଷିଆରେ ପ୍ରବର୍ତ୍ତନ କରାଗଲଣି । ରୁଷିଆରେ ମଧ୍ୟ କୃଷ୍ଣ ସାଗର କୂଳରେ ଥିବା ବିଭିନ୍ନ ପ୍ରାଚୀନ କୀର୍ତ୍ତି ଓ ପର୍ଯ୍ୟଟନ ବିହାରଗୁଡ଼ିକର ସଂରକ୍ଷଣ ପାଇଁ ବିଶେଷ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଛି ।

ଏଣୁ ସୂର୍ଯ୍ୟ ମନ୍ଦିରର ସଂରକ୍ଷଣ ପାଇଁ ଭାରତ ସରକାର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ୱରୂପ ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାରକୁ ନେବେ ବୋଲି ଆଶା କରାଯାଏ ।

୧ । ବୈଷୟିକ ତଥା ସ୍ଥାପତ୍ୟ କଳା ଦୃଷ୍ଟି କୋଣରୁ ମନ୍ଦିରର ସାଂପ୍ରତିକ ଅବସ୍ଥା ସଂପର୍କରେ ଏକ ତଥ୍ୟମୂଳକ ବିବରଣୀ ପ୍ରକାଶ ପାଇବା ଉଚିତ । ଯଦି ଏଭଳି ଏକ ବିବରଣୀ ୧୦—୧୫ ବର୍ଷ ତଳେ ପ୍ରକାଶ ପାଇ ଥାଆନ୍ତା ତେବେ ତାହା ମନ୍ଦିରର ଏକ ତୁଳନାତ୍ମକ ଅବସ୍ଥା ସଂପର୍କରେ ଧାରଣା ସୃଷ୍ଟି କରିବା ଦିଗରେ ବିଶେଷ ସହାୟକ ହୋଇ ପାରନ୍ତା । ଉକ୍ତ ବିବରଣୀରେ ଏକ ଧାରାବାହିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସନ୍ନିବେଶିତ ହେବା ବାଞ୍ଛନୀୟ । କୋଣାର୍କ ମନ୍ଦିର ନିମନ୍ତେ ଧାରାବାହିକ ଭାବେ ଏଭଳି ଏକ ମୂଲ୍ୟାଙ୍କନ ଓ ସମୀକ୍ଷା ଏକାନ୍ତ ଆବଶ୍ୟକ ।

୨ । ଏଥି ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତିନିଧି ଓ ସଂପୃକ୍ତ ବିଶେଷଜ୍ଞମାନଙ୍କୁ ନେଇ ଏକ ଆନ୍ତଃ-ଅନୁଶାସନ କମିଟି ଗଠନ କରାଯିବା ଆବଶ୍ୟକ । ଆବଶ୍ୟକୀୟ ପରାମର୍ଶ ଦେବା ଲାଗି ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କୁ ଉକ୍ତ କମିଟିକୁ ଆମନ୍ତ୍ରଣ କରାଯିବା ଉଚିତ । ପ୍ରାଚୀନ କୀର୍ତ୍ତି ସଂରକ୍ଷଣ ସଂକ୍ରାନ୍ତ ଆନ୍ତର୍ଜାତିକ ଆଲୋଚନା ଚକ୍ରର ଅଧ୍ୟକ୍ଷ ତଥା ଆଥେନସିତ ଜାତୀୟ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଥ. ପୌଲିଡ଼ିସ୍‌ଙ୍କୁ ଉକ୍ତ କମିଟିକୁ ଆମନ୍ତ୍ରଣ କରାଯାଇ ପାରେ । ମନ୍ଦିର ସଂରକ୍ଷଣ କରିବା ଦିଗରେ ଯେଉଁ ଅତ୍ୟାଧୁନିକ କୌଶଳ ଓ ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କର ମତାମତ ରହିଛି ସେ ସବୁର ସୁଦକ୍ଷ ଉପଯୋଗ କରାଯିବା ଆବଶ୍ୟକ ।

୩ । ଯେଉଁ ପରିବେଶ ମନ୍ଦିରର ସ୍ଥାୟିତ୍ୱ ଓ ସ୍ଥାପତ୍ୟ କଳାର ଗୁଣାତ୍ମକ ମାନ ହ୍ରାସ ଦିଗରେ ସହାୟକ ହେଉଛି ତାହାର ସବିଶେଷ ଜଳବାୟୁଗତ ତଥା ଭୂତାତ୍ତ୍ୱିକ ସର୍ଭେ ଓ ସେ ସଂକ୍ରାନ୍ତ ଆବଶ୍ୟକ ତଥ୍ୟ ସଂଗ୍ରହ କରିବା ଏକାନ୍ତ ଆବଶ୍ୟକ ଓ ସେ ସବୁର ସମୀକ୍ଷା କରାଯିବା ମଧ୍ୟ ପ୍ରୟୋଜନ ।

୪ । ମନ୍ଦିରର ନିର୍ମାଣ ଦିଗରେ ଉପଯୋଗ କରାଯାଇଥିବା ବିଭିନ୍ନ ନିର୍ମାଣ କୌଶଳ ସମେତ ନିର୍ଦ୍ଦିଷ୍ଟ ପଥର ଓ ଲୁହା ବିମ୍‌ର ମୌଳିକ ଗୁଣ ସଂପର୍କରେ ଅନୁଧ୍ୟାନ କରିବାକୁ ପଡ଼ିବ ।

୫ । ଜନସାଧାରଣ ଏ ଦିଗରେ ନିଃସନ୍ଦେହରେ କେତେକ ଆଶଙ୍କା ପ୍ରକାଶ କରିଛନ୍ତି । ଏ ସବୁ କେତେକ ପରିମାଣରେ ସତ୍ୟ ହୋଇ ପାରେ ଓ ଆଉ ଏଥିରୁ କେତେ ଗୁଡ଼ିଏ ଅମୂଳକ ଓ ଅଜ୍ଞତା-ପ୍ରସୂତ ହୋଇପାରେ । ଆମେ ମନ୍ଦିରର ସୁସଂରକ୍ଷଣ ପାଇଁ କି କି ପଦକ୍ଷେପ ଗ୍ରହଣ କରିଛୁ ଓ ଆଉ ଭବିଷ୍ୟତରେ କି ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ସେ ସଂପର୍କରେ ପର୍ଯ୍ୟାପ୍ତ ତଥ୍ୟ ଯୋଗାଇ ଦେଇ ସେମାନଙ୍କର ଆଶଙ୍କା ଦୂର କରିବା ଉଚିତ । ମନ୍ଦିରର ସଂରକ୍ଷଣ ନିମନ୍ତେ କିପରି ପଦକ୍ଷେପ ଗ୍ରହଣ କରାଯାଉଛି ସେ ସଂପର୍କରେ ପର୍ଯ୍ୟାପ୍ତ ତଥ୍ୟ ରହିଛି । ଏଣୁ ଦେଶର ଶିକ୍ଷିତ ସମାଜ ଓ ପରିଦର୍ଶକମାନେ ନିଶ୍ଚିତ ରହିବା ଉଚିତ ଯେ ମନ୍ଦିରର ସୁସଂରକ୍ଷଣ ପାଇଁ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

୬ । ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଭାଙ୍ଗି ଯାଇଥିବା ପ୍ରଧାନ ମନ୍ଦିରର ପୁନଃ ନିର୍ମାଣ ପ୍ରସ୍ତାବ ସଂପର୍କରେ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଇପାରେ । ଗୋଟିଏ ଉଚ୍ଚ କ୍ଷମତାପନ୍ନ କମିଟିଙ୍କ ଦ୍ୱାରା ଏ ସଂକ୍ରାନ୍ତ ବୈଷୟିକ ଦିଗ ସଂପର୍କରେ ଅନୁଧ୍ୟାନ କରାଯିବା ସଂଗେ ସଂଗେ ଏହାର ବାସ୍ତବତା ଓ ଆନୁଷଙ୍ଗିକ ବ୍ୟୟ ଅଟକଳ ସମେତ ସମସ୍ତ ପ୍ରାସଙ୍ଗିକ ବୈଷୟିକ ପ୍ରଶ୍ନ ବିଷୟରେ ପୁଂଖାନୁ ପୁଂଖ ବିଚାର କରାଯାଇ ପାରିବ । ଏକ ଆନ୍ତଃ—ଅନୁଶାସନ କମିଟି ଗଠନ କରଗଲେ ଏହି କମିଟି ବ୍ୟୟ ଅଟକଳ ତଥା ସୌନ୍ଦର୍ଯ୍ୟ ସଂପର୍କିତ ପ୍ରଶ୍ନ ମଧ୍ୟ ବିଚାରକୁ ନେଇ ପାରିବେ ।

୭ । ମନ୍ଦିରର ସୁରକ୍ଷା ପାଇଁ ସର୍ବାଧିକ ତତ୍ତ୍ୱାବଧାନ ଆବଶ୍ୟକ । ରାଜ୍ୟ ସରକାର ଏ କଥା ଉପଲବ୍ଧି କରନ୍ତି ଯେ ସ୍ୱଳ୍ପ ଅଭିଜ୍ଞ ବ୍ୟକ୍ତିମାନଙ୍କୁ, ଏପରିକି ସମୟ ସମୟରେ ଠିକାଦାର କିମ୍ବା ଶ୍ରମିକମାନଙ୍କୁ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବା ଫଳରେ ଅଧିକାଂଶ ସମୟରେ ଅସୁବିଧା ଉପୁଜୁଛି । ମନ୍ଦିରର ମୂର୍ତ୍ତି ଓ ଚିତ୍ର-ଗୁଡ଼ିକୁ ସଫା କରିବା ପାଇଁ ଲୁହା ବ୍ରଶ ବ୍ୟବହାର କରାଯାଉଥିଲା ବୋଲି ଅଳ୍ପ କେତେ ବର୍ଷ ପୂର୍ବେ ଜନ ସାଧାରଣ, ସମ୍ବାଦ-ପତ୍ର ଏବଂ ମିସ୍ ଏଲିସ୍ ବୋନରଙ୍କ ଭଳି ଅଭିଜ୍ଞ ଗବେଷକଙ୍କ ତରଫରୁ ସମାଲୋଚନା କରାଯାଇଥିଲା । ତେଣୁ ଏ ଧରଣର ବ୍ରଶ୍ ବ୍ୟବହାର ଯେ ବନ୍ଦ କରିବାକୁ ପଡ଼ିବ, ଏହା କହିବା ଅନାବଶ୍ୟକ । ଶ୍ରମିକମାନେ ପ୍ରକୃତରେ କେଉଁ ବ୍ରଶ ବ୍ୟବହାର କରୁଛନ୍ତି ଯଥେଷ୍ଟ ଦାୟିତ୍ୱ ସଂପନ୍ନ ଅଫିସର ମାନେ ଯଥା ସମୟରେ ସେ ସଂପର୍କରେ ତଦାରଖ ନ କଲେ, ବ୍ୟବହୃତ ବ୍ରଶ ସଂପର୍କରେ ଜାଣିବା ସଂପୃକ୍ତ ବିଭାଗ ପକ୍ଷରେ ହୁଏତ ସମ୍ଭବପର ହୋଇ ନ ପାରେ । ସ୍ଥାନୀୟ ଲୋକମାନଙ୍କ ମନରେ ଥିବା ସଂଶୟ ତୁଟାଇବାକୁ ହେଲେ, ଏ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ତଦାରଖ ନ କରିବା ଫଳରେ କି ଧରଣର ଅସୁବିଧା ଉପୁଜୁଛି ତାହା ମନ୍ଦିର ଚତୁଃପାର୍ଶ୍ୱରେ କରାଯାଇଥିବା ରୁଚିହୀନ ତୃଣଶଯ୍ୟା ସହିତ ଉଦ୍ୟାନକୁ ଲକ୍ଷ୍ୟ କଲେ ଜଣା ପଡ଼ିବ ।

୮ । ମନ୍ଦିର ଚତୁଃପାର୍ଶ୍ୱକୁ ସୁପରିକଳ୍ପିତ ମନୋରମ ଉଦ୍ୟାନ ଦ୍ୱାରା ପରିବେଷ୍ଟିତ କରାଯିବାର ଆବଶ୍ୟକତା ରହିଛି । ଏହା ବ୍ୟୟବହୁଳ ପରିକଳ୍ପନା ନୁହେଁ । ମାତ୍ର ମନ୍ଦିରଟିର ଶୋଭା ବର୍ଦ୍ଧନ କରିବା ପାଇଁ ଏକ ଈପ୍ସିତ କଳାତ୍ମକ ପୃଷ୍ଠଭୂମିର ଆବଶ୍ୟକତା ରହିଛି । ଏଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ସଂଗେ ସଂଗେ ଅବିଳମ୍ବେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

ମୋଟାମୋଟି କହିବାକୁ ଗଲେ ଉଭୟ ନିର୍ମାଣ ଇଂଜିନିୟରିଂ ତଥା କଳା-ସୌନ୍ଦର୍ଯ୍ୟ ସଂରକ୍ଷଣ ଦୃଷ୍ଟିରୁ ଏ ମନ୍ଦିରର ଅନ୍ତର୍ନିହିତ ତଥା ଆନ୍ତଃ—ଅନୁଶାସନ ଗବେଷଣା କାର୍ଯ୍ୟ ଅନୁଧ୍ୟାନ କରା ନ ଯାଇ ଯଥେଷ୍ଟ ସମୟ ଯେ ଅପଚୟ କରା ଗଲଣି ଏହା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ । ଏହି କ୍ଷତି ଭରଣା

କରିବା ସହାଣେ, ଏ ସଂକ୍ରାନ୍ତରେ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନ-କୌଶଳ ସମନ୍ୱିତ ଏକ ଅନ୍ତଃ-ଅନୁଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ପଡ଼ିବ । ସେଇଁ ସବୁ ବଡ଼ ସ୍ଥାପତ୍ୟ ଅବ୍ୟାହତି ତିଷ୍ଠି ରହିଛି ତାହାର ରକ୍ଷଣାବେକ୍ଷଣ କରିବା ସଂଗେ ସଂଗେ ଗୁଜରାଟର ସୋମନାଥ ମନ୍ଦିର ଯେପରି ନିର୍ମାଣ କରାଯାଇଛି, ସେହିପରି ଏହି ମୁଖ୍ୟ ମନ୍ଦିର ପୁନଃ ନିର୍ମାଣ କାର୍ଯ୍ୟ ପ୍ରତ୍ନତତ୍ତ୍ୱ ସହକାରେ ହାତକୁ ନିଆଯିବା ଦରକାର । ଇଢ଼ କାର୍ଯ୍ୟକୁ ସଂପନ୍ନ ସ୍ତରରେ ଉପଯୁକ୍ତ ତଦାରଖ କାର୍ଯ୍ୟ ହାତକୁ ନିଆଯାଇ ମନ୍ଦିରଟିକୁ ଦେଖା ଯାହି କରାଯିବା ବାଞ୍ଛନୀୟ । ଏଥିପାଇଁ ଜଣେ ପଦାଧିକାରୀ ଭୁବନେଶ୍ୱର କିମ୍ବା କୋଣାର୍କ ଠାରେ ଅବସ୍ଥାପିତ ହୋଇ ପାରନ୍ତି ।

## ଜଗନ୍ନାଥ ମନ୍ଦିର

ଜଗନ୍ନାଥ ମନ୍ଦିରରୁ ପଥର ଖସି ପଡ଼ିବା ଘଟଣାଟି କେତେ ଦିନ ଧରି ସରକାରୀ ଓ ବେସରକାରୀ ମହଲରେ ଆଲୋଚିତ ହେଉଛି । ଏ ଘଟଣାଟି ସଂପର୍କରେ ବାଦାନୁବାଦ ସୃଷ୍ଟି ହୋଇଥିଲା ଏବଂ ନିକଟରେ ମଧ୍ୟ ଏହା ଉପରେ ନ୍ୟାୟାଳୟ ନିର୍ଦ୍ଦେଶନାମା ଦେଇଛନ୍ତି । କୋଣାର୍କ ମନ୍ଦିର ଭଳି ଏ ମନ୍ଦିରଟି ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯିବା ଦରକାର । ଏହା ଫଳରେ ହିନ୍ଦୁ ମାନଙ୍କର ଦେବ ଆରାଧନାର ଏକ ମୁଖ୍ୟ ପୀଠ—ଏହି ପ୍ରାଣ ବନ୍ତ ମନ୍ଦିରଟିର ଉପଯୁକ୍ତ ଯତ୍ନ ନିଆ ଯାଇ ପାରିବ । ତତ୍ ସହିତ ମନ୍ଦିର ପୁନରୁଦ୍ଧାର ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ସଂପର୍କରେ ସୃଷ୍ଟି ହୋଇଥିବା ସନ୍ଦେହ ଓ ଭ୍ରାନ୍ତ ଧାରଣା ମଧ୍ୟ ଦୂର ହୋଇ ପାରିବ ।

## ବୌଦ୍ଧ କୀର୍ତ୍ତି

ରତ୍ନଗିରି, ଲଳିତ ଗିରି ଏବଂ ଉଦୟଗିରିରେ ଥିବା ବୌଦ୍ଧ ବିହାରର ଯଥାଯଥ ବିକାଶ ସାଧନ କରିବାର ଆବଶ୍ୟକତା ରହିଛି । ଉପଯୁକ୍ତ ଯତ୍ନ ଅଭାବରୁ ରତ୍ନଗିରି ଠାରେ ବହୁ ସଂଖ୍ୟକ ମୂର୍ତ୍ତି ଚୌକିଦାର ଗୃହରେ ପଡ଼ି ରହିଥିବା ଯୋଗୁଁ ସେଠାରେ ଗୋଟିଏ ମୂର୍ତ୍ତି ସଂରକ୍ଷଣ ଗୃହ ନିର୍ମାଣ କର ଯିବାର ପରିକଳ୍ପନା ରହିଛି । ଅନେକ ସମୟରେ ଚୌକିଦାର ନ ଥିବା ବେଳେ ସମସ୍ତ ମୂର୍ତ୍ତି ଗୁଡ଼ି ପଡ଼ି ଘର ଭିତରେ ଥାଏ । ଏ ସବୁ ପ୍ରଦର୍ଶନ କରିବା, ଏ ଯାବତ୍ ସମ୍ଭବ ହୋଇ ପାରି ନାହିଁ । ଏଣୁ ତୁରନ୍ତ ମୂର୍ତ୍ତି ସଂରକ୍ଷଣ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇ ସଂପୂର୍ଣ୍ଣ କରାଯିବା ଦରକାର । ପୁନଶ୍ଚ, ଲଳିତ ଗିରି ଓ ଉଦୟ ଗିରିର ବକେୟା ଖନନ କାର୍ଯ୍ୟ ଶୀଘ୍ର ହାତକୁ ନିଆ ଯିବା ଦରକାର । ଫଳରେ ଏହି ବୌଦ୍ଧ ବିହାରର ଖନନ ତଥା ପ୍ରଦର୍ଶନ କାର୍ଯ୍ୟ ଶୀଘ୍ର ସମାପନ ହୋଇ ପାରିବ ।

ବିଶେଷ ତତ୍ପରତାର ସହ ମନ୍ଦିର ଚତୁଃପାର୍ଶ୍ୱର ଶୋଭା ବର୍ଦ୍ଧନ, ପ୍ରାଚୀନ କୀର୍ତ୍ତି ଗୁଡ଼ିକର ସୁରକ୍ଷା ସଂକ୍ରାନ୍ତ ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏ ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ।

(ଓଡ଼ିଶା ସାଂସ୍କୃତିକ ବ୍ୟାପାର ବିଭାଗ କେନ୍ଦ୍ର ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସ୍ମାରକ ପତ୍ରର ମର୍ମାନୁବାଦ)

## ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାର ଅଗ୍ରଗତି

ମୟୂରଭଞ୍ଜ ଜିଲ୍ଲାର ସର୍ବମୋଟ ୩,୭୧୨ଟି ଗ୍ରାମ ମଧ୍ୟରୁ ୧୯୭୮ ମାର୍ଚ୍ଚ ଶେଷ ସୁଦ୍ଧା ୯୫୦ଟି ଗ୍ରାମକୁ ବିଦ୍ୟୁତକରଣ କରାଯାଇଥିଲା । ଏଗୁଡ଼ିକ ମଧ୍ୟରେ ୩୪ଟି ପଛୁଆ ଗ୍ରାମ ଅନ୍ତର୍ଭୁକ୍ତ । ସେହି ସମୟ ମଧ୍ୟରେ ୧୪୪ଟି ଉଠା ଜଳସେଚନ ପମ୍ପସେଟରେ ମଧ୍ୟ ବିଦ୍ୟୁତ ସଂଯୋଗ କରାଯାଇଥିଲା ।

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୧୨୧ଟି ଗ୍ରାମ, ୧୭ ଗୋଟି ଉଠା ଜଳସେଚନ ପମ୍ପସେଟ ଏବଂ ୧୦୦ଟି ସେଚକୂପକୁ ବିଦ୍ୟୁତକରଣ କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୨୧ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆ ସରିଲାଣି ।

ଏହା ବ୍ୟତୀତ ଗ୍ରାମ୍ୟ ବିଦ୍ୟୁତକରଣ କର୍ପୋରେସନଙ୍କ ସହାୟତାରେ କେତେକ ଯୋଜନା କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ମଧ୍ୟରୁ ବଡ଼ ସାହିର ଯୋଜନା ସମ୍ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଅନ୍ୟ ୫ଟି ଯୋଜନାର କାର୍ଯ୍ୟ ଚାଲିଛି । ଏହା ବ୍ୟତୀତ ଅନ୍ୟ ୮ଟି ଯୋଜନା ପାଇଁ କର୍ପୋରେସନରୁ ମଞ୍ଜୁରୀ ମିଳିବାର ଆଶା କରାଯାଉଛି ।

ଅଧିକ ଦାୟିତ୍ୱ ରହିଛି 'ଶିଶୁସାହିତ୍ୟିକ'ର । ଉପଯୁକ୍ତ, ଉପାଦେୟ ସାହିତ୍ୟ ପାଠ କରି ଶିଶୁ ଉପଯୁକ୍ତ ଶିକ୍ଷା ଲାଭ କରିଥାଏ । ଅପରିପକ୍ୱ, ଅନୁପଯୁକ୍ତ ତଥା ଅନୁପାଦେୟ ସାହିତ୍ୟ ଶିଶୁ ପକ୍ଷେ ଯେପରି ଜୀର୍ଣ୍ଣକାରକ ନୁହେଁ, ସେହିପରି ହିତକାରକ ମଧ୍ୟ ହୋଇପାରେନା ।

ଏହା ଛଡ଼ା ପ୍ରତ୍ୟେକ ଶିଶୁର ସ୍ୱତନ୍ତ୍ର ରୁଚି ରହିଛି । ସେ ତା'ର ରୁଚି ଅନୁଯାୟୀ ସାହିତ୍ୟରୁ ରସ ଆସ୍ୱାଦନ କରିବାକୁ ଚାହେଁ ଓ କରିଥାଏ । ତେଣୁ ଶିଶୁର ମନସ୍ତତ୍ତ୍ୱ ଓ ରୁଚିକୁ ଅନୁଧ୍ୟାନ ତଥା ବିଶ୍ଳେଷଣ କରି ସୁରୁଚିସଂପନ୍ନ ସାହିତ୍ୟ ସୃଷ୍ଟି କରିବାକୁ ହେବ । ଖାଲି ପଦକୁ ପଦ ଯୋଡ଼ି ଉପମା, ଅଳଙ୍କାର ଭରିଦେଲେ ଶିଶୁକବିତା ସୁଖପାଠ୍ୟ ହୋଇଯାଏ ନାହିଁ କି କେତେଗୁଡ଼ିଏ ଉଦ୍‌ଭଟ୍ଟ କଥାକୁ ଯୋଡ଼ି ଯୋଡ଼ି ବନେଇ ଚୁନେଇ କହିଲେ ବା ଲେଖିଦେଲେ ତାହା ଶିଶୁର ହୃଦୟଗ୍ରାହୀ ହୁଏ ନାହିଁ କିମ୍ବା ସେଥିରୁ ସେ କିଛି ଶିକ୍ଷାଲାଭ କରେ ନାହିଁ । ସେହିପରି ଭୟ, ନୈରାଶ୍ୟ ଓ ହତାଶାଭାବର ଉଦ୍ରେକ କରୁଥିବା ବିଷୟବସ୍ତୁ ଶିଶୁପକ୍ଷେ ସର୍ବଥା ବର୍ଜନୀୟ । ଏଣୁ ବିଷୟ ନିର୍ବାଚନ ମଧ୍ୟ ଶିଶୁସାହିତ୍ୟିକ ପକ୍ଷେ ଆଉ ଏକ ଦାୟିତ୍ୱ ।

ଶିଶୁସାହିତ୍ୟର ଏକ ନିଜସ୍ୱ ଆକର୍ଷଣ ରହିଛି । ଏହା କେବଳ ଶିଶୁ କାହିଁକି, ପ୍ରତ୍ୟେକ ଲୋକର ମନକୁ ଆକର୍ଷିତ କରିପାରେ । ଗୋଟିଏ ବାକ୍ୟରେ କହିଲେ–"ଶିଶୁ ସାହିତ୍ୟ' ସମସ୍ତଙ୍କ ପାଇଁ, ସମସ୍ତଙ୍କପାଇଁ ସାହିତ୍ୟ ଶିଶୁସାହିତ୍ୟ ନୁହେଁ । ଏହି ଉକ୍ତିରୁ ଶିଶୁ ସାହିତ୍ୟର ସଂଜ୍ଞା ଯେପରି ସ୍ପଷ୍ଟ ହୋଇ ଉଠେ, ସେହିପରି ସ୍ପଷ୍ଟ ହୋଇ ଉଠେ ଶିଶୁ ସାହିତ୍ୟିକର ଦାୟିତ୍ୱ । ବୟସ୍କଙ୍କ ପାଇଁ ଯେଉଁମାନେ ସାହିତ୍ୟ ସୃଷ୍ଟି କରନ୍ତି ସେମାନଙ୍କ ପାଇଁ ବିଶେଷ କୌଣସି ବାଧା, ବନ୍ଧନ ବା କଟକଣା ନାହିଁ । ସେମାନେ କଲମ ଧରିଲେ ଲଗାମ ଛଡ଼ା । କିନ୍ତୁ ଶିଶୁ ସାହିତ୍ୟ ସ୍ରଷ୍ଟା ପାଇଁ ବହୁ ବାଧା, ବନ୍ଧନ ଓ କଟକଣା ରହିଛି । ଯାହା ଇଚ୍ଛା ତାହା ଯେମିତି ଇଚ୍ଛା ସେମିତି କିଛି ଲେଖିଦେଇ ସେ ତାକୁ 'ଶିଶୁ ସାହିତ୍ୟ' ବୋଲି ଦାବୀ କରି ପାରିବ ନାହିଁ । ଶିଶୁ ସାହିତ୍ୟ ସୃଷ୍ଟି କରିବା ପୂର୍ବରୁ ସେ ଭାବିବ– କାହାପାଇଁ ସାହିତ୍ୟ ସୃଷ୍ଟି କରୁଛି । ପୁଣି କାହିଁକି ସୃଷ୍ଟି କରୁଛି ? ଏଇ କଥା ବାରମ୍ବାର ଚିନ୍ତା କଲାବେଳେ ତା ମନରେ ଆସିବ–ସେ ଏ ଦେଶର, ଜାତିର ଭାବୀ-ବଂଶଧରମାନଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବାକୁ ଯାଉଛି । ଏଥିରେ ସାମାନ୍ୟ ଟିକେ ତ୍ରୁଟି ବିଚ୍ୟୁତି ରହିଗଲେ ବିରାଟ ଭୁଲ୍ ହୋଇଯିବ । ଜଣେ କବି ଲେଖିଛନ୍ତି–"କଅଁଳ ମନରେ ଯେଉଁ ଛାପ ପଡ଼େ ସେ ରହେ ବହୁଦିନ । ହାଣ୍ଡି ଭାଙ୍ଗିଲେ ଖପରା ହୁଏ, ରହେ କଅଁଳ ବେଳ ଚିହ୍ନ" । ଅତଏବ କଅଁଳ ମନରେ କି ଭଳି ଛାପ ଦେବା ପାଇଁ କି ଭଳି ସାହିତ୍ୟ ସୃଷ୍ଟି କରିବାକୁ ହେବ, ସେ କଥା ଶିଶୁ ସାହିତ୍ୟିକ ବାରମ୍ବାର ଚିନ୍ତା କରେ । ସେ କେବଳ 'ନାଁ' ପାଇଁ କିମ୍ବା 'ବାହା', 'ବାହା'ଶୁଣିବା ପାଇଁ ଅଥବା ବହିଲେଖି ବଡ଼ଲୋକ ହେବା ପାଇଁ ଶିଶୁ ସାହିତ୍ୟ ସୃଷ୍ଟି କରେନା । ତା'ର ସୃଷ୍ଟି ଯେପରି ଅସୁନ୍ଦର ତଥା ଅରୁଚିକର ନ ହେବ ସେଥି-ପ୍ରତି ସେ ଭଲଭାବେ ଦୃଷ୍ଟି ଦେଇଥାଏ ।

୧୯୭୯ ବର୍ଷଟିକୁ "ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର" ରୂପେ ପାଳନ କରାଯାଉଥିବା ଆନନ୍ଦ ଓ ଆଶ୍ୱାସନାର କଥା । ଆମ ଦେଶରେ ସାହିତ୍ୟକ୍ଷେତ୍ରରେ ଶିଶୁମାନଙ୍କ ପାଇଁ ସେପରି ଆଖି ଦୃଶିଆ କାମ ହୋଇ ପାରିନାହିଁ । ଶିଶୁ-ମାନଙ୍କ ପାଇଁ ଉପାଦେୟ ପୁସ୍ତକ ଯଥେଷ୍ଟ ସଂଖ୍ୟାରେ ନାହିଁ । ପତ୍ର ପତ୍ରିକା ଇତ୍ୟାଦିର ଅଭାବ ମଧ୍ୟ ରହିଛି । ଶିଶୁ ସାହିତ୍ୟିକଙ୍କ ସଂଖ୍ୟା ମଧ୍ୟ ସୀମିତ । ଏପରି ସ୍ଥଳେ ଉନ୍ନତ ଶିଶୁ ସାହିତ୍ୟ ପ୍ରକାଶନକୁ ଉତ୍ସାହିତ କରିବା ଓ ତା'ର ପ୍ରସାରଲାଗି ପଦକ୍ଷେପ ଗ୍ରହଣ କରିବାରେ ଆମ ସରକାରଙ୍କର କର୍ତ୍ତବ୍ୟ ରହିଛି । ଆମ ଦେଶର ଅଭି-ଭାବକ ମାନଙ୍କର 'କ୍ରୟଶକ୍ତି' ଖୁବ୍ କମ୍ । ତେଣୁ ପିଲାଙ୍କ ପାଇଁ ଖଣ୍ଡେ ଭଲ ବହି କିଣିବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରେନା । ତେବେ ଏଇ ଶିଶୁ ସମ୍ବତ୍ସର ଭିତରେ ଦେଶର ପ୍ରତ୍ୟେକ ଶିଶୁ ଯେପରି ଖଣ୍ଡିଏ ଖଣ୍ଡିଏ ଭଲ ବହି ପଢିବାକୁ ପାଇ ପାରିବେ, ସେ ଦିଗରେ ସରକାର ବିହିତ ବ୍ୟବସ୍ଥା ଗ୍ରହଣ କରିପାରିଲେ ସମ୍ବତ୍ସର ପାଳନର ସାର୍ଥକତା ପ୍ରତିପାଦିତ ହୋଇ ପାରିବ ।

(ସଂକଳକ–'ଶିଶୁସାଥୀ',
କାଠଗଡ଼ାସାହି, କଟକ)

## ବାସହୀନଙ୍କୁ ଜମି ଯୋଗାଣ

ଓଡ଼ିଶାର ୧୫,୧୨୮ ଜଣ ବାସହୀନ ଲୋକଙ୍କୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ମାସ (୧୯୭୮ ଅପ୍ରେଲରୁ ନଭେମ୍ବର) ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ବାସୋପଯୋଗୀ ଜମି ଯୋଗାଇ ଦିଆଯାଇଛି । ଏହି ପରିକଳ୍ପନା ଗତ ୧୯୭୪ ମସିହା ଅପ୍ରେଲ ପହିଲୁ ଦିନ ଆରମ୍ଭ କରାଯାଇଥିଲା ଏବଂ ୧୯୭୮ ନଭେମ୍ବର ମାସ ଶେଷ ସୁଦ୍ଧା ୬୫,୨୬୧ ଜଣ ଆଦିବାସୀ, ୪୯,୦୭୬ ହରିଜନ ଓ ଅନ୍ୟାନ୍ୟ ଶ୍ରେଣୀର ୬୨,୯୬୨ ଜଣ ଦରିଦ୍ର ଲୋକଙ୍କୁ ବାସୋପୋଯୋଗୀ ଜମି ଦିଆଯାଇଛି। ଫଳରେ ମୋଟ ୧,୭୭,୨୯୯ ଜଣ ଲୋକ ଉପକୃତ ହୋଇଛନ୍ତି ଏବଂ ଅଦ୍ୟାବଧି ମୋଟ ୪,୨୬୧ ହେକ୍ଟର ବାସୋପଯୋଗୀ ଜମି ବଣ୍ଟନ କରଯାଇଛି ।

# ଶିଶୁ ସାହିତ୍ୟିକର ଦାୟିତ୍ୱ

ଶ୍ରୀ କ୍ଷୀରୋଦ ଚନ୍ଦ୍ର ପୋଥାଳ

'ଧୋ'ରେ ବାଇଆ ଧୋ'
ଯେଉଁ କିଆରିରେ ଗହଳ ମାଣ୍ଡିଆ
ସେହ କିଆରିରେ ଶୋ ।"

× × ×

"ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ ମା' ଯାଇଚି ଗାଈ ଚରେଇ ।
ଗାଈରୁ ଆଣିବ ପାନଲ ବେଲ
ମୋ ଜୁନା ଖାଇଲେ ହୋଇବ ଗେଲ ।
ବାଇ ଚଢ଼େଇ ରେ ବାଇ ଚଢ଼େଇ
ବାଟରେ ନ କର ବସା
ଜୁନାଟି ଆମର ବଡ଼ ଖବିସାରେ
ଭାଙ୍ଗିଦେବ ତୋର ବସା ।"

କିମ୍ବା

"ଆମ ଜୁନା ଶାଶୁଘର ଆଳିରେ
ଜୁନା ଭାତ ଭୁଞ୍ଜେ ସୁନା ଥାଳିରେ ।
ଜୁନା ଶାଶୁଘର ଡିଁ ପଡ଼ା,
(ତା'ର) ବିଲେଇ ଦୁହାଁଙ୍କ ଛ ଯୋଡ଼ା ।
ଜୁନାକୁ ମାଇଲେ ଶାଶୁ,
ଦେଇ ପଠେଇବି ଡ଼ୋଲା ଗଉଡ଼ଙ୍କୁ
ଜୁନା ବିଲେ ବିଲେ ପଡ଼ି ଆସୁ ।" ଇତ୍ୟାଦି

ଉଲ୍ଲିଖିତ ଶିଶୁମନଭୁଲ ନାନା ବାୟା ଗୀତ ପରି ବହୁ ଶିଶୁଗୀତ ଆମ ଦେଶରେ ପ୍ରଚଳିତ । ଏହି ଗୀତ ପରି ବହୁ ମନଗଢ଼ା କଥା କାହାଣୀ ମଧ୍ୟ ରହିଛି । ମା' ମାନେ ଓ ଅଜା ଆଇମାନେ ଶିଶୁମାନଙ୍କୁ ଏଇ ଗୀତ ଓ କାହାଣୀ ମଧ୍ୟ ଶୁଣାଇ ନିଜେ 'ବାତ୍ସଲ୍ୟ-ରସ-ସାଗର'ରେ ସନ୍ତରଣ କରିବା ସଙ୍ଗେ ସଙ୍ଗେ କୋମଳମତି ଶିଶୁମାନଙ୍କୁ ଅପାର ଆନନ୍ଦ ପ୍ରଦାନ କରିଥାନ୍ତି ।

ଆଜି ବିଜ୍ଞାନର ଉନ୍ନତି ତଥା ଅଗ୍ରଗତି ଫଳରେ ସୃଷ୍ଟି ଭିନ୍ନ ଓ ନୂତନରୂପ ନେଇ ଆମର ଆଖି ଝଲସାଇ ଦେଉଛି । ବହୁ ନୂତନ ତଥ୍ୟ, ନୂତନ ଯନ୍ତ୍ରପାତି ଆବିଷ୍କାର ଉଦ୍‌ଭାବନ ହେବା ଫଳରେ ପ୍ରତ୍ୟେକଙ୍କ ମନରେ ନୂତନ ଆଶା ନୂତନ ସମ୍ଭାବନା ସଞ୍ଚାରିତ ହେବା ସ୍ୱାଭାବିକ । ଠିକ୍ ଏଇ ସୃଷ୍ଟି ସହିତ ତାଳ ମିଳାଇ ଆଜି ଶିଶୁର ମାନସିକ ତଥା ବୌଦ୍ଧିକ ବିକାଶ ଘଟିଛି ବହୁ ଭାବରେ । ଫଳରେ ଆଜିର ଶିଶୁ ହୋଇ ଉଠିଛି ଅଧିକ ଜିଜ୍ଞାସୁ, ବସ୍ତୁବାଦୀ ଓ ବାସ୍ତବବାଦୀ । ସେ ଆଜି 'କଳ୍ପନାବିଳାସିତା' ଅପେକ୍ଷା 'ବାସ୍ତବତା' ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛି । ତେଣୁ ଆଜିର ଶିଶୁକୁ ଅତୀତର ସେଇ ମନଗଢ଼ା ନାନାବାୟା ଗୀତ ବା କାହାଣୀ ଶୁଣାଇ ସନ୍ତୁଷ୍ଟ କରିବା ସହଜ ନୁହେଁ କି ଉଚିତ ନୁହେଁ ।

ଆଜିର ଶିଶୁ ଆଗରେ ବହୁ ଆଶ୍ଚର୍ଯ୍ୟ ବସ୍ତୁ ରହିଛି । ସେ ଆଉ ସଂଢ଼ଇ, ଓ ମାଟିକୁଣ୍ଢେଇ ନେଇ ଖେଳୁନାହିଁ । ତା ପାଇଁ ନୂତନ ଧରଣର ଚମତ୍କାର ଖେଳନା ପୁଣି ତନ୍ମଧ୍ୟରେ ଟେଲିଫୋନ୍, ବାଇନାକୁଲର, ଟ୍ରାଞ୍ଜିଷ୍ଟର ଓ ଫିଲ୍ମପ୍ରୋଜେକ୍‌ଟର ଇତ୍ୟାଦିର ମଡ଼େଲ ମଧ୍ୟ ତା'ର ଖେଳ ସାମଗ୍ରୀ ରୂପେ ବ୍ୟବହୃତ ହେଉଛି । ତା ମୁଣ୍ଡ ଉପରଦେଇ ଉଡ଼ି ଯାଉଛି ଉଡ଼ାଜାହାଜ, ହେଲିକୋପ୍‌ଟାର ଓ ରକେଟ୍ । ସେ ରେଳ, ମଟର, ସ୍କୁଟର ଇତ୍ୟାଦିରେ ବସି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଛି । ତେଣୁ ତା ମନରେ ଅନେକ ପ୍ରଶ୍ନ, ଅନେକ ଆକାଂକ୍ଷା, ଅନେକ ଜ୍ଞାନ ପିପାସା ଉଦ୍ରେକ ହେବା ସ୍ୱାଭାବିକ । ଅତଏବ ଆଜିର ଶିଶୁକୁ ମନପବନ ଘୋଡ଼ା, ବାରହାତ ଖଣ୍ଡା, କୁହୁକ କଠୋଉ କିମ୍ବା ବୁଢ଼ୀ ଅସୁରୁଣୀ କଥା କହି ତା'ର ମନକୁ ଅଯଥା ଭାରାକ୍ରାନ୍ତ କରିବା ଅନୁଚିତ ।

ଶିଶୁଟିକୁ ସୁ ମଣିଷ କରି ଗଢ଼ିବାରେ ମୁଖ୍ୟତଃ ତିନି ଜଣଙ୍କର ଗୁରୁଦାୟିତ୍ୱ ରହିଛି । ୧—ଅଭିଭାବକ । ୨—ଶିକ୍ଷକ । ୩—ଶିଶୁସାହିତ୍ୟିକ । ଏଇ ତିନିଜଣଙ୍କ ମଧ୍ୟରେ

ସୂତ୍ରେ ପ୍ରବାଦ ଓ ପ୍ରବଚନଗୁଡ଼ିକ ବିଭିନ୍ନ ଲେଖକଙ୍କ ରଚନା ଅନ୍ତର୍ଭୁକ୍ତ ହେବାଦ୍ୱାରା ଏଗୁଡ଼ିକରେ ରୂପ ପରିବର୍ତ୍ତନ ହେବା ସ୍ୱାଭାବିକ । ପରବର୍ତ୍ତୀ କାଳରେ ଦେଶ, କାଳ ଓ ପାତ୍ର ଅନୁଯାୟୀ ପ୍ରବାଦ ଓ ପ୍ରବଚନଗୁଡ଼ିକ ରୂପାନ୍ତରିତ ହୋଇଥିବା ସମ୍ଭବ । ବିଶିଷ୍ଟ ଲେଖକ ତାଙ୍କ ଇଚ୍ଛାନୁଯାୟୀ ପ୍ରବାଦଗୁଡ଼ିକର ରୂପ ପରିବର୍ତ୍ତନ କରି ସ୍ୱରଚିତ ଲେଖାରେ ବ୍ୟବହାର କରିବା ଦ୍ୱାରା କେଉଁଟି ଲେଖକଙ୍କ ସ୍ୱରଚିତ ଓ କେଉଁଟି ପ୍ରଚଳିତ ପ୍ରବାଦ ତାହା ଜାଣିବା କଷ୍ଟକର । ଅନେକ ସଂସ୍କୃତ ବାକ୍ୟାଂଶ ଆଜିପର୍ଯ୍ୟନ୍ତ ପ୍ରବାଦ ରୂପରେ ଭାରତର ସର୍ବତ୍ର ପ୍ରଚଳିତ । ଉଦାହରଣ ସ୍ୱରୂପ:—"କୁପୁତ୍ରାଃ କ୍ୱଚିତ ସନ୍ତି ନ କଦାପି କୁମାତରଃ", "ନରାଣାଂ ମାତୁଳ କ୍ରମଃ", ଭଣ୍ଡେ ନୈବ ଭଣ୍ଡକମ୍" "ଅପଠିତ୍ୱ ନ ଜାନାତି ପଠିତ୍ୱ ପଦେ ପଦେ", "ଶିରୋ ନାସ୍ତି ଶିରଃ ପୀଡ଼ା" ଇତ୍ୟାଦି ।

ଲୋକ କଥା କାହାଣୀରୁ କିପରି ପ୍ରବଚନ ଓ ପ୍ରବାଦ ସୃଷ୍ଟି ହୋଇଛି କେତେଗୁଡ଼ିଏ ଉଦାହରଣରୁ ତାହା ସ୍ପଷ୍ଟ ଅନୁମିତ ହୁଏ । ଯଥା:—"ଅକାଳ କୁଷ୍ମାଣ୍ଡ", "ବଣ୍ଡାରମେ ଇସୁଲିଆ", "ଅର୍ଦ୍ଧଚନ୍ଦ୍ର" "ଅର୍ଥମନର୍ଥଂ", "କୂପ ମଣ୍ଡୁକ", "ଅଳ୍ପ ବିଦ୍ୟା ଭୟଙ୍କରୀ", "ବିଷକୁମ୍ଭଂ ପୟୋମୁଖମ୍", "ପତିନାରୀ ବିବର୍ଜିତା "ସପ୍ତମୀର ଅବସ୍ଥା" ଇତ୍ୟାଦି । ପରବର୍ତ୍ତୀ ଯୁଗରେ ବିଭିନ୍ନ କବି ଓ ଲେଖକ ପ୍ରଚଳିତ ବହୁ ଲୋକ କଥା ଓ କାହାଣୀରୁ ସୃଷ୍ଟ ଏହି ପ୍ରକାର ପ୍ରବାଦ ଓ ପ୍ରବଚନ ନେଇ ସ୍ୱ ସ୍ୱ ରଚନାର ଅଙ୍ଗୀଭୂତ କରିଥିବେ । ତେଣୁ କାଳକ୍ରମେ ଏଗୁଡ଼ିକ ଲୋକ ବିଶେଷରେ ପରିବର୍ତ୍ତିତ ଓ ରୂପାନ୍ତରିତ ହୋଇ ବର୍ତ୍ତମାନ ଅବସ୍ଥାକୁ ଆସିଥିବା ସ୍ୱାଭାବିକ । କାବ୍ୟାର୍ଥ-ପୂର୍ଣ୍ଣ ଦେବ-ଦେବୀଙ୍କ ଉପାଖ୍ୟାନ ସମ୍ବଳିତ କିମ୍ବା ଭକ୍ତି ରସାତ୍ମକ ପ୍ରାଚୀନ ସାହିତ୍ୟରେ ପ୍ରବାଦର ଆଧିକ୍ୟ ଦେଖାଯାଏ ନାହିଁ । କିନ୍ତୁ ଏହାର ଆଦର୍ଶ ଥିଲା ବାକ୍ ସଂହତି ଓ ବାକ୍ ଚାତୁର୍ଯ୍ୟ ପୂର୍ଣ୍ଣ । କାଳକ୍ରମେ ତାହାହିଁ ସଂକ୍ଷିପ୍ତ ପ୍ରବାଦ ଓ ପ୍ରବଚନରେ ରୂପାନ୍ତରିତ ହେଲା ପରବର୍ତ୍ତୀ ଯୁଗର ଲେଖକମାନଙ୍କ ରଚନାରେ । ବର୍ତ୍ତମାନ ସୁଦ୍ଧା ଅନେକ ଓଡ଼ିଆ ପ୍ରବଚନରେ ସଂସ୍କୃତ ବାକ୍ୟର ଭାବାନୁବାଦ ଦେଖିବାକୁ ମିଳେ । ଯଥା:—"ପରୋପଦେଶେ ପାଣ୍ଡିତ୍ୟମ୍"—କହି ଦେଉଥାଏ ପରକୁ ବୁଦ୍ଧି ନ ଆସଇ ଘରକୁ", "ଯସ୍ମିନ୍ ଦେଶେ ଯଦାଚାର"—ଯେ ଦେଶ ଯାଇ ସେ ଫଳ ଖାଇ" ; "ଆଘ୍ରାଣଂ ଅର୍ଦ୍ଧ ଭୋଜନଂ"—"ଲୋକ ବେଢେ ଆମିଷା ଆସ ସୁଆଦ"; "ପିଣ୍ଡ ମୁତ୍ ସୃଜ୍ୟ କରଂ ଲେହି"—ଭାତ ଛାଡ଼ି ହାତ ଚାଟିବା ଇତ୍ୟାଦି । ଅଧିକାଂଶ ପ୍ରବଚନ ଏହିପରି ବାକ୍ୟାଂଶ ଯେଉଁଥିରେ ବ୍ୟଙ୍ଗାର୍ଥ ଓ ଲକ୍ଷ୍ୟାର୍ଥ ବ୍ୟବହୃତ ହୋଇଥାଏ, ସେଥିରୁ ସୃଷ୍ଟି ଓ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯାଏ । ସଂସ୍କୃତରେ "ଖପୁଷ୍ପ" ଓଡ଼ିଆରେ ଆକାଶ-କୁସୁମ (ଯୋହା ଅସମ୍ଭବ) ର ପ୍ରୟୋଗ ଦେଖାଯାଏ ।

ଅନେକ ସଂସ୍କୃତ ବାକ୍ୟାଂଶ ଏତେ ଲୋକ ପ୍ରିୟ ଯେ ସେଗୁଡ଼ିକ ଆଧୁନିକ ପ୍ରାୟ ସବୁ ଭାରତୀୟ ଭାଷାମାନଙ୍କର ଅଙ୍ଗୀଭୂତ ହୋଇସାରିଛି । ଉଦାହରଣ ସ୍ୱରୂପ—"ଶୁଭସ୍ୟ ଶୀଘ୍ରମ୍", "ବସୁଧୈବ କୁଟୁମ୍ବକମ୍", ମଧୁରେଣ ସମାପୟେତ୍", "ଶିରୋ ନାସ୍ତି ଶିରଃ ପୀଡ଼ା", "କା କାସ୍ୟ ପରିବେଦନା", "ଅଳ୍ପ ଚିନ୍ତା ଚମତ୍କାର", "ଗତସ୍ୟ ଶୋଚନା ନାସ୍ତି" ଇତ୍ୟାଦି । ପୁଣି କେତେକ ପ୍ରବାଦ ରାମାୟଣ ମହାଭାରତ ଓ ଅନ୍ୟାନ୍ୟ ପୁରାଣ ସାହିତ୍ୟ ଅବଲମ୍ବନରେ ସୃଷ୍ଟି ହୋଇଛି, ଯଥା:—"ଅତି ଦର୍ପେ ହତା ଲଙ୍କା", ଅଶ୍ୱତ୍ଥାମା ହତ ଇତି ଗଜଃ ଇତ୍ୟାଦି ।

ପରିଚିତ ପୌରାଣିକ ଘଟଣା ବା ଉକ୍ତି ଉପଲକ୍ଷ୍ୟ କରି କିମ୍ବା ଉତ୍କଳର ପ୍ରାଚୀନ ଇତିହାସ, କିମ୍ବଦନ୍ତୀ ଓ ପ୍ରାଚୀନ ଲୋକ କଥା ଅବଲମ୍ବନରେ ବହୁ ସଂଖ୍ୟକ ପ୍ରବାଦ ବାକ୍ୟ ବା ବାକ୍ୟାଂଶ ଓଡ଼ିଆ ଭାଷାରେ ମଧ୍ୟ ପ୍ରଚଳିତ ଯାହା ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ:—"ସାତକାଣ୍ଡ ରାମାୟଣ ପରେ ସୀତା କାହାର ଭାର୍ଯ୍ୟା" "ଦେବର ଲକ୍ଷ୍ମଣ" କିମ୍ବା "ଲକ୍ଷ୍ମଣ ପରି ଭାଇ", "ଗୁଣ୍ଡୁଚି ମୁଣ୍ଡାରୁ ସାଗର ବନ୍ଧନ", "ଯାହା ନାହିଁ ଭାରତେ ତାହା ନାହିଁ ଭାରତେ", କିମ୍ବା ମହାଭାରତ ଅଶୁଦ୍ଧ ହେବା ଇତ୍ୟାଦି । ସାରଳା ଦାସଙ୍କ ମହାଭାରତ ଅବଲମ୍ବନରେ "ଝିମିଟି ଖେଳରୁ ମହାଭାରତ " କିମ୍ବା ଐତିହାସିକ ଘଟଣା ସମ୍ବଳିତ "ଭଲ ରାମଚଣ୍ଡୀ ଭଲରେ", କଳା ପାହାଡ଼କୁ ଦୁଆରେ ବସାଇ ଭଲ ପାଣି ଅଣି ଗଲରେ" କିମ୍ବା କିମ୍ବଦନ୍ତୀ ଅବଲମ୍ବନରେ "ବାରଣ ବଢ଼େଇରେ ଦାୟ କି ପୁଅରେ ଦାୟ" ଇତ୍ୟାଦି କେତେକ ଓଡ଼ିଆ ପ୍ରବାଦର ପ୍ରାଚୀନତା ସ୍ପଷ୍ଟ ସୂଚିତ ହୁଏ ।

ପ୍ରଚଳିତ ପ୍ରବାଦ, ପ୍ରବଚନ ଓ ଲୋକକଥା ଯେକୌଣସି ଜାତିର ଅମୂଲ୍ୟ ସମ୍ପଦ । ଏଗୁଡ଼ିକ ଜନସାଧାରଣଙ୍କ ସାମାଜିକ ସମ୍ପତ୍ତି, ସେମାନଙ୍କର ଏକପ୍ରକାର ମୌଖିକ କଳା କହିଲେ ଅତ୍ୟୁକ୍ତି ହେବନାହିଁ । ଯେକୌଣସି ସମାଜର ସାଂସ୍କୃତିକ ପରମ୍ପରା ଓ ଧର୍ମ ବିଶ୍ୱାସ ଆଶ୍ରର ବ୍ୟବହାର ସମ୍ପର୍କରେ ଯୁଗ ଯୁଗ ଧରି ଏଗୁଡ଼ିକ ବହୁ ତଥ୍ୟ ଓ ଅନୁଭୂତିର ଆଲୋକପାତ କରନ୍ତି । ସ୍ଥୂଳତଃ ଗବେଷଣା ପାଇଁ ଏଗୁଡ଼ିକରେ ଯେ, ପ୍ରଚୁର ଉପାଦାନ ଭରି ରହିଛି ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

# ପ୍ରାଚୀନ ଲୋକକଥା, ପ୍ରବାଦ ଓ ପ୍ରବଚନ

ଶ୍ରୀମତୀ ସ୍ନିଗ୍ଧା ତ୍ରିପାଠୀ

ପୃଥିବୀର ପ୍ରାୟ ସବୁ ଦେଶରେ ଏବଂ ସବୁ ଯୁଗରେ ପ୍ରବାଦ, ପ୍ରବଚନ ଓ ଲୋକକଥା ପ୍ରଚଳିତ । ଏଗୁଡ଼ିକର ଠିକ୍ କେବେ ଉଦ୍ଭବ ହେଲା ଓ ମନୁଷ୍ୟ ସମାଜରେ ପ୍ରଚଳନ ହେଲା ସେ କଥା କହିବା ସମ୍ଭବ ନୁହେଁ । ତେବେ ଏ କଥା ଠିକ୍ ଯେ ଏଗୁଡ଼ିକ ଗୋଟିଏ ଦିନରେ କିମ୍ବା ଗୋଟିଏ ବର୍ଷରେ ସୃଷ୍ଟି ହୋଇନାହିଁ ଏବଂ କାଳକ୍ରମେ ଲୋକଙ୍କ ମନରୁ ସ୍ୱତଃ ସ୍ଫୂର୍ତ୍ତ ହୋଇ ସହଜ ଅଥଚ ସରସ ଭାଷାରେ ବେଦ ପରି ତୁଣ୍ଡରୁ ତୁଣ୍ଡ ପ୍ରସାରିତ ହୋଇ ବର୍ତ୍ତମାନ ରୂପ ପ୍ରାପ୍ତ ହୋଇଛି । ଏମାନଙ୍କର ଉତ୍ସ ବୋଧହୁଏ ସେହି ସମୟ ଯେଉଁ ସମୟର ମଣିଷ ପ୍ରଥମେ ତାର ପ୍ରତ୍ୟକ୍ଷ ଅନୁଭୂତି ବା ଜ୍ଞାନ ନିଜ ସରସ ସହଜ ଭାଷାରେ ବ୍ୟକ୍ତ କରିପାରିଲା । ଶୁଦ୍ଧ ସାହିତ୍ୟ ରଚନା ଉଦ୍ଦେଶ୍ୟରେ ଏଗୁଡ଼ିକ ରଚିତ ହୋଇ ଲିପିବଦ୍ଧ କରି ରଖାଯାଇ ନାହିଁ । ଏସବୁ ମଣିଷ ମନରୁ ସ୍ୱତଃ ଜନ୍ମ ନେଇ ଲୋକ ମୁଖରେ ସ୍ୱତଃ ପ୍ରଚଳିତ ହୋଇ ଆସିଛି । ତେଣୁ ଏଗୁଡ଼ିକ ଲୋକସାହିତ୍ୟର ଅଂଶ ବିଶେଷ । ଗ୍ରନ୍ଥ—ରଚନାର ବହୁ ପୂର୍ବରୁ ଅସଂଖ୍ୟ ଲୋକକଥା ଓ ସେଥିରୁ ସୃଷ୍ଟ ପ୍ରବାଦ ଓ ପ୍ରବଚନ ଏ ଦେଶରେ ପ୍ରଚଳିତ ଥିଲା । ସାଧାରଣ ଲୋକେ ଏଗୁଡ଼ିକ ଶୁଣି ଶୁଣି ମନେ ରଖୁଥିଲେ ଏବଂ ଯୁଗେ ଯୁଗେ ବିଭିନ୍ନ ଗ୍ରନ୍ଥରଚୟିତା ଓ ଧର୍ମ-ଗୁରୁମାନେ ସ୍ୱ ସ୍ୱ ରଚନାରେ ଏହିପରି ବହୁ ଲୋକକଥା ଅନ୍ତର୍ଭୁକ୍ତ କରି ଯାଇଛନ୍ତି ।

କଥା ଓ କାହାଣୀ ଛଳରେ ସଦୁପଦେଶ ଦେବା ପଦ୍ଧତି କେଉଁ ସ୍ମରଣାତୀତ କାଳରୁ ଏ ଦେଶରେ ପ୍ରଚଳିତ, ସେ କଥା କହିବା ଅସମ୍ଭବ । ମୃଗୟାଜୀବି ଆଦିମାନବ ସର୍ପ, କାକ, ଶୁକ ଆଦି ପଶୁ ପକ୍ଷୀଙ୍କର ପ୍ରକୃତି ପର୍ଯ୍ୟବେକ୍ଷଣ କରି ସେମାନଙ୍କର ଚରିତ୍ର ଅବଲମ୍ବନରେ ନାନା ପ୍ରକାର କଥା ଓ କାହାଣୀ ରଚନା କରୁଥିଲା । ତାର ପ୍ରତ୍ୟକ୍ଷ ଜ୍ଞାନ ବା ଅନୁଭୂତି ଏହି ସବୁ କାହାଣୀରୁ ପ୍ରକାଶିତ ହେଉଥିଲା । ଏହିସବୁ କଥା ଓ କାହାଣୀ ଅତି ସହଜ ଓ ସରଳ ଭାଷାରେ ରଚିତ ହେଉଥିବାରୁ ସାଧାରଣ ଲୋକଙ୍କର ମନୋ-ରଞ୍ଜନ ହେବା ସଙ୍ଗେ ସଙ୍ଗେ ସାଧୁତା, ଭ୍ରାତୃଭକ୍ତି, ପିତୃଭକ୍ତି ପ୍ରଭୃତି ସହଜ ଧର୍ମଗୁଡ଼ିକ ମଧ୍ୟ ସେମାନେ ଶିକ୍ଷା କରୁଥିଲେ । କ୍ରମେ ସମାଜର ଉନ୍ନତି ସଙ୍ଗେ ସଙ୍ଗେ କଥାଗୁଡ଼ିକର ମଧ୍ୟ ଉନ୍ନତି ହୋଇ ନାନା ପ୍ରକାର ଜଟିଳ ଧର୍ମ ଯଥା:—ଦୟା, କ୍ଷମା, ତ୍ୟାଗ ଦାନ, ଏକତାର ସୁଫଳ ଇତ୍ୟାଦି ମଧ୍ୟ ଏଥିରୁ ଲୋକେ ଶିଖିପାରିଲେ । ଯେଉଁ କଥାଗୁଡ଼ିକ ଅଳ୍ପରେ ବ୍ୟକ୍ତ ଏବଂ ଲୋକଙ୍କୁ ହସାଇ କିମ୍ବା କନ୍ଦାଇ ପାରୁଥିଲା ସେଗୁଡ଼ିକ ଅଧିକ ହୃଦୟଗ୍ରାହୀ ହେଉଥିଲା ଓ ଲୋକେ ବେଶି ମନେ ରଖୁଥିଲେ । କଥାର ସମ୍ଭାବ୍ୟତା ଅସମ୍ଭାବ୍ୟତା ପ୍ରତି ଲୋକେ ଆଦୌ ଦୃଷ୍ଟି ଦେଉନଥିଲେ । ଯାହା ସରସ ଓ ସାର ଗର୍ଭକ ତାହାହିଁ ମନେ ରଖୁଥିଲେ । ଏହିପରି ଅସଂଖ୍ୟ ମଜା ଗପ ଲୋକେ କେବଳ ଶୁଣି ଶୁଣି ମନେ ରଖୁଥିଲେ ଏବଂ ଏବେ ମଧ୍ୟ ଏଥିମଧ୍ୟରୁ ବହୁ ଲୋକ କାହାଣୀ ଏ ଦେଶରେ ପ୍ରଚଳିତ । ଏହି କଥାଗୁଡ଼ିକ ଏପରି ଆକର୍ଷଣୀୟ ଥିଲା ଯେ ପରେ ଧର୍ମନୀତି, ତର୍କଶାସ୍ତ୍ର ଓ ରାଜନୀତିରେ ମଧ୍ୟ ଏଗୁଡ଼ିକ ଦୃଷ୍ଟାନ୍ତ ରୂପରେ ବ୍ୟବହାର କରାହେଲା । ତର୍କ ଶାସ୍ତ୍ରରେ "ଅନ୍ଧ-ହସ୍ତୀ" ସଦୃଶ, "ଅନ୍ଧ—କରତୀ" ସଦୃଶ, "ଲଜା—ବନ୍ଧନ" ସଦୃଶ ପ୍ରଭୃତି ଦୃଷ୍ଟାନ୍ତ ସହ ବହୁ ଲୋକକଥା ଓ କାହାଣୀର ପ୍ରୟୋଗ ଦେଖାଯାଏ । ବେଦରେ ପୁରୁରବା ଓ ଉର୍ବଶୀ ଆଖ୍ୟାୟିକା ଲୋକକଥାର ଅନ୍ତର୍ଭୁକ୍ତ ମନେ ହୁଏ । ମହାଭାରତରେ ରସାଳ ଓ ସ୍ୱର୍ଣ୍ଣ ଲତିକା, ବିଡ଼ାଳ ବ୍ରତ ଇତ୍ୟାଦି ଆଖ୍ୟାୟିକା ଦେଖିବାକୁ ମିଳେ । ଗୌତମବୁଦ୍ଧ ମଧ୍ୟ ତାଙ୍କ ଶିଷ୍ୟମାନଙ୍କୁ ଏହିପରି ନାନା ପ୍ରକାର ଗ୍ରାମ୍ୟ କଥା ଅବଲମ୍ବନରେ ଧର୍ମୋପଦେଶ ଦେବାର ଦୃଷ୍ଟାନ୍ତ ବୌଦ୍ଧ ଗ୍ରନ୍ଥ ଓ ଜାତକ ମାନଙ୍କରେ ବିରଳ ନୁହେଁ । ପୃଥିବୀର ସବୁ ଦେଶରେ ଧର୍ମଗୁରୁ ଓ ମହାପୁରୁଷମାନେ ସଦୁପୋଦେଶ ଶିକ୍ଷା ଦେବାପାଇଁ ପ୍ରଚଳିତ ଗ୍ରାମ୍ୟ କଥାଗୁଡ଼ିକର ସାହାଯ୍ୟ ନେଇଛନ୍ତି । ପ୍ରାଚୀନ ଲୋକକଥାଗୁଡ଼ିକ ଅଧିକାଂଶହିଁ ଉପଦେଶାତ୍ମକ ଓ ମହାପୁରୁଷମାନଙ୍କର ବାଣୀ ବୋଲି ମନେହୁଏ । ଲୋକ କଥାର ବଚନ ମାଧୁର୍ଯ୍ୟ ସାହାଯ୍ୟରେ ଅତି କଠିନ ଧର୍ମତତ୍ତ୍ୱ ସର୍ବ ସାଧାରଣଙ୍କ ବୋଧଗମ୍ୟ ହୋଇ ପାରୁଥିଲା । ଆଦିମ ଅବସ୍ଥାରେ ଲୋକକଥାଗୁଡ଼ିକର ରୂପ କିପରି ଥିଲା, କି ଉଦ୍ଦେଶ୍ୟରେ ସେସବୁ ରଚିତ ହୋଇଥିଲା ଓ କେଉଁ କାରଣରୁ ପ୍ରାଦେଶିକ ଭାଷା ଅନୁଯାୟୀ ସେଗୁଡ଼ିକର ପରିବର୍ତ୍ତନ ଓ ରୂପାନ୍ତର ଘଟିଲା, ଏସବୁ ଜାଣିବାକୁ ହେଲେ ପ୍ରାଚୀନ ସାହିତ୍ୟ ପାଠ କରିବା ନିତାନ୍ତ ପ୍ରୟୋଜନ ।

କାଳକ୍ରମେ ବହୁ ପ୍ରବାଦ ଓ ପ୍ରବଚନ ଏହି ପ୍ରାଚୀନ ଲୋକକଥା ଓ କାହାଣୀରୁ ଜନ୍ମ ହେଲା । ପ୍ରାଚୀନ ସାହିତ୍ୟରେ କୌଣସି କାଳେ ପ୍ରବାଦ ପ୍ରୟୋଗ ଉପେକ୍ଷିତ ହୋଇ ନାହିଁ । ବୈଦିକ ସାହିତ୍ୟରେ ପ୍ରବାଦ ଓ ପ୍ରବଚନର ପ୍ରଚଳନ ଥିଲା କି ନାହିଁ ସେ ବିଷୟରେ କୌଣସି ଆଲୋଚନା ହୋଇନାହିଁ । ଅନୁସନ୍ଧାନ କଲେ ହୁଏତ ଏହାର ବହୁ ପ୍ରାଚୀନ ଦୃଷ୍ଟାନ୍ତ ଭାରତୀୟ ସାହିତ୍ୟରେ ମିଳିବ । ପରବର୍ତ୍ତୀ ଯୁଗରେ ପ୍ରାଚୀନ ହିନ୍ଦୁ ଓ ବୌଦ୍ଧ ଜାତକ ଗଳ୍ପମାନଙ୍କରେ ବେଶି ପ୍ରବାଦ ଓ ପ୍ରବଚନର ବ୍ୟବହାର ଦେଖାଯାଏ । ପ୍ରାଚୀନ ସାହିତ୍ୟ ସାଧାରଣତଃ ଗାମ୍ଭୀର୍ଯ୍ୟ-ପୂର୍ଣ୍ଣ, ଭକ୍ତି ରସାତ୍ମକ ଓ ସଙ୍ଗୀତ—ମାଧୁର୍ଯ୍ୟ ସମନ୍ୱିତ । ଏହା ସୁପରି—କଳ୍ପିତ, ଆଭିଜାତ୍ୟ ପୂର୍ଣ୍ଣ, ନାନା ପ୍ରକାର ବାକ୍ୟାଳଙ୍କାରରେ ଶୋଭିତ ଓ ଶୃଙ୍ଖଳିତ । ଏହାର ଗତି ଓ ପ୍ରକୃତି ଏହି କାରଣରୁ ଲୋକ ସାହିତ୍ୟ-ଠାରୁ ଭିନ୍ନ । ଲୋକ ସାହିତ୍ୟର ଭାଷା ସରଳ, ଅନାଡ଼ମ୍ବର, ଅଥଚ ଆମୋଦ-ଦାୟକ । ସୁପରି କଳ୍ପିତ ଶୁଦ୍ଧ ସାହିତ୍ୟର ବାକ୍ୟ ରୀତିକୁ ସରସ, ସତେଜ କରିବା ପାଇଁ ଲୌକିକ ପ୍ରବାଦ କିମ୍ବା ପ୍ରବାଦ ମୂଳକ ବାକ୍ୟାଂଶ ବ୍ୟବହାର ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ । ପ୍ରାଚୀନ ସାହିତ୍ୟରେ ପ୍ରବାଦ ଓ ପ୍ରବଚନଗୁଡ଼ିକ ସାଧାରଣତଃ ଧର୍ମ ଓ ନୀତି ସମ୍ପର୍କୀୟ ଓ ଉପଦେଶାତ୍ମକ ଏହାକୁ ଲୌକିକ ନ୍ୟାୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ସଂକ୍ଷିପ୍ତ ଓ ବାସ୍ତବ ଦୃଷ୍ଟାନ୍ତ ଓ ବ୍ୟାଖ୍ୟା ଉଦ୍ଦେଶ୍ୟରେ କୌଣସି ବିଷୟ ବସ୍ତୁକୁ ଉପସ୍ଥାପିତ ଓ ସରସ କରିବା ପାଇଁ କିମ୍ବା ଅଳ୍ପ କଥାରେ ଅନେକ କଥା ପ୍ରକାଶ ଉଦ୍ଦେଶ୍ୟରେ ପ୍ରବାଦଗୁଡ଼ିକ ପ୍ରାଚୀନ ତଥା ବର୍ତ୍ତମାନ ଯୁଗରେ ଲେଖକମାନଙ୍କର ସର୍ବଦା ଆଦର ଲାଭ କରିଆସିଛି । ଯୁଗେ

କିଞ୍ଚିତରେ ନ ରହିଲା ଛିଦ୍ର
ଯଦ୍ଦ୍ୱାରା ହେବେ କୁପିତ
ମହର୍ଷି ଦୁର୍ବାସା ।

ଏହିପରି ଅହରହ, ସେବା ଆଉ ଆରାଧନା ଫଳେ ହେଲେ ତୁଷ୍ଟ ଋଷି ଶିଷ୍ୟଗଣ
ହୋଇଲେ ବିଶେଷ ତୁଷ୍ଟ କ୍ଷଣକୋପୀ ମହର୍ଷି ଦୁର୍ବାସା
ବଳ୍କଳ ବସନଧାରୀ ପର୍ଣ୍ଣ କୁଟୀର-ନିବାସୀ ସ୍ୱପ୍ନେ ମଧ୍ୟ
ନ ଥିଲେ ତ ଜାଣି ରାଜଭୋଗ ସୁଖସୀମା କେତେ ।

ପତ୍ରାସନେ ଶୋଇବାର ବ୍ୟକ୍ତି
ପାଇଲେ ଶୟନ ପାଇଁ ଗଜଦନ୍ତ ପଲଙ୍କର ଅଙ୍କ
ପର୍ଣ୍ଣ, ବନ୍ୟ ଫଳ-ଭୋଜୀ ପାଇଗଲେ ସୁମିଷ୍ଟ ଆହାର
ଏଣୁ ହେଲେ ମଧ୍ୟ ସର୍ବତ୍ୟାଗୀ ବୀତସ୍ପୃହ ଋଷି,
ଭୋଗକୁ ତ କିଞ୍ଚିତରେ ନ ପାରିଲେ ତେଜି
ଅଧିକନ୍ତୁ ଲଭି ମହାତୋଷ ଇଚ୍ଛା କଲେ ଦୁର୍ଯ୍ୟୋଧନେ ବର୍ଷିବେ ଆଶିଷ ।

କହିଲେ ଦୁର୍ବାସା—
ଅତ୍ୟନ୍ତ ପ୍ରୀତ ହୋଇଛୁ ସେବାରେ ତୁମର
ମାଗ ବତ୍ସ ଯା' ଇପ୍‌ସିତ ତୁମ୍ଭ ।

ମହାକୋପୀ ଦୁର୍ବାସାଙ୍କ ଆଶୀର୍ବାଦ ବାଣୀ କରିଲା ବର୍ଷଣ
ରାଜାଙ୍କର କର୍ଣ୍ଣରେ ଅମୃତ ।
ଅନ୍ଧ ଅବା ଲଭ କଲା ଶତ ଦିବ୍ୟ ଚକ୍ଷୁ
ବଧିର ଲଭିଲା ସତେ
ଶ୍ରବଣ ଶକତି ।

କାରଣ—ଶାପଛଡ଼ା ଅନ୍ୟ ଦେୟ ନାହିଁ ଯେ ଋଷିର
ସେହୁ ପୁଣି କହେ, ସ୍ୱଇଚ୍ଛାରେ ଦେବ ବୋଲି ବର ।

ଅତ୍ୟନ୍ତ ଆଶ୍ଚର୍ଯ୍ୟ ନିଶ୍ଚେ ଅଟେ ଏ ବିଷୟ । ଏଣୁ ଭାବିଦେଲେ ରାଜା, ହୋଇଯିବ ଏବେ ନିଶ୍ଚେ ଇପ୍‌ସିତ ପୂରଣ । କିନ୍ତୁ କେଉଁ ଲଭ ଏହି ଆଶିଷରେ ? ଯେତେଦିନ ଯାଏ ଥିବେ ପାଣ୍ଡବେ ଜୀବିତ, ଶାନ୍ତି କାହିଁ ଦୁର୍ଯ୍ୟୋଧନ ମନେ ? ନିଶ୍ଚିନ୍ତରେ ରାଜ୍ୟଭୋଗ କେବେ କି ସମ୍ଭବ ? ଏଣୁ ପାଣ୍ଡବଙ୍କର ବିନାଶ ପ୍ରଥମତଃ କାମ୍ୟ ।

କିନ୍ତୁ ଏହା କେମନ୍ତେ ହୋଇବ ସମ୍ଭବ ?

ନିଶ୍ଚେ ଏହା ହୋଇବ ସମ୍ଭବ—କହିଦେଲେ ମାତୁଳ ଶକୁନି ।

କିପରି ?

ଯଦ୍ୟପି ଦୁର୍ବାସା,
ଦଶସହସ୍ର ଶିଷ୍ୟ ସହ
ପ୍ରବେଶିବେ ପାଣ୍ଡବଙ୍କ ପାଶେ
ଆଉ ମାଗିବେ ଭୋଜନ—
କେତେବେଳେ ?

ମଧ୍ୟାହ୍ନର ପରବର୍ତ୍ତୀ କାଳେ
ଖାଇସାରି, ଦେବୀ ଯାଜ୍ଞସେନୀ
ଧୋଇ ଦେଇ ସୂର୍ଯ୍ୟଦତ୍ତଥାଳି
ବିଶ୍ରାମ କରିବା ପାଇଁ କରୁଥିବେ ଇଚ୍ଛା ।

ଠିକ୍ କଥା—ବନବାସୀ ପାଣ୍ଡବେ କିପରି
ଦେଇ ପାରିବେ ଭୋଜନ—ସହସ୍ର ସହସ୍ର ଜନେ ?

# ହାନିକର-ନା-ଶ୍ରେୟସ୍କର

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର

ବନବାସରେ ଥିବାବେଳେ ପାଣ୍ଡବମାନଙ୍କୁ ନିଜର ପରାକ୍ରମ ପ୍ରଦର୍ଶନ କରିବାକୁ ଯାଇଥିଲେ ସତ କିନ୍ତୁ ଘଟଣା ଚକ୍ରର ଗତି ଏପରି ବିଚିତ୍ର ହେଲା ଯେ ବିଶେଷ ଅପମାନ ପାଇ ପରାଭବର ଗ୍ଲାନିରେ ହା ହତାଶ ହୋଇ ଫେରି ଆସିଲେ ମାନଚକ୍ରବର୍ତ୍ତୀ । ଯିଏ ଯେତେ ପ୍ରକାରେ ବୁଝାଇ କହିଲେ ମଧ୍ୟ ରାଜାଙ୍କର ମନରେ ଶାନ୍ତି ହେଲା ନାହିଁ । ଖୋଜି ବୁଲିଲେ ପ୍ରତିହିଂସାର ପଥ । ପ୍ରତିଶୋଧର ମାର୍ଗ ।

ମାନ ଚକ୍ରବର୍ତ୍ତୀ ପକ୍ଷେ,
ଅସହ୍ୟ ଏ ଘୋର ଅପମାନ
ଏଣୁ ଆଶୁ ପ୍ରତିହିଂସା ଏକାନ୍ତ କାମନା
କିନ୍ତୁ ଉପାୟ କାହିଁ ? ପ୍ରତିଶୋଧ ସମ୍ଭବ କିପରି ?

ମନର ଦୁଃଖ ମନରେ ମାରି କାଳାତିପାତ କଲେ ମାନଚକ୍ରବର୍ତ୍ତୀ ।

ଦିନକର କଥା,
ପ୍ରବେଶିଲେ ମହର୍ଷି ଦୁର୍ବାସା
ସଙ୍ଗତରେ ଆଣିଥିଲେ
ଦଶସହସ୍ର ଶିଷ୍ୟ ।

ମହାକ୍ରୋଧୀ ମହର୍ଷି ଦୁର୍ବାସା
କ୍ରୋଧର ସ୍ଫୁଲିଙ୍ଗ ଯା'ର
କରିପାରେ ଚରାଚର ଦଗ୍‌ଧ
ତାହାଙ୍କର ଆଗମନେ ସର୍ବେ ହେଲେ ଅତ୍ୟନ୍ତ ବିସ୍ମିତ ।

ଏଣୁ ଅତି ସତର୍କତାର ସହିତ ତାଙ୍କ ସେବାରେ ଲଗିଲେ ମାନଚକ୍ରବର୍ତ୍ତୀ, ସଙ୍ଗେ ଘେନି ସହୋଦର ବର୍ଗ ।।

ଚର୍ବ୍ୟ ଚୋଷ୍ୟ ଲେହ୍ୟ ପେୟ,
ଆଦି ଯେତେ ଅତି ସ୍ୱାଦୁ ଖାଦ୍ୟର ସମ୍ଭାର
ଆନନ୍ଦରେ କରିଣ ପ୍ରସ୍ତୁତ
ପରିତୁଷ୍ଟ କରାଇଲେ

ସବୁଙ୍କର ମନ ।
ଶତ ଭାଇ ଢ଼ାଳି ମନ ପ୍ରାଣ
କରିଗଲେ ଋଷିଙ୍କର ସେବା ଅରଚନା ।

ବିଚିତ୍ର !
ଅତ୍ୟନ୍ତ ବିଚିତ୍ର ପ୍ରଭୁ ତୁମର କରୁଣା
ତୁମର ଆଶ୍ରିତ ଜନେ
କୌଣସି ଭୟର ଶଙ୍କା ନ ଥାଏ କଦାପି ।

ଆଶ୍ଚର୍ଯ୍ୟ ହେଲେ ଯୁଧିଷ୍ଠିର । ଆଶ୍ଚର୍ଯ୍ୟ ହେଲେ ଭୀମସେନ । ନିଜ ଚକ୍ଷୁକୁ ବିଶ୍ୱାସ କରି ପାରିଲେ ନାହିଁ, ଦ୍ରୌପଦୀ । ଭାବିଲେ ମନରେ—ଅଶେଷ କୋଟି ବ୍ରହ୍ମାଣ୍ଡ ଯା ଉଦରେ ପୂର୍ଣ୍ଣ—ତାକୁ ପୁଣି ହେଉଥିଲା କ୍ଷୁଧା । ହୋଇଗଲା ପୁଣି ପୂର୍ଣ୍ଣ ଶାଗ କଣିକାରେ । ଭାବିଲେ ମନରେ କୃପାମୟ କୃପାଠାରୁ ଅଧିକ ଆଶ୍ଚର୍ଯ୍ୟ କିବା ସମ୍ଭବ ସଂସାରେ ।

ଏଣେ ଅଳ୍ପ ହସି ନାରାୟଣ କହିଲେ ଭୀମଙ୍କୁ— ଭୀମସେନ ଡାକିଆଣ ଦୁର୍ବାସାଙ୍କୁ ଶିଷ୍ୟଗଣ ସଂଗେ । ହେଲାଣି ଉଚ୍ଛୁର ବେଳ । କ୍ଷୁଧା ତାଙ୍କୁ ବାଧିବଣି ପରା ?

ଆଜ୍ଞା ପାଇ ଭୀମସେନ ଗଲେ ଧାଇଁ—ଶୀଘ୍ର ନଦୀ ତଟେ । ଭାବୁଥାନ୍ତି ମନେ— ଏହିକି ବିଚିତ୍ର ଆଜ୍ଞା । ଦେଇଛନ୍ତି ପ୍ରଭୁ ? ଯେଉଁ କଣିକାଏ ଖାଦ୍ୟ ଥିଲା ସେ ଥାଳିରେ, ତାକୁ ନିଜେ ଖାଇଦେଇ ଏତେ ହଟ ହଟା କିଆଁ କରନ୍ତି ଆମ୍ଭଙ୍କୁ ? ତଥାପି ନ ପଚାରି କିଛି ଗଲେ ଧାଇଁ ନଦୀ କୂଳେ । ଦେଖିଲେ ସେ ଯାହା, ନିଜର ଆଖିକୁ ମଧ୍ୟ କଲେନି ବିଶ୍ୱାସ ।

ଯେଉଁକ୍ଷଣି ଶାଗର କଣିକା ପ୍ରବେଶିଲା ପ୍ରଭୁଙ୍କ ଉଦରେ । ଯାବତ କ୍ଷୁଧାର୍ତ୍ତଗଣ ପାଇଲେ ଆହାର । ଦୁର୍ବାସା ଶିଷ୍ୟ ସମେତ ଖାଦ୍ୟ ବଳେ ହେଲେ ରୁଦ୍ଧ ଶ୍ୱାସ । ଆରମ୍ଭ ହୋଇଲା ତାଙ୍କ ବମନ ପ୍ରକ୍ରିୟା । ଏଣୁ ନ ଆସି ଯୁଧିଷ୍ଠି ପାଶେ ଭୀମ ଭୟେ ଦଉଡ଼ିଲେ ନିଜର ଆଶ୍ରମେ । ପେଟରେ ତ ନାହିଁ ସ୍ଥାନ । କିପରି ଭୁଞ୍ଜିବେ— ଯେଉଁ ଉତ୍ତମ ଖାଦ୍ୟ ସାମଗ୍ରୀ ରନ୍ଧାଇ ଅଛନ୍ତି ସେଠି ରାଜା ଯୁଧିଷ୍ଠିର । ଯିବାବେଳେ ଋଷିଗଣ ଉଚ୍ଚ ସ୍ୱରେ ଦେଇ ଗଲେ ଅଶେଷ ଆଶିଷ ।

ବହ୍ୱାହାର ଦେଇ ସୁଦ୍ଧା,
କରି ବହୁ ସେବା,
ଯାହା ପାଇ ପାରିଲେ ନି ଧୃତରାଷ୍ଟ୍ର ସୁତେ
କଣିକାଏ ଶାଗ ଦେଇ
ତହୁଁ ଶତ ଗୁଣ ଲଭ
କଲେ ପରା ରାଜା ଯୁଧିଷ୍ଠିର ।

ଫେରି ଆସି ଭୀମ ଯେବେ ଜଣା କଲେ , ଏ ସବୁ ଘଟଣା । ହସି ହସି ଯଦୁପତି ବୁଝାଇ କହିଲେ ତାଙ୍କୁ ସମସ୍ତ ଘଟଣା । ବୁଝିଲେ ସମସ୍ତେ । ନାରାୟଣ କୃପା ବଳୁ ସବୁ ଅଭିସନ୍ଧି ଯାକ ହୋଇଗଲା ପଣ୍ଡ ।

ଯାର ପୁଣି ସହାୟ ଅନନ୍ତ—ବଳବନ୍ତ କିବା କ୍ଷତି କରିପାରେ ତାଂର ?

ପାଞ୍ଚିଥିଲା ଦୁର୍ଯ୍ୟୋଧନ ହେବ ବୋଲି ଯାହା ହାନିକର ତାହା ଫଳ ହେଲା, କିନ୍ତୁ ମହା ଶ୍ରେୟସ୍କର ।

ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ,
ଭୁବନେଶ୍ୱର ।

ଏଣୁ ନ ଦେଲେ ଭୋଜନ ଭସ୍ମ ହେବେ ଦୁର୍ବାସାଙ୍କ କ୍ରୁର କ୍ରୋଧାନଳେ
ବିନା ଯୁଦ୍ଧେ ଶତ୍ରୁ ହେବେ ଶେଷ-
ନିଶ୍ଚିନ୍ତେ କରିବେ ଭୋଗ ହସ୍ତିନା କଟକ
ଠିକ୍ କଥା, ଉପଯୁକ୍ତ ମାମୁଁଙ୍କ ବିଚାର ଏପରି-
ବୁଦ୍ଧିମାନ ବ୍ୟକ୍ତିଥିବା ଯୋଗୁଁ ସିନା ଦୁର୍ଯ୍ୟୋଧନ
ହସ୍ତିନା ନରେଶ-ନ ହେଲେ କି ହୋଇଥାନ୍ତା ସମ୍ଭବ ଏ କଥା ?

ଏଣୁ ଅନୁରୂପ ମତେ, କଲେ ଜଣା ଦୁର୍ଯ୍ୟୋଧନ-
ଦୁର୍ବାସା ଅଗ୍ରତେ ।

କ୍ଷଣକୋପୀ ଋଷି ନାହିଁ ନାହିଁ ତାଙ୍କ ହିତାହିତ ବୁଦ୍ଧି । ଏଣୁ ଦୁର୍ଯ୍ୟୋଧନ ଅନୁରୋଧ କରିଲେ ସେ ରକ୍ଷା । ଥରେ ହେଲେ କଲେ ନାହିଁ ପ୍ରଶ୍ନ-

ବତ୍ସ ? କି ଲଭ ପାଇବୁ କହ କଲେ ଏହିପରି ?
ଏଣୁ, ତତ୍‌କ୍ଷଣାତ ଗଲେ ଚଳି
ସଶିଷ୍ୟେ ଦୁର୍ବାସା ଅନୁସରି
ଦ୍ୱୈତ ବନ ପଥ ।
ଯାହା ଆଶୀର୍ବାଦ
ଲଭ କରି ପାରିଥାନ୍ତେ ମାନ ଚକ୍ରବର୍ତ୍ତୀ
ମାମୁଁଙ୍କର ଶୁଣି ଉପଦେଶ
ହେଲା ନାହିଁ ସେହି ଇଚ୍ଛା ଚିନ୍ତେ
ଏଣୁ ବହୁ ସେବା ବହୁ ଆରାଧନା ଫଳ
କ୍ଷଣକେ କଲେ ଉତ୍ସର୍ଗ ପରର ଅହିତେ ।
କି ବିଚିତ୍ର ଏହି ଭାବ ଧାରା ?
ମତ୍ସରୀ କପଟୀ ଆଉ ହତ ବୁଦ୍ଧିଜନେ
ଅଧିକ ଉତ୍ତମ କଥା କେବେ କି ସମ୍ଭବ ?

ଭଣ୍ଡି ବେଳ କାଳ, ପହଞ୍ଚି ଗଲେ ଦୁର୍ବାସା ଦଶ ସହସ୍ର ଶିଷ୍ୟ ସହ ଯୁଧିଷ୍ଠିରଙ୍କ ପାଶେ, କଲେ ଜଣା ହୋଇଚନ୍ତି-ଅତ୍ୟନ୍ତ କ୍ଷୁଧାର୍ତ୍ତ । ଆବଶ୍ୟକ ପେଟ ପୂରା ଖାଦ୍ୟ । ଶୁଣି ଏହି କଥା ହତବାକ୍ ହେଲେ ଯୁଧିଷ୍ଠିର । ଧାଇଁ ଯାଇ କୁଟୀରର ଅଭ୍ୟନ୍ତରରେ ପଚାରିଲେ ଦ୍ରୌପଦୀଙ୍କୁ- କେଉଁ ପରି ହେବ ଏ ସମ୍ଭବ । ଧୌତ ହୋଇ ସାରିବାର ପରେ ସୂର୍ଯ୍ୟ ଥାଳି ଉପୁଜିବ ନାହିଁ କେଉଁ କଣିକାଏ ଖାଦ୍ୟ । ଅତିବୁଦ୍ଧିମତୀ ନାରାୟଣ ଭକ୍ତି ପରାୟଣା ମହାସାଧ୍ୱୀ ଦେବୀ ଯାଜ୍ଞସେନୀ ହେଲେ କିଞ୍ଚିତରେ ଇତସ୍ତତଃ । ପରକ୍ଷଣେ କହିଲେ ରାଜାଙ୍କୁ-ଯାଆନ୍ତୁ ଦୁର୍ବାସା ଋଷି, ଶିଷ୍ୟ ସହ ସାରି ସ୍ନାନ ନିକଟସ୍ଥ ଗଙ୍ଗା ନଦୀ ଜଳେ । ଆସନ୍ତୁ ଅଚିରେ ଫେରି । ହେବ ଭୋଜନ ବ୍ୟବସ୍ଥା ସେହିକାଳ ମଧ୍ୟେ ।

ଋଷିମାନେ ଗଲେ ଚଳି-କିନ୍ତୁ କେଉଁଠୁ ଅବା ମିଳିବ ଏତେ ଖାଦ୍ୟ ସାମଗ୍ରୀ-ଏଣୁ, ଲଗାଇଲେ ଧ୍ୟାନ ଦୁଃଖହାରୀ କମଳା ବିହାରୀ ଦ୍ୱାରାବତୀ ପୁରବାସି ନାରାୟଣ ପଦେ ।

ଭକ୍ତାଧୀନ ଭଗବାନ ଶୁଣିଲେ ଅଚିରେ ନିଜ ଭକ୍ତର ମାଗୁଣି । କରିବାକୁ ସମାଧାନ ପ୍ରବେଶିଲେ ଯୁଧିଷ୍ଠିର କୁଟୀରେ । ଦେଖି ତାଙ୍କୁ ଆଶାନ୍ୱିତ ହୋଇଲେ ସମସ୍ତେ । କିନ୍ତୁ ସେହି ଆଶା ଗଲା ମିଳି ବୁଦ୍‌ବୁଦ୍ ସଦୃଶ ଯେତେବେଳେ ପ୍ରକାଶିଲେ ରୁକ୍ମିଣୀ ରମଣ-ଅତ୍ୟନ୍ତ କ୍ଷୁଧାର୍ତ୍ତ ମୁହିଁ । ଆଣ ସତୀ ଆହାର ମୋ ପାଇଁ ।

ଆହାର-କେଉଁଠୁ ଆସିବ ପୁଣି ଆଉରି ଆହାର ? ବୋଝ ପରେ ଅଧିକ ଗୁରୁତା-ହା ଭଗବାନ କାହିଁ ପାଇଁ ଏତେ ଅକରୁଣା ? ଏହି ଚିନ୍ତାରେ ଅଧୀର ଦ୍ରୌପଦୀ ଜଣାକଲେ ନାରାୟଣେ ସମସ୍ତ ବିଷୟ । ଅନ୍ତର୍ଯ୍ୟାମୀ ନାରାୟଣ ସତେ କ'ଣ ଏହି କଥା ନ ଥିଲେ ସେ ଜାଣି ? ସବୁ ଶୁଣି ମଧ୍ୟ କହିଲେ ସସ୍ମିତେ-ଆଣ ତୁମ ସୂର୍ଯ୍ୟ ଥାଳୀ ଦେବୀ । ଯଦ୍ୟପି କିଛି ଆହାର ମିଳି ଯାଏ ତହୁଁ ।

ଭୟ-ଲଜ୍ଜ୍ୟା ମ୍ରିୟମାଣ ଦେବୀ ଯାଜ୍ଞସେନୀ କୃଷ୍ଣଙ୍କର ବହୁ ଅନୁରୋଧ ସତ୍ତ୍ୱେ ମଧ୍ୟ ଆଣିଲେ ନାହିଁ ସେଠାକୁ ସେହି ସୂର୍ଯ୍ୟଥାଳୀ । ନ ପାଇ ଅନ୍ୟ ଉପାୟ ନିଜେ ଯାଇଁ ଜନାର୍ଦ୍ଦନ ଆଣିଲେ ସେ ଥାଳୀ, ଆଉ ନିରେଖି ଦେଖିବା ପରେ ପାଇଗଲେ କଣିକାଏ ଶାଗ । ଆଉ କରି ତା' ଆହାର, ମାରିଲେ ଢ଼କାର-ସତେ ଅବା ହେଲା ପୂର୍ଣ୍ଣ କ୍ଷୁଧାର୍ତ୍ତ ଉଦର । ଆଉ କହିଲେ ସନ୍ତୋଷେ-ହେଲା ପୂର୍ଣ୍ଣ ଉଦର ତାଙ୍କର ।

କରେ ଉନ୍ନତ ପ୍ରଣାଳୀରେ ଯାଆଁଳ ଓ ମାଛ ଚାଷ । ଏହି ଜଳେ ଉନ୍ନତ ପ୍ରଣାଳୀରେ ଛାଡ଼ିବା ନିମିତ୍ତ ସେ ସମସ୍ତ ପୋଖରୀ ଓ ଜଳାଶୟରେ ଛାଡ଼ିବା ନିମିତ୍ତ ସେ ସରକାରୀ ମତ୍ସ୍ୟ ବିଭାଗ କିମ୍ବା ଘରୋଇ ଯାଆଁଳ ବିକ୍ରୟ କାରୀଙ୍କ ଉପରେ ନିର୍ଭର କରି ନାହାନ୍ତି । ସେ ଗେଙ୍ଗୁଟିଆ ଠାରେ ବ୍ରାହ୍ମଣୀ ନଦୀରୁ ଏବଂ ସୁବର୍ଣ୍ଣପୁର ଠାରେ ମହାନଦୀରୁ ଯାଆଁଳ ସଂଗ୍ରହ କରି ତାଙ୍କର ନିଜର ଥିବା ଦୁଇଟି ଛୋଟ ପୋଖରୀ ଏବଂ କାବେରା ଓ ଗଡ଼ିଆ ଠାରେ ପଟ୍ଟା ନେଇଥିବା ଦୁଇଟି ଛୋଟ ପୋଖରୀରେ ଯାଆଁଳ ଚାଷ କରେ । ସେଥିରୁ ନିଜର ଚାହିଦା ମେଣ୍ଟାଇବା ସଂଗେ ସଂଗେ ଅବଶିଷ୍ଟ ଯାଆଁଳ କେତେକ ଘରୋଇ ମାଛ ଚାଷୀ ଏବଂ ଗ୍ରାମ ପଞ୍ଚାୟତକୁ ବିକ୍ରୟ କରି ଅଛନ୍ତି । ବର୍ତ୍ତମାନ ଶ୍ରୀ ଦୁଃଶାସନ ବଳେଇଙ୍କର ବାର୍ଷିକ ଆୟ ଆନୁମାନିକ ଦଶହଜାର ଟଙ୍କା । ଦୀର୍ଘଦିନ ମିଆଦରେ ପୋଖରୀ ଓ ଜଳାଶୟ ପଟ୍ଟା ନେଇ ନ ପାରିବା ଯୋଗୁଁ ମାଛଚାଷରେ ବିଶେଷ ଅଗ୍ରଗତି କରି ପାରୁ ନାହାନ୍ତି ବୋଲି ସେ କହନ୍ତି ।

ଶ୍ରୀ ବଳେଇଙ୍କର ବର୍ତ୍ତମାନ କୃତ୍ରିମ ପ୍ରଣାଳୀରେ ମାଛ ପ୍ରଜନନର ବିଭିନ୍ନ କଳା ଓ ସଘନ ପ୍ରଣାଳୀରେ ମିଶ୍ରିତ ମାଛଚାଷର ବିଭିନ୍ନ କୌଶଳ ସଂପର୍କରେ ଶିକ୍ଷା କରିବାକୁ ଇଚ୍ଛୁକ । କୃତ୍ରିମ ପ୍ରଜନନ କୌଶଳ ଶିକ୍ଷା ନିମିତ୍ତ ଆବଶ୍ୟକୀୟ ମାଛ ( ବ୍ରିଡ଼ର) ସଂଗ୍ରହ କରି ରଖିବା ନିମିତ୍ତ ଓ ସଘନ ପ୍ରଣାଳୀରେ ମାଛ ଚାଷ କରିବା ନିମିତ୍ତ ଅଧ ଏକରରୁ ଏକ ଏକର ଆୟତନ ବିଶିଷ୍ଟ ଗୋଟିଏ ପୋଖରୀ ଆସନ୍ତା ବର୍ଷ ପଟ୍ଟା ନେବା ଲାଗି ଜିଲ୍ଲା ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ତାଙ୍କୁ ଉପଦେଶ ଦେଇଛନ୍ତି ।

ଏତଦ୍ ବ୍ୟତୀତ ୧୯୭୯ ଜାନୁଆରୀ ପହିଲା ଠାରୁ ଢେଙ୍କାନାଳ ବସ ଷ୍ଟାଣ୍ଡ ନିକଟରେ ଗୋଟିଏ କାଠ କ୍ୟାବିନ ରେ ମାଛ ବିକ୍ରି ଆରମ୍ଭ କରି ଦୈନିକ ପ୍ରାୟ ଏକଶତ ଟଙ୍କାର ମାଛ ବିକ୍ରୟ କରୁଛନ୍ତି । ହସ୍‌ପିଟାଲ ନିକଟରେ ତାଙ୍କର ଅନ୍ୟ ଏକ ବିକ୍ରୟ କେନ୍ଦ୍ର ବହୁ ଦିନରୁ ରହିଛି ।

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଚଳିତ ବର୍ଷ ୩.୩୫ କୋଟି ଟଙ୍କା ବ୍ୟୟରେ ୧,୮୭୮ ଟି ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଚଳିତ ଆର୍ଥିକ ବର୍ଷରେ ୩ କୋଟି ୩୫ ଲକ୍ଷ ୨୯ ହଜାର ଟଙ୍କା ବ୍ୟୟ ଅଟକଳରେ ରାଜ୍ୟର ୫ଟି ଅଞ୍ଚଳରେ ବିଭିନ୍ନ ଶ୍ରେଣୀର ୧,୮୭୮ ଟି ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି ।

ସେଥି ମଧ୍ୟରୁ ରାଉରକେଲାଠାରେ ବାସଗୀ ଗୃହ ନିର୍ମାଣ ପରିକଳ୍ପନାର ଦ୍ୱିତୀୟ ପର୍ଯ୍ୟାୟରେ ୨୩ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟରେ ୧୬୦ଟି ଗୃହ, ଏହାର ତୃତୀୟ ପର୍ଯ୍ୟାୟରେ ୮୭ ଲକ୍ଷ ୫୮ ହଜାର ଟଙ୍କା ବ୍ୟୟରେ ୫୭୯ ଟି ଗୃହ, ଭୁବନେଶ୍ୱର ସୈନିକ ସ୍କୁଲ ଅଞ୍ଚଳର ତୃତୀୟ ପର୍ଯ୍ୟାୟରେ ୨୨ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟରେ ୧୭୪ଟି ଗୃହ, ଭୁବନେଶ୍ୱରର କପିଳ ପ୍ରସାଦଠାରେ ୫୫ ଲକ୍ଷ ୮୧ ହଜାର ଟଙ୍କା ବ୍ୟୟରେ ୩୭୧ ଟି ଗୃହ ଓ ଭୁବନେଶ୍ୱରର ବରମୁଣ୍ଡା ଠାରେ ୧ କୋଟି ୪୫ ଲକ୍ଷ ୮୯ ହଜାର ଟଙ୍କା ବ୍ୟୟରେ ୮୦୨ଟି ଗୃହ ନିର୍ମାଣ କରାଯାଉଛି । ହୁଡ୍‌କୋ ଏହି ୫ଟି ଯୋଜନାକୁ ଅନୁମୋଦନ କରି ୨ କୋଟି ୫୩ ଲକ୍ଷ ୫୧ ହଜାର ଟଙ୍କା ଋଣ ମଞ୍ଜୁର କରିଛନ୍ତି ।

ଗତବର୍ଷ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଭୁବନେଶ୍ୱର ସୈନିକ ସ୍କୁଲ ଅଞ୍ଚଳରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୧୨ଟି ବାସଗୃହ ଓ ରାଉରକେଲା ବାସଗୃହ ନିର୍ମାଣ ପରିକଳ୍ପନାରେ ୪୪୦ଟି ବାସଗୃହ ଲୋକମାନଙ୍କୁ ଯୋଗାଇ ଦେଇଛନ୍ତି । ଏ ସବୁ ବାବଦରେ ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ୧୯୬୮ ମସିହାରୁ କାର୍ଯ୍ୟ ଆରମ୍ଭ କରି ଭୁବନେଶ୍ୱର ଆଚାର୍ଯ୍ୟ ବିହାରରେ ୧୬୫ଟି ଗୃହ, ଜୟଦେବ ନଗରରେ (ଲୁଇସ ରୋଡ଼) ୮୯ଟି ଗୃହ ଓ ସହିଦ ନଗରରେ ୫୮ ଟି ଦୋକାନ-ଯୁକ୍ତ ବାସଗୃହ, ଖୋର୍ଦ୍ଧାଠାରେ ୪୫ଟି ଗୃହ ଓ ରାଉରକେଲାରେ ୫୧୬ଟି ଗୃହ ନିର୍ମାଣ କରି ଯୋଗାଇ ଦେଇଛନ୍ତି ।

ଏହି ସଂସ୍ଥା ଭୁବନେଶ୍ୱର ଓ ରାଉରକେଲା ବ୍ୟତୀତ ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ତାଳଚେର, ପାରାଦୀପ, ବ୍ରହ୍ମପୁର, ପୁରୀ, କୋରାପୁଟ, ସୁନାବେଡ଼ା, ରାୟଗଡ଼ା, ବାଲେଶ୍ୱର ଓ ଭଦ୍ରକ ପ୍ରଭୃତି ଅଞ୍ଚଳରେ ଜମି ସଂଗ୍ରହ କରି ଚଳିତ ବର୍ଷ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଯୋଜନା କରିଛନ୍ତି ।

# ସଫଳତାର କାହାଣୀ

ଢେଙ୍କାନାଳ ସହରସ୍ଥ ଜୟଗୋପାଳ ସାହିର ଶ୍ରୀ ଦୁଃଶାସନ ଦଳାଇ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ କରି ବାର୍ଷିକ ୧୦ ହଜାର ଟଙ୍କା ଉପାର୍ଜନ କରି ପାରୁଥିବାରୁ ଗତ ଜନରାଜ୍ୟ ଦିବସ ଉତ୍ସବରେ ମତ୍ସ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଶ୍ରୀ ଦଳାଇଙ୍କୁ ପ୍ରଶଂସାପତ୍ର ସହ ଏକଶତ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ଦଳାଇଙ୍କ ମତ୍ସ୍ୟଚାଷ ପୋଖରୀ ଓ ଯାଆଁଳ ସଂରକ୍ଷଣ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ, ବିଧାନ ସଭା ସଦସ୍ୟ ଶ୍ରୀ ହଳଧର ମିଶ୍ର, ଜିଲ୍ଲାପାଳ, ମତ୍ସ୍ୟ ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ ପ୍ରମୁଖ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ ।

ଶ୍ରୀ ଦଳାଇ ସରକାରୀ ମତ୍ସ୍ୟ ତାଲିମ କେନ୍ଦ୍ରରେ ଉନ୍ନତ ମତ୍ସ୍ୟଚାଷ ସମ୍ପର୍କରେ ୩ ମାସ ତାଲିମ ନେଇ ଢେଙ୍କାନାଳ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକଙ୍କ ବୈଷୟିକ ପରାମର୍ଶକ୍ରମେ ମତ୍ସ୍ୟ ଚାଷ କରିଛନ୍ତି । ମାଛ ଧରିବା ପାଇଁ ନାଇଲନ୍ ଜାଲ ପ୍ରଭୃତି କିଣିବା ନିମନ୍ତେ ମତ୍ସ୍ୟ ବିଭାଗର ସୁପାରିଶ କ୍ରମେ ବ୍ୟାଙ୍କରୁ ୨ ହଜାର ଟଙ୍କା ଋଣ ଆକାରରେ ସେ ପାଇଛନ୍ତି ଏବଂ ସେଥିରୁ ତାଙ୍କୁ ୫୦୦ ଟଙ୍କା ସରକାରଙ୍କଠାରୁ ରିହାତି ଦିଆଯାଇଛି ।

## "ମାଛଚାଷ ମତେ ନୂଆବାଟ ଦେଖାଇଲା"

ଢେଙ୍କାନାଳ ସହରସ୍ଥ ଜୟ ଗୋପାଳ ସାହିର ଶ୍ରୀ ଦୁଃଶାସନ ଦଳେଇ ଜଣେ ଉଦୀୟମାନ ଯୁବକ । ସେ ୧୯୭୪-୭୫ ମସିହାରେ ଢେଙ୍କାନାଳ ସଦର ସରକାରୀ ଯାଆଁଳ କେନ୍ଦ୍ରରେ (ଇନ୍‌ଲ୍ୟାଣ୍ଡ) ମଧୁର ମତ୍ସ୍ୟଚାଷ ସଂପର୍କରେ ମାସିକ ୬୦ ଟଙ୍କା ଷ୍ଟାଇପେଣ୍ଡରେ ଟ୍ରେନିଂ ନେଇଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ।

ଦୁଃଶାସନର ପିତା ଶ୍ରୀ ଭିକାରି ଦଳେଇ ନଦୀଗଣ୍ଡ, ଗ୍ରାମ ପଞ୍ଚାୟତ ପୋଖରୀ ଓ ଘରୋଇ ପୋଖରୀମାନଙ୍କରୁ ପୂର୍ବ ପ୍ରଚଳିତ ଖେପାଜାଲ ସାହାଯ୍ୟରେ ମାଛ ଧରି ଢେଙ୍କାନାଳ ସହରରେ ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ । ତାଙ୍କର ହାରାହାରି ବାର୍ଷିକ ଆୟ ଥିଲା ୩,୦୦୦ ଟଙ୍କା ।

ମଧୁର ମାଛ ଚାଷର ବିଭିନ୍ନ ପ୍ରଣାଳୀରେ ଟ୍ରେନିଂ ପାଇବା ପରେ ଶ୍ରୀ ଦୁଃଶାସନ ଦଳେଇ ତାଙ୍କର ଲବ୍ଧ-ଜ୍ଞାନ ଓ ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇ ନିଜର ଆର୍ଥିକ ଅବସ୍ଥା ସୁଧାରିବା ସଂଗେ ସଂଗେ ଅଧିକ ମତ୍ସ୍ୟ ଉତ୍ପାଦନ ନିମିତ୍ତ ତତ୍ପର ହୋଇ ପଡ଼ିଲେ । ତେଣୁ ସେ ମତ୍ସ୍ୟ ବିଭାଗ ଦ୍ୱାରା 'ମତ୍ସ୍ୟଜୀବୀମାନଙ୍କୁ ଦିଆଯାଉଥିବା ସାହାଯ୍ୟ' ର ସୁଯୋଗ ନେଲେ । ଏହି ବ୍ୟବସ୍ଥା ଅନୁଯାୟୀ ସେ ଉନ୍ନତ ଧରଣ ମାଛ ଧରା ଜାଲ, ଯାଆଁଳ ଧରା ଜାଲ ଇତ୍ୟାଦି କିଣିବା ପାଇଁ ଜିଲ୍ଲା ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ସୁପାରିସ ଅନୁଯାୟୀ, ଢେଙ୍କାନାଳ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରୁ ୧୯୭୫-୭୬ ମସିହାରେ ୨,୦୦୦ ଟଙ୍କା ଋଣ ନେଲେ । ଉକ୍ତ ଟଙ୍କା ମଧ୍ୟରୁ ଶତକଡ଼ା ୨୫ ଭାଗ ଅର୍ଥାତ୍ ୫୦୦ ଟଙ୍କା ସାହାଯ୍ୟ ଆକାରରେ ପାଇଲେ ମତ୍ସ୍ୟ ବିଭାଗରୁ । ଏହି ଟଙ୍କା ପାଇ ସେ କିଣିଲେ ପୋଖରୀ, ନଦୀ ଗଣ୍ଡ, ଦହ ଓ ପାଟରୁ ମାଛ ଧରିବା ନିମିତ୍ତ ଗୋଟିଏ ନାଇଲନ୍ ଜାଲ । ମାଛ ଚାଷ ଓ ବ୍ୟବସାୟର ପ୍ରସାର ସଂଗେ ସଂଗେ ପଥୁରିଆ ତଳ ଓ ଖୁଣ୍ଟା ପୂର୍ଣ୍ଣ ପୋଖରୀ ଏବଂ କ୍ଷୁଦ୍ର ଜଳ ସେଚନ ଜଳାଶୟରୁ ମାଛ ଧରିବା ନିମିତ୍ତ ଫାସି ଜାଲ (ଗିଲ୍ ନେଟ), ନର୍ସରି ପୋଖରୀରୁ ଯାଆଁଳ ଧରିବା ନିମିତ୍ତ ନାଇଲନ ଯାଆଁଳ ଧରା ଜାଲ (ଡ୍ରି ଡ୍ରାଗ୍‌ନେଟ୍) ଓ ନଦୀରୁ ଯାଆଁଳ ସଂଗ୍ରହ କରିବା ନିମିତ୍ତ ନାଇଲନ ଜାଲ (ସୁଟିଂ ନେଟ) ଏବଂ ଯାଆଁଳ ଓ ମାଛ ଚାଷ ଉପଯୋଗୀ ଅନ୍ୟାନ୍ୟ ଉପକରଣ ସେ କିଣି ପାରିଛନ୍ତି ଓ ସେ ସବୁର ପୂର୍ଣ୍ଣ ସଦୁପଯୋଗ କରି ପାରିଛନ୍ତି ।

କାର୍ଯ୍ୟର ପ୍ରସାର କ୍ରମେ ଦୁଃଶାସନ ଦଳେଇଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ତାଙ୍କର ପିତା ଶ୍ରୀ ଭିକାରି ଦଳେଇ, କକା ଶ୍ରୀ ଶିଖର ଦଳେଇ, ଭାଇ ଶ୍ରୀ କାର୍ତ୍ତିକ ଦଳେଇ ଓ ମାମୁଁ ଶ୍ରୀ ଅଲେଖ ଦଳେଇ । ନିଜ ଘରର ବାଡ଼ି ପଟେ ଥିବା ଦୁଇ ଗୋଟି ଛୋଟ ପୋଖରୀ ସ୍ୱଳ୍ପ ମିଆଦୀ ପଟ୍ଟାରେ ପାଞ୍ଚଟି ଗ୍ରାମ ପଞ୍ଚାୟତ ପୋଖରୀ ଓ ବିରାଡ଼ିଆ କ୍ଷୁଦ୍ର ଜଳ ସେଚନ ଜଳାଶୟକୁ ନେଇ ଆରମ୍ଭ

ଲଣ୍ଡନର ଗୋଲଟେବୁଲ ବୈଠକରେ ଯେତେବେଳେ ମହାତ୍ମା ଗାନ୍ଧୀଙ୍କର ପ୍ରତିନିଧିତ୍ୱ ବାରମ୍ବାର ବ୍ୟର୍ଥ ହେଲା, ସୁଭାଷ ଚନ୍ଦ୍ର ସେତେବେଳେ ନିଜକୁ ଜଣେ ଚରମ ପନ୍ଥୀ ରୂପେ ଘୋଷଣା କରି କହିଥିଲେ—

"No real change in history has ever been achieved by discussions, but the only alternative is war"

୧୯୩୮ ମସିହାରେ ଜାତୀୟ କଂଗ୍ରେସର ସଭାପତି ନିର୍ବାଚିତ ହେବା ପରେ ସୁଭାଷ ବୋଷ ଭାରତର ବିଭିନ୍ନ ସ୍ଥାନକୁ ଯାଇ ଜାତୀୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଲେ । ଦୁର୍ଭାଗ୍ୟବଶତଃ ମହାତ୍ମା ଗାନ୍ଧୀଙ୍କ ସମର୍ଥିତ ପଟ୍ଟାଭି ସୀତାରାମାୟାଙ୍କୁ ପରାଜିତ କରିଥିବାରୁ ସୁଭାଷ ବୋଷ ଏବଂ ମହାତ୍ମା ଗାନ୍ଧୀଙ୍କର ମନାନ୍ତର ସୃଷ୍ଟି ହେଲା । ବନ୍ଦୀ ଅବସ୍ଥାରେ କଲିକତାସ୍ଥ ଏଲଗିନ୍ ରୋଡ଼ ଘରୁ ଇଂରେଜ ପୁଲିସ ଆଖିରେ ଧୂଳି ଦେଇ ଦିନେ ସୁଭାଷ ବୋଷ ଅନ୍ତର୍ଦ୍ଧାନ ହେଲେ । ତା' ପରେ କାବୁଲ, ରୁଷିଆ ମଧ୍ୟ ଦେଇ ଜର୍ମାନୀରେ ପହଞ୍ଚି ହିଟ୍‌ଲରଙ୍କ ସହିତ ବନ୍ଧୁତା ସ୍ଥାପନ କଲେ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଥାଏ ହିଟ୍‌ଲର ମିତ୍ର ଶକ୍ତି ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ଓ ରୁଷିଆ ସହିତ ଲଢ଼ୁଥାନ୍ତି । ସୁଭାଷ ବୋଷ ସେଠାରେ ଭାରତୀୟ ଯୁଦ୍ଧ ବନ୍ଦୀଙ୍କୁ ଏକାଠି କରି ମିତ୍ର ଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବାକୁ ଠିକ୍ କଲେ । ୧୯୪୧ ମସିହା ନଭେମ୍ବର ମାସରେ ସେ ବର୍ଲିନର 'ଆଜାଦ୍ ହିନ୍ଦ ରେଡ଼ିଓ' ରୁ ତାଙ୍କର ପ୍ରଥମ ଭାଷଣ ଶୁଣାଇଲେ । "ଆଜାଦ୍ ହିନ୍ଦ୍ ରେଡ଼ିଓ" ମାଧ୍ୟମରେ ଭାରତର ଜନସାଧାରଣଙ୍କ ମନରେ ଦେଶପ୍ରେମ ପ୍ରଜ୍ୱଳିତ କରିବା ପାଇଁ ଓଜସ୍ୱିନୀ ଭାଷାରେ ଆହ୍ୱାନ ଦେଲେ ଏବଂ "ଜୟହିନ୍ଦ୍" ସ୍ଲୋଗାନହିଁ ସେହିଠାରେ ସେ ପ୍ରଥମେ ଆରମ୍ଭ କରିଥିଲେ । ୧୯୪୨ ଜାନୁଆରୀ ୨୬ ତାରିଖକୁ ବର୍ଲିନରେ ପ୍ରଥମେ ସୁଭାଷ ବୋଷ 'ଭାରତର ସ୍ୱାଧୀନତା ଦିବସ' ରୂପେ ପାଳନ କରିଥିଲେ । ବର୍ଲିନରେ ବେଶିଦିନ ରହିବା ଉଚିତ ମନେ ନକରି ୧୯୪୩ ମସିହା ଫେବୃଆରୀ ୮ ତାରିଖରେ ଜାପାନ ଅଭିମୁଖେ ଯାତ୍ରା କଲେ । କାରଣ ଜାପାନ ସୁଦୂର ପ୍ରାଚ୍ୟ ରାଷ୍ଟ୍ରମାନଙ୍କ ଭିତରୁ ଇଂରେଜ ବିରୁଦ୍ଧରେ ପ୍ରବଳ ଆକ୍ରମଣ ଆରମ୍ଭ କରିଥାଏ ଏବଂ ପ୍ରଶାନ୍ତ ମହାସାଗର ବକ୍ଷରେ ଅଧିକାଂଶ ଇଂରେଜ ଯୁଦ୍ଧ ଜାହାଜକୁ ଧ୍ୱଂସ କରି କେତେକ ଇଂରେଜ ଅଧିକୃତ ଦ୍ୱୀପକୁ ମଧ୍ୟ ଦଖଲ କରି ସାରିଥାଏ । ତେଣୁ ସୁଭାଷ ଚନ୍ଦ୍ର ଜାପାନୀ ସୈନ୍ୟଶକ୍ତି ସାହାଯ୍ୟରେ ବ୍ରହ୍ମଦେଶକୁ କେନ୍ଦ୍ର କରି ଜୟନ୍ତୀଆ, ଖାସି ପାର୍ବତ୍ୟ ଅଞ୍ଚଳ ଦେଇ ଦିଲ୍ଲୀ ଦଖଲ କରିବାର କଳ୍ପନା କରିଥିଲେ । ସେ ବ୍ରହ୍ମଦେଶରେ ଏକ ଅସ୍ଥାୟୀ ସରକାର ପ୍ରତିଷ୍ଠା କଲେ ଏବଂ ଭାରତୀୟ ବାସିନ୍ଦାମାନଙ୍କୁ ନେଇ 'ଆଜାଦ୍ ହିନ୍ଦ୍ ଫଉଜ' ଗଠନ କଲେ ଓ ନିଜେ ତାହାର ସେନାଧ୍ୟକ୍ଷ ହେଲେ । ଆକ୍ରମଣ ଆରମ୍ଭ ହେଲା । 'ଦିଲ୍ଲୀ ଚଲୋ' ଡ଼ାକରାରେ ଆସାମର ପାର୍ବତ୍ୟ ଅଞ୍ଚଳ ନିନାଦିତ ହୋଇ ଉଠିଲା । କିନ୍ତୁ ଇଂଲଣ୍ଡ, ଆମେରିକା ଓ ରୁଷିଆର ପ୍ରବଳ ପ୍ରତିରୋଧ ଯୋଗୁ ସେମାନେ ଆଉ ଆଗେଇ ଆସି ପାରିଲେ ନାହିଁ । ଯୁଦ୍ଧରେ ସୁଭାଷ ପରାଜିତ ହେଲେ ସତ କିନ୍ତୁ ଦେଶ ପାଇଁ ସେ ଯେଉଁ ଅକୁଣ୍ଠ ଆତ୍ମୋତ୍ସର୍ଗ, ପ୍ରବଳ ପ୍ରଚେଷ୍ଟା ଏବଂ ସାଂଗଠନିକ କୌଶଳ ପ୍ରଦର୍ଶନ କଲେ ଭାରତ ଇତିହାସରେ ତାର ପଟାନ୍ତର ନାହିଁ ।

ସୁଭାଷ ଚନ୍ଦ୍ରଙ୍କ ଚରିତ୍ରର ମହତ ଗୁଣ ହେଉଛି ତେଜସ୍ୱିତା । ଭାଷଣ ଦ୍ୱାରା ଲୋକଙ୍କୁ ମୁଗ୍ଧ କରିବାର ଅସାଧାରଣ ଶକ୍ତି ସୁଭାଷବୋଷଙ୍କର ଥିଲା । ପର ଦୁଃଖରେ ସୁଭାଷ ଚନ୍ଦ୍ରଙ୍କର କୋମଳ ହୃଦୟ ଦ୍ରବୀଭୂତ ହେଉଥିଲା । ବହୁ ବନ୍ୟା ଓ ଦୁର୍ଭିକ୍ଷ ପୀଡ଼ିତ ନରନାରୀଙ୍କ ସେବାରେ ତାଙ୍କର ଏହି ହୃଦୟବତ୍ତାର ପରିଚୟ ମିଳିଛି । ସୁଭାଷ ବୋଷଙ୍କ ସ୍ୱଦେଶ ପ୍ରେମ, ସାହସିକତା, ଏକନିଷ୍ଠତା ଓ ମାତୃଭୂମିର ମୁକ୍ତି ପାଇଁ ଦୁର୍ଜୟ ସଂକଳ୍ପ ଯୁଗ ଯୁଗ ଧରି ଭାରତର ଭାବୀ ବଂଶଧରମାନଙ୍କୁ ଆତ୍ମତ୍ୟାଗ, ଦେଶର ସାମୂହିକ କଲ୍ୟାଣ ସାଧନ ତଥା ନ୍ୟାୟନିଷ୍ଠ ଜୀବନ ଯାପନ ପାଇଁ ଅନୁପ୍ରାଣିତ କରିବ ।

ଫର୍ଷ୍ଟ ହୋମିଓ ଫାର୍ମାସୀ
ପ୍ଲଟ ନଂ ୧୮, ସହିଦ ନଗର,
ଭୁବନେଶ୍ୱର

## ରାଜ୍ୟରେ ୨୧ କୋଟି ଟଙ୍କା ବ୍ୟୟରେ ୧୬,୫୦୧ ବାସଗୃହ ନିର୍ମାଣ

ଷଷ୍ଠ ଯୋଜନା କାଳରେ ଓଡ଼ିଶା ଗୃହ ନିର୍ମାଣ ବୋର୍ଡ ଜରିଆରେ ରାଜ୍ୟରେ ୨୧ କୋଟି ୪୬ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟରେ ୧୬,୫୦୧ ଟି ବାସ ଗୃହ ନିର୍ମାଣ କରାଯିବ । ଏହି ସବୁ ଟଙ୍କା ହୁଡ଼କୋ ଋଣ ଆକାରରେ ବୋର୍ଡକୁ ଯୋଗାଇ ଦେବ । ଏହି ମଧ୍ୟରୁ ୨ କୋଟି ୪୨ ଲକ୍ଷ ୭୩ ହଜାର ଟଙ୍କା ଆଦିବାସୀ ଉପଯୋଜନା ଅଞ୍ଚଳରେ ଖର୍ଚ୍ଚ କରା ଯାଇ ୧୪୬୬ଟି ବାସ-ଗୃହ ନିର୍ମାଣ କରାଯିବା ସଂଗେ ସଂଗେ ୧୨୦ ଏକର ଜମି ଖର୍ଚ୍ଚ କରା ଯାଇ ତାହାର ଉନ୍ନତି କରାଯିବ ।

# ନେତାଜୀ ସୁଭାଷ

ଡଃ ରାମଚନ୍ଦ୍ର ପଟ୍ଟନାୟକ (ହୋମିଓ)

ଜଗତରେ ସମୟ ସମୟରେ ଯୁଗାନ୍ତକାରୀ ବ୍ୟକ୍ତିତ୍ୱର ଆବିର୍ଭାବ ଘଟିଥାଏ । ନେତାଜୀ ସୁଭାଷ ଚନ୍ଦ୍ର ଥିଲେ ସେହିପରି ଜଣେ କ୍ଷଣଜନ୍ମା ପୁରୁଷ । 'ତୁଳସୀ ଦୁଇ ପତ୍ରରୁ ବାସିବା, ପରି ନେତାଜୀଙ୍କର ମହତ୍ତ୍ୱ ଶୈଶବରୁ ଜଣା ପଡ଼ିଥିଲା । ବାଲ୍ୟ ଜୀବନରୁ ଭବିଷ୍ୟତରେ ସେ ଯେ ଜଣେ ମହାନ ଜନନାୟକ ଭାବେ ସ୍ୱାଧୀନତା ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବେ ଏବଂ ଇତିହାସ ପୃଷ୍ଠାରେ ଜଣେ ଚିର ଜାଜ୍ୱଲ୍ୟମାନ ଚରିତ୍ର ହୋଇ ଯୁଗେ ଯୁଗେ ବିରାଜିବେ, ତାହା ତାଙ୍କ କାର୍ଯ୍ୟବଳୀରୁ ହିଁ ସ୍ପଷ୍ଟ ଜଣା ପଡ଼ିଥିଲା । ଆମରି କଟକ ସହରରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଏକ ବଙ୍ଗାଳୀ କାୟସ୍ଥ ପରିବାରରେ ତାଙ୍କର ଜନ୍ମ । ସୁଭାଷ ଚନ୍ଦ୍ରଙ୍କ ପିତା ହେଉଛନ୍ତି ଜାନକୀ ନାଥ ବୋଷ ଏବଂ ମାତା ପ୍ରଭାବତୀ ଦେବୀ । ବାଲ୍ୟ ଶିକ୍ଷା କଟକ ରେଭେନ୍‌ସା କଲିଜିଏଟ ସ୍କୁଲରେ ଶେଷ କରି ୧୯୧୩ ମସିହାରେ ସେ କଲିକତା ପ୍ରେସିଡେନ୍‌ସି କଲେଜରେ ଦର୍ଶନ ଶାସ୍ତ୍ରର ଛାତ୍ର ହିସାବରେ ପ୍ରବେଶ କଲେ । ଛାତ୍ରାବସ୍ଥାରେ ସେ ଜଣେ ନୀତିବାନ ଯୁବକ ଥିଲେ । ଶିକ୍ଷା ସମୟରେ ରାମକୃଷ୍ଣ ପରମହଂସ ଦେବ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଗ୍ରନ୍ଥାବଳୀ ପାଠ କରି ସେ ବିଶେଷ ଅନୁପ୍ରାଣିତ ହୋଇଥିଲେ । ୧୯୧୯ ଖ୍ରୀଷ୍ଟାବ୍ଦରେ ସୁଭାଷ ଚନ୍ଦ୍ର ଦର୍ଶନ ଶାସ୍ତ୍ରରେ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବି. ଏ. ଡ଼ିଗ୍ରୀ ଲାଭ କଲେ ।

ଜାନକୀନାଥ ପୁତ୍ରମାନଙ୍କୁ ପାଶ୍ଚାତ୍ୟ ଶିକ୍ଷା ଦେବାକୁ ସ୍ଥିରସଂକଳ୍ପ ଥିଲେ । ତେଣୁ ସେ ସୁଭାଷ ପରି ମେଧାବୀ ଛାତ୍ରକୁ ଉଚ୍ଚ ଶିକ୍ଷା ନିମନ୍ତେ ଅର୍ଥାତ୍ ଆଇ. ସି. ଏସ୍. ପରୀକ୍ଷା ପାଇଁ ଇଂଲଣ୍ଡ ପଠାଇବାକୁ ଇଚ୍ଛା ପ୍ରକାଶ କଲେ । ସୁଭାଷ ୧୯୧୯ ଖ୍ରୀଷ୍ଟାବ୍ଦ ସେପ୍‌ଟେମ୍ବର ମାସରେ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ପ୍ରତିଯୋଗିତା ପାଇଁ ଲଣ୍ଡନ ଗଲେ । ସେ ମାତ୍ର ଆଠ ମାସ ପରେ ଇଣ୍ଡିଆନ ସିଭିଲ୍ ସର୍ଭିସ୍ ପରୀକ୍ଷା ଦେଲେ । ନିଜର ଅପରିସୀମ ଜ୍ଞାନ ଏବଂ ଚରମ ଅଧ୍ୟବସାୟ ବଳରେ ସୁଭାଷ ବୋଷ ୧୯୨୦ ମସିହାରେ ଆଇ. ସି. ଏସ୍. ପରୀକ୍ଷାରେ ସମଗ୍ର ବ୍ରିଟିଶ ସାମ୍ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲେ । ଆଠ ମାସ ମଧ୍ୟରେ ଏହି କଠିନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଏପରି କୃତିତ୍ୱ ପ୍ରଦର୍ଶନ କରିବା ସୁଭାଷଚନ୍ଦ୍ରଙ୍କର ଅସାଧାରଣ ପ୍ରତିଭାର ପରିଚାୟକ ।

## ଜାତୀୟ ଆନ୍ଦୋଳନ ଓ ସ୍ୱଦେଶ ପ୍ରେମ

କିନ୍ତୁ ସେ ରାଜକୀୟ ଚାକିରୀର ସୁଖ ସମ୍ଭୋଗ, କ୍ଷମତାର ଲାଳସା, ଅଜସ୍ର ଅର୍ଥ ଉପାର୍ଜନ ଓ ଉଜ୍ଜ୍ୱଳ ଭବିଷ୍ୟତକୁ ତୁଚ୍ଛ ମନେକରି ସୁଭାଷ ୧୯୨୧ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ । ଦେଶର ଐତିହ୍ୟ ଗୌରବ ଓ ସ୍ୱାଧୀନତା ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥଠାରୁ ମହନୀୟ ମନେ ହେଲା । ଦେଶ ପ୍ରଥମ, ପରେ ବ୍ୟକ୍ତି । ଏହି ବିଚାରରେ ଉଦ୍‌ବୁଦ୍ଧ ହୋଇ ସୁଭାଷ ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ସହକର୍ମୀ ଭାବରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ଏଇଠାରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହେଲା । ତେଜସ୍ୱୀ ତଥା ବୁଦ୍ଧିମାନ ସୁଭାଷ ଚନ୍ଦ୍ରଙ୍କୁ ଦେଶବନ୍ଧୁ ଚିତ୍ତରଂଜନ ନିଜର ଦକ୍ଷିଣ ବାହୁ ପରି ଅନୁଭବ କଲେ । ଜାତୀୟ ଆନ୍ଦୋଳନରେ ସୁଭାଷ ଚନ୍ଦ୍ରଙ୍କର ସହଯୋଗ ଭାରତ ଇତିହାସରେ ଏକ ନୂତନ ଅଧ୍ୟାୟର ସୂଚନା ଦେଲା । ୧୯୨୨ ମସିହାରେ ଜାତୀୟ ନେତା ଚିତ୍ତରଂଜନ ଦାସଙ୍କର ସେ ବ୍ୟକ୍ତିଗତ ସାହାଯ୍ୟକାରୀ ରହି "ସ୍ୱରାଜ୍ୟ ଦଳ" ପାଇଁ ପ୍ରାଣପଣେ ଲାଗି ପଡ଼ିଲେ । ଗଣ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ନେତାଜୀ ୧୯୨୪ ମସିହାରେ ବନ୍ଦୀ ହେଲେ । ଆଲିପୁର ଜେଲରେ ଦୁଇ ମାସ କଟାଇବା ପରେ ତାଙ୍କୁ ବ୍ରହ୍ମ ଦେଶ ମାଣ୍ଡାଲେ ଜେଲକୁ ୧୯୨୫ ମସିହା ଜାନୁଆରୀ ମାସରେ ସ୍ଥାନାନ୍ତରିତ କରାଗଲା । ତାଂ ପରେ ଥରକୁ ଥର ବନ୍ଦୀ ହେବା ଯୋଗୁଁ ସେ ରୁଗ୍ଣ ହୋଇପଡ଼ିଲେ ଏବଂ ତାଙ୍କୁ ଭିଏନାକୁ ଚିକିତ୍ସା ପାଇଁ ନିଆଯାଇଥିଲା ।




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଚନ୍ଦ୍ର ୧୯୭୯ ଜାନୁଆରୀ ୧୪ ତାରିଖ ଦିନ ବାଲେଶ୍ୱରଠାରେ ନିଖିଳ ଓଡ଼ିଶା ସଂସ୍କୃତ ମହାମଣ୍ଡଳର ବାର୍ଷିକ ଅଧିବେଶନରେ ଶ୍ରୀ ରମାନାଥ ମିଶ୍ରଙ୍କୁ ଗୋଟିଏ ତସର ଉତ୍ତରୀୟ ଉପହାର ଦେଉଛନ୍ତି ।



ସାଂସ୍କୃତିକ ବ୍ୟାପାରମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ୧୯୭୯ ଫେବୃଆରୀ ୩ ତାରିଖ ଦିନ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଭକ୍ତ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରୁଛନ୍ତି ।




ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୯ ଜାନୁଆରୀ ୧୪ ତାରିଖ
ଦିନ ବାଲେଶ୍ୱର ଷ୍ଟେଡ଼ିୟମ୍‌ର ଶିଳାନ୍ୟାସ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୯ ଫେବୃଆରୀ ୫ ତାରିଖ ଦିନ ଭୁବନେଶ୍ୱରରେ ପୂର୍ବାଞ୍ଚଳ ଶ୍ରମିକ ପରିଚାଳନା
ପାଠଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି ।



କେନ୍ଦ୍ର ଇସ୍ପାତ ଓ ଖଣିମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୯ ଫେବୃଆରୀ ୩ ତାରିଖ ଦିନ ପାରାଦୀପଠାରେ ଏକ ସାଧାରଣ ସଭାରେ ଭାଷଣ ଦେଉଛନ୍ତି ।



ରାଜ୍ୟପାଳ ଶ୍ରୀ ବି. ଡି. ଶର୍ମା କଟକ ଜିଲ୍ଲା ଗୋପାଳପୁରଠାରେ ଛଅଶଯ୍ୟା ବିଶିଷ୍ଟ ଏକ ହାସପାତାଳ ଉଦ୍‌ଘାଟନ କରୁଛନ୍ତି ।
(୨୪ ଜାନୁଆରୀ ୧୯୭୯)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଚନ୍ଦ୍ର ୧୯୭୯ ଜାନୁଆରୀ ୧୫ ତାରିଖ ଦିନ ଭୁବନେଶ୍ୱର ବାଣୀବିହାରଠାରେ ଅଧ୍ୟାପକ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।



୧୯୭୯ ଜାନୁଆରୀ ୧୬ ତାରିଖ ଦିନ ଆନ୍ଧ୍ରପ୍ରଦେଶ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ସହିତ ସାକ୍ଷାତ କରିଥିଲେ ।



ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଦୀପ କିଶୋର ଦାସ ୧୯୭୯ ଜାନୁଆରୀ ୧୩ ତାରିଖ ଦିନ ଭୁବନେଶ୍ୱର ସୈନିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଲୋକ ନାଟ୍ୟ ଏକ ଅଧ୍ୟୟନ

ଶ୍ରୀ ବୃନ୍ଦାବନ ଚନ୍ଦ୍ର ରଥ

କ୍ଲାସିକାଲ ଥିଏଟରର ପ୍ରତୀକ ହେଉଛି ଆମର ଲୋକ ନାଟ୍ୟ । ଏହା ମଧ୍ୟଯୁଗୀୟ ଥିଏଟରର ସୂଚକ । ନାଟକ ଓ ରଙ୍ଗମଞ୍ଚ କ୍ଷେତ୍ରରେ ଆଜି ଯେଉଁ ଅଭାବ ଦେଖାଦେଇଛି ତାହାର ଆଶୁ ସମାଧାନ ପାଇଁ ଆମର ଏହି ଲୋକନାଟ୍ୟହିଁ ଏକମାତ୍ର ସମର୍ଥ । ତେଣୁ ଆମକୁ ମଧ୍ୟଯୁଗକୁ ଦୃଷ୍ଟି ନିକ୍ଷେପ କରିବାକୁ ହେବ ।

ପ୍ରାଚୀନ ଓ ତଥା କଥିତ ଆଧୁନିକ ନାଟ୍ୟ ଶୈଳୀ ମଧ୍ୟରେ ଯୁଗ ଯୁଗ ହେଲା ପଡ଼ି ରହିଥିବା ବିଚ୍ଛେଦ, ଲୋକନାଟ୍ୟର ମାନକୁ ଦ୍ୱିଗୁଣିତ କରିଛି । ପକ୍ଷାନ୍ତରେ କେତେକ ଲୋକନାଟ୍ୟ କେତେକଙ୍କର ବେଉସା ହୋଇଥିବାରୁ ତାହା ସମାଜରେ ଆଜି ହଜାର ହଜାର ଦର୍ଶକଙ୍କୁ ଆନନ୍ଦ ବିତରଣ କରିବାକୁ ପାଇଁ ସମର୍ଥ । ଆଉ ମଧ୍ୟ ଏହା ଏକ ଶକ୍ତିଶାଳୀ ଗଣମାଧ୍ୟମ । ସାମାଜିକ ପରିସ୍ଥିତି ଓ ପରିବେଶକୁ ନେଇ ଲୋକନାଟ୍ୟରେ ପରିବର୍ତ୍ତନ ଦେଖାଦେଲେ ମଧ୍ୟ ତାହାର ପ୍ରୟୋଜନ ନେଇ ଆମ ଦେଶର ବିଭିନ୍ନ ସ୍ଥାନରେ ଯେପରି ଭାବେ ପରୀକ୍ଷା ନିରୀକ୍ଷା ଚାଲିଛି, ତାହା ଫଳରେ ସେହି ଲୋକନାଟ୍ୟ ଆଜି ବିଭବଶାଳୀ ।

ସାଂସ୍କୃତିକ ଦିଗରେ ପରିପୂର୍ଣ୍ଣ ଆମର ଲୋକନାଟ୍ୟ ବିଭିନ୍ନ କଳାର ସମଷ୍ଟି । ନୃତ୍ୟ, ସଙ୍ଗୀତ, ପାଣ୍ଟୋମାଇମ୍ ଆଦି ବିଭିନ୍ନ କଳା ଏହିରେ ପରିବେଷିତ ହୋଇଥାଏ । ପୁରାଣ ଧର୍ମ ଓ ଲୋକ ଗୀତ ମଧ୍ୟ ସେହି ଲୋକନାଟ୍ୟ ମାଧ୍ୟମରେ ପ୍ରସ୍ଫୁରିତ ହୋଇଥାଏ । ତେଣୁ ଆମର ଏହି କ୍ଲାସିକାଲ ଥିଏଟର ବିଭିନ୍ନ ସାଂସ୍କୃତିକ କଳାର ଏକ ସୁମନୋହର ସମାବେଶ । ପରନ୍ତୁ ଧର୍ମଭିତ୍ତିକ ଏହି ଲୋକନାଟ୍ୟ ସ୍ଥାନୀୟ ସାମାଜିକ ଜୀବନ ଓ ଆଧ୍ୟାତ୍ମିକ ଭାବଧାରାର ପ୍ରତିଚ୍ଛବି ।

ତେଣୁ ଏହି ଅବସରରେ ଲୋକନାଟ୍ୟର ସମୀପବର୍ତ୍ତୀ ହୋଇ ଆଧୁନିକ ନାଟକର ମାନୋନ୍ନତି ନିମିତ୍ତ ଚିନ୍ତା କରିବା ଦରକାର ।

ଲୋକନାଟ୍ୟ ପାଇଁ ବର୍ତ୍ତମାନ ଯେଉଁ ମଞ୍ଚ ପରିଦୃଷ୍ଟ ତାହା ପ୍ରଧାନତଃ ଦ୍ୱିବିଧ ।

(୧) ମଞ୍ଚଶୂନ୍ୟ ରଙ୍ଗମଞ୍ଚ—ଯେଉଁ ଚଟାଣରେ ଦର୍ଶକମାନେ ବସିବା ପାଇଁ ଆସନ ଲଭିଥାନ୍ତି ସେହି ଚଟାଣର କେତେକ ଅଂଶରେ ମଞ୍ଚଶିଳ୍ପୀମାନେ ଅଭିନୟ କରନ୍ତି । ସେହି ଅଭିନୟ ପାଇଁ କୌଣସି ମଞ୍ଚ ବନ୍ଧାଯାଇନଥାଏ । ତେଣୁ ଏହାକୁ ମଞ୍ଚଶୂନ୍ୟ ରଙ୍ଗମଞ୍ଚ କୁହାଯାଇଥାଏ । ଛୋଟ ଅଭିନୟ ଠାରୁ ଆରମ୍ଭ କରି ଅପେରା ବା ଯାତ୍ରା ପର୍ଯ୍ୟନ୍ତ ସାଧାରଣତଃ ଏହିପ୍ରକାର ମଞ୍ଚରେ ଆଗେ ଅଭିନୟ ହେଉଥିଲା । ଏବେ ମଧ୍ୟ ଗାଁ ଗହଳରେ ସେହି ପ୍ରକାରରେ ଅଭିନୟ ହେଉଅଛି ।

(୨) ମୁକ୍ତାଙ୍ଗନ ରଙ୍ଗମଞ୍ଚ ବା Open plat form Stage—ଏ ପ୍ରକାର ରଙ୍ଗମଞ୍ଚ କେତେକ ରୀତି ନାଟ୍ୟ ବା ଲୀଳା ପରିବେଷଣର ବିଭିନ୍ନ ପ୍ରକ୍ରିୟା ପାଇଁ କେତେକ ସ୍ଥାନରେ ବ୍ୟବହାର କରାଯାଏ । ସେ ଯାହାହେଉ ଆଜିକାଲି ଉକ୍ତ ଦ୍ୱିବିଧ ରଙ୍ଗମଞ୍ଚକୁ ତାହାର ଭିନ୍ନ ଭିନ୍ନ ଦିଗରୁ ଅଭିନେତାମାନଙ୍କର ଯିବା ଆସିବା ପାଇଁ ବିଭିନ୍ନ ଯାତାୟତ ପଥ ସୃଷ୍ଟ କରିବା ସହିତ ଦର୍ଶକମାନଙ୍କ ନିମିତ୍ତ ସେହି ରଙ୍ଗମଞ୍ଚର ଚତୁର୍ଦ୍ଦିଗରେ ଆସନର ସୁବିଧା କରାଯାଇଅଛି ଏବଂ ପାଶ୍ଚାତ୍ୟ ଦେଶ ମାନଙ୍କରେ ଅନୁପମ ରଙ୍ଗମଞ୍ଚର ସେହି ପଥ ସବୁ ଯେପରି ଅଭିନେତୃବର୍ଗଙ୍କର ଅଭିନୟ ସ୍ଫୂର୍ତ୍ତି ରୂପେ କାର୍ଯ୍ୟକରେ ଆମେ ଏଠାରେ ମଧ୍ୟ ତାକୁ ସେହିପରି ବ୍ୟବହାର କରୁଅଛୁ । ତେଣୁ ଆମର ସେହି ଦ୍ୱିବିଧ ରଙ୍ଗମଞ୍ଚ ଆଜି ପାଶ୍ଚାତ୍ୟ ଦେଶର "Theatre in the round" ସଦୃଶ ।

ଓଡ଼ିଶାର ଲୋକନାଟ୍ୟ ଅର୍ଥାତ୍ ଯାତ୍ରା, ସୁଆଙ୍ଗ, ପାଲା, ଦଣ୍ଡନାଟ, ମୋଗଲ ତାମସା ଦାସକାଠିଆ, ଆଦିବାସୀ ନୃତ୍ୟ ନାଟ୍ୟ ଆଦି ସେହି ମଞ୍ଚଶୂନ୍ୟ ରଙ୍ଗ ମଞ୍ଚରେ ମୁକ୍ତାକାଶତଳେ ଥିବା ନିର୍ଦ୍ଦିଷ୍ଟ ଚଟାଣ ଭୂଇଁରେ ଅଭିନୀତ ହୋଇ ଆସୁଅଛି । କିନ୍ତୁ ଅତି ପ୍ରାଚୀନ କାଳରେ ଲିଖିତ ସଂସ୍କୃତ ଓ ପ୍ରାକୃତ-ନାଟକାଭିନୟ ପାଇଁ ଉନ୍ନତ ରଙ୍ଗମଞ୍ଚର ଆବଶ୍ୟକତା ଅନୁଭୂତ ହୋଇଥିବାର ନିଦର୍ଶନ ଅଦ୍ୟାବଧି ଅଛି । ପୁରୀ ଜିଲ୍ଲାର ଖଣ୍ଡଗିରି ଓ ସମ୍ବଲପୁର ଜିଲ୍ଲାର ରାମଗଡ଼ ପାହାଡ଼ ଯୋଗିମରା ଗୁମ୍ଫାରେ ଥିବା ରଙ୍ଗମଞ୍ଚର ନିଦର୍ଶନକୁ ଗବେଷକମାନେ ତାହା ଅନୁମାନ କରନ୍ତି । ଯୋଗିମରା ଶିଳାଲିପିରେ ସୁତାନୁକା ନାମ୍ନୀ ଦେବଦାସୀ ଓ ବାରାଣାସୀବାସୀ ଦେବଦିନ୍ନ ନାମ ରୂପ ଦକ୍ଷର ଉଲ୍ଲେଖ ଥିବା କଥା ସେମାନେ କହନ୍ତି । ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ଲିଖିତ "ପୀୟୂଷ ଲହରୀ" ନାମକ ନାଟକ ପୁରୀ ଶ୍ରୀମନ୍ଦିରସ୍ଥ କୀର୍ତ୍ତନ ଚକଡ଼ାରେ ଅଭିନୀତ ହେବା ବିଷୟ ମାଦଳା ପାଞ୍ଜିରେ ଉଲ୍ଲିଖିତ ଅଛି ବୋଲି ଡ଼ଃ ଜାନକୀବଲ୍ଲଭ ମହାନ୍ତି ତାଙ୍କର ଲିଖିତ "ଓଡ଼ିଶାରେ ରଙ୍ଗମଞ୍ଚର କ୍ରମବିକାଶ" ନିବନ୍ଧରେ କହିଛନ୍ତି ।

ଷୋଡ଼ଶ ଶତାବ୍ଦୀରେ ପୁରୀ ଶ୍ରୀମନ୍ଦିରରେ ଚୈତନ୍ୟ ମହାପ୍ରଭୁଙ୍କ ଉପସ୍ଥିତିରେ ରାୟ ରାମାନନ୍ଦଙ୍କ "ଜଗନ୍ନାଥ ବଲ୍ଲଭ" ନାଟକ ଜଗନ୍ନାଥ ବଲ୍ଲଭ ମଠରେ ଅଭିନୀତ ହୋଇଥିଲା ରାଜା ପ୍ରତାପରୁଦ୍ରଙ୍କ ଆର୍ଥିକ ସାହାଯ୍ୟରେ ରୂପ ଗୋସ୍ୱାମୀ କୃତ "ଲଳିତ ମାଧବ" ନାଟକ ମଧ୍ୟ ପୁରୀ ରାଧାକାନ୍ତ ମଠ ବା ଗମ୍ଭୀରାରେ ଅଭିନୀତ ହୋଇଥିଲା ସେହି ନାଟକ ଯେଉଁ ମଣ୍ଡପରେ ଅଭିନୀତ ହୋଇଥିଲା ତାହା ଅଦ୍ୟାପି ରଙ୍ଗ ଚକଡ଼ା ନାମରେ ବିଦିତ। ସଂସ୍କୃତ ନାଟକ ଲୋକନାଟ୍ୟ ଅନ୍ତର୍ଗତ ନ ହେଲେ ମଧ୍ୟ ତାହାର ରଙ୍ଗମଞ୍ଚ ନିର୍ମାଣ ପଦ୍ଧତି ଭରତ ମୁନି ନାଟ୍ୟଶାସ୍ତ୍ର ପ୍ରଣୋଦିତ ନୀତି ଅନୁସୃତ । କିନ୍ତୁ ଓଡ଼ିଶାର ଲୋକନାଟ୍ୟ ପାଇଁ ସେପରି ନିର୍ଦ୍ଦିଷ୍ଟ ରଙ୍ଗମଞ୍ଚ ନଥିଲା । ଯେଉଁ ଚଟାଣରେ ଦର୍ଶକ ବସୁଥିଲେ ସେହି ଚଟାଣଉପରେ ଯାତ୍ରାସବୁ ଅଭିନୀତ ହେଉଥିଲା । ଆଉମଧ୍ୟ କେତେକ କହନ୍ତି ଇଂରାଜୀ ଓ ଇଂରାଜୀ ପ୍ରଭାବିତ ବଙ୍ଗଳା ନାଟକର ଅଭିନୟକୁ ଆଦର୍ଶ କରି ଓଡ଼ିଶା ମଞ୍ଚଶିଳ୍ପର ବିକାଶ ହୋଇଅଛି ।

"ମୁକ୍ତାଙ୍ଗନ ରଙ୍ଗମଞ୍ଚ" ( „Open platform Stage ) ମଞ୍ଚଶୂନ୍ୟ ରଙ୍ଗମଞ୍ଚର ଏକ ଉନ୍ନତ ସୋପାନ । ଭାରତୀୟ ରଙ୍ଗମଞ୍ଚର ପରିକଳ୍ପନାକୁ ରୂପାୟିତ କରିବାକୁ ଯାଇ ଜାପାନ ଦେଶ ସର୍ବପ୍ରଥମ ତାଙ୍କ ଦେଶ ଥିଏଟର "ନହ" ଓ "କାବୁକ" ରଙ୍ଗମଞ୍ଚର ଅଶେଷ ଉନ୍ନତି କରିଅଛି । ବର୍ତ୍ତମାନର ବୈଜ୍ଞାନିକ ଯୁଗରେ ଜାପାନର ସେହି "କାବୁକୀ" ଥିଏଟର ସାରା ବିଶ୍ୱରେ

## ରାଜ୍ୟ ପ୍ରେକ୍ଷାଳୟମାନଙ୍କରେ

# ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ

ରାଜ୍ୟରେ ଥିବା ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକରେ ବାଧ୍ୟତାମୂଳକ ଭାବରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଅଛି । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବିକାଶ ଘଟାଇବାକୁ ହେଲେ ଉନ୍ନତ ଧରଣର ଚଳଚ୍ଚିତ୍ର ଉତ୍ପାଦନ କରାଯିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ପ୍ରଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯିବା ଓ ଚଳଚ୍ଚିତ୍ର ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ । ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ ବର୍ତ୍ତମାନ ଦ୍ରୁତ ଆଗେଇ ଚାଲିଛି । ୧୯୭୨ଠାରୁ ୧୯୭୬ ମସିହା ମଧ୍ୟରେ ୧୩ଟି, ୧୯୭୭ ମସିହାରେ ୧୦ଟି ଓ ୧୯୭୮ ମସିହାରେ ୧୫ଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଭାଷାଗତ ଅସୁବିଧା ଯୋଗୁଁ ରାଜ୍ୟ ବାହାରେ ଯଥେଷ୍ଟ ସଂଖ୍ୟକ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରଯାଇ ପାରୁ ନ ଥିବାରୁ ଏ ଦିଗରେ ବ୍ୟବସାୟିକ ସଫଳତା ହାସଲ କରିବା କଷ୍ଟସାଧ୍ୟ ହେଉଛି । ରାଜ୍ୟରେ ସୀମିତ ସଂଖ୍ୟକ ପ୍ରେକ୍ଷାଳୟ ଥିବାରୁ ଏବଂ ଏଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅବସ୍ଥିତ ଥିବାରୁ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ହିନ୍ଦୀ କିମ୍ବା ବଙ୍ଗଳା ଚଳଚ୍ଚିତ୍ର ସହିତ ପ୍ରତିଯୋଗିତା କରି ପାରୁନାହିଁ । ରାଜ୍ୟରେ ଅଦ୍ୟାବଧି ୧୦୦ଟି ସ୍ଥାୟୀ ଓ ୧୬ଟି ଅସ୍ଥାୟୀ ପ୍ରେକ୍ଷାଳୟ ରହିଛି । ଉକ୍ତ ପ୍ରେକ୍ଷାଳୟଗୁଡ଼ିକରେ ବର୍ଷର କେତେକ ଦିନ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ବାଧ୍ୟତାମୂଳକ କରାଯିବା ପାଇଁ ସ୍ଥିର କରାଯାଇଅଛି ।

ଏହା ବ୍ୟତୀତ, ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବିକାଶ ନିମନ୍ତେ ଏକ ନିଶ୍ଚିତ ପଦକ୍ଷେପ ସ୍ୱରୂପ ରାଜ୍ୟରେ ପ୍ରେକ୍ଷାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଉତ୍ସାହିତ କରାଯାଉଅଛି । ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ଦୁଇଶହ ପ୍ରେକ୍ଷାଳୟ ନିର୍ମାଣ ଦିଗରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ ଆର୍ଥିକ ସାହାଯ୍ୟ ଯୋଗାଇ ଦେବେ । ଆଇନାନୁଯାୟୀ ଚଳଚ୍ଚିତ୍ର ପ୍ରଦର୍ଶନକୁ ନିୟନ୍ତ୍ରିତ କରାଗଲେ ବିଜ୍ଞାନ ସମ୍ପର୍କୀୟ ଚଳଚ୍ଚିତ୍ର, ଶିକ୍ଷଣୀୟ ଚଳଚ୍ଚିତ୍ର, ସମ୍ବାଦ ତଥା ସାମ୍ପ୍ରତିକ ଘଟଣାବଳୀ ଚଳଚ୍ଚିତ୍ର ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଭୃତି ପ୍ରଦର୍ଶନ ନିମନ୍ତେ ଯଥେଷ୍ଟ ସୁବିଧା ହେବ । ୧୯୫୪ ମସିହା ଓଡ଼ିଶା ସିନେମା (ନିୟନ୍ତ୍ରଣ) ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ଦ୍ୱାରା ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକରେ କେବଳ ଓଡ଼ିଶାର ନିଜସ୍ୱ ସଂସ୍କୃତିସମ୍ପନ୍ନ ଅର୍ଥାତ୍ ଓଡ଼ିଶାର ଭାଷା, ରୀତିନୀତି, ଆଚାର ବ୍ୟବହାର, ସାମାଜିକ ଚଳଣି ତଥା ବେଶଭୂଷା ପ୍ରଭୃତି ପ୍ରତିଫଳିତ ହୋଇଥିବା ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇପାରିବ । ଫଳରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସ୍ୱାର୍ଥ ସୁରକ୍ଷା କରାଯିବା ସଙ୍ଗେ ସଙ୍ଗେ ଓଡ଼ିଆ ଡ୍ରବିଙ୍ଗ ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ଆବଶ୍ୟକତା ଆଉ ଅନୁଭୂତ ହେବନାହିଁ ।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସମ୍ପ୍ରତି ଓଡ଼ିଆ ଚିତ୍ର ନିର୍ମାଣର ଅଗ୍ରଗତିରୁ ଉପଲବ୍ଧ ହୁଏ । ଏ ଦିଗରେ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନ ତଥା ସରକାରଙ୍କ ମଧ୍ୟରେ ଅଧିକ ସହଯୋଗ ଏକାନ୍ତ ଆବଶ୍ୟକ ।



ମଧ୍ୟରେ ଯେପରି କୌଣସି ବ୍ୟବଧାନ ରହିବ ନାହିଁ ଏପରିକି ଦରକାର ସମୟରେ ପ୍ରେକ୍ଷାଳୟର କାଷ୍ଠଗୁଡ଼ିକ ମଧ୍ୟ ଅପ୍ରେକ୍ଷ ପ୍ରକ୍ରିୟା ପାଇଁ ମଞ୍ଚ ପରିବର୍ତ୍ତନ ହୋଇପାରିବ । ଯଦି ନାଟକରେ ଗୋଟିଏ ଏକ ଦୂରତ୍ୱ ଦୃଶ୍ୟ ଥାଏ ତେବେ ପ୍ରୋସେନିୟମ ଷ୍ଟେଜକୁ ଏକ ଦୃଶ୍ୟରେ ପରିଣତ କରି ଦିଆଯାଇପାରିବ ।"

ସେକ୍ସ ଡେଭସ ଏପରି ଦୃଢ଼ ମତ ପୋଷଣ କରିବାର ତାତ୍ପର୍ଯ୍ୟ ଏହି ଯେ ଏ ରୂପ ଏରିନା ଷ୍ଟେଜର ଖର୍ଚ୍ଚ ପ୍ରୋସେନିୟମ୍ ଷ୍ଟେଜ୍ ତୁଳନାରେ ବି ଖୁବ୍ କମ୍ ଏବଂ ସ୍ୱାଭାବିକ ଅଭିନୟ ପାଇଁ ଏହା ସୁପ୍ରଶସ୍ତ । କିନ୍ତୁ ସେଉଳି ନାଟ୍ୟରେ ଗୋଲ ଥିଏଟର ମଞ୍ଚ କୌଶଳର ପ୍ରୟୋଗ ବିଶେଷ ନାହିଁ କହିଲେ ଚଳେ ।

ନାଟକର ଉନ୍ନତି କଲେ ଉନ୍ନତ ଚିନ୍ତା ବା ପରୀକ୍ଷା ନିରୀକ୍ଷା କରିବା ପାଇଁ ଲୋକ ନାଟ୍ୟର ପ୍ରଯୋଜନା ପ୍ରତି ବିଶେଷ ଧ୍ୟାନ ଦେବା ସ୍ୱାଭାବିକ । ଶ୍ରୀ ମନୋରଞ୍ଜନ ଦାସ ଓଡ଼ିଶାରେ ଜନନାଟ୍ୟ ଆନ୍ଦୋଳନ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବାକୁ ଯାଇ ୧୯୫୦ ରୁ ପାରମ୍ପରିକ ନାଟକ ଲିଖନ ଉପରେ ବିଶେଷ ଗୁରୁତ୍ୱ ଦେଇ ସେ ଲେଖିଲେ "ଆଗାମୀ" ପରବର୍ତ୍ତୀ କାଳରେ ଉତ୍କଳ ନାଟ୍ୟ ସଙ୍ଘ ତଥା ପରେ ସୃଜନୀ ନାଟ୍ୟ ସଂସ୍ଥା ମାଧ୍ୟମରେ ମନୋରଞ୍ଜନଙ୍କ ଲିଖିତ "ସାଗରମନ୍ଥନ" "ବନହଂସୀ" ଓ ଅମୃତସ୍ୟ-ପୁତ୍ରପ୍ରେତ୍ ୟୁନିଗନ ଦ୍ୱାରା ତାଙ୍କ ଲିଖିତ ଅରଣ୍ୟ ଫସଲ ଏବଂ ଅନ୍ୟ ଅନୁଷ୍ଠାନ ମାଧ୍ୟମରେ କାଠଘୋଡ଼ା ପ୍ରଭୃତି ନାଟକମାନ ପାରମ୍ପରିକ ରୀତିକୁ ତ୍ୟାଗକରି ଆଧୁନିକ ରୀତିରେ ପ୍ରଯୋଜିତ ହୋଇଛି । ଶ୍ରୀ ପ୍ରାଣବନ୍ଧୁ କର ନ୍ୟାସନାଲ ମିଉଜିକ ଆସୋସିଏସନ ମାଧ୍ୟମରେ ୧୯୬୦ ରେ "ଅଶାନ୍ତ" ନାଟକ ଗୋଟିଏ ସେଟିଙ୍ଗରେ ମଞ୍ଚସ୍ଥ କରିଥିଲେ । ସେହିପରି ନାଟ୍ୟକାର ଶ୍ରୀରାମଚନ୍ଦ୍ର ମିଶ୍ର ମଧ୍ୟ ପୁରୁଣା ରୀତିକୁ ଛାଡ଼ି ନୂତନ ଧରଣର ନାଟକ "ନରୋତ୍ତମ ଦାସ କହେ" ୧୯୬୯ରେ ରଚନା କରି ଅନ୍ନପୂର୍ଣ୍ଣା ମଣ୍ଡପ ଦ୍ୱାରା ମଞ୍ଚସ୍ଥ କଲେ । ଏଥିରେ ଦର୍ଶକ ଓ ଅଭିନେତାମାନଙ୍କ ମଧ୍ୟରେ ସମ୍ପର୍କ ଆଣିବା ପାଇଁ ଚେଷ୍ଟା କରିଛନ୍ତି ଏହିପରି ପ୍ରଚେଷ୍ଟା ଶ୍ରୀ କାର୍ତ୍ତିକ କୁମାର ଘୋଷ ତାଙ୍କ ନାଟକ, "କାଁ ଆରେ କହିବି" ରେ ପରିଦୃଷ୍ଟ ଭୁବନେଶ୍ୱରର ସଙ୍କେତ" ଓ ରୂପକାର" ଆଦି ନାଟ୍ୟ ସଂସ୍ଥାମାନଙ୍କ ସାହାଯ୍ୟରେ ଶ୍ରୀ ବିଶ୍ୱଜିତ ଦାସ ସେଇ କେତୋଟି ଆଧୁନିକ ଶୈଳୀରେ ଲିଖିତ ନାଟକ ମଞ୍ଚସ୍ଥ କରିଥିଲେ ତନ୍ମଧ୍ୟରେ ମୃଗୟା" ଓ "ସମ୍ରାଟ" ନାଟକ ଉଲ୍ଲେଖଯୋଗ୍ୟ । ଏହି ସମୟରେ ଶ୍ରୀ ବିଜୟ ମିଶ୍ରଙ୍କ ଲିଖିତ "ଶବବାହକ ମାନେ" "ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ" ନାଟକ ଦୁଇଟି ମଞ୍ଚସ୍ଥ ହୋଇପାରିଛି ଦ୍ୱିତୀୟ ନାଟକଟି "ଉତ୍କଳ ପ୍ରତୁଷ" ନାଟ୍ୟ ସଂସ୍ଥା ଦ୍ୱାରା ପ୍ରଯୋଜିତ ନାଟକ ପ୍ରଯୋଜନ କ୍ଷେତ୍ରରେ ନାଟ୍ୟକାର —ସୁରେନ୍ ମହାନ୍ତିଙ୍କ (୧୯୬୭) ଲିଖିତ "ଶୋଭାଯାତ୍ରା" ପ୍ରଯୋଜନାର ଶୈଳୀ ନାଟ୍ୟକାରମାନଙ୍କ ପୂର୍ବୋକ୍ତ ଆଧୁନିକ ଧର୍ମୀ ନାଟକ ପ୍ରଯୋଜନାଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହା ପ୍ରାଚୀନ ଓ ନବୀନକୁ ସ୍ଥାନ ଦେଇ ସାମ୍ପ୍ରତିକ ନାଟକ— ପ୍ରଯୋଜନାର ଏକ ନୂତନ ଦିଗନ୍ତ ସୃଷ୍ଟି କରିଗଲେ । ତାହାର ପରବର୍ତ୍ତୀ କାଳରେ ଶ୍ରୀଯୁକ୍ତ କାର୍ତ୍ତିକ ରଥ, ରତ୍ନାକର ଚଇନି, ରମେଶ ପାଣିଗ୍ରାହୀ, ମନ୍ମଥନାଥ ଶତପଥୀ, ହିମାଂଶୁ ଭୂଷଣ ସାବତ ପ୍ରଭୃତି ଆଧୁନିକ ଧର୍ମୀ ବହୁ ନାଟ୍ୟକାର ନାଟକମାନ ଲେଖି ପ୍ରଯୋଜନା କ୍ଷେତ୍ରରେ ଅନୁରୂପ ପରୀକ୍ଷା ନିରୀକ୍ଷା କରୁଛନ୍ତି । କିନ୍ତୁ ଏସବୁ ସତ୍ୱେ ତାହା କାହାରିକି ସନ୍ତୁଷ୍ଟ କରି ପାରୁନଥିବା ଆମେ ଅନୁଭବ କରୁ, ନାଟ୍ୟକାର ବି ନୁହେଁ ପ୍ରଯୋଜକ । ରଙ୍ଗମଞ୍ଚର ରୂପରେଖ କିପରି ହେବା ଦରକାର ସେ ବିଷୟରେ ସେ ଦୁହେଁ ଆଉ ସଚେତନ ନାଟକକୁ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ଦୂର କରି ତାକୁ ଲୋକାଭିମୁଖୀ କରି ପାରିଲେ ଆମର ଜାତୀୟ ନାଟ୍ୟ ସଂସ୍କୃତି, ନିଶ୍ଚିତ ଭାବରେ ଅଗ୍ରଗତି କରିପାରିବ ଏହା ପ୍ରଗତିବାଦୀ ନାଟ୍ୟକାର ମାନଙ୍କର ଆଜିର ଚିନ୍ତା ।

ଏହା ନିଶ୍ଚିତ କଥା ଯେ ବିଗତ ଦୁଇ ଦଶନ୍ଧିରେ ଏ କ୍ଷେତ୍ରରେ ଘଟିଥିବା ପରୀକ୍ଷା ନିରୀକ୍ଷା ଲୋକ ସଂସ୍କୃତି ପ୍ରତି ଆମର ସ୍ପୃହା, ଉତ୍ସାହ, ଉଦ୍ଦୀପନାର ଅନ୍ୟ ଏକ ନିଦର୍ଶନ । ଆମ ଦେଶ ତୁଲ୍ୟ ଆମର ପଡ଼ୋଶୀ ରାଜ୍ୟ ବଙ୍ଗଳା, ବିହାର, ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟମାନଙ୍କରେ ମଧ୍ୟ ପ୍ରଯୋଜକମାନେ ସେମାନଙ୍କର ନାଟକ ପ୍ରଯୋଜନାରେ ଲୋକନାଟ୍ୟର ମଞ୍ଚ କୌଶଳକୁ ପ୍ରୟୋଗ କରି ନାଟକର ଧାରା ବା ରୀତିକୁ ମଧ୍ୟ ପରିବର୍ତ୍ତନ କରିଦେଲେଣି ।

ନାଟ୍ୟକାର ଡଃ ଧର୍ମବୀର ଭାରତୀଙ୍କର "ଅନ୍ଧଯୁଗ" (Verse play) ନାଟକରେ ଶ୍ରୀଇ. ଆଲକାଜି ଏକ ପ୍ରକାଣ୍ଡକାୟ ଏକ ମୁକ୍ତାକାଶ ରଙ୍ଗମଞ୍ଚ (Vast open air plat form stage) ବ୍ୟବହାର କରି ଦିଲ୍ଲୀରେ ଉତ୍ତରପ୍ରଦେଶରେ ହେଉଥିବା ରାମଲୀଳାର "ପ୍ରୋସେସନାଲ ଟାଇପ ଅଫ ପ୍ରୋଡ଼କସନ"କୁ ଅନୁକରଣ କରିଥିଲେ । କେବଳ ସେତିକି ନୁହେଁ, ଅଭିନୟ ପରିସର ଭିତରେ ବିଭିନ୍ନ ଉଚ୍ଚତା ବିଶିଷ୍ଟ କେତୋଟି ମଞ୍ଚ ମଧ୍ୟ ବନ୍ଧା ଯାଇଥିଲା । ଏହାବାଦ ବାହାରର କେତୋଟି ସ୍ଥାନକୁ ମଧ୍ୟ ସେହି ଅଭିନୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇ ଏରିନାଷ୍ଟେଜ୍ ନିର୍ମିତ ହୋଇଥିଲା ।

ରବି ଠାକୁରଙ୍କ "ରାଜା" King of the Dark Chamber କୁ ବଙ୍ଗଳା ଯାତ୍ରାକାରେ ପରିବେଷଣ କରି ଶ୍ରୀଯୁକ୍ତ ଶମ୍ଭୁ ମିତ୍ର ସେଠାରେ ପାରମ୍ପରିକ ନାଟକ କ୍ଷେତ୍ରରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲେ । ଆମ ଦେଶର ପାର୍ଲାମେଣ୍ଟ ସଦସ୍ୟ ତଥା ବିଶିଷ୍ଟ ନାଟ୍ୟ ସମାଲୋଚକ ଓ ପ୍ରଯୋଜକ ଶ୍ରୀ ହବିବ ତନବୀର "ମୃଚ୍ଛ କଟିକ" ନାଟକର ଉର୍ଦ୍ଦୁ ଅନୁବାଦ ଉତ୍ତର ପ୍ରଦେଶର ନୌଟଙ୍କି ଯାତ୍ରା ଢାଞ୍ଚାରେ ମଞ୍ଚସ୍ଥ କରିଥିଲେ । ତାଙ୍କ ଦ୍ୱାରା "ମୁଦ୍ରାରାକ୍ଷସ" ନାଟକ ତାହାର ଦୁଇ ତିନି ବର୍ଷ ପରେ ପ୍ରଯୋଜିତ ହେଲା । ସେଥିରେ ସେ ଅଭିନେତାମାନଙ୍କର ମଞ୍ଚକୁ ଯିବାଆସିବା ପାଇଁ ଯକ୍ଷଗଣ ଓ ରାସଲୀଳା ପ୍ରଭୃତି କେତେକ ଲୋକନାଟ୍ୟରେ ବ୍ୟବହୃତ ହେଉଥିବା Front curtain ବ୍ୟବହାର କରୁଥିଲେ । କୁଚିପୁଡ଼ି ଓ କଥାକଳିର ନୃତ୍ୟ ଠାଣିରେ ଶ୍ରୀ ତନ୍‌ବୀର ମୁଦ୍ରାରାକ୍ଷସକୁ ନାଟକରେ ମଧ୍ୟ ଅନୁରୂପ ନୃତ୍ୟ ପ୍ରଯୋଜନ କରିଥିଲେ । "କଲ୍ଲୋଳ" ଓ "ତୀର" ମାଧ୍ୟମ ନାଟକ ପ୍ରଯୋଜନା କରି ଶ୍ରୀ ଉତ୍ପଳ ଦତ୍ତ ବଙ୍ଗଳା ଯାତ୍ରାର ପରିବେଷଣ ଢଙ୍ଗ, ଏପରିକି ମାଇକ୍ ସଙ୍ଗୀତ, ଗୀତ, ନୃତ୍ୟ ତଥା ସୂତ୍ରଧରଙ୍କ ଅବତାରଣା କରିଥିଲେ । କେତେକ ନାଟ୍ୟକାର ତାଙ୍କ ଲିଖିତ ନାଟକରେ ପାଶ୍ଚାତ୍ୟ ଦେଶର କେତେକ ନାଟ୍ୟ କୌଶଳକୁ ରଖି ନିଜ ଦେଶର ଲୋକନାଟ୍ୟ କୌଶଳକୁ ତନ୍ମଧ୍ୟରେ ସ୍ଥାନ ଦେଇ ନାଟକ ଲିଖନରେ ଏକ ନୂତନ ରୀତିର ଆବିଷ୍କାର କରିଛନ୍ତି । ବଙ୍ଗଳାର ବାଦଲ ସରକାରଙ୍କ "ଏବଂ ଇନ୍ଦ୍ରଜିତ" ଗିରିଶ କର୍ଣ୍ଣାଡ଼ଙ୍କ "ତୁଗଲକ" ଏହି ନୂତନ ଆଭିମୁଖ୍ୟ ନେଇ ଲିଖିତ ନାଟକଦ୍ୱୟ ।

ମୋର ମନେପଡ଼େ, ଏକଦା ସ୍ୱର୍ଗତ କାଳୀଚରଣ ପଟ୍ଟନାୟକଙ୍କ ଏକ ଜନ୍ମ ଜୟନ୍ତୀ ଅବସରରେ ଡଃ ହରେକୃଷ୍ଣ ମହତାବ ତାଙ୍କ ରଚିତ ନାଟକ ପ୍ରଯୋଜନା ସମ୍ପର୍କରେ ଅଭିମତ ଦେଇ କହିଥିଲେ ଯେ, ଯାତ୍ରା ଢଙ୍ଗରେ କାଳୀବାବୁ ତାଙ୍କର ନାଟକଗୁଡ଼ିକ ଯାତ୍ରାକାରେ ପରିବେଷଣ କରୁଥିଲେ ବୋଲି ସେତେବେଳେ ପ୍ରେକ୍ଷାଳୟ ଲୋକାରଣ୍ୟ ହେଉଥିଲା । ତାଙ୍କ ଲିଖିତ "ଅଭିବକ୍ତି ଜଗନ୍ନାଥ ଦାସ" "ତୃଷ୍ଣନ", ଜୟଦେବ", "ରକ୍ତମାଟି" ଉତ୍କୃଷ୍ଟ ନାଟକର ଲୋକନୀତ ଜ୍ୱଳନ୍ତ ପ୍ରତୀକ । ଅବଶ୍ୟ ସେଉଳି ନାଟକରେ ସେ ଏକମୁଖୀ ଆବଦ୍ଧ ରଙ୍ଗମଞ୍ଚ ବ୍ୟବହାର କରୁଥିଲେ ମଧ୍ୟ ଓଡ଼ିଶାର ଲୋକ-ସଂସ୍କୃତିକୁ ସେହି ସୀମିତ ମଞ୍ଚ ପରିସର ମଧ୍ୟରେ ବିଶେଷ ଭାବରେ ସ୍ଥାନ ଦେଉଥିଲେ ଯାହାହେଉ, ବାଙ୍ଗାଲୋରର ବୟୋଜ୍ୟେଷ୍ଠ ପ୍ରବୀଣ ନାଟ୍ୟକାର, ପ୍ରଯୋଜକ ଡଃ ଆଦ୍ୟା ରଙ୍ଗାଚାରିୟା ଲୋକନାଟ୍ୟ ମଞ୍ଚକୌଶଳ ବିଷୟରେ ବିଶେଷଭାବେ ଅନୁପ୍ରାଣିତ ହୋଇ ସାହସର ସହିତ ଏକ ନୂତନ ନାଟକ ସୃଷ୍ଟି କଲେ "ସୁନୋ, ଜନ୍ମେଜୟ"

ଶ୍ରୀ ପି: ଏଲ: ଦେଶପାଣ୍ଡେଙ୍କ ଥିଏଟରରେ ମହାରାଷ୍ଟ୍ର ଲୋକନାଟ୍ୟ ତମାସାର ମଞ୍ଚ କୌଶଳ ବହୁ ଅଂଶେ ଦେଖିବାକୁ ମିଳେ ।

ସର୍ବପ୍ରଥମ Stylised Theatre ରୂପେ ବିବେଚିତ । ସେହିପରି ଆମଦେଶର ବିଶେଷତଃ ଓଡ଼ିଶା ରଙ୍ଗମଞ୍ଚର ଉନ୍ନତି କଥା ଚିନ୍ତା କରିବାକୁ ହେଲେ ପ୍ରଥମେ ଆମର ଜାତୀୟ ରଙ୍ଗମଞ୍ଚ ପ୍ରତି ଦୃଷ୍ଟିରଖି ତାହାର ବିକାଶସାଧନ କରିବା ଦରକାର ।

ଓଡ଼ିଶା ଭିନ୍ନ ଅନ୍ୟ ରାଜ୍ୟମାନଙ୍କର ମୁକ୍ତାଙ୍ଗନ ରଙ୍ଗମଞ୍ଚକୁ ମୂଳ ଭିତ୍ତିକରି ଭାରତୀୟ ଅନୁଧ୍ୟାନକାରୀମାନେ ବହୁ ପରୀକ୍ଷା ନିରୀକ୍ଷା କରି ତହିଁର ବିବିଧ ରଙ୍ଗମଞ୍ଚ ସୃଷ୍ଟି କରୁଥିବାର ପ୍ରମାଣ ମିଳେ । ଉତ୍ତର ପ୍ରଦେଶ କୁମାୟୁନ ଅଞ୍ଚଳରେ ଆଜିକାଲି ରାମଲୀଳା ଦ୍ୱୈତ ରଙ୍ଗମଞ୍ଚରେ ( Double Stage) ପରିବେଷିତ ହୁଏ । ସିନ୍ ସିନେରୀ ଆଉ ବିଭିନ୍ନ ପ୍ରଚ୍ଛଦ ପଟ ଦୃଶ୍ୟାବଳୀରେ ପରିପୂର୍ଣ୍ଣ ଥାଏ । ତାହାର ପ୍ରଥମ ରଙ୍ଗମଞ୍ଚ ଯେଉଁ ଆଭ୍ୟନ୍ତରୀଣ ରଙ୍ଗମଞ୍ଚ ରୂପେ ସୂଚୀତ ଏବଂ ସେହି ରଙ୍ଗମଞ୍ଚକୁ ରଖି ତାହାର ସାମନାରେ ଏକ ଉନ୍ନତ ପ୍ଲାଟଫର୍ମ ପରି ଦ୍ୱିତୀୟ ରଙ୍ଗମଞ୍ଚ ନିର୍ମିତ ହୋଇଥାଏ । ଆଉ ମଧ୍ୟ ସ୍ଥାନେ ସ୍ଥାନେ ଏପରି ପରିଦୃଷ୍ଟ ହୁଏଯେ ସେହି ରଙ୍ଗମଞ୍ଚରେ ନାଟ୍ୟ ବର୍ଣ୍ଣିତ ବିଭିନ୍ନ ଚରିତ୍ରାବଳୀର ନାଟକୀୟ ଆଗମନ ପ୍ରସ୍ଥାନ ପ୍ରହାଣୀ ଇତ୍ୟାଦି ବିଭିନ୍ନ ଅଭିନୟକୁ ବିଶେଷ ଭାବେ ଆକର୍ଷଣୀୟ କରିବା ନିମିତ୍ତ ବିଭିନ୍ନ ଉଚ୍ଚତାବିଶିଷ୍ଟ ପ୍ଲାଟଫର୍ମ ଷ୍ଟେଜ୍, ଷ୍ଟାଣ୍ଡ ଓ ସୋଫେକ୍ଟେଟ ବାଲ୍କୋନି ଇତ୍ୟାଦି ନିର୍ମିତ ହୋଇଥାଏ । ଏହିପରି ରଙ୍ଗମଞ୍ଚରେ ବିଶେଷକରି ନୃତ୍ୟନାଟ୍ୟର ପରିବେଷଣ ଅତ୍ୟନ୍ତ ସୁନ୍ଦର ଓ ଚିତ୍ତାକର୍ଷକ କାରଣ, ପ୍ରତ୍ୟେକଟି ରଙ୍ଗମଞ୍ଚ ବିଭିନ୍ନ ଦୃଶ୍ୟ ଓ ସେଟିଂରେ ସୁସଜ୍ଜିତ । ବାରଣାସି ନିକଟରେ ଥିବା ରାମନଗର ରାମଲୀଳା ରଙ୍ଗମଞ୍ଚର ଯଦିଓ ଏକ ମୁକ୍ତାଙ୍ଗନ ରଙ୍ଗମଞ୍ଚ ତାହାର ଗଢ଼ଣ ଓ ପରିପାଟୀ ଅନ୍ୟପ୍ରକାରର ତାହା ଏକ ବିରାଟ ଭୂଖଣ୍ଡ ପ୍ରାନ୍ତର । ତନ୍ମଧ୍ୟରେ ସ୍ଥାନେ ସ୍ଥାନେ ଲୀଳା ଅନୁଯାୟୀ ବିଭିନ୍ନ ଦୃଶ୍ୟ ସହିତ ତହିଁରେ ପ୍ରଚ୍ଛଦପଟ ସେଟିଂ ମାନ ଦିଆଯାଇ ବିଭିନ୍ନ ରଙ୍ଗମଞ୍ଚ ସ୍ଥାୟୀ ଭାବେ ନିର୍ମାଣ କରାଯାଇଥାଏ । ଏଭଳି ରଙ୍ଗମଞ୍ଚରେ ନାଟକଟି ଦର୍ଶକମାନଙ୍କ ସହିତ ବହୁଦିନାବଧି ଏକ ରଙ୍ଗମଞ୍ଚରୁ ଅନ୍ୟ ରଙ୍ଗମଞ୍ଚ ଏପରିକି ଅଭିନୟର ଶେଷରଜନୀ ପର୍ଯ୍ୟନ୍ତ ଘୂରୁଥାଏ ଏବଂ ସେହି ଲୀଳା ଅଭିନୟର ଶେଷ ରଜନୀରେ ଥାଏ ଏକ ଶୋଭାଯାତ୍ରା । ସେହି ଶୋଭାଯାତ୍ରାର ଆକର୍ଷଣୀୟ ବସ୍ତୁ ହେଲା ବହୁ ରଙ୍ଗରେ ଚିତ୍ରିତ ଦୃଶ୍ୟାବଳୀ ଓ ବିଭିନ୍ନ ମନୋରମ ସେଟିଂ ସହିତ ଏକ ପ୍ରକାଣ୍ଡ ମୋବାଇଲ ଷ୍ଟେଜ୍ (ଭ୍ରାମ୍ୟମାଣ ମଞ୍ଚ ) । ସେହି ଷ୍ଟେଜ୍ ରେ ମଧ୍ୟ ସୁସଜ୍ଜିତ ସିଂହାସନ ଥାଏ । ତହିଁରେ ବସିଥାନ୍ତି ଶ୍ରୀରାମ ଚନ୍ଦ୍ର ଓ ସୀତାଦେବୀ ଏବଂ ଅନ୍ୟ ଚରିତ୍ର ସବୁ ତାହାର ପଛପଟେ ଦଣ୍ଡାୟମାନ ରହି ଶୋଭାଯାତ୍ରାରେ ସେହି Mobile Stageର ଶ୍ରୀବୃଦ୍ଧି କରୁଥାନ୍ତି ।

ବର୍ତ୍ତମାନ ଓଡ଼ିଶାରେ କଟକ ଓ ଭୁବନେଶ୍ୱର ରାମନବମୀରେ ଏହିପରି ଶୋଭାଯାତ୍ରା ବାହାରେ । ନାଗରିକ ରଙ୍ଗମଞ୍ଚର ପୁନଃରୁତ୍ଥାନ ନିମିତ୍ତ ଆମଦେଶର ବିଭିନ୍ନ ସ୍ଥାନରେ ଥିବା ଲୋକନାଟ୍ୟ ରଙ୍ଗମଞ୍ଚଗୁଡ଼ିକର ପୂର୍ଣ୍ଣ ଅନୁଧ୍ୟାନ ଏବଂ ତହିଁ ଉପରେ ଗବେଷଣା ହେବା ନିତାନ୍ତ ଜରୁରୀ । କାରଣ ଲୋକନାଟ୍ୟ ରଙ୍ଗମଞ୍ଚରେ ବ୍ୟବହୃତ ହେଉଥିବା କେତେକ ଟେକ୍‌ନିକ୍, ମଞ୍ଚକୌଶଳ ସହରାଞ୍ଚଳ ନାଟକ ପ୍ରଯୋଜନାରେ ତାହାର ପ୍ରୟୋଗ ହେଲେ ଏକ ସୁନ୍ଦର ନାଗରିକ ରଙ୍ଗମଞ୍ଚ ଗଠନ କରାଯାଇ ପାରନ୍ତା । ଦୁଃଖର ବିଷୟ, ଆମ୍ଭେମାନେ ଏଭଳି ପାଶ୍ଚାତ୍ୟ ଅନୁରାଗୀ ହୋଇପଡ଼ିଛୁ ଯେ ଆମ୍ଭେ ତାକୁ ତ୍ୟାଗକରି ମଧ୍ୟ ସୁରକୁ ଦୃଷ୍ଟିଦେଇ ପାରୁନାହୁଁ । ଭାରତର ବିଶିଷ୍ଟ ନାଟ୍ୟ ସମାଲୋଚକ ଭାରତୀୟ ନାଟ୍ୟ ସଂଘର ଭୂତପୂର୍ବ ସାଧାରଣ ସଂପାଦକ ଡଃ ସୁରେଶ ଅବସ୍ଥି ତାଙ୍କ ଲିଖିତ "Forms and Techniques of Folk Drama and their Value for contemporary Theatre" ଶୀର୍ଷକ ଏକ ନିବନ୍ଧରେ ଦୁଃଖର ସହିତ ଉଲ୍ଲେଖ କରିଛନ୍ତି,

It is unfortunate that in over enthusiasm to have theatres we have decided to build picture frame stages, completety ignorring our own specific requirements, conditions and methods of play production and not leaving any scope for new experimental work both in play writing and play production

ଅର୍ଥାତ୍ "ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଯେ ଆମ୍ଭେମାନେ ଆମ ଦେଶର ରଙ୍ଗମଞ୍ଚର ଉନ୍ନତି କରିବା ପାଇଁ ଚେଷ୍ଟା କଲାବେଳେ ନ୍ୟାୟତଃ ଯେପରିଭାବେ ଆଧୁନିକ ନାଟକ-ଲିଖନ ଓ ମଞ୍ଚ ଗବେଷଣା ହେବା ଦରକାର ସେଥିପାଇଁ କୌଣସ ଦୃଷ୍ଟି ନିକ୍ଷେପ ନକରି କେବଳ ମାତ୍ର ଫଟୋଫ୍ରେମ୍ ସଦୃଶ ହୋଇଥିବା ଏକମୁଖୀ ରଙ୍ଗମଞ୍ଚକୁ ଅଧିକ ସୁଦୃଶ୍ୟ କରିବା ପାଇଁ ଆମେ ଆଗ୍ରହ କରିଥାଉ" । ସେହିପରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫରାସୀ ପ୍ରଯୋଜକ ମାଇକେଲ ସେଣ୍ଟ ଡେନିସ ତାଙ୍କ ଲିଖିତ "Rediscovery of Style" ନାମକ ଏକ ଗ୍ରନ୍ଥରେ ପାଶ୍ଚାତ୍ୟ ଦେଶର ଆଧୁନିକ ଏଲିଜାବେଥି ଫଟୋ ଫ୍ରେମ୍ ରଙ୍ଗମଞ୍ଚକୁ ଆକ୍ଷେପ କରି କହନ୍ତି:—

The modern stage is empty it has no meaning of its town. If you look at it in the after-noon you will see a drak whole ready to receive an infinite variety of life-like sets which at night will form a distant picture set in a frame and isolated by the foot tights. This more or less faithfull photography of real life has created a new illusion which has deceived the public for an incredbly long time. The illusion, that illusion has disappeared."

ଅର୍ଥାତ୍, ଆଧୁନିକ ରଙ୍ଗମଞ୍ଚ ଶୂନ୍ୟତାର ପ୍ରତୀକ । ଶୂନ୍ୟତାର ଅର୍ଥ ଯେପରି କିଛି ନାହିଁ ସେହିପରି "ଆଧୁନିକ ରଙ୍ଗମଞ୍ଚ" କହିଲେ ଏକ ନିରର୍ଥବୋଧକ ଶବ୍ଦ । ଅପରାହ୍ନରେ ସେହି "ଆଧୁନିକ ରଙ୍ଗମଞ୍ଚ ଅନ୍ଧକାରାଛନ୍ନ ଏକ ଗହ୍ୱର ରୂପ ଧାରଣ କରେ । ମଞ୍ଚ ପାଇଁ ନିର୍ମିତ ହୋଇଥିବା ମନୋରମ ଦୃଶ୍ୟାବଳୀରେ ଚିତ୍ରିତ ସେଟିଙ୍ଗ ସବୁକୁ ଧାରଣ କରି ଫଟଲାଇଟ ଆଲୋକରେ ଫଟୋଚିତ୍ର ସଦୃଶ ଦର୍ଶକ ମନରେ ଏକ ପ୍ରହେଳିକା ସୃଷ୍ଟି କରି ତାକୁ ଠକିବା ନିମିତ୍ତ ସତେଯେପରି ସେହି ମଞ୍ଚ ରଜନୀକୁ ଅପେକ୍ଷା କରି ରହିଛି ଆଜି ଅସମ୍ଭବ ପ୍ରକାରେ ସେହି ପ୍ରହେଳିକାର ଅବସାନ ଘଟିଛି" ।

ସନ ୧୯୬୦ ବା ୧୯୬୧ ସାଲରେ ବର୍ଲିନ ଠାରେ ଅନୁଷ୍ଠିତ ହୋଇଯାଇଥିବା "International Theatre Architecture" ରେ ଉକ୍ତ ମତାମତର ସମ୍ପୂର୍ଣ୍ଣ ବ୍ୟାଖ୍ୟାନ କରି ସେହି ସେଣ୍ଟ ଡେନିସ ଆଉ ମଧ୍ୟ କହିଛନ୍ତି,

One possibility for the second half of the century might be a space stage, which is, crudely stated, a brood platform. With no barrier between audience and performers. where the auditorium walls would merge into the stage space and the acting area would be shaped and defined at will by the use of light. On the stage there might be placed "like a tent" our prosunium arch stage, to allow for the wealth of dramatic literature written for this form"

ଅର୍ଥାତ୍ ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେଉଁ ରଙ୍ଗମଞ୍ଚରେ ଆମେ କଳ୍ପନା କରିବାକୁ ଯାଉଛୁ ତାହା କେବଳ ଏକ ସୁପ୍ରଶସ୍ତ ପ୍ଲାଟଫର୍ମ, ତହିଁରେ ଅଭିନେତୃବର୍ଗ ଓ ଦର୍ଶକମାନଙ୍କ

ସୁନ୍ଦର ଆବେଗର ସୁକୋମଳ ପରଶ ଅନୁଭବ କରି ଦର୍ଶକ ପ୍ରାଣକୁ ପୁଲକିତ କରିପାରି, ଠିକ୍ ସେହି ପରି ଅନୁଭବ କରନ୍ତି ଅଭିନେତାମାନେ । ଅଭିନୟର ଚରମ ପରାକାଷ୍ଠା ପ୍ରଦର୍ଶନ ନିମିତ୍ତ ସେମାନଙ୍କ ସମ୍ମୁଖରେ ଥାଏ ଏକ ଉନ୍ମୁକ୍ତ ପ୍ରାଙ୍ଗଣ ଜଗତ ।

ସେହି ସରଳ ଏବଂ ସୁପ୍ରଶସ୍ତ ରଂଗ ମଞ୍ଚରେ ଅଭିନେତାମାନେ ବିଭିନ୍ନ ଅଭିନୟ କୌଶଳ ଦେଖାଇ ଦର୍ଶକମାନଙ୍କ ମନକୁ ମନ୍ତ୍ରମୁଗ୍ଧ କରି ରଖନ୍ତି । ଯେପରି ଜଣା-ଥାଏ ଯେ ସେମାନେ ନାଟକର ଧରାବନ୍ଧା ନୀତି ନିୟମରୁ ବିମୁକ୍ତ । ନାଟକ ସାବଲୀଳ ଗତିରେ ଗୁଡ଼େ । ଗୋଟିଏ ଦୃଶ୍ୟ ପରେ ଅନ୍ୟ ଦୃଶ୍ୟର ଉପସ୍ଥାପନା ପାଇଁ ହୁଏତ ଆବଦ୍ଧ ଏକମୁଖା ପ୍ରୋସେନିୟମ ରଂଗ-ମଞ୍ଚରେ ତାହା ସମୟ ନେଇପାରେ ବା ସେ ଅସୁବିଧାକୁ ଦୂର କରିବା ପାଇଁ ନାଟକରେ ଏକ କଉଣସି ନୂଆ ପ୍ରୟୋଗ କରିବା ପାଇଁ ନାଟ୍ୟକାର ଓ ପ୍ରଯୋଜକ ଉଭୟ ଏକମତ ହୋଇ କାର୍ଯ୍ୟ କରନ୍ତି । କିନ୍ତୁ ଏ ମୁକ୍ତ ଓ ସାଜସଜ୍ଜା ବିହୀନ ରଂଗମଞ୍ଚରେ ସେ ଅସୁବିଧା ନ ଥାଏ । ଏହି ରଙ୍ଗମଞ୍ଚରେ ଅଭିନୟ ମୁଖ୍ୟ ଏବଂ ସାଜସଜ୍ଜା ବା ପ୍ରଚ୍ଛଦ-ପଟ ଦୃଶ୍ୟସଜ୍ଜା ଗୌଣ । କିନ୍ତୁ ସେସବୁ ନ ଥାଇ ସୁଦ୍ଧା ପ୍ରାଣବନ୍ତ ଅଭିନୟ ଯୋଗେ ଅଭିନେତା ସେ ମଞ୍ଚରେ ସୃଷ୍ଟି କରନ୍ତି ଓ ନନ୍ଦନକାନନର ଅପରୂପ ମାୟା ଏବଂ ଆଉ କେତେବେଳେ ଦୁର୍ଗମ ପାର୍ବତୀୟ ଅଞ୍ଚଳର ନିଘଞ୍ଚ ସଂକଟାପନ୍ନ ଅରଣ୍ୟାନୀରେ ବିଭୀଷିକାମୟ ଦୃଶ୍ୟମଧ୍ୟରେ କି ଚମତ୍କାର ସେ ଅଭିନୟ କୌଶଳ ! ଧନ୍ୟ ସେ ଅଭିନେତା ! ଧନ୍ୟ ସେ ଅଭିନୟ !

ସେହି ରଙ୍ଗମଞ୍ଚରେ ସମୟେ ସମୟେ ବିଭିନ୍ନ ଉଚ୍ଚତା ବିଶିଷ୍ଟ ଆଉ କେତୋଟି ରଂଗମଞ୍ଚ ମୁଖ୍ୟ ରଂଗମଞ୍ଚ ସହିତ ସଂଯୋଗ ରହିଥିବା ହେତୁ ନାଟକ ବର୍ଣ୍ଣିତ ବିଭିନ୍ନ ଦୃଶ୍ୟପଟ ବା ବିଭିନ୍ନ ସେଟିଂର ଦ୍ରୁତ ଅବତାରଣା ଅଭିନେତାମାନଙ୍କ କୋରିଓ-ଗ୍ରାଫିକ୍ (Choreographic) ଅଭିନୟ ଦ୍ୱାରା ସଂଭବ ହୁଏ । ସେପରି ଅଭିନୟ ପାଇଁ ଆବଦ୍ଧ ଚିତ୍ରାକୃତି ରଂଗମଞ୍ଚ ପ୍ରଶସ୍ତ କି ? ଏହିଠାରେ ତୁଳନାତ୍ମକଭାବେ ବିଚାରକଲେ ଯେପରି ଜଣାଯାଏ ଆମର ଆବଦ୍ଧ ମଞ୍ଚ ଓ ନାଟକ କି ସଂକୀର୍ଣ୍ଣ । ଏ କ'ଣ ଆମ ସାଂସ୍କୃତିକ ଅଗ୍ରଗତିରେ ପୂର୍ଣ୍ଣଚ୍ଛେଦ ଦେବା-ପାଇଁ ଦ୍ୱିତୀୟ ଅନ୍ଧକୂପର ରଚନା ? ତାହା ଅସମ୍ଭବ ।

ଫୋକ୍ ଥିଏଟରରେ ଅଭିନେତାମାନଙ୍କର ରଙ୍ଗମଞ୍ଚ ଉପରକୁ ଆଗମନ ଓ ପ୍ରସ୍ଥାନ ( Entries and Exits ) ଦ୍ୱାରା ଯେପରି ମଞ୍ଚ ଓ ପ୍ରେକ୍ଷାଳୟ ମଧ୍ୟରେ ଘନିଷ୍ଠ ସଂପର୍କ ରକ୍ଷା କରାଯାଇ ପାରୁଛି ସେପରି ଆମର ଚିତ୍ରାକୃତି ରଂଗମଞ୍ଚରେ ସେରୂପ ସଂପର୍କ ରକ୍ଷା କରାଯାଇପାରେ ନାହିଁ । ଲୋକନାଟ୍ୟରେ ଆଗମନ ଓ ପ୍ରସ୍ଥାନ ଅତି ସରଳ ହେଲେ ମଧ୍ୟ ତହିଁରେ ପ୍ରଚ୍ଛନ୍ନ ଭାବରେ ନିହିତଥିବା (Choreographic movement) ଚତୁର୍ଦ୍ଦିଗରେ ବସିଥିବା ହଜାର ହଜାର ଦର୍ଶକଙ୍କୁ ବିସ୍ମିତ କରେ । ୧୯୪୫-୪୬ ମସି-ହାରେ ଏକ ଘଟଣା ବର୍ତ୍ତମାନ ମୋର ମନେ ପଡ଼େ ତାହାହେଲା କଟକର ଏହି ଚନ୍ଦନ-ପୋଖରୀ ଉପରେ ଚନ୍ଦନ ସମୟରୁ ଅଭିନୀତ ହୋଇ ଆସୁଥିବା ଲହଙ୍ଗା ଅପେରାପାର୍ଟି ଯାତ୍ରାର ଏକ ଦୃଶ୍ୟ । ସେତେବେଳେ ମ୍ୟୁନିସିପାଲିଟି ଅଫିସ ପଛକୁ ବା ତାର ଅପର ପାର୍ଶ୍ୱକୁ ଯଥାକ୍ରମେ ପାର୍ବତୀ ଟକିଜର କାଉଣ୍ଟେରୀ ବା ଶହିଦ୍ ଭବନର ଏକ ଦ୍ୱିତଳ ପ୍ରାସାଦ ନ ଥାଏ, କେବଳ କେତୋଟି ଆମ୍ବଗଛ ଥାଏ ମାତ୍ର ଛାମୁଡ଼ିଆ ବନ୍ଧାଯାଇ ଆଜିକାଲି ଯେଉଁଠି ଯାତ୍ରା ହେଉଛି ସେହିଠାରେ ଲହଙ୍ଗା ପାର୍ଟି ଯାତ୍ରା କରୁଥାନ୍ତି । ତହିଁରେ ଏକ ଦୃଶ୍ୟରେ ଥାଏ ବ୍ରହ୍ମାଙ୍କ ନିର୍ଦ୍ଦେଶମତେ ବାଲ୍ମିକୀ ମୁନି ରାମାୟଣ ରଚନା କରିବେ । ମହର୍ଷି ବାଲ୍ମିକୀ ତାହା କିପରି ରଚନା କରିବେ କୌଣସି ସୂତ୍ର ଖୋଜି ପାଉ ନ ଥାନ୍ତି । ସେଥିପାଇଁ ସେ ରହିଲେ ଧ୍ୟାନ ମଗ୍ନ । ଏହି ସମୟରେ ଦର୍ଶକମାନଙ୍କ ପଛରୁ ହଠାତ୍ ନିଘଟିର ଆବିର୍ଭାବ । ତାର ଅଙ୍ଗଭଙ୍ଗୀ ସଜ୍ଜିବାର ଠାଣି ଏବଂ ମୁଖରେ ଈଷତ୍ ହାସ୍ୟର ଚମକ ଓ ତତ୍ସଙ୍ଗେ ସୁଲଳିତ କଣ୍ଠରେ ଗାଏ——"ଭାବି ଭାବି ଲେଖ କବି ବସି ନୀରବ ବିଜନେ" ——ନାମକ ଉତ୍ସାହମୂଳକ ଓ ଭାବୋଦ୍ଦୀପକ ଗୀତର ସ୍ୱର ଲହରୀ ସେଠାରେ ଚତୁର୍ଦ୍ଦିଗରେ ବସି ରହିଥିବା ହଜାର ହଜାର ନାଟ୍ୟ ରସିକ ଶ୍ରୋତୃବର୍ଗଙ୍କୁ ବିସ୍ମିତ କରିଥିଲା । ଏହା କୋରିଓଗ୍ରାଫିକ୍ ଅଭିନୟର ଏକ ଦୃଷ୍ଟାନ୍ତ । ଆଉ କେତେକ ଅଞ୍ଚଳ ଲୋକ-ନାଟ୍ୟରେ ସମସ୍ତ ଅଭିନେତାମାନେ ମଂଚ ଉପରେ ଧାଡ଼ି ହୋଇ ଦଣ୍ଡାୟମାନ ରହିଥାନ୍ତି । ଯାହାର ଯେତେବେଳେ ଅଭିନୟ କରିବାର ସମୟ ପହଞ୍ଚେ ସେତେବେଳେ ସେହି ଅଭିନେତା ସେହି ଧାଡ଼ିରୁ ଦୁଇ ପାହୁଣ୍ଡ ଆଗକୁ ଯାଇ ଅଭିନୟ କରନ୍ତି । ଏବଂ ଅଭିନୟ ଶେଷରେ ସେହିପରି ସେ ଦୁଇ-ପାହୁଣ୍ଡ ପଶ୍ଚାତ୍ପଦ ହୋଇ ଉକ୍ତ ଧାଡ଼ିରେ ଠିଆ ହୋଇ ରହନ୍ତି । ଏହାହିଁ ସେଠାରେ Entry ଓ Exit ର ଚଳଣି । ଏଭଳି ଚଳଣି ଆମଦେଶ ଆଦିବାସୀ ନୃତ୍ୟ-ନାଟ୍ୟରେ ଦେଖାଯାଏ । ଆଉ କେତେକ ସ୍ଥାନରେ ଅଭିନେତାମାନଙ୍କ ଆଗମନ ପ୍ରସ୍ଥାନ ପାଇଁ ଏକ ସମ୍ମୁଖ ପରଦାର ବ୍ୟବସ୍ଥା ଥାଏ । ଉତ୍ତରପ୍ରଦେଶ ରାସଲୀଳାରେ ଦକ୍ଷିଣ-ଭାରତ କଥାକଳି ଶୈଳୀ ଅନୁକରଣରେ ଦୁଇଜଣ ବ୍ୟକ୍ତି Exit ଓ Entry ପାଇଁ ସମ୍ମୁଖ ପରଦାଟି ଧରି ଠିଆ ହୁଅନ୍ତି । ଏହାଦ୍ୱାରା ଅଭିନେତାମାନଙ୍କର ଆଗମନ ଓ ପ୍ରସ୍ଥାନ ବେଶ ଚିତ୍ତାକର୍ଷକ ହୋଇଥାଏ ବୋଲି କେତେକଙ୍କର ଅଭିମତ । ଚଳନ୍ତିକା ମାଧ୍ୟମରେ ଫୋକ୍ ଅଭିନେତାମାନେ ଯେପରି ଦର୍ଶକଙ୍କ ମନପ୍ରାଣରେ ବିଭିନ୍ନ ଦୃଶ୍ୟରାଜିର ମାୟା ସୃଷ୍ଟିକରି ପାରନ୍ତି, ସେହିପରି ଜୀବନ୍ତ ଅଭିନୟ କରି କେତେକ Improvisation ମାଧ୍ୟମରେ ନାଟକର Durationକୁ ସହଜରେ କମେଇ ଦେଇପାରନ୍ତି । ଓଡ଼ିଶାର ଗୀତି-ନାଟ୍ୟରେ ଏହାର ବହୁଳ ଦୃଷ୍ଟାନ୍ତ ରହିଛି ।

ଗୀତିନାଟ୍ୟ ସାଧାରଣତଃ ଏକ ନିଗାଢ଼-ମୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାୟୁମଣ୍ଡଳ ଭିତରେ ଆରମ୍ଭ ହୋଇଥାଏ ଏବଂ ଆଉ କେତେକ ମଧ୍ୟ ଆଧ୍ୟାତ୍ମିକ ମନୋଭାବ ନେଇ ଆରମ୍ଭ କରାଯାଇଥାଏ । ଲୀଳା ଓ ରାସ ଭିତରେ ଦ୍ୱିତୀୟ ପ୍ରକାର ବାୟୁମଣ୍ଡଳ ପରିଦୃଷ୍ଟ ଐତିହାସିକ ତଥା ସାମାଜିକ ଗୀତିନାଟ୍ୟ ପ୍ରଥମଶ୍ରେଣୀଭୁକ୍ତ ।

ଲୋକନାଟ୍ୟର ଉପରୋକ୍ତ ପ୍ରଥା ବା ଚଳଣି ସର୍ବୋପରି ତାହାର ମଞ୍ଚ ପ୍ରକରଣ ନେଇ ଗବେଷଣା ହେବା ଦରକାର । ତଦ୍ୱାରା ସାଂପ୍ରତିକ ନାଟକ ରଚନାର ଧାରା ଏପରିକି ତାହାର ପ୍ରଯୋଜନା ନୂତନ ରୂପ ଧାରଣ କରିବ । ଆଉ ମଧ୍ୟ କ୍ଲାସିକାଲ ଓ ଆଧୁନିକ ଭିତରେ ପ୍ରକୃତ ସମ୍ବନ୍ଧ ସ୍ଥାପନ କରିବାର ଏହା ଏକ ସୂତ୍ର । ଏହିଠାରେ ଏତିକି ସ୍ମରଣ କରିଦିଆଯାଇପାରେ ଯେ ଯେଉଁମାନେ ଆଜିକାଲି "ଆଭାଣ୍ଟଗାର୍ଡ"ର ସମର୍ଥକ ଅର୍ଥାତ୍ ଆମର କ୍ଲାସିକାଲ ଉପରେ ଯାହାଙ୍କର ଆସ୍ଥା ନାହିଁ ସେମାନଙ୍କର ନାଟକ ବାସ୍ତବଧର୍ମୀହୋଇ ପାରେ ସିନା କିନ୍ତୁ ପ୍ରକୃତିବାଦର ପ୍ରବକ୍ତା ହୋଇ ନ ପାରେ ।

ଆମର ସାଂପ୍ରତିକ ନାଟକରେ ଗୁଣାତ୍ମକ ମୂଲ୍ୟବୋଧ ଅନ୍ୟ ଦେଶ ନାଟକ ତୁଳନାରେ ପତିକମ ମନେକରି କେତେକ ଆଜିକାଲି ଅନ୍ୟ ଦେଶ ନାଟକର ଅନୁବାଦ, Adoptation ର ସାହାଯ୍ୟ ନେଇ ତାକୁ ମଞ୍ଚସ୍ଥ କରୁଛନ୍ତି । ତଥାପି ତାହା ସନ୍ତୋଷ-ଜନକ ହୁଏ ନାହିଁ । ଏକଥା ସ୍ୱୀକାର୍ଯ୍ୟ ଯେ ପାଶ୍ଚାତ୍ୟର ବାସ୍ତବ ଧର୍ମୀ ନାଟକ ସବୁ ଆମର ସାଂହତିକ ନାଟକକୁ ବହୁଳାଂଶରେ ପ୍ରଭାବିତ କରିଛି । ଏହାଫଳରେ ଆଧୁନିକ-ବାଦୀ ନାଟ୍ୟକାର ଓ ମଞ୍ଚ ପ୍ରଯୋଜକ-ମାନେ ପ୍ରଥମେ ଏକ ସଂଘର୍ଷର ସମ୍ମୁଖୀନ ହେଲେ । ସେ ସଂଘର୍ଷ ଯେ କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସୀମିତ ହେଲା ତାହା ନୁହେଁ । ସେ ସଂଘର୍ଷ ହେଲା ପାଶ୍ଚାତ୍ୟର ଚିତ୍ରାକୃତି ଆବଦ୍ଧ ରଙ୍ଗମଂଚର ବାସ୍ତବବାଦ ବିରୁଦ୍ଧରେ ପ୍ରାଚ୍ୟଜଗତ କ୍ଲାସିକାଲ ରଙ୍ଗମଞ୍ଚର ପ୍ରକୃତିବାଦର ଦୃଢ଼ ସ୍ୱର ଉତ୍ତୋଳନ । ବିଗତ କେତେ ବର୍ଷ ଧରି ଆମ ଦେଶରେ ଏଦିଗରେ ସେହିପରି ସଂଘର୍ଷ ମଧ୍ୟରେ

୧୮୯୦ ସାଲରୁ କେତେକ ପାଶ୍ଚାତ୍ୟ ଦେଶରେ ନାଟକ ରଚନା ଓ ପ୍ରଯୋଜନା କ୍ଷେତ୍ରରେ ଅନୁରୂପ ପରୀକ୍ଷା ନିରୀକ୍ଷା ହୋଇଯାଇଥିଲେ ମଧ୍ୟ ଆମ ଦେଶରେ ବିଶେଷ କରି ସ୍ୱାଧୀନତାର ବହୁତ ପରେ ଆମକୁ ତାହା ବିଶେଷ ଭାବରେ ପ୍ରଭାବିତ କରିଅଛି । ଭାରତୀୟ ନାଟ୍ୟସଙ୍ଘ ଆନୁକୂଲ୍ୟରେ ୧୯୬୧ ରେ "Play Writing and play Production" ନେଇ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଏକ ସେମିନାର ଏବଂ ୧୯୬୬ ରେ ଆନ୍ତର୍ଜାତୀୟ ସ୍ତରରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା "East West Theatre Seminar" ଏହି ଦୁଇଟି ସେମିନାର ଏହି ଦିଗରେ ପରୀକ୍ଷା ନିରୀକ୍ଷା ଯୋରସୋରରେ ଚଳାଇବା ପାଇଁ ତାହାର ସାଖାନୁଷ୍ଠାନମାନଙ୍କ ମାଧ୍ୟମରେ ସାରା ଭାରତରେ ଆଲୋକ ବର୍ତ୍ତିକା ପ୍ରଜ୍ୱଳନ କରିଥିଲା । ୧୯୬୩ ପରଠାରୁ ଓଡ଼ିଶାର ନାଟ୍ୟକାର ଓ ପ୍ରଯୋଜକମାନେ ଏ ଦିଗରେ ବିଶେଷ ଭାବରେ ଅନୁପ୍ରାଣିତ ହୋଇଥିବାର ସୂଚନା ମିଳେ । କଟକ ଆକାଶବାଣୀ (୧୯୬୪) ତରଫରୁ ଏକ ଅପେରା ମଞ୍ଚସ୍ଥ କରିବାକୁଯାଇ ସେଥିରେ ୧୨' ଉଚ୍ଚତା ବିଶିଷ୍ଟ ଏକ ମଞ୍ଚରେ ଅର୍କେଷ୍ଟ୍ରା ପାର୍ଟିଙ୍କ ପାଇଁ ବସିବା ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥିଲା । ସେହି ମଞ୍ଚତଳ ଦେଇ ଦର୍ଶକ ମାନଙ୍କ ମଧ୍ୟରେ ୩' ଉଚ୍ଚତା ବିଶିଷ୍ଟ ନିର୍ମିତ ଅନ୍ୟ ଏକ ପ୍ଲାଟଫର୍ମ ଷ୍ଟେଜକୁ ଅଭିନୟ କରିବା ପାଇଁ ଅଭିନେତାମାନେ ଯାତାୟତ କରୁଥିଲେ । ଦର୍ଶକମାନଙ୍କ ପଛପଟରୁ ମଞ୍ଚକୁ ଆଲୋକ ସମ୍ପାତ କରିବାର ବ୍ୟବସ୍ଥା ଥିଲା । ୧୯୬୪ ବା ୧୯୬୫ ଠାରୁ କଟକ କୁମାରୋତ୍ସବ ସମିତି ମଧ୍ୟ ପ୍ଲାଟଫର୍ମ ଷ୍ଟେଜ ବ୍ୟବହାର କରି ନୃତ୍ୟ ନାଟ୍ୟ ଓ ଗୀତିନାଟ୍ୟ ପରିବେଷଣ କରି ଆସୁଛନ୍ତି । ଏପରିକି ପାରମ୍ପରିକ ନାଟକ ପରିବେଷଣରେ ମଧ୍ୟ ସେମାନେ ସେହି ମଞ୍ଚ ବ୍ୟବହାର କରୁଛନ୍ତି । ୧୯୬୭ ଠାରୁ କଟକ ବାଲିଯାତ୍ରା ସମୟରେ କିଲ୍ଲାଖାଇ ପାଖରେ ସେଇଁ ଗୀତିନାଟ୍ୟ ସଂସ୍କୃତିବିହାର ତରଫରୁ ପ୍ରତିବର୍ଷ ଅଭିନୀତ ହୁଏ, ତହିଁରେ ସମ ଉଚ୍ଚତା ବିଶିଷ୍ଟ ଦ୍ୱୈତ ମୁକ୍ତାଙ୍ଗନ ରଙ୍ଗମଞ୍ଚ ବ୍ୟବହାର କରୁଥିବା ଦେଖାଯାଏ । ଏହି ପ୍ରଯୋଜନାରେ ପ୍ରଯୋଜକ ଆମର ପଡ଼ୋଶୀ ରାଜ୍ୟକୁ ଅନୁକରଣ କରିଥିବା ନିଃସନ୍ଦେହ ।

ଏତାଦୃଶ ପରୀକ୍ଷା ଉଭୟ ଲୋକନାଟ୍ୟ ଓ ନଗରନାଟ୍ୟ କ୍ଷେତ୍ରରେ ଆଜିକାଲି ପରିଦୃଷ୍ଟ ଓ ଓଡ଼ିଶାରେ ବୈଷ୍ଣବପାଣି ଗୀତିନାଟ୍ୟ ଓ ରାମଲୀଳା ପ୍ରଯୋଜନା କ୍ଷେତ୍ରରେ ମୁକ୍ତାଙ୍ଗନ ରଙ୍ଗମଞ୍ଚରେ ପାଶ୍ଚାତ୍ୟ ଦେଶ ଅନୁକରଣରେ "Theatre in the round" ଠାରୁ ଆରମ୍ଭ କରି ଆମ ଦେଶର ମୁକ୍ତାଙ୍ଗନ ରଙ୍ଗମଞ୍ଚରେ ଯେପରି ପ୍ରୟୋଗ ହେଉଅଛି ସେହିପରି ମଧ୍ୟ ଅନୁରୂପ ପ୍ରୟୋଗ ନାଟକ କ୍ଷେତ୍ରରେ ମଧ୍ୟ ହେଲାଣି । ଏହା ନାଟକ କ୍ଷେତ୍ରରେ ଏକ ଶୁଭ ଶଙ୍କେତ । ସଂକୀର୍ଣ୍ଣ ମଞ୍ଚ ଅବଗୁଣ୍ଠନ ତଳୁ ସାମ୍ପ୍ରତିକ ନାଟକରେ ଏ କ'ଣ ସହସା ଅବମୋଚନ !

ସୁସ୍ଥ ରଙ୍ଗମଞ୍ଚ ଓ ସୁନ୍ଦର ପ୍ରେକ୍ଷାଳୟ ନାଟକ ପ୍ରଯୋଜନା କ୍ଷେତ୍ରରେ ପରୀକ୍ଷା-ନିରୀକ୍ଷା ଆବଶ୍ୟକ । ତଦ୍ୱାରା ବିଭିନ୍ନ କିସମର ନୂତନ ନୂତନ ରଙ୍ଗମଞ୍ଚରେ ପରିକଳ୍ପନା ସହଜ ହୁଏ । ଆଜିକାଲିର ନାଗରିକ ଥିଏଟରରେ ଯେଉଁପ୍ରକାର Realism ର ପ୍ରଚଳନ ଦେଖାଦିଏ ତହିଁରେ Theatricalism ର ବିରୁଦ୍ଧାତ୍ମକ ପ୍ରୟୋଗ ହେଲେ ତାହର ମଞ୍ଚ ପ୍ରଯୋଜନା ଅଧିକ ସୁନ୍ଦର ଓ ମନୋଜ୍ଞ ହେବ । ଆଉ ମଧ୍ୟ ବିଭିନ୍ନ ମଞ୍ଚନିର୍ମାଣ ପାଇଁ ତହିଁରୁ ନୂଆ ଦିଗର ସୂତ୍ରପାତ ହେବ । କେବଳ ସେତିକି ନୁହେଁ, ଆମରଜାତୀୟ ସାଂସ୍କୃତିକ ପରମ୍ପରା ଅଧିକ ସମୃଦ୍ଧ ହେବ । ପାଶ୍ଚାତ୍ୟ ଦେଶରେ ଘଟିଥିବା ରଙ୍ଗମଞ୍ଚରେ ଅନୁରୂପ ପରୀକ୍ଷା ନିରୀକ୍ଷାରେ ଫଳ ସ୍ୱରୂପ ସେଠାରେ ନୂତନ ଧରଣର ଥିଏଟ୍ରିକାଲ ମୁଭମେଣ୍ଟ ଓ କେତେ ପ୍ରକାର ନାଟକୀୟ ଢ଼ଙ୍ଗରେ ସୃଷ୍ଟିହେଲା । ଯଥା: Symbolism Expressionism, formalism, Epic theatricalism, area Central staging ତେଣୁ ନାଟ୍ୟ ସମାଲୋଚକ ମାନଙ୍କ ମତରେ ତାହା "departures from the realistic theatrical styles of the western." ନାମରେ ଅଭିହିତ । ପାଶ୍ଚାତ୍ୟ ଦେଶର ଏହି ନୂତନ ପଦ୍ଧତିରେ ଅନୁପ୍ରାଣିତ ହୋଇ ଆମ ଦେଶର ଅଗଣିତ ନାଟ୍ୟକାର ଆଧୁନିକ ନାମରେ ବହୁ ନାଟକ ଲେଖିଗଲେ । ଓଡ଼ିଶାରେ ମଧ୍ୟ ଲେଖାହେଲା । କିନ୍ତୁ ଏଠାରେ ଗୋଟିଏ ପ୍ରଶ୍ନ ଏହା ଦ୍ୱାରା ଆମ ଦେଶ ତଥା ଜାତି ନାଟ୍ୟ ସଂସ୍କୃତିର କିପ୍ରକାର ଉନ୍ନତି ସାଧିତ ହେଉଅଛି ?" ଏହାର ସମାଧାନ କିପରି ସମ୍ଭବ ?

କେତେକ ସମାଲୋଚକ କହନ୍ତି ଆମର ଲୋକ ନାଟ୍ୟର କୌଣସି ନିର୍ଦ୍ଦିଷ୍ଟ ଫର୍ମ ବା ତାହାର ସେପରି କିଛି ନାଟକୀୟ ପ୍ରଥା ନାହିଁ । କିନ୍ତୁ ତାହା ଭୁଲ୍ । ଏବେ ଯେପରିଭାବେ ଆମ ଦେଶରେ ଗୀତିନାଟ୍ୟ ବା ରାମଲୀଳାର ପ୍ରଚାର ଓ ପ୍ରସାର ମାଧ୍ୟମରେ ପରୀକ୍ଷା ନିରୀକ୍ଷା ଘଟିଛି ତାହାର ସୁଫଳ ଆମକୁ ବିମୋହିତ କରେ । ତହିଁରେ ଥିବା ବିଭିନ୍ନ ଚଳଣି ବା ପ୍ରଥା ସହିତ ଆମର ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରି ଆମର ପାରମ୍ପରିକ ମଞ୍ଚ ନାଟକକୁ ସମୃଦ୍ଧ କରି ଆଗେଇ ପାରୁଛୁ । ଗୀତିନାଟ୍ୟ ଅପେରା, ନୃତ୍ୟନାଟ୍ୟରେ ଥିବା ସମବେତ ସଙ୍ଗୀତ ବା ଐକ୍ୟତାନ ସେହି ନାଟକରେ ତାହା ସର୍ବପ୍ରଥମେ ଦିଆଯାଇଥାଏ । ପ୍ରତି ଦୃଶ୍ୟ ପରେ ଅନ୍ୟ ଦୃଶ୍ୟ ଆଗରୁ ସେହି ସଙ୍ଗୀତ ଦିଆଯାଏ । ଏବଂ ସେ ନାଟକରେ ତାହା ଏକ ପ୍ରଧାନ ଚଳଣି । ତାହା ବ୍ୟତିରେକେ ନାଟକୀୟ ଗତି ସୁସ୍ପଷ୍ଟ ହୁଏନାହିଁ । କେତେକ ଛଳରେ ସଙ୍ଗୀତଜ୍ଞମାନେ ନାଟକୀୟ ଗତି ସହିତ ତାଳଦେଇ ପ୍ରତ୍ୟକ୍ଷ ଭାବରେ ମଝିରେ ମଝିରେ ପଦେପଦେ ଗୀତ ଗାଇ ଅଭିନେତାମାନଙ୍କୁ ବଚନିକା ଦେଇ ଦିଅନ୍ତି । ଆଉ ମଧ୍ୟ ମଝିରେ ମଝିରେ ଡ଼ାଏଲଗ ସବୁ କହି ଦିଅନ୍ତି । ଏହି ଅର୍କେଷ୍ଟ୍ରା ବା ଐକ୍ୟତାନ ଆମ ଦେଶ ଲୋକ ନାଟ୍ୟରେ ଯେଉଁ ପରି ଭାବରେ ଅଂଶ ଗ୍ରହଣ କରନ୍ତି ସେହିପରି ମଧ୍ୟ ଗ୍ରୀକ୍ ନାଟକ ଓ ଜାପାନର ନହ ଗୀତିନାଟ୍ୟରେ ସେମାନେ ସେହିପରି ଅଂଶ ଗ୍ରହଣ କରିଥାନ୍ତି । ସେମାନେ ତଦ୍ୱାରା Story Situation ଦର୍ଶକମାନଙ୍କୁ ଜଣାଇଦେବା ସଙ୍ଗେ ସଙ୍ଗେ ଚରିତ୍ରମାନଙ୍କୁ ମଧ୍ୟ ବିଭିନ୍ନ ଡ଼ାଏଲଗ କହି ପରିଚୟ କରାଇ ଦିଅନ୍ତି ।

ନାଟକର ଆଉ ଏକ ଚଳଣି ହେଲା ସୂତ୍ରଧର ବା ନିୟତି (କେତେକ ଅଞ୍ଚଳ ଅପେରାରେ ତାକୁ କଥାବାଚକ ମଧ୍ୟ କୁହନ୍ତି । ନାଟକର କଥାବସ୍ତୁ ସହିତ ଏ ଚରିତ୍ରର କୌଣସି ସମ୍ବନ୍ଧ ନ ଥାଏ କିନ୍ତୁ ଏହା ନାଟକରେ ଏକ ମୁଖ୍ୟଭୂମିକା ଗ୍ରହଣ କରି ବିଭିନ୍ନ ଦୃଶ୍ୟ ଏବଂ ପରିସ୍ଥିତି ମଧ୍ୟରେ ସମନ୍ୱୟ ଆଣି ନାଟକର ସଂହତି ରକ୍ଷା କରିବାରେ ସାହାଯ୍ୟ କରେ ।

ନାଟକ ଓ ଅପେରା ବା ଗୀତିନାଟ୍ୟରେ (Delivery of Dialouges) ରେ ତଫାତ୍ ଦେଖାଯାଏ । ମୁକ୍ତାଙ୍ଗନ ରଂଗ ମଞ୍ଚର ତିନିପାଖେ ଦର୍ଶକମାନେ ଉପସ୍ଥିତ ଥାନ୍ତି । ସେମାନେ ସମସ୍ତେ ଯେପରି ଭଲଭାବେ ଶୁଣି ପାରିବେ ସେଥିପାଇଁ ଗୋଟିଏ ଗୋଟିଏ ବଚନିକାକୁ ଅଭିନେତା ତିନିଥର ତିନିପ୍ରକାରରେ କହନ୍ତି । ଭାବରେ ସେହି ବଚନିକା ସମୟେ ସମୟେ ତିନିଥରରୁ ଅଧିକା କୁହାଯାଇଥାଏ । ଗୀତିନାଟ୍ୟର ଗୀତ ବଚନିକାକୁ ଗୀତରେ ବୋଲି ଗଦ୍ୟ ବଚନିକାରେ ଅଭିନେତାମାନେ କହନ୍ତି । ଏହି ଗଦ୍ୟ ବଚନିକା ସମ୍ବାଦି ନାମେ ଅଭିହିତ । ଓଡ଼ିଶାରେ "ସମ୍ବାଦି" ଶବ୍ଦର ବିଶେଷ ଚଳଣି ନାହିଁ କିନ୍ତୁ ଉତ୍ତର ଭାରତରେ ଏହାର ଚଳଣୀ ବେଶି । ଏହିଗଦ୍ୟ ଅନେକ ସମୟରେ ଏପରି ମଧ୍ୟ ଦେଖାଯାଏ ବଚନିକା ପଦ୍ୟ କିମ୍ବା ଗଦ୍ୟରେ ନ କହି ମଧ୍ୟ ଅଭିନେତା ଭାବର ଅଭିବ୍ୟକ୍ତି ଠିକ୍ ସମୟରେ କରିଥାନ୍ତି । ଏ ହେଉଛି ଲୋକନାଟ୍ୟ (Delivery of Dialouges) ରେ ଏକ ଚମତ୍କାର କଳା । ହସ କୌତୁକ ବା ହାସ୍ୟ ରସ ସୃଷ୍ଟି କରିବା ପାଇଁ ଦୂତ ଯେତେବେଳେ "ମଉସା"ବୋଲି ସମ୍ବୋଧନ କରିଡ଼ାକେ, ସେତେବେଳେ ତାର ପ୍ରତ୍ୟୁତ୍ତର ପାଏମ୍ପିକଲିକ୍ ସିଟ୍ସ୍ ।

Delivery of Dialouges ରେ ଅଭିନେତାମାନେ ଯେପରି ଗତିଶୀଳ

ସାମାଜିକ ଜୀବନ ଏପରିକି ପର୍ବ ପର୍ବାଣୀ ସହିତ ନୃତ୍ୟ ପରମ୍ପରା ଏପରି ଭାବେ ଜଡ଼ିତ, ତାହା କଦାପି ଭିନ୍ନ ଭିନ୍ନ ହେବ ନାହିଁ । ପ୍ରାଚୀନ ଓ ବର୍ତ୍ତମାନର ସମ୍ମିଶ୍ରଣରେ ଆମର ସାଂସ୍କୃତିକ ନାଟ୍ୟ ସଂସ୍କୃତି ସମୃଦ୍ଧ ହେବ । ତେଣୁ ବନ୍ଧୁଗଣ ମୋର ଅନୁରୋଧ ଯେ ଆମେ ସମସ୍ତେ ମଧ୍ୟ ଯୁଗ ଉପରେ ଆମର ଆସ୍ଥାନ ସୁଦୃଢ଼କରି ଆଗାମୀ ଯୁଗକୁ ଆବାହନ କରିବା ।

ବ୍ରହ୍ମପୁର କଟକ-୧

# ଓଡ଼ିଶାରେ ପ୍ରଥମ

କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୯ ଫେବୃଆରୀ ୪ ତାରିଖରେ ଧାନମଣ୍ଡଳ 'କୋଣାର୍କ' ଝୋଟ କଳର ଶୁଭ ଉଦ୍‌ଘାଟନ କରିବା ପରେ ପ୍ରଥମ କରି ଏଥିରୁ ପରୀକ୍ଷାମୂଳକ ଭାବରେ ଉତ୍ପାଦନ ଆରମ୍ଭ ହେଲା ।

ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭଲ ଧରଣର ଓ ଅଧିକ ପରିମାଣର ଝୋଟ ଜିନିଷ ତିଆରି କରିବାକୁ ହେଲେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରାଯିବା ପ୍ରତି ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ଉତ୍ସବରେ ସଭାପତିତ୍ୱ କରି କହିଲେ ଯେ ରାଜ୍ୟ ପାଇଁ ଏହା ଏକ ସ୍ମରଣୀୟ ଘଟଣା । ଜନସାଧାରଣ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସରକାରଙ୍କ ସହିତ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ରାଜ୍ୟ ଶିଳ୍ପମନ୍ତ୍ରୀ ଶ୍ରୀ ହରିହର ବାହିନୀପତି ସ୍ୱାଗତ ଅଭିଭାଷଣ ଦେଇଥିଲେ ।



ଧାନମଣ୍ଡଳ ଝୋଟ କଳ ଓଡ଼ିଶାରେ ସର୍ବପ୍ରଥମ ଝୋଟ କଳ । ଏହା ୬କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । କୋଣାର୍କ ଝୋଟ କଳ ରାଜ୍ୟ ସରକାରଙ୍କ ଶିଳ୍ପ ଉନ୍ନୟନ କର୍ପୋରେସନ ଓ ଜାତୀୟ କୃଷି ସମବାୟ ବାଣିଜ୍ୟ ମହାସଂଘର ମିଳିତ ଉଦ୍ୟମରେ ସ୍ଥାପିତ ହୋଇଛି । ଏଥିରୁ ପ୍ରତି ମାସରେ ୧୫ ଲକ୍ଷ ବସ୍ତା ଓ ୫୨ ହଜାର ଗଜ ଅଖା କପଡ଼ା ବାହାରିବ । ଏ ପର୍ଯ୍ୟନ୍ତ ଏଥିରେ ୧୬୯ ଜଣ ଲୋକ ନିଯୁକ୍ତ ହୋଇଛନ୍ତି । ଏହି ଝୋଟ କଳରେ ମୋଟ ୧୬ ଶହ ଲୋକ ନିଯୁକ୍ତ ହେବାର ସମ୍ଭାବନା ରହିଛି ।

ପରୀକ୍ଷା ନିରୀକ୍ଷା ଗୁଡିକି ତହିଁରୁ ସୃଷ୍ଟ ସାଂପ୍ରତିକ ନାଟକ ଓ ରଙ୍ଗମଞ୍ଚ ତାହା ଯେ ପାଶ୍ଚାତ୍ୟ ଢଙ୍ଗ ଓ ଚଳଣିରୁ ସଂପୂର୍ଣ୍ଣ ମୁକ୍ତ ଏକଥା କେହି ସ୍ୱୀକାର କରିବେ ନାହିଁ । ତେଣୁ ଆମ ଦେଶରେ ଆଜିଯାଏଁ ଉତ୍କୃଷ୍ଟ ନାଟକର ଅଭାବ ପରିଲକ୍ଷିତ ହୁଏ ।

କେତେକ ଆଧୁନିକବାଦୀ ନାଟ୍ୟକାର ଓ ପ୍ରଯୋଜକମାନେ ପୁରାପୁରିଭାବେ କ୍ଲାସିକାଲ ଥିଏଟରକୁ ତ୍ୟାଗକରି ସଂପୂର୍ଣ୍ଣ-ମାତ୍ରାରେ ଏକ ଆଧୁନିକ ଥିଏଟର ଗଢିବା-ପାଇଁ ଅତିଶୟ ବ୍ୟଗ୍ର । ଅଥଚ ଥିଏଟରର ମୂଳଭିତ୍ତି ସ୍ଥିର ଓ ସୁଦୃଢ଼ ନକରି ତିଆରିକଲେ ତାହାଯେ ଅର୍ଥହୀନ ହେବ, ଏହା ନିଃସନ୍ଦେହ । ଥିଏଟରର ମୂଳଭିତ୍ତି ନାଟକ ଓ ରଙ୍ଗମଞ୍ଚର ଆକୃତିରୁ ଜଣାଯାଏ । ସେହି ଆକୃତି ସ୍ଥିର କରିବା ଆମର କର୍ତ୍ତବ୍ୟ । ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବିଶିଷ୍ଟ ନାଟ୍ୟ ସମାଲୋଚକ ଷ୍ଟିଫେନ ସ୍ପେଣ୍ଡର ଆଜକୁ ପ୍ରାୟ ୨୦।୨୫ ବର୍ଷ ତଳେ ଜାପାନର ଟୋକିଓଠାରେ ଅନୁଷ୍ଠିତ ହୋଇଯାଇଥିବା P. E. N. ର କଂଗ୍ରେସରେ ଏହି ସଂପର୍କରେ ତାଙ୍କର ଅଭିଭାଷଣରେ ପ୍ରାଚ୍ୟବାସୀଙ୍କୁ ଯେଉଁ ଚେତାବନୀ ଦେଇଯାଇଛନ୍ତି ତାହା ଏଠାରେ ସ୍ମରଣୀୟ । ସେ କହିଛନ୍ତି "It seems to me that in the eastern part of the world, from the examples I have seen, there is a great danger of their being a revolation, that is tosay, the whole of the past forms being rejected and disastrous kind of modermism which we have also in Europo under the some of movements like futurism being introduced which has no relation to the past whatever."

ଅର୍ଥାତ ସ୍ପେଣ୍ଡର ତାଙ୍କର ତିକ୍ତ ଅନୁଭୂତିରୁ ଯାହା କହିଲେ ସେଥିରୁ ଆମେ ଏତିକି ଶିକ୍ଷା କରୁ ଯେ ଅତୀତ ଯାହା ହେଉପଛକେ, ପ୍ରାଚ୍ୟବାସୀ ତାକୁ ଭୁଲି ପୁରା ପୁରି ନୂତନ ସୃଷ୍ଟି କରିବା ଅତି ବିପଦ୍‌ଜନକ ଯାହାକି ଇଉରୋପରେ ଘଟୁଛି ।

ଆଧୁନିକତାବାଦୀ ନାଟ୍ୟକାରଙ୍କ ନାଟକରେ ଏବେ ସୁଦ୍ଧା ପାଶ୍ଚାତ୍ୟ ଦେଶର ଢଙ୍ଗ, ଅଭିନୟ ତଥା ମଞ୍ଚ କୌଶଳ ଏପରିକି ମଞ୍ଚ ପ୍ୟାଟର୍ନର ପ୍ରଭାବ ପ୍ରତି ଛତ୍ରେ ଛତ୍ରେ ପ୍ରତିଫଳିତ । ଏହିପରି କେତେଦିନ ଆମେ ପାଶ୍ଚାତ୍ୟବାସୀଙ୍କୁ ଅନୁକରଣ କରୁଥିବା ? ଏହାଦ୍ୱାରା ଆମ ଦେଶ ସାଂସ୍କୃତିକ କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିବ କି ? ଏହି ପରି-ପ୍ରେକ୍ଷୀରେ ଅନେକ ଚିନ୍ତାଶୀଳ ଅଧିନାୟକ-ମାନେ ଦୃଢ଼ଭାବେ ମତ ବ୍ୟକ୍ତ କରି କହନ୍ତି "ଅନ୍ୟ ଦେଶର ନାଟକ, ମଞ୍ଚ କୌଶଳ ଇତ୍ୟାଦି ଆମ ଦେଶର ଜାତୀୟ ସଂସ୍କୃତି ଅଭି-ବୃଦ୍ଧିରେ ଘୋର ପ୍ରତିବନ୍ଧକ । ଏହି ସମସ୍ୟା ସଂପର୍କରେ ଜେ. ସି. ଟ୍ରିୱେଲେନ, ଲିଖିତ Literature and Western Man ଗ୍ରନ୍ଥରେ ପ୍ରବଳ ସମାଲୋଚନାମୂଳକ ଅଭି-ଅଭିମତରେ କିଅତ୍ ଅଂଶ ଏଠାରେ ପ୍ରଣିଧାନ୍ୟ ଯୋଗ୍ୟ ।

Indeed often the fashion for importing plays can for sometimes prevent & native school of drama from coming into existence at all and although a solitary dramatist of genius fom a small country, like Ibson, can have enermous influences it will generally be found that if a country occupies a dominating position through its wealth, political and military power and alo has an active theatre, they plays of he theatre will be eagerly sought by other countries.

ଅର୍ଥାତ୍ ଅନ୍ୟ ଜାତିର ନାଟକ ଆମଦାନୀ-କରିବା ଏକ ଫେସନ କିନ୍ତୁ ତଦ୍ୱାରା ନିଜ ଦେଶର ଡ୍ରାମା ସ୍କୁଲ ତିଷ୍ଠି ରହି ପାରେ ନାହିଁ । ଏକ କ୍ଷୁଦ୍ର ଦେଶରେ ଇବ୍‌ସନ୍‌ଙ୍କ ପରି ଜଣେ ନାଟ୍ୟକାର ଜନ୍ମଗ୍ରହଣ କରି ସୁଦ୍ଧା ସେ ତାଙ୍କର ଅସୀମ ନାଟ୍ୟ ପ୍ରତିଭା ବଳରେ ସାରା ବିଶ୍ୱରେ ନିଜର ଅଗାଧ ପ୍ରଭାବ ବିସ୍ତାର କରିପାରନ୍ତି । କେବଳ ଧନ ସମ୍ପତ୍ତି, ରାଜନୀତି ଓ ସୈନ୍ୟସାମନ୍ତ ନେଇ ଯେ ଗୋଟିଏ ଦେଶ ବଳୀୟାନ ତାହା-ନୁହେଁ, ତାହା ସାଥିରେ ସେ ଦେଶରେ ନିଶ୍ଚୟ ଥିବ ତାହାର ଏକ ସୁସ୍ଥ ଜାତୀୟ ରଙ୍ଗମଞ୍ଚ ଓ ନିଜସ୍ୱନାଟକ ଯାହାକୁ ଅନ୍ୟ ଦେଶ ନେବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥାନ୍ତି ।

ରୁଷିଆ ଜାର ଶୃଙ୍ଖଳରୁ ମୁକ୍ତ ହୋଇ ସାରା ଦେଶରେ ଯେତେବେଳେ କମ୍ୟୁନିଜିମ୍ ପ୍ରସ୍ଥିର କଲା, ସେତେବେଳେ ସେ ତାହାର ଅତୀତ ରଙ୍ଗମଞ୍ଚଗୁଡ଼ିକୁ ମାରିଦେଇ ନଥିଲା । ବରଂ ତାହାର ଉନ୍ନତି ଦିଗରେ ସେ ଅଧିକ ସଚେଷ୍ଟ ରହିଥିଲା । ଆଜି ରଙ୍ଗମଞ୍ଚ କ୍ଷେତ୍ରରେ ରୁଷିଆ ପୃଥିବୀରେ ଅଗ୍ରଣୀ ହୋଇ ପାରିଛି ।

ସେ ଯାହାହେଉ, ମୋର ଦୃଢ଼ ବିଶ୍ୱାସ, ଯେବେ ଆମେ ଲୋକ ନାଟ୍ୟ ଉପରେ ସବିଶେଷ ଗବେଷଣା କରୁ ତାହାର ମଞ୍ଚ ଓ ଅଭିନୟ କୌଶଳକୁ ସାଂପ୍ରତିକ ନାଟକରେ ପ୍ରୟୋଗକରୁ ତେବେ ଆଧୁନିକ ନାଟକର ପ୍ରଯୋଜନା ଏବଂ ରଙ୍ଗମଞ୍ଚର ଅଶେଷ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ଆମର ଜାତୀୟ ରଙ୍ଗମଞ୍ଚର ପୁନରୁଦ୍ଧାର ହୋଇ ପାରିବ । ଆଉ ମଧ୍ୟ ଆମର ସାଂପ୍ରତିକ ନାଟକକୁ ଗବେଷଣା ମାଧ୍ୟମରେ ଏକ ଚିରନ୍ତନ ମୂଲ୍ୟବୋଧ ଦେଇପାରିବା ।

ଏ ସଂପର୍କରେ ପ୍ରବୀଣ ଲୋକନାଟ୍ୟ ବିଶେଷଜ୍ଞ ଡକ୍ଟର ସୁରେଶ ଅବସ୍ଥି ତାଙ୍କର ଅନ୍ୟ ଏକ ନିବନ୍ଧ "Folk Theatre : Some perspectives"ର ଉପସଂହାର ଦେବାକୁ ଯାଇ ଅନୁରୂପ ମତ ପୋଷଣ କରି ଉଲ୍ଲେଖ କରି କହିଛନ୍ତି :—
It is not surprising that western theatre, in its efforts to liberate itself from the unimaginative realistic tradition and in its search for a theatre of conventions and stylisation and a total theatre, has clome very close to the Indian traditional theatre. Contemporary western theatre is greatly influenced by the tradition and conventions of the Oriental theatre, and it seems that all new and exciting work being done in the fiold of play writing and play production in the West is inspired by this encounter and oxchange between Western theatre and Oriental theatre

ଅର୍ଥାତ "ପାଶ୍ଚାତ୍ୟ ଥିଏଟରକୁ ରିଆଲିଷ୍ଟିକ ପରଂପରାରୁ ମୁକ୍ତ ରଖିବା ପାଇଁ ବହୁ ଗବେଷଣା କରି ଆଜି ପାଶ୍ଚାତ୍ୟବାସୀ ଭାରତର ପାରଂପରିକ ଥିଏଟରର ନିକଟ-ବର୍ତ୍ତୀ ହୋଇ ପାରିଛନ୍ତି । ସେମାନଙ୍କ ମତରେ ଭାରତୀୟ ନାଟ୍ୟ ପରଂପରାରେ ତାହାର ଏକ ନିଜସ୍ୱ ଶୈଳୀ, ଢଙ୍ଗ ତଥା ଟୋଟାଲ ଥିଏଟରର ପ୍ରତିଛବି ଦେଖିବାକୁ ମିଳେ । ପାଶ୍ଚାତ୍ୟ ଦେଶର ସାମ୍ପ୍ରତିକ ନାଟକମାନ ପ୍ରାଚ୍ୟ ନାଟ୍ୟ ସଂସ୍କୃତି ପ୍ରଭାବରେ ପ୍ରଭାବିତ । ଏପରିକି ପ୍ରାଚ୍ୟ ପାଶ୍ଚାତ୍ୟ ସାଂସ୍କୃତିକ ବିନିମୟର ସଫଳ ସ୍ୱରୂପ ଆଜି ଏକ୍ଷେତ୍ରରେ ସେଠାରେ ହେଉଥିବା ସମସ୍ତ କାର୍ଯ୍ୟ ପ୍ରାଚ୍ୟାଭିମୁଖୀ" ।

ଶିଳ୍ପ ସଭ୍ୟତାର ପ୍ରସାର କ୍ରମେ ଭାରତୀୟ ନାଟ୍ୟ ସଂସ୍କୃତିର ବିଲୋପସାଧନ ଯେ ନିଶ୍ଚିତକଥା, ଏହା ବିଡ଼ମ୍ବନା ।

ବାଜୁଛେ ତୁରୀ
ଉଡୁଛେ ଧୁଳି
ଜଗତ୍ର ଅସ୍ୱା କଳାସୀ
ପଡ଼େ ହୁଲ୍ ହୁଳି ।
ପଡ଼େ ହୁଲ୍ ହୁଳି–ପଡ଼େ ହୁଲ୍ ହୁଳି ଗାଏ 'ଡ଼ାଲ ଖାଇରେ' ।
(ବଲାଙ୍ଗୀର)

ଶିଖା—

(୨) ଡ଼ାଲ ଖାଇ ବୋ—
କୃଷ୍ଣ ଯାଇଥିଲେ ଯମୁନା କୂଳ
ରାଧା ଯାଇଥିଲେ ଆଣିବେ ଜଳ
ଧରି ନେଲେ ହାତ କଲେ କହ୍ଲାଇ
ଛାଡ଼ ବୋଇଲେ ସେ ଛାଡ଼ଇ ନାହିଁ
ଯୁବା ବୟସ ନନ୍ଦର ପିଲ
ଦେହ ତାର କଲ କଲ
ଡ଼ାଲ ଖାଇ ବୋ ।

(୩) ଧୁଣି–

ଡ଼ାଲ ଖାଇ ବେ–
କପାଟ ତଳେ ସିନା ସୁବର୍ଣ୍ଣ ଥାଏ
ସେ ଦିନର କଥା କାଉ ମନୁ ନ ଯାଏ ।
ପ୍ରଭୁକୁ ପାଇଥିଲି କଲରେ ଖାଇ
ଛାଡ଼ ବୋଇଲେ ପ୍ରଭୁ ଛାଡ଼ଇ ନାହିଁ ।
ହେ ମହାପ୍ରଭୁ
ଛିଇ ଥିଲ ମୋର ହାତୁ ପଇଲ–
ଡ଼ାଲ ଖାଇରେ–
(ସୁନ୍ଦରଗଡ଼)

ବେଶ ଭୂଷା

ଝିଅମାନେ ନାଚିଲା ବେଳେ ନିଜକୁ ନାନା ପ୍ରକାର ଲୋଭନୀୟ ବେଶ ଭୂଷାରେ ମଣ୍ଡିତ କରିଥାନ୍ତି । ସମ୍ବଲପୁର ଅଂଚଳର କପ୍ତା ଶାଢ଼ୀ ବା ସୋନପୁର ଅଞ୍ଚଳର ତନ୍ତବୁଣା ବଉଳ ଶାଢ଼ୀକୁ ସେମାନେ ପ୍ରାୟ ପସନ୍ଦ କରିଥାନ୍ତି । ଶାଢ଼ୀ ଉପର ବେକରେ ସେମାନେ ଏକ ନାତି ଦୀର୍ଘ ରଙ୍ଗୀନ ଫୁଲପକା ଗାମୁଛା ପକାଇ ଥାନ୍ତି । ଡ଼ାଲ ଖାଇ ନାଚର ଗୋଟିଏ ପର୍ଯ୍ୟାୟରେ ସେମାନେ ଏହି ରଙ୍ଗୀନ ଗାମୁଛାରେ ଶେଷାଂଶକୁ ଦୁଇ ହାତ ମୁଠାରେ ଧରି ହଲି ଦୋହଲି ନାଚିଲା ବେଳେ ଆଉ ଏକ ଲୋଭନୀୟ ଦୃଶ୍ୟ ସୃଷ୍ଟି କରିଥାନ୍ତି । ମୁଣ୍ଡର ତଳିଆ ଖୋଷାରେ ସେମାନେ ବଣୁଆ ଫୁଲ ଓ ପତ୍ର ଖଂଜି ଥାନ୍ତି । ଢ଼ୋଲ ବାଦକ ମାନେ ମାଲ କଛା ଭିଡ଼ି ଓ ରଙ୍ଗୀନ ଫତେଇ ପିନ୍ଧି ନାଚୁଥିବା ଦେଖା ଯାଏ ।

ଡ଼ାଲ ଖାଇ ନାଚର ପ୍ରଭାବ ଅତ୍ୟନ୍ତ ବିସ୍ଫୋରକ । ନୃତ୍ୟ କାଳୀନ ହସ୍ତପଦ, ଆଣ୍ଠୁ ଓ ନିତମ୍ବର ଭଙ୍ଗୀ ଅତ୍ୟନ୍ତ ମାଦକତା ପୂର୍ଣ୍ଣ । ନର୍ତ୍ତକୀମାନେ ଭାବାବେଗରେ ନୃତ୍ୟ ଓ ଗୀତ ସଙ୍ଗରେ ନିଜକୁ ହଜାଇ ଦେଇ, ମଜାଇ ଦେଇ ଏବଂ ଜଳୁଡ଼ି ଦେଇ ଏକ ସ୍ୱପ୍ନିଳ ପରିବେଶ (Gay abandon) ସୃଷ୍ଟି କରିଥାନ୍ତି । ଦର୍ଶକ ମଣ୍ଡଳୀ ଏହାକୁ ଆଗ୍ରହ ସହକାରେ ଉପଭୋଗ କରନ୍ତି ଓ ଡ଼ାଲଖାଇ ପାର୍ଟିକୁ ମୁକ୍ତ ହସ୍ତରେ ଅର୍ଥ ଦାନ କରିଥାନ୍ତି ।

'ଡ଼ାଲଖାଇ ନାଚ' ପଶ୍ଚିମ ଓଡ଼ିଶାର ଏକ ମୁଖ୍ୟ ଗଣ ନୃତ୍ୟ । ପ୍ରସଙ୍ଗ କ୍ରମେ ଉଲ୍ଲେଖ କରାଯାଇ ପାରେ ଯେ ସମ୍ବଲପୁର ଜିଲ୍ଲାର ଶ୍ରୀମତୀ ଗୁରୁବାରି ନିର୍ଦ୍ଦା ଦିଲ୍ଲୀରେ ଅନୁଷ୍ଠିତ ଗଣନୃତ୍ୟ ପ୍ରଦର୍ଶନୀରେ ଡ଼ାଲଖାଇ ନାଚ ପରିବେଷଣ କରି ଖ୍ୟାତି ଅର୍ଜନ କରିଥିଲେ । ଲୋକ ପ୍ରିୟତା ହେତୁ 'ଡ଼ାଲଖାଇ ଗୀତ' କେବଳ ଆଶ୍ୱିନ ମାସର ଡ଼ାଲଖାଇ ନାଚ ସଙ୍ଗେ ଗାନ କରାଯାଏ ନାହିଁ, ଡ଼ାଲଖାଇ ପର୍ବ ପରେ ବିଭିନ୍ନ ଉତ୍ସବ ପର୍ବପର୍ବାଣୀ ମାନଙ୍କରେ ମଧ୍ୟ ଏ ଗୀତ ସ୍ତ୍ରୀ ମୂଲିଆ ମୁଖରେ ଶୁଣାଯାଏ ।

ବ୍ୟାଳର ନଗର ଏନ୍-୫/
ୟୁନିଟ୍-୫, ଭୁବନେଶ୍ୱର

# ଗଣନୃତ୍ୟ "ଡ଼ାଲଖାଇ"

ଶ୍ରୀ ଭଗୀରଥି ନେପାକ

ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ଦୁର୍ଗା-ଅଷ୍ଟମୀ କୁହାଯାଏ । ଅଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ଏହି ତିନିଦିନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ । ଏହା ସଙ୍ଗେ କୃଷି ଉପକରଣ, ଅସ୍ତ୍ରଶସ୍ତ୍ର, ,ପୋଥିପତ୍ର ଓ ଲେଖନୀ ପୂଜା କରାଯାଏ । ପଶ୍ଚିମ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସରଳ କମନୀୟ ପଲ୍ଲୀ ଜୀବନ ଇତ୍ୟବସରେ ଡ଼ାଲ୍‌ଖାଇ ନୃତ୍ୟ ସଙ୍ଗୀତ ଆୟୋଜନରେ ତତ୍ପର ହୋଇଉଠେ । ଦୁର୍ଗା-ଅଷ୍ଟମୀ ଦିନ ଝିଅମାନେ ଭାଇମାନଙ୍କର ଶୁଭ ମନାସି ଉପବାସ ବ୍ରତ ଆଚରନ୍ତି । ଏହାକୁ 'ଭାଇ ଜୀଉନ୍ତିଆ' କୁହାଯାଏ । ଅଷ୍ଟମୀ ସଂଧ୍ୟାରେ ମଙ୍ଗଳା/ଦୁର୍ଗାପୂଜା ହୁଏ ।

ପଶ୍ଚିମ ଓଡ଼ିଶାରେ ଆଦିବାସୀ ସଂପ୍ରଦାୟର ଅବି-ବାହିତା ତରୁଣୀ କନ୍ୟାମାନେ ଏହି ତିନିଦିନ 'ଡ଼ାଲଖାଇ' ନୃତ୍ୟ କରନ୍ତି ଓ 'ଡ଼ାଲଖାଇ' ପୂଜା କରିଥାନ୍ତି ।

ଡ଼ାଲଖାଇ ବ୍ରତଧାରିଣୀମାନେ ଡ଼ାଲଖାଇ ଦେବୀ ଅର୍ଥାତ୍ ବଣଭିତରର ଗଛଡ଼ାଳରେ ବାସକରୁଥିବା ମଙ୍ଗଳା ଦୁର୍ଗାଦେବୀଙ୍କୁ ସନ୍ତୁଷ୍ଟ କରି ଗୃହ, ପରିବାର ତଥା ଗ୍ରାମର ମଙ୍ଗଳ ଉଦ୍ଦେଶ୍ୟରେ ଡ଼ାଲଖାଇ ନାଚ କରିଥାନ୍ତି ।

ଆଦିବାସୀ ପଲ୍ଲୀର ତରୁଣୀ କନ୍ୟାମାନେ ଏହି ତିନିଦିନ ଦଳବଦ୍ଧ ଭାବରେ ନୃତ୍ୟ କରିବାକୁ ଆଗେଇ ଆସନ୍ତି । ଲଜ୍ୟା, ସଂକୋଚ ପରିହାର କରି ଏମାନେ ମନ ଖୁସିରେ ଦଳ ଦଳ ହୋଇ ନାଚନ୍ତି । ନାଚିଲାବେଳେ ସେମାନଙ୍କ ହାତକୁ ପରସ୍ପରର ଅଣ୍ଟାରେ ଛନ୍ଦି, ହଲି ଦୋହଲି, ଆଗପଛ ହୋଇ ନାଚନ୍ତି ।

ଡ଼ାଲଖାଇ ନାଚରେ 'ଡ଼ାଲଖାଇ ଗୀତ' ଗାନ କରାଯାଏ । ଏହି ଗୀତଗୁଡ଼ିକ ସାଧାରଣତଃ ଆଦିରସାତ୍ମକ । ଏହା ବ୍ୟତୀତ ଅଖ୍ୟାତ, ଅପରିଚିତ ସ୍ଥାନୀୟ କବିମାନେ, ସାମାଜିକ, ସାଂସାରିକ ପ୍ରାକୃତିକ ଓ ପୌରାଣିକ ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ଗୀତ ରଚନା କରିଥାନ୍ତି । ଏହି ଗୀତଗୁଡ଼ିକ ପରଂପରାକ୍ରମେ ମନେରଖି ଡ଼ାଲଖାଇ ପର୍ବରେ ଗାନ କରାଯାଇଥାଏ । 'ଡ଼ାଲଖାଇ ଗୀତ' ଡ଼ାଲଖାଇ ନାଚର ଅନ୍ୟତମ ଆକର୍ଷଣ ରୂପେ ବିବେଚିତ ହୋଇଥାଏ ।

ଡ଼ାଲଖାଇ ଗୀତ ଓ ନାଚ ସଙ୍ଗରେ ବାଦ୍ୟର ଆୟୋଜନ ବି' କରାଯାଇଥାଏ । ଯୁବକମାନେ ମାଦଳ, ଢ଼ୋଲ, ଟିମ୍‌କି ବଜାନ୍ତି ଓ ଯୁବତୀ କନ୍ୟାମାନେ ଗୀତ ଗାଇ ନାଚନ୍ତି । ବେଳେ ବେଳେ ଉଭୟ ଯୁବକ ଓ ଯୁବତୀମାନେ ଗୀତ ମାଧ୍ୟମରେ ଉକ୍ତି ପ୍ରତ୍ୟୁକ୍ତି ଛନ୍ଦରେ ଗୀତ ଗାଇ ନାଚନ୍ତି । ଯୁବତୀମାନେ ଗୀତ ଗାଇଲାବେଳେ କେବଳ ଢ଼ୋଲ ବାଜେ । ଗୀତ ଶେଷରେ ନାଚ ଆରମ୍ଭ ହେଲାବେଳେ ଢ଼ୋଲ ସାଙ୍ଗରେ ନିଶାଣ, ଟିମ୍‌କି, ମହୁରି ଇତ୍ୟାଦି ଗ୍ରାମ୍ୟ-ବାଦ୍ୟ ବଜାଯାଇଥାଏ । ନର୍ତ୍ତକୀମାନଙ୍କ ସଙ୍ଗରେ ଢ଼ୋଲ ବାଦକମାନେ ମଧ୍ୟ ବିଭୋର ହୋଇ ନାଚନ୍ତି ।

ଯେଉଁଠି କେବଳ କନ୍ୟାମାନେ ଗୀତ ଗାଇ ନାଚନ୍ତି, ସେଇଠି ସେମାନେ ଅର୍ଦ୍ଧ ବୃତ୍ତାକାରରେ ଛିଡ଼ା ହୋଇ ଗୀତ ଗାଇଲା ବେଳେ ଅଙ୍ଗ ଭଙ୍ଗୀ ପ୍ରଦର୍ଶନ କରିଥାନ୍ତି । ଗୀତ ଗାଇବା ଶେଷ ହେଲେ ମୁଣ୍ଡ ତଳକୁ ନୁଆଁଇ ପଦ ଓ ହସ୍ତ ଛନ୍ଦକୁ ନିୟନ୍ତ୍ରିତ କରି ନାଚନ୍ତି । ଏତିକି ବେଳେ ପାଦରୁ ଅଣ୍ଟା ପର୍ଯ୍ୟନ୍ତ ସରଳରେଖା ଆକାରରେ ସିଧା ଥାଏ ଓ ଅଣ୍ଟାର ଉପର ଅଂଶକୁ ସମକୋଣ ସୃଷ୍ଟି କରି ବଙ୍କାଇ ନେଇଥାନ୍ତି । ଏମାନେ ଆଗକୁ ପଛକୁ ହୋଇ ପୁଣି ଘୁରି ଘୁରି, ତାଳ ଓ ଛନ୍ଦ ଉପରେ ଲୟ ରଖି ବିଚିତ୍ର ଭଙ୍ଗୀରେ ନୃତ୍ୟ ପରିବେଷଣ କରିଥାନ୍ତି ।

'ଡ଼ାଲ ଖାଇରେ' ଏଇ ଘୋଷା ପଦ ବାରମ୍ବାର ଉଚ୍ଚାରଣ କରି ଗୀତ ଗାଉଥିବାରୁ ଏହାର ନାମ 'ଡ଼ାଲଖାଇ ଗୀତ' ।

ଡ଼ାଲଖାଇ ଗୀତର ନମୁନା

(୧) ଡ଼ାଲଖାଇରେ—

ଯାତରା ପଦାଥି ବାଜୁଛେ ବଜା
ଭଲି ଭଲି ସାଜ ହେଲନ ସଜା
ବାହାକ ମୁରଦଙ୍ଗ ଘଁଟ ମୁହୁରୀ
ଦେଖ୍‌ନାହାରୀ ମାନେ ହେଲେନ ବୁରି

## ଶିଳ୍ପ ସଂପ୍ରସାରଣ

ଜିଲ୍ଲାରେ କ୍ଷୁଦ୍ର ଶିଳ୍ପର ସଂପ୍ରସାରଣ ନିମନ୍ତେ ଜିଲ୍ଲା ଶିଳ୍ପ କେନ୍ଦ୍ର ଅନୁକୂଲ୍ୟରେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ (୧୯୭୮-୭୯) ୧୨୩ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୧୯୭୯ ମାର୍ଚ୍ଚ ସୁଦ୍ଧା ୨୦୦ ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ପ୍ରସ୍ତୁତି ଚାଲିଛି । ତିନିଗୋଟି ବ୍ଲକ ପଞ୍ଚାୟତ ସମିତି ଶିଳ୍ପାନୁଷ୍ଠାନକୁ ଖୁବ୍ ଶୀଘ୍ର ସ୍ଥଳୁ କରିବାର ବ୍ୟବସ୍ଥା ହେଉଛି ଏବଂ ୧୯୭୯ ମାର୍ଚ୍ଚ ସୁଦ୍ଧା ଏହିଭଳି ୧୫ଟି ଅଚଳ ଶିଳ୍ପାନୁଷ୍ଠାନକୁ କାର୍ଯ୍ୟକାରୀ କରାଯିବା ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହାଛଡ଼ା ୧୫ଟି ନୂଆ ଶିଳ୍ପ ସମବାୟ ସମିତି ଅତିଶୀଘ୍ର ଗଢ଼ାଯାଉଛି । ବ୍ରହ୍ମପୁରଠାରେ ଥିବା ଶିଳ୍ପାଞ୍ଚଳର ସଂପ୍ରସାରଣ ପାଇଁ ଅଧିକ ୩୦ଟି କାରଖାନା ଘର ନିର୍ମାଣ କରାଯାଉଛି ।



କାମ ବିନିମୟରେ ଖାଦ୍ୟ କାର୍ଯ୍ୟକ୍ରମ ଅଧୀନରେ ଗଞ୍ଜାମ ଜିଲ୍ଲା ଅଗସ୍ତି ନୂଆଗାଁ ସ୍କୁଲ ଗୃହର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।

ଚଳିତ ବର୍ଷ (୧୯୭୮-୭୯) ୮୩୦ ଜଣ ଆଦିବାସୀ କାରିଗରଙ୍କୁ ତାଲିମ ଦିଆଯିବ ଏବଂ ୩୧୨ ଜଣଙ୍କୁ ଉନ୍ନତ ଧରଣର ଯନ୍ତ୍ରପାତି ଯୋଗାଇ ଦିଆଯିବ । ଜିଲ୍ଲାରେ ମୋଟରେ ଯେଉଁ ୭୮୦ଟି କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ ଅଛି ତନ୍ମଧ୍ୟରୁ ୫୮୦ଟି ଅନୁଷ୍ଠାନ ସକ୍ରିୟ ଅଛନ୍ତି । ବାକି ୨୮୦ଟି ଅନୁଷ୍ଠାନକୁ ପର୍ଯ୍ୟାୟକ୍ରମେ ସକ୍ରିୟ କରାଯିବ । ତନ୍ତୁବାୟ ସମିତିଗୁଡ଼ିକର ସଂପ୍ରସାରଣ କରାଯାଉଛି । ବର୍ତ୍ତମାନ ଜିଲ୍ଲାରେ ମୋଟ ତନ୍ତୁବାୟ ସମବାୟ ସମିତି ସଂଖ୍ୟା ହେଉଛି ୪୧ ଏବଂ ଏଥିରେ ୪,୦୬୦ ଜଣ ସଭ୍ୟ ଅଛନ୍ତି ।

## ଋଣଦାନ ବ୍ୟବସ୍ଥା

୧୯୭୭-୭୮ ଏବଂ ୧୯୭୮-୭୯ ଆର୍ଥିକ ବର୍ଷ ଭିତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ସମବାୟ ତଥା ବ୍ୟବସାୟିକ ବ୍ୟାଂକ ସୂତ୍ରରୁ ୧୭୬୫·୫୦୬ ଲକ୍ଷ ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ରଖା ଯାଇଥିବା ସ୍ଥଳେ, ୧୯୭୮ ଜୁନ୍ ମାସ ଶେଷ ସୁଦ୍ଧା ୧୨୦୫·୬୮ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ଋଣ ଦାନ କ୍ଷେତ୍ରରେ ଯେପରି ତତ୍ପର ପଦକ୍ଷେପ ନିଆଯାଇଛି ତାହା ଏଥିରୁ ଅନୁମେୟ ।

## 'କାମ ବଦଳରେ ଶସ୍ୟ' ଯୋଜନାର ସାଫଲ୍ୟ

ଏହି ନୂତନ ଯୋଜନା ଅନୁଯାୟୀ ଜିଲ୍ଲାରେ ଅନେକ ଗୁଡ଼ିଏ ଉଲ୍ଲେଖନୀୟ କାମ କରାଯାଇଛି । ବିଶେଷତଃ ରାସ୍ତା, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା, କୂଅ, ସ୍କୁଲଘର ପ୍ରଭୃତିର ରକ୍ଷଣାବେକ୍ଷଣ ଦିଗରେ ଏହି ଯୋଜନା ବେଶ୍ ଫଳପ୍ରଦ ହୋଇଛି । ସୁଖର କଥା ଯେ ଏହି ଯୋଜନା ମାଧ୍ୟମରେ ହାତକୁ ନିଆଯାଇଥିବା ମୋଟ ୩୧୯୬ଟି କାମ ଭିତରୁ ୨,୫୩୧ଟି କାମ ସଂପୂର୍ଣ୍ଣ ହୋଇ ପାରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୭୮ ଅକ୍ଟୋବର ମାସ ଶେଷ ସୁଦ୍ଧା ଖାଦ୍ୟ କର୍ପୋରେସନଙ୍କଠାରୁ ଗଞ୍ଜାମ-ଜିଲ୍ଲାକୁ ୧୦,୧୦୨·୧୯୦ ମେଟ୍ରିକ୍ ଟନ୍ ଗହମ ମିଳିଥିଲା ଏବଂ ଏଥିରୁ ପ୍ରାୟ ସବୁ ଗହମ ଯଥାର୍ଥ ଭାବରେ ବିନିଯୋଗ କରାଯାଇଛି ।

## ପାନୀୟ ଜଳ ବ୍ୟବସ୍ଥା

ଗଞ୍ଜାମ ଜିଲ୍ଲାର ୧,୬୧୨ଟି ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ଅଟକଳ କରାଯାଇଛି । ଏହି ଗାଁଗୁଡ଼ିକରେ ୬୫୧ଟି ନଳକୂପ ଓ ७୭୪ଟି ଭଲ କୂଅ କାମ ଆରମ୍ଭ କରାଯାଇଥିଲା । ୧୯୭୮ ଅକ୍ଟୋବର ମାସ ଶେଷ ସୁଦ୍ଧା ୩୬୩ଟି ନଳ କୂଅ ଓ ୫୧୪ଟି ଭଲ ପକ୍କା କୂଅ କାମ ସଂପୂର୍ଣ୍ଣ କରାଯାଇ-ପାରିଛି ।

# ଜିଲ୍ଲା ପରିକ୍ରମା

## ଅର୍ଥନୈତିକ ଅଭିବୃଦ୍ଧି ପଥେ ଗଞ୍ଜାମ

ଓଡ଼ିଶାର ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ଯୋଜନା ରାଜ୍ୟର ବିଭିନ୍ନ ଜିଲ୍ଲାରେ ରୂପାୟିତ ହୋଇଛି । ଏ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟର ସଫଳ ରୂପାୟନ ଯେଉଳି ଭାବରେ ଗଞ୍ଜାମ ଜିଲ୍ଲରେ ହୋଇଛି, ତାହା ଉଲ୍ଲେଖଯୋଗ୍ୟ ।

କୃଷି ପ୍ରଧାନ ଗଞ୍ଜାମ ଜିଲ୍ଲର ଅଧିକାଂଶ ଅଞ୍ଚଳ ମରୁଡ଼ିର ଶରବ୍ୟ ହୋଇଥାଏ ଏବଂ ଏହାର ମାଟି ମଧ୍ୟ ସେପରି ଉର୍ବର ନୁହେଁ । ତଥାପି ମଧ୍ୟ କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖି ବିଭିନ୍ନ ଯୋଜନା ସଫଳତାରସହ କାର୍ଯ୍ୟକାରୀ କରାଯାଇଛି । ଚାଷ ପାଇଁ ଅନୁପଯୁକ୍ତ ଜମି ଫଳ ଚାଷ ପାଇଁ ଉପଯୋଗ କରାଯାଇଛି ଏବଂ ଟିପ ଅନୁର୍ବର ଜମିଗୁଡ଼ିକୁ ଚାରଣ ଭୂମିରେ ପରିଣତ କରାଯାଇଛି ।

### କୃଷି ଉତ୍ପାଦନ ବୃଦ୍ଧି ଦଗରେ ଅଗ୍ରଗତ

୧୯୭୬-୭୭ରେ ୬୦,୭୬୯ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ କରାଯାଇଥିବା ସ୍ଥଳେ ୧୯୭୮ ଖରିଫ୍ ଋତୁରେ ୯୭,୯୮୪ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇ ପାରିଛି । ସେହିପରି ତୈଳବୀଜ ଉତ୍ପାଦନ ପାଇଁ ୧୯୭୬-୭୭ରେ ୨୪,୦୫୯ ହେକ୍ଟର ଜମି ଉପଯୋଗ କରାଯାଇଥିବା ବେଳେ ୧୯୭୮ ଖରିଫ୍ ଋତୁରେ ୨୯,୭୩୦ ହେକ୍ଟର ଜମିରେ ତୈଳବୀଜ ଚାଷ ହୋଇଛି । ୧୯୭୬-୭୭ରେ କପାଚାଷ ହେଉଥିବା ୧୧୮ ହେକ୍ଟର ଜମି ବର୍ତ୍ତମାନ ୫୯୨ ହେକ୍ଟରକୁ ବୃଦ୍ଧି ପାଇଛି । ରବିଫସଲ କାର୍ଯ୍ୟକ୍ରମରେ ଅଧିକ ଅମଳକ୍ଷମ ଧାନ ୪,୫୧୭ ହେକ୍ଟରରେ ଏବଂ ଡାଲି ଜାତୀୟ ଫସଲ ୨,୧୪,୧୭୧ ହେକ୍ଟରରେ କରାଯାଇଛି । ୧୯୭୬-୭୭ରେ ଉକ୍ତ ଫସଲ ଯଥାକ୍ରମେ ୧,୩୨୦ ହେକ୍ଟରରେ ଏବଂ ୧,୪୬,୯୪୮ ହେକ୍ଟରରେ ଚାଷ ହେଉଥିଲା । ତୈଳବୀଜ ଫସଲ ମଧ୍ୟ ରବି ଋତୁରେ ୨୮,୮୫୯ ହେକ୍ଟରରେ କରାଯାଇଛି । ଆଗରୁ ଏହା ୨୦ ହଜାର ହେକ୍ଟରରୁ କିଛି ଅଧିକ ଜମିରେ ଚାଷ ହେଉଥିଲା ।


### ଅଧିକ ଫଳ ବଗିଚା

ଗଞ୍ଜାମ ଜିଲ୍ଲର ପାରଳାଖେମୁଣ୍ଡି ସବଡ଼ିଭିଜନ୍ ଅଂଚଳର ରାମଗିରି ଓ ଜିରଙ୍ଗା ଅଞ୍ଚଳ ଫଳଚାଷ ପାଇଁ ଅତ୍ୟନ୍ତ ଅନୁକୂଳ ହୋଇଥିବାରୁ ଉକ୍ତ ଅଞ୍ଚଳରେ ଫଳଚାଷର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୭୮ ଅକ୍ଟୋବର ମାସ ଶେଷସୁଦ୍ଧା ପ୍ରାୟ ୩୦୦୦ ଏକରରେ 'ଇନ୍‌ସିଟୁ' ପ୍ରଣାଳୀରେ ଆମ୍ବଗଛ କଲମି କରି ଲଗାଯାଇଛି । ରାମଗିରି ଓ ଜିରଙ୍ଗା ଅଞ୍ଚଳରେ ଆଦିବାସୀ ଉନ୍ନୟନ ସଂସ୍ଥାର ସାହାଯ୍ୟକ୍ରମେ ୭୩,୬୬୦ କମଳା ଚାରା ଓ ୭,୪୧୫ ଲେମ୍ବୁଚାରା ଲଗା ଯାଇଥିଲା । ଚଳିତ ବର୍ଷ ମଧ୍ୟ ୮୨,୧୨୭ କମଳା ଚାରା ଓ ୧୭,୭୧୧ ନାରଙ୍ଗୀ ଚାରା ଲଗା ଯାଇଛି । ଆହୁରି ୨୫ ଲକ୍ଷ ଚାରା ପ୍ରସ୍ତୁତ କରି ଆଗାମୀ ବର୍ଷ ଲଗାଯିବା ନିମନ୍ତେ ବ୍ୟବସ୍ଥା ହୋଇଛି ।

ରାମଗିରି ଏବଂ ଜିରଙ୍ଗାଠାରେ କମଳା ଚାଷୀ ସମିତିଙ୍କ ଜରିଆରେ ଗ୍ରାମବାସୀଙ୍କଠାରୁ କମଳା କିଣି ତାହାର ଉଚିତ ବିକ୍ରି ବଟା କରାଇବା ପାଇଁ ପ୍ରଥମ କରି ଏକ ବ୍ୟବସ୍ଥା କରାଯାଇଛି । ଏହା ଫଳରେ କମଳା ଚାଷ କରୁଥିବା ବହୁ ଆଦିବାସୀ ଉପକୃତ ହେବେ । ଏହି ସମିତି ଜରିଆରେ ୧୯୭୮ ଡିସେମ୍ବର ମାସ ଶେଷ ସୁଦ୍ଧା ଦଶଲକ୍ଷ କମଳା ସଂଗୃହୀତ ହୋଇ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏପର୍ଯ୍ୟନ୍ତ ୩ ଲକ୍ଷ କମଳା ସଂଗୃହୀତ ହୋଇସାରିଛି ।

ଫଳ ବଗିଚାମାନ ସୃଷ୍ଟି କରାଯାଇଥିଲା । ଏହି ଚାରା ଗଛଗୁଡ଼ିକ ଜମିରେ ଲଗାଇ ଉପଯୁକ୍ତ ଫଳ ବଗିଚାମାନ ସୃଷ୍ଟି କରିବା ନିମନ୍ତେ ପୁନର୍ବାର ଜଳସେଚନ ଆବଶ୍ୟକ ହେଉଥିଲା ଏବଂ ଚାରାଗଛଗୁଡ଼ିକ ଭଲ ଭାବରେ ବଢ଼ି ପାରୁନଥିଲା । ଆଉ ମଧ୍ୟ ବହୁ ଅଞ୍ଚଳରେ ଜଳସେଚନର ଅଭାବ ତଥା ଅଳ୍ପ ବୃଷ୍ଟି ହେତୁ ଉନ୍ନତ ବଗିଚା ସୃଷ୍ଟି କରିବା ସଂଭବପର ହୋଇ ପାରୁ ନଥିଲା । ଆଧୁନିକ "ଇନ୍‌ସିଟୁ" ପ୍ରଣାଳୀରେ ଫଳ ଉଦ୍ୟାନ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକ ଦୂର କରାଯାଇ ପାରିଛି । "ଇନ୍‌ସିଟୁ" ପ୍ରଣାଳୀଟି ହେଉଛି ଗଛର ମଂଜି ସିଧାସଳଖ ମାଟିରେ ପୋତି ଦିଆଯିବ । ଯେଉଁ ଗଛଟି ଏଥିରୁ ବାହାରିବ ତା'ର ପ୍ରଧାନ ଚେରଟି ମାଟିର ଅନେକ ଗଭୀରକୁ ଖେଳିଯିବ ଏବଂ ବୃଷ୍ଟି ହେଉନଥିବା ସମୟରେ ପ୍ରଧାନ ଚେର ଓ ଶାଖା ଚେର ମାଧ୍ୟମରେ ମାଟିରୁ ଜଳକଣା ଗ୍ରହଣ କରି ପାରିବ । ବର୍ଷା ପାଣି ବେଳେ ବଢ଼ିଥିବା ଏହି ଚାରାଗୁଡ଼ିକ ବର୍ଷେ କିମ୍ବା ଦୁଇ ବର୍ଷର ହୋଇଗଲେ ସେହି ଗଛରେ ଉନ୍ନତ ପ୍ରଣାଳୀରେ ଉନ୍ନତ ଫଳ ଗଛର ଡାଳ କଲମି କରାଯାଏ ।

ଜମିରେ ଧାଡ଼ି ଧାଡ଼ି କରି ୩୦ ଫୁଟ ବ୍ୟବଧାନରେ ୩ଫୁଟ ଦୈର୍ଘ୍ୟ, ୩ ଫୁଟ ପ୍ରସ୍ଥ ଓ ୩ ଫୁଟ ଗଭୀର ଗାତ ଖୋଳାଯାଏ । ମାଟି ସହିତ ଅଧକିଲୋ "ଗାଲିମିଲ୍" କିମ୍ବା "ଷ୍ଟେରାମିଲ୍" (୭:୧୦:୫) ୧୭୦ ଗ୍ରାମ୍ "ଆଲଡ୍ରିନ୍" ଶତକଡ଼ା ୫ ଭାଗ ଧୂଳି ଏବଂ ୨୦ କିଲୋ ଭଲ କଂପୋଷ୍ଟ ଖତ ମିଶାଇ ଗାତଗୁଡ଼ିକ ଭର୍ତ୍ତି କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଗାତରେ ୪।୫ଟି କରି ଆମ୍ବ ଟାକୁଆ ଲଗାଯାଇଥାଏ । ଗାତରେ ଆମ୍ବ ଟାକୁଆ ଲଗାଇ ସାରିବା ପରେ ଗାଈ ଗୋରୁ ତଥା ଅନ୍ୟାନ୍ୟ ଜଙ୍ଗଲି ପଶୁମାନଙ୍କଠାରୁ ଚାରାଗୁଡ଼ିକୁ ରକ୍ଷା କରିବା ନିମନ୍ତେ ଗୋରଡ଼ା ଘେରାଇ ଦିଆଯାଏ । ଗୋଟିଏ ଏକର ଜମିରେ ଏହିଭଳି ୫୦ଟି ଗାତ ଖୋଳା ହୁଏ । ବର୍ଷେ କିମ୍ବା ତହିଁରୁ ଅଧିକ ହୋଇଗଲେ, ଯେତେବେଳେ ଗଛଗୁଡ଼ିକର ଉଚ୍ଚତା ୧½ ଫୁଟରୁ ୨ ଫୁଟ ଭିତରେ ହୋଇଯାଏ, ସେହି ସମୟରେ ଉନ୍ନତ ପ୍ରଣାଳୀରେ ଶାଖା କଲମି କରାଯାଏ ।



ଡି. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ବୋଦିମାହୁରେ ଅନ୍ୟ ଏକ ଫଳବଗିଚା ପାଇଁ ଚାରା ରୋପଣ କରଯାଇଛି

ଏହି "ଇନ୍‌ସିଟୁ" ବୃକ୍ଷରୋପଣ କାର୍ଯ୍ୟକ୍ରମଟି ମୁଖ୍ୟତଃ କୃଷକମାନଂକ ଜମିରେ କରାଯାଏ ଏବଂ ଏ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଏକର ପିଛା ୧୪୦ ଟଙ୍କା କରି ଆର୍ଥିକ ସାହାର୍ଯ୍ୟ ଦିଆଯାଏ । ଆଦିବାସୀ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ଉନ୍ନୟନ ପରିକଳ୍ପନା, ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ପରିକଳ୍ପନା ପ୍ରଭୃତି ସଂସ୍ଥା ମାନଙ୍କୁ ଯେପରି ଅର୍ଥ ସମେତ ସାର, ବିହନ ତଥା ଆନୁଷଙ୍ଗିକ ଯନ୍ତ୍ରପାତି ସାହାଯ୍ୟ ଦିଆଯାଉଛି, ସେହିଭଳି ଏହି କ୍ଷେତ୍ରରେ ସାହାଯ୍ୟ କରାଯାଇଥାଏ ଏବଂ ବୃକ୍ଷ ରୋପଣ କରାଯାଇଥିବା ଅଞ୍ଚଳର ସୁପରିଚାଳନା ନିମନ୍ତେ ୩୭୫ ଏକର ଯାଗାକୁ ନେଇ ଗୋଟିଏ ଗୋଟିଏ ୟୁନିଟ୍ କରାଯାଇଛି । ଏହି ଜିଲ୍ଲାର

## ସେଚକୂପ କ୍ଷେତ୍ରରେ କୃତିତ୍ୱ

ଜିଲ୍ଲାରେ ଏପର୍ଯ୍ୟନ୍ତ ଯେଉଁ ୪୦,୬୩୪ଟି ସେଚକୂପ କାମ ଚାଲିଛି, ତନ୍ମଧ୍ୟରୁ ୩୦,୯୭୭ଟି ସେଚକୂପ କାମ ସଂପୂର୍ଣ୍ଣ ହୋଇଛି । ସେଚକୂପଗୁଡ଼ିକରେ ପଂପସେଟ ଖଞ୍ଜାଯାଇ ସେଗୁଡ଼ିକୁ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବା ଦିଗରେ ଦ୍ରୁତ ପଦକ୍ଷେପ ନିଆ ଯାଉଛି । ୧୯୭୬-୭୭ ଶେଷ ସୁଦ୍ଧା ୫୧୧ଟି ପଂପକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ସ୍ଥଳେ କେବଳ ୧୯୭୭-୭୮ ଆର୍ଥିକ ବର୍ଷରେ ୧୫୧ଟି ସେଚକୂପକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା ଏବଂ ଚଳିତ ୧୯୭୮-୭୯ ଆର୍ଥିକ ବର୍ଷର ଅକ୍ଟୋବର ମାସ ଶେଷ ସୁଦ୍ଧା ୧୨୧ଟି ସେଚକୂପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଏତଦ୍‌ବ୍ୟତୀତ ନଭେମ୍ବର ମାସର ପ୍ରଥମ ଭାଗରେ ୧୩୧ଟି ସେଚ-କୂପ ଓ ଉଠା ଜଳସେଚନ ପଏଣ୍ଟରେ ପଂପ ଲଗା ଯାଇଛି ଏବଂ ସେଥିରୁ ୧୦୦ଟି ପଂପକୁ ବିଦ୍ୟୁତ୍ ସଂଯୋଗ କରା-ଯାଇଛି । ଜିଲ୍ଲା କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ସାହାଯ୍ୟରେ ଏହି ବିଦ୍ୟୁତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ।

## ଉନ୍ନତ ପ୍ରଣାଳୀରେ ମାଛ ଚାଷ

ଚଳିତ ବର୍ଷ (୧୯୭୮-୭୯) ଗଞ୍ଜାମ ଜିଲ୍ଲାରେ ମାଛ ଉତ୍ପାଦନ ୨୫୦ ଟନ୍ ପର୍ଯ୍ୟନ୍ତ ହେବ ବୋଲି ଆଶା କରାଯାଏ । ଏହି ଜିଲ୍ଲା ପାଇଁ ମାଛ ଚାଷୀ ଉନ୍ନୟନ ସଂସ୍ଥା ଗଢ଼ାଯାଇଛି ଓ ଉକ୍ତ ସଂସ୍ଥା ୧୯୭୭ ମସିହାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ସଂସ୍ଥା ପକ୍ଷରୁ ପ୍ରାୟ ୭୫ ହେକ୍ଟର ପରିମିତ ୧୨୬ଟି ପୋଖରୀରେ ମାଛ ଉତ୍ପାଦନ କାମ ଆରମ୍ଭ କରାଯାଇଛି । ଉନ୍ନତ ଧରଣର ମାଛ ଚାଷ ପାଇଁ ଏକ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଂଚାୟତ ପୋଖରୀ ଚିହ୍ନୋଟ କରାଯାଉଛି ଏବଂ ଖୁବ୍ ଶୀଘ୍ର ଏଗୁଡ଼ିକରେ ମାଛ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ କରାଯିବ । ଏ ପର୍ଯ୍ୟନ୍ତ ୧୨୮୬ ହେକ୍ଟର ପରିମିତ ପୋଖରୀଗୁଡ଼ିକରେ ମାଛ ଚାଷ କରାଯାଉଛି ।

ସେହିଭଳି ଦୁଗ୍ଧ ଉତ୍ପାଦନ, ଛେଳି ପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରିବା ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାରେ ୨୦ଟି ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତି ଗଠିତ ହୋଇଛି । ଏତଦ୍ ବ୍ୟତୀତ ୩୦୨ଟି କୁକୁଡ଼ା ୟୁନିଟ୍ ଓ ୪୦୭୦ଟି ଛେଳି ୟୁନିଟ୍ ପ୍ରତିଷ୍ଠା କରାଯାଇଛି ।

## ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜ୍ୟର ସବୁ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ତଦନୁଯାୟୀ ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପ୍ରତି ବ୍ଲକ ଅଞ୍ଚଳ ପାଇଁ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ଏବଂ ତିନିଶହ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ ଭୂମିହୀନ ପରିବାରଙ୍କୁ ଦାରିଦ୍ର୍ୟ ସୀମାରେଖାର ଉପରକୁ ଉଠାଇ ଆଣିବାକୁ କାମ ଆରମ୍ଭ କରାଯିବ । ପ୍ରତ୍ୟେକ ଗରିବ ପରିବାର ପାଇଁ ପ୍ରାୟ ୫,୦୦୦ ଟଙ୍କାର ଋଣ ବ୍ୟବସ୍ଥା କରାଯିବ ଏବଂ ଏହି ଅର୍ଥକୁ ଭିତ୍ତି କରି ସେମାନଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନତ କରାଯିବ । ଏହି ଲକ୍ଷ୍ୟ ରଖି ବର୍ତ୍ତମାନ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମବାୟ ସମିତି ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକୁ ଆହୁରି ସକ୍ରିୟ କରା-ଯାଉଛି ।

ମୋଟ ଉପରେ ଦେଖିବାକୁ ଗଲେ ପ୍ରାୟ ଗୋଟିଏ ବର୍ଷରେ ଜିଲ୍ଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରି ଜନସାଧାରଣଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିବା ଦିଗରେ ଉଲ୍ଲେଖନୀୟ ଉଦ୍ୟମ ହୋଇଛି ଏବଂ ଏହା ନିଃସନ୍ଦେହ ଯେ, ଜନସାଧାରଣ ଖୁବ୍ ଶୀଘ୍ର ଏହାର ସୁଫଳ ଉପଭୋଗ କରିବେ । ବର୍ତ୍ତମାନର ପରିପ୍ରେକ୍ଷୀରେ ସମଗ୍ର ଜିଲ୍ଲାକୁ ତଥା ରାଜ୍ୟକୁ ଆହୁରି ସମୃଦ୍ଧ କରିବା ପାଇଁ ଧୈର୍ଯ୍ୟ ଓ ଆତ୍ମ ବିଶ୍ୱାସ ରଖି ସବୁ ପ୍ରକାର ଉନ୍ନୟନ କାର୍ଯ୍ୟରେ ଆମକୁ ଆଗେଇ ଯିବାକୁ ହେବ ।

# ବୌଦ୍ଧ-କନ୍ଧମାଳ ଜିଲ୍ଲାରେ ଫଳ ଉଦ୍ୟାନ କାର୍ଯ୍ୟକ୍ରମ

ବୌଦ୍ଧ-କନ୍ଧମାଳ ଜିଲ୍ଲା ଆମ ରାଜ୍ୟର କେନ୍ଦ୍ର ସ୍ଥଳରେ ଅବସ୍ଥିତ । ଏହା ଉତ୍ତର ଅକ୍ଷାଂଶର ୧୯°୩୪ ଓ ୨୦°୫୪ ଡିଗ୍ରୀ ଏବଂ ପୂର୍ବ ଦ୍ରାଘିମାର ୮୩°୩୦ ଓ ୮୪°୪୮ ଡିଗ୍ରୀ ମଧ୍ୟରେ ଅବସ୍ଥିତ । ବାଲିଗୁଡ଼ା, ବୌଦ୍ଧ ଓ କନ୍ଧମାଳ ସବ୍‌ଡ଼ିଭିଜନକୁ ନେଇ ଏହି ଜିଲ୍ଲାଟି ଗଠିତ । ବାଲିଗୁଡ଼ା ଓ କନ୍ଧମାଳ ସବ୍‌ଡ଼ିଭିଜନ୍ ପାର୍ବତ୍ୟ ଅଂଚଳ ସମୁଦ୍ର ପତ୍ତନରୁ ପ୍ରାୟ ୧,୦୦୦ ଫୁଟରୁ ୩,୫୦୦ ଫୁଟ ଉଚ୍ଚରେ ଅବସ୍ଥିତ । ସେହିପରି ବୌଦ୍ଧ ସବ୍‌ଡ଼ିଭିଜନ୍‌ଟି ସମୁଦ୍ରପତ୍ତନଠାରୁ ପ୍ରାୟ ୩୦୦ରୁ ୫୦୦ ଫୁଟ ଉଚ୍ଚରେ ଅବସ୍ଥିତ ।

ଏହି ଜିଲ୍ଲାର ଜଳବାୟୁ ଫଳଗଛ ପାଇଁ ଅନୁକୂଳ । ଜିଲ୍ଲାରେ ହାରାହାରି ବାର୍ଷିକ ୧୫୮୧.୧୦ ମିଲିମିଟର ବର୍ଷା ହୋଇଥାଏ ।

ସାଧାରଣତଃ ଜୁନ ମାସର ଶେଷ ଭାଗରୁ ବର୍ଷା ଆରମ୍ଭ ହୋଇ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରହିଥାଏ । ଅନୁକୂଳ ବାତାବରଣ ଯୋଗୁଁ ଏହି ଜିଲ୍ଲାର ଜଳବାୟୁ ଆମ୍ବ, ପଣସ ତଥା ପିଜୁଳି ଇତ୍ୟାଦି ଫଳ ଗଛ ପାଇଁ ବିଶେଷ ଅନୁକୂଳ । ସାଧାରଣତଃ ଜଳସେଚନର ସୁବିଧା ଦେଖି ଫଳ ଗଛ ଚାରାକୁ କଲମି କରି ଉନ୍ନତ ଧରଣର

କ୍ରମ ସଂକ୍ରାନ୍ତରେ ସେଠାରେ ଥିବା ଡାଳିମପ୍ରାପ୍ତ ଚାଷୀମାନଙ୍କ ସହିତ ସମସ୍ତ ବିଷୟ ଆଲୋଚନା କରିଥିଲେ ।

ଚାରା ଫଳଗଛଗୁଡ଼ିକ ଦୁଇ କିମ୍ବା ତିନି ବର୍ଷର ହୋଇଗଲେ ତାହାର ଗ୍ରାଫ୍ଟ କଲମି କରାଯାଏ ଏବଂ ୫ ବର୍ଷ ବେଳକୁ ଗଛ ଫଳ ଧରେ । ୮ ବର୍ଷ ବେଳକୁ ଗଛର ଫଳ ଧାରଣ କ୍ଷମତା ପୂର୍ଣ୍ଣ ମାତ୍ରାରେ ବୃଦ୍ଧିପାଏ । ଏଣୁ ଫଳ ଗଛଗୁଡ଼ିକ ୮ ବର୍ଷ କିମ୍ବା ତହିଁରୁ ଊର୍ଦ୍ଧ୍ୱ ହେଲେ ପରେ ଚାଷୀ ବିଶେଷ ଲାଭବାନ ହୋଇଥାଏ । କାରଣ ଜମିରେ ଲଗାଯାଇଥିବା ଫଳଗଛଗୁଡ଼ିକରୁ ଅଧିକ ଫଳ ପାଇବା ସଙ୍ଗେସଙ୍ଗେ ଚାଷୀ ଉକ୍ତ ଜମିରୁ ସାମୟିକ ଫସଲ ମଧ୍ୟ ଉତ୍ପାଦନ କରିପାରିଥାଏ ।

ଗୋଟିଏ ଫଳ ଗଛରୁ ହାରାହାରି ୫୦ କିଲୋ ଫଳ ମିଳେ । ଏହି ହାରରେ ଏକର ପିଛା ୨,୫୦୦ କିଲୋ ଗ୍ରାମ ଫଳ ଆଦାୟ ହୋଇଥାଏ ଯାହାର କି ଆନୁମାନିକ ବଜାର ଦର ୨,୫୦୦ ଟଙ୍କା ହେବ । ଗୋଟିଏ ଏକର ଜମିରେ ଫଳ ଚାଷ କରିବା ପାଇଁ ଫଳ, ଚାରା, ସାର, କୀଟନାଶକ ଔଷଧ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ଚାଷୀକୁ ପ୍ରାୟ ୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡେ । ଫଳରେ ଗୋଟିଏ ଏକର ଜମିରୁ ଫଳଚାଷ ବାବଦରେ ଚାଷୀର ସମସ୍ତ ଖର୍ଚ୍ଚ ଯାଇ ୨,୦୦୦ ଟଙ୍କା ଲାଭ ହୋଇଥାଏ । ପୁନଶ୍ଚ ସେହି ଜମିରୁ ଚାଷୀ ୨ କ୍ୱିଣ୍ଟାଲ ମୁଗ, ବିରି ପ୍ରଭୃତି ପାଏ ଯାହାର ମୂଲ୍ୟ ଆନୁମାନିକ ୪୦୦ ଟଙ୍କା ହେବ । ଏ ବାବଦରେ ଚାଷୀକୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ ଏବଂ ଏ ବାବଦରେ ସେ ୩୦୦ ଟଙ୍କା ଲାଭ ପାଇଥାଏ । ଫଳ ଗଛଗୁଡ଼ିକ ସଂପୂର୍ଣ୍ଣ ରୂପେ ବଡ଼ ହୋଇଗଲା ପରେ ସେହି ଜମିରେ କୃଷକ ସାମୟିକ ଫସଲ ମଧ୍ୟରେ ହଳଦୀ, ଅଦା ଓ ମସଲା ଜାତୀୟ ଫସଲ ଫଳ ଗଛ ମଝିରେ ମଝିରେ ଲଗାଇ ବିଶେଷ ଲାଭବାନ ହୋଇଥାଏ । ଫୁଲବାଣୀ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଥିବା ଗରିବ ଆଦିବାସୀ ଚାଷୀଙ୍କ ପାଇଁ ଏ ପ୍ରକାରର ଫଳ ବଗିଚା ଯେ ନିଶ୍ଚିତ ଭାବରେ ଏକ ଲାଭପ୍ରଦ ଯୋଜନା ଏଥିରେ ସନ୍ଦେହ ନାହିଁ । ଏ ପ୍ରକାରର ଫଳ ବଗିଚା ଆଦିବାସୀ ଚାଷୀଙ୍କ ଉପରେ ବେଶ୍ ପ୍ରଭାବ ପକାଇଛି ଏବଂ ଜିଲ୍ଲାର ଅବହେଳିତ ଶ୍ରେଣୀର ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଏହା ଏକ ସୁବିଧାଜନକ ଯୋଜନା ।



୧୧,୦୩୫ ଏକର ଜମିରେ ୫,୮,୦୨୫୬ଟି ଏହିଭଳି ପ୍ରଣାଳୀରେ ଗଛ ଲଗା ଯାଇଛି ।

୩୭୫ ଏକର ପରିମିତ ଜମିରେ ଲଗା ଯାଇଥିବା ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ କରିବା ନିମନ୍ତେ ୧୦ ଜଣ ଆଦିବାସୀ ବାଳକ ଉଦ୍ୟାନ ରକ୍ଷକଙ୍କୁ ୨ ବର୍ଷ ପାଇଁ ତାଲିମ ଦିଆଯାଉଛି । ଉଦ୍ୟାନ କାର୍ଯ୍ୟକ୍ରମ ସହିତ ଯେଉଁ ଆଦିବାସୀ ପରିବାର ସଂଶ୍ଳିଷ୍ଟ ସେହି ପରିବାରର ବାଳକମାନଙ୍କୁ ତାଲିମ ଦିଆଯାଉଛି ଏବଂ ତାଲିମ କାଳ ମଧ୍ୟରେ ପ୍ରତ୍ୟେକଙ୍କୁ ମାସିକ ୯୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯାଉଛି । ଆଦିବାସୀ ଲୋକମାନେ ତାଲିମ ପାଇ କେବଳ ଯେ ନିଜ ନିଜର ଫଳବଗିଚାର ପରିଚାଳନା କରିବେ, ତାହା ନୁହେଁ ସେମାନେ ମଧ୍ୟ ଆତ୍ମନିଯୁକ୍ତିର ସୁବିଧା ପାଇବେ । ଏଥି ସଙ୍ଗେ ସଙ୍ଗେ ସେମାନେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ, ସାର ପ୍ରୟୋଗ ଓ କୀଟ ନାଶକ ଔଷଧ ପ୍ରୟୋଗ, ବିଭିନ୍ନ ପ୍ରଣାଳୀର କଲମି ଜନିତ ବୈଷୟିକ କୌଶଳ ମଧ୍ୟ ଶିକ୍ଷା କରି



ଜି. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଚଇତିମାହାରେ ଆରମ୍ଭ କରାଯାଇଥିବା ଉନ୍ନତ ଫଳବଗିଚାର ଏକ ଦୃଶ୍ୟ

ପାରିବେ । ତାଲିମ ପାଇ ସାରିଲା ପରେ ସେମାନେ ଏହି ଫଳ ବଗିଚାମାନଙ୍କରେ କାମ କରି ସୁରୁଖୁରୁରେ ସେମାନଙ୍କର ଜୀବିକା ନିର୍ବାହ କରିବେ । ପ୍ରତ୍ୟେକ ଆଦିବାସୀ ପିଲାମାନଙ୍କୁ ଦୁଇ ଏକର କରି ଜମି ଦିଆଯିବାର ପ୍ରସ୍ତାବ ରହିଛି ସେହି ଜମିରେ ସେମାନେ ଫଳ ବଗିଚା କରିବା ସଙ୍ଗେସଙ୍ଗେ ଗୋଟିଏ ଲେଖାଏଁ ବିକ୍ରି କେନ୍ଦ୍ର ମଧ୍ୟ ଖୋଲିବେ । ସେମାନଙ୍କୁ ମିଳୁଥିବା ମାସିକ ବୃତ୍ତି ୯୦ ଟଙ୍କାରୁ ସେମାନେ ପ୍ରତି ମାସରେ ୫ ଟଙ୍କାରୁ ୧୦ ଟଙ୍କା ଭିତରେ ଡାକଘର ସଞ୍ଚୟ ବ୍ୟାଙ୍କରେ ଜମା କରୁଛନ୍ତି । ଭବିଷ୍ୟତରେ ବିକ୍ରି କେନ୍ଦ୍ର ଖୋଲିବା ଦିଗରେ ଏହି ଅର୍ଥ ସେମାନଙ୍କୁ ବିଶେଷ ସାହାଯ୍ୟ କରିବ ।

"ଇନ୍‌ସିଟୁ" ପ୍ରଣାଳୀରେ ଫଳ ବଗିଚା କରି ମଧ୍ୟ ସେହି ଜମିରେ ବିଭିନ୍ନ ରବି ଫସଲ କରାଯାଇ ପାରିବ । ଖରିଫ ଋତୁରେ ମୁଗ, ବିରି, ହରଡ଼ ଓ କପା ଇତ୍ୟାଦି ଫସଲ ମଧ୍ୟ ଫଳଗଛଗୁଡ଼ିକର ମଝିରେ ମଝିରେ ଚାଷ କରାଯାଇ ପାରିବ । ସେହିପରି ରବି ଋତୁରେ କୋଳଥ, ନାଇଜର, ସୂର୍ଯ୍ୟମୁଖୀ ପ୍ରଭୃତି ମଧ୍ୟ ଚାଷ କରାଯାଇ ପାରିବ । ସ୍ୱତନ୍ତ୍ର ଯୋଜନା ଅନୁଯାୟୀ ଜମିରେ ଫଳ ଗଛ ଲଗାଇଲେ କୃଷକମାନଙ୍କୁ ବିହନ, ସାର ତଥା କୀଟନାଶକ ଔଷଧ ଖର୍ଚ୍ଚ ବାବଦରେ ଏକର ପ୍ରତି ୧୫୦ ଟଙ୍କା ହିସାବରେ ସାହାଯ୍ୟ ମିଳିବ ।

"ଇନ୍‌ସିଟୁ" ପ୍ରଣାଳୀରେ କଲମି ଗଛର ବଗିଚା କରିବା ପାଇଁ ଚାଷୀମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଇଛି । ଜି. ଉଦୟଗିରି ବ୍ଲକ୍‌ର ବଣିନାଙ୍କୁ ଓ ରାଇକିଆ ବ୍ଲକ୍‌ର ମୁଣ୍ଡାରି ପଙ୍ଗା ଗ୍ରାମରେ ହୋଇଥିବା ଫଳଗଛର ପାର୍ଶ୍ୱ କଲମି କିପରି ଭାବେ ହୋଇଛି ତାହା ଦେଖିବା ପାଇଁ କୃଷକମାନେ ଯାଇଥିଲେ ଏବଂ ଏହି ଫଳ ଗଛ ଲଗାଇବା କାର୍ଯ୍ୟ

ବେଶଙ୍କର ପୃଷ୍ଠଭୂମି ସମ୍ମୁଖରେ ଆଲୋକର ... ଓ ତରୁଣ କବିବୃନ୍ଦ । ସ୍ୱରଚିତ କବିତାର ମଧୁର ପରି...
ଭିନ୍ନ ବେଶ ପୋଷାକ, ଭିନ୍ନ ଭିନ୍ନ କଣ୍ଠସ୍ୱର । ଆବୃତ୍ତିର ଢଙ୍ଗ ବି ଚମତ୍କାର ।



ପ୍ରତ୍ୟେକଟି କଳାପ୍ରେମୀ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଏଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ସେମାନେ ... ସର୍ବଶ୍ରୀ ପ୍ରମୋଦ ମହାନ୍ତି, ମନୋରମା ମହାପାତ୍ର (ରଥ), ସୁଧାଂଶୁ ମୋହନ ରାଉତରାୟ, ମନୋରମା ମହାପାତ୍ର (ବିଶ୍ୱାଳ) ... ସୁବାସ କର, ଉପେନ୍ଦ୍ର ନାୟକ, କୈଳାଶ ଲେଙ୍କା, ହୃଷିକେଶ ମଲ୍ଲିକ, ପ୍ରଫୁଲ୍ଲ ତ୍ରିପାଠି, ହରିହର ମିଶ୍ର, ବିଶ୍ୱରଞ୍ଜନ, ମହା... ନୀଳମଣି ସାହୁ ଓ ଫନୀ ମହାନ୍ତି ।

## 'ରୂପାନ୍ତର' ର ନାଟକ 'ହିପ୍ପୀ'

ଡ଼ଃ କୃଷ୍ଣପ୍ରସାଦ ମିଶ୍ରଙ୍କ କାହାଣୀକୁ ଆଧାର କରି ରଚିତ ନାଟକ 'ହିପ୍ପୀ' ର ରଚୟିତା ସ୍ୱନାମଧନ୍ୟ ନାଟ୍ୟ... ରବି ଦାସ 'ହିପ୍ପୀ' ର ମୁଖା ପିନ୍ଧି ଆଜିର ମଣିଷ କିପରି ଭୟାନକ ଭାବେ ସଂସ୍କୃତି ଓ ସମାଜ ଠାରୁ ବିଚ୍ଛିନ୍ନ ... ପଡୁଛି, ଭାରତୀୟ ସଂସ୍କୃତିର ମହନୀୟତା ସଂପର୍କରେ ଆମେ କେତେ ଉଦାସୀନ, ଏହାହିଁ 'ହିପ୍ପୀ' ର ବାର୍ତ୍ତା । ... ଭୂମିକାରେ ଅଂଶ ଗ୍ରହଣ କରିଥିଲେ ହରପ୍ରସାଦ, ମୋନା, ସତ୍ୟ, ଶ୍ରୀଧର, ନିରଞ୍ଜନ, ନରେଶ, ମନୋଜ, ଭବାନୀ, ... ଜଗବନ୍ଧୁ, ହେମନ୍ତ, ପ୍ରାଣ ଓ ଶରତ । ଏହି ନାଟକର ନିର୍ଦ୍ଦେଶକ ଶ୍ରୀ ଦୋଳଗୋବିନ୍ଦ ରଥ ଓ ସଂପାଦକ ଶ୍ରୀ ଅଜିତ ...

# ରାଜଧାନୀ ସାହିତ୍ୟ ସଂସଦ ଓ ରୂପାନ୍ତରର ମିଳିତ ଆନୁକୂଲ୍ୟରେ

# ସାଂସ୍କୃତିକ ବିଚିତ୍ରା

ରାଜଧାନୀ ସାହିତ୍ୟ ସଂସଦ ଓ ନବଗଠିତ ନାଟ୍ୟସଂସ୍ଥା 'ରୂପାନ୍ତର' ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଗତ ତା ୨୧-୧-୧୯୭୯ ଦିନ ଏକ ମନୋଜ୍ଞ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ "ଭାରତୀୟ ସଂସ୍କୃତିରେ ଜଗନ୍ନାଥ ଚେତନାର ପ୍ରଭାବ" ଶୀର୍ଷକ ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ରାଜସ୍ୱ ଓ ବିଦ୍ୟୁତ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି । ମୈତ୍ରୀଦେବ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରି ଶ୍ରୀ ମହାନ୍ତି କହିଲେ ; ଜଗନ୍ନାଥ ସ୍ୱୟଂ ସସୀମ ଓ ଅସୀମର ସମାଧାର । ଏହାର ବ୍ୟାପକତା ପ୍ରତିପାଦନ କରିବା ସମୟସାପେକ୍ଷ । ଜଗନ୍ନାଥ ସଂସ୍କୃତି ହିଁ ଭାରତୀୟ ସଂସ୍କୃତି । ଭାରତୀୟ ସଂସ୍କୃତିର ସକଳ ବିଶେଷତ୍ୱ ଶ୍ରୀ ଜଗନ୍ନାଥ ଅନୁଷ୍ଠାନରେ ଦେଖିବାକୁ ମିଳେ । ଏହାର ପ୍ରଚ୍ଚର ଓ ପ୍ରସାର ପାଇଁ ଆମେ ଅଧିକ ସଚେତନ ହେବା ଆବଶ୍ୟକ । ମୁଖ୍ୟ ଅତିଥି ମାନ୍ୟବର ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତି କହିଲେ ଜଗନ୍ନାଥ ତତ୍ୱହିଁ ଭାବତତ୍ତ୍ୱ । ଏହାକୁ ବୁଝି ବୁଝାଇବା ଦୁରୂହ ବ୍ୟାପାର । ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ଗବେଷଣା କରାଯାଇ ଏହି ତତ୍ୱର ମହିମା ପ୍ରତିପାଦିତ କରିବା ଆବଶ୍ୟକ । ଓଡ଼ିଶାରେ ତିନି ତିନିଟା ବିଶ୍ୱବିଦ୍ୟାଳୟ ଥାଇବି ଏଯାବତ୍ କୌଣସି ଏକ ବିଶ୍ୱବିଦ୍ୟାଳୟରେ 'ଜଗନ୍ନାଥ ଚେୟାରଟିଏ ସୃଷ୍ଟି ହୋଇନଥିବା କ୍ଷୋଭର ବିଷୟ । ପଶ୍ଚିମ ଜର୍ମାନର ପ୍ରଖ୍ୟାତ ଗବେଷକ ଡ଼ଃ ହରମନ୍ କୁଲ୍‌କେ ତାଙ୍କର ଲିଖିତ ସଂଦର୍ଭ ପାଠକରି କହିଲେ ଯେ ଦଶମ ଶତାବ୍ଦୀ ବେଳକୁ ଜଗନ୍ନାଥତତ୍ୱ ସଂପର୍କରେ ସମସ୍ତେ ଅବଗତ ହୋଇ ସାରିଥିଲେ । ଏହା ଏପରି ମହାନ୍ ଯେ ଏହାର ଚମତକାରିତାରେ ଆମେ ଅଭିଭୂତ ହୋଇପଡ଼ୁ । ବୈଜ୍ଞାନିକ ପ୍ରଣାଳୀରେ ଏହାର ଅଧ୍ୟୟନ ଓ ଗବେଷଣା ହେବା ଆବଶ୍ୟକ । 'ଧରିତ୍ରୀ' ର ସମ୍ପାଦକ ଶ୍ରୀ ରାମନାଥ ପଣ୍ଡା ଭାରତୀୟ ସଂସ୍କୃତି ଯେତେବେଳେ ସଂକଟର ସମ୍ମୁଖୀନ ଜଗନ୍ନାଥ ଚେତନାହିଁ ତାକୁ ରକ୍ଷା କରିଛି ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଚେତନା ସହିତ ଭାରତୀୟ ସଂସ୍କୃତି ଏପରି ନିରବଚ୍ଛିନ୍ନ ଭାବେ ସଂଶ୍ଳିଷ୍ଟ ଯେ ବହୁବିଧ ଘାତ ପ୍ରତିଘାତ ସତ୍ତ୍ୱେ ଏହି ସଂସ୍କୃତି ବଞ୍ଚି ରହିଛି । ମହାପାତ୍ର ନୀଳମଣି ସାହୁ କହିଲେ ଘନ ଅନ୍ଧକାର ମଧ୍ୟରେ ଜଗନ୍ନାଥ ଚେତନା ଆଲୋକ ସଳିତା ପରି ଚିର ଜାଜ୍ୱଲ୍ୟମାନ । ଡ଼ଃ ଅଜୟ ପଟନାୟକ ଓ ଶ୍ରୀ ସୌରୀ ବନ୍ଧୁକର ଐତିହାସିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଏହି ତତ୍ୱକୁ ଆଲୋଚନା କରିଥିଲେ । ପ୍ରଖ୍ୟାତ ଗାଳ୍ପିକ ଡ଼ଃ କୃଷ୍ଣପ୍ରସାଦ ମିଶ୍ର ଆଲୋଚକ ମାନଙ୍କର ଅଭିମତକୁ ସମୀକ୍ଷା କରି କହିଲେ ଏହି ସଂସ୍କୃତି ଓ ଦର୍ଶନର ଅଧିକ ପ୍ରଚ୍ଚର ଓ ପ୍ରଚାର ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଶୀଘ୍ର ପଦକ୍ଷେପ ନିଆଯିବା ଉଚିତ । ଏଥିପାଇଁ ଦୈନିକ ସମ୍ବାଦ ପତ୍ର ଓ ସଂପାଦକୀୟ ସ୍ତରରେ ଆଲୋଚନା କରାଯାଇ ଜନମତ ସୃଷ୍ଟି ହେବା ଆବଶ୍ୟକ । ଅନୁଷ୍ଠାନ ପକ୍ଷରୁ କବି ସୁଧାଂଶୁ ମୋହନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ପୌରହିତ୍ୟ କରିଥିଲେ ସଂସଦର ସଭାପତି ଅଧ୍ୟାପକ ଫନୀ ମହାନ୍ତି ।

## କବି ସମ୍ମେଳନ

ଠିକ୍ ସଂଧ୍ୟା ୬ଟା ରେ ଏକ ମନୋରମ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା ଏକ ସଂପୂର୍ଣ୍ଣ ଅଭିନବ ଢଙ୍ଗରେ କବି ସମାରୋହ । ଧୂପ, ଅଗୁରୁ ଚନ୍ଦନ ଓ ରଜନୀ ଗନ୍ଧାର ଅପୂର୍ବ ସମନ୍ୱୟ ପରିବେଶଟିକୁ ଖୁବ କାବ୍ୟିକ କରି ଗଢି ତୋଳିଥିଲା । ମଞ୍ଚର ଅନ୍ତରାଳରୁ ଭାସି ଆସିଥିଲା ଏକ ଗୁରୁ ଗମ୍ଭୀର କଣ୍ଠସ୍ୱର । ସେ ସ୍ୱର ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କର । ଆଧୁନିକ

## କୋଶଳ ଇତିହାସର ପ୍ରଣେତା

# ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ମଲ୍ଲିକ

ଶ୍ରୀ ରାମକୁମାର ଅଗ୍ରୱାଲ

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପାରସ୍ପରିକ ନିରବଚ୍ଛିନ୍ନ ସଂପର୍କ ରହିଛି । ଅତୀତ ବ୍ୟତୀତ ବର୍ତ୍ତମାନ ଓ ଭବିଷ୍ୟତର ଅସ୍ତିତ୍ୱ କଦାପି ଅନୁଭୂତ ହୋଇପାରେ ନାହିଁ । ଜାତିର ଇତିହାସ ଓ ପ୍ରବାହମାନ ଗତିଶୀଳତା ପୃଷ୍ଠଭୂମି ହେଉଛି ଇତିହାସର ଐତିହ୍ୟ । ଅତୀତ ଜୀବନର ସ୍ମୃତିକୁ ସଂଜୀବିତ କରି ତାକୁ ପୁନର୍ଜୀବନ ଦେବା ହେଉଛି ଐତିହାସିକର କୃତିତ୍ୱ ।

"ଇତିହାସ ନଜାଣିଲେ ଜାତି ଆଗେଇ ପାରିବ ନାହିଁ ଓ ନିଜକୁ ଚିହ୍ନି ପାରିବ ନାହିଁ । ସେ ଜାତି କେବେ ଉନ୍ନତି କରିପାରେ ନାହିଁ ।" ଏ ଉକ୍ତିର ଯଥାର୍ଥତା ପ୍ରତିପାଦନ କରିଛନ୍ତି ଦୂରଦ୍ରଷ୍ଟା କୋଶଳ ଇତିହାସର ପ୍ରଥମ ରଚୟିତା ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ମଲ୍ଲିକ । କୋଶଳର ଗୌରବମୟ ଇତିହାସ କେବଳ କବି ଶ୍ରୀ ପ୍ରହ୍ଲାଦ ଦୁବେଙ୍କର "ଜୟ ଚନ୍ଦ୍ରିକା" କାବ୍ୟରୁ ଓ ପଣ୍ଡିତ ଶ୍ରୀ ଗଙ୍ଗାଧର ମିଶ୍ରଙ୍କର ସଂସ୍କୃତ ଗ୍ରନ୍ଥ "କୋଶଳାନନ୍ଦ" କାବ୍ୟରୁ କିଞ୍ଚିତ ଆଭାସ ମିଳୁଥିଲା । କିନ୍ତୁ ଐତିହାସିକ ବାଗ୍ମୀ ଶ୍ରୀ ରାମଚନ୍ଦ୍ର ମଲ୍ଲିକଙ୍କର ସଂକ୍ଷିପ୍ତ କୋଶଳ ଇତିହାସ ପଥପ୍ରଦର୍ଶକ ହେଲା । ସେ ଐତିହାସିକ ତତ୍ତ୍ୱ ଓ ତଥ୍ୟ ଗବେଷଣା ଦ୍ୱାରା ପାଟଣାର ବିଧିବଦ୍ଧ ଇତିହାସ ରଚନା କଲେ । ସେ ଆମର ଚିର ସ୍ମରଣୀୟ । ଐତିହାସିକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ତାଙ୍କର କୋଶଳର ଇତିହାସ କଥା, ସ୍ୱର୍ଗତ ଶ୍ରୀ ଅନିରୁଦ୍ଧ ଦାସ ତାଙ୍କର "ସୁରେନ୍ଦ୍ର ସାଏ" ପୁସ୍ତକରେ ଏବଂ ଐତିହାସିକ ଶିବ ପ୍ରସାଦ ଦାସ ପ୍ରମୁଖ ତାଙ୍କର ସାହିତ୍ୟକୃତିମାନଙ୍କରେ ସ୍ୱର୍ଗତ ମଲ୍ଲିକଙ୍କ ପ୍ରସଙ୍ଗ ଅବତାରଣା କରିଛନ୍ତି । ଐତିହାସିକ ରଥ ତାଙ୍କର କୋଶଳ ଇତିହାସ କଥାରେ ଲେଖିଛନ୍ତି, ପାଟଣାଗଡ଼ରେ ଶାସନ କରୁଥିବା ଆଠମଲ୍ଲିକଙ୍କ ଭିତରେ କେଉଟ ଜାତିର ଜଣେ ମଲ୍ଲିକ ଥିଲେ । ବଳରାମ ଦେଓ ସମ୍ବଲପୁର



ଗଲାବେଳେ ତାଙ୍କରି ବଂଶରୁ କେତେଜଣଙ୍କୁ ସଙ୍ଗରେ ନେଇ ଯାଇଥିଲେ । ଦେୱାନ କୃଷ୍ଣ ବଡ଼ମଲ୍ଲିକ ଏହି ବଂଶରେ ଜନ୍ମ ହୋଇଥିଲେ । ମଦନ ଗୋପାଳ ସୋନପୁରରେ ରାଜଧାନୀ ବସାଇଲା ବେଳେ ଏହି ବଂଶରୁ କେତେଜଣଙ୍କୁ ସୋନପୁର ନେଇ ନିଜର ଯୁଦ୍ଧ ବିଭାଗରେ କାର୍ଯ୍ୟ ଦେଇଥିଲେ । ଏହି ବଂଶର ବାଉଁଶୁଣି ଶାଖାରେ ଶ୍ରୀ ରାମଚନ୍ଦ୍ର ମଲ୍ଲିକ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନୁ ଶ୍ରୀ ରାମଚନ୍ଦ୍ରଙ୍କର ବୁଦ୍ଧିମତାର ପରିଚୟ ମିଳିଥିଲା । ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବେ ସମ୍ବଲପୁରରୁ ସେ "ଏନ୍‌ଟ୍ରାନ୍‌ସ୍" ପାସ୍ କରିଥିଲେ । ସୋନପୁରର ତତ୍‌କାଳୀନ ଆଠଗଲେ

ଶକ୍ତି, ପ୍ରଗତି ଓ ସମୃଦ୍ଧିର ପ୍ରତୀକ

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

## ନୂତନ ଉତ୍ସାହର ସହିତ ଓଡ଼ିଶାବାସୀଙ୍କ ସେବାରେ ଆଗେଇ ଚାଲିଛି ଏକ ଉନ୍ନତ ତଥା ଉଜ୍ଜ୍ୱଳତର ଭବିଷ୍ୟତ ପଥରେ

- ସମ୍ପ୍ରତି ଏହାର ଜଳଜ-ତାପଜ ଶକ୍ତି ସଂଯୋଗରେ ପ୍ରତିଷ୍ଠିତ ଉତ୍ପାଦନକ୍ଷମ ୯୧୪ ମେଗାୱାଟ ବିଦ୍ୟୁତ୍ ଶକ୍ତି ସମୁଦାୟ ଘରୋଇ ଚାହିଦା ମେଣ୍ଟାଇବା ନିମନ୍ତେ ଯଥେଷ୍ଟ । ଏହା ବ୍ୟତୀତ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ପଡ଼ୋଶୀ ବିହାର, ଦାମୋଦର ଉପତ୍ୟକା କର୍ପୋରେସନର ବିଦ୍ୟୁତ ଚାହିଦା ପୂରଣ କରିବା ନିମନ୍ତେ ହାରାହାରି ୧୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଉଛି ।

- ସବୁ ଶ୍ରେଣୀର ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଉପଯୁକ୍ତ ଭୋଲଟେଜ୍ ଓ ଯଥା ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟବ୍ୟାପୀ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ସହ ବିଦ୍ୟୁତ୍ ସରବରାହ ସମ୍ପ୍ରସାରଣ କରାଯାଇଛି ।

- **କେତେକ ପ୍ରଧାନ ବୈଶିଷ୍ଟ୍ୟ—**

  - ମୋଟ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନକ୍ଷମ ନୂତନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ନିର୍ମାଣ ଚାଲିଛି ।
  - ୧୯୭୭-୭୮ ମଧ୍ୟରେ ୨,୭୪୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ବିକ୍ରୟ କରାଯାଇଛି ।
  - ୧୯୭୮ ମାର୍ଚ୍ଚ ସୁଦ୍ଧା ୧,୬୯୯ଟି ଗୁଳଘର ସମେତ ୧୫,୯୬୦ଟି ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଏହା ଫଳରେ ମୋଟ ଗ୍ରାମଗୁଡ଼ିକର ଶତକଡ଼ା ୩୦ ଭାଗ ଗ୍ରାମକୁ ତଥା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।
  - ଅଗ୍ରଗାମୀ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବ୍-ଷ୍ଟେସନଠାରୁ ଏକ କିଲୋମିଟର ମଧ୍ୟରେ ଅବସ୍ଥିତ ସମସ୍ତ ବେସରକାରୀ ବ୍ୟକ୍ତିଗତ ଉଠାଜଳସେଚନ ପମ୍ପଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍ ବୋର୍ଡ଼ ତରଫରୁ ମାଗଣାରେ ଏଲ୍. ଟି. ଲାଇନ୍ ନିର୍ମାଣ କରାଯାଉଥାଏ ।


ବିଦ୍ୟୁତ୍ ହିଁ ସମୃଦ୍ଧିର ଚାବିକାଠି
ବୈଦ୍ୟୁତିକ ଯନ୍ତ୍ରପାତିଗୁଡ଼ିକର ସୁରକ୍ଷା କରନ୍ତୁ
ଏବଂ
ସଦାସର୍ବଦା ଆପଣମାନଙ୍କ ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ।

**ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼**
**ଭୁବନେଶ୍ୱର**

# ୧୯୭୯ ଗଣରାଜ୍ୟ ଦିବସ
## (ଏକ ପର୍ଯ୍ୟାଲୋଚନା)

ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଲ ଶର୍ମା ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଣରାଜ୍ୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ଓ. ଏମ୍. ପି., ସି. ଆର. ପି., ହୋମଗାର୍ଡ, ସ୍କୁଲ ଓ କଲେଜର ଏନ୍. ସି. ସି. କ୍ୟାଡେଟ୍, ଭୁବନେଶ୍ୱର ସୈନିକ ସ୍କୁଲ, ସ୍କାଉଟ୍, ବାଣୀବିହାର ଓ ଭୁବନେଶ୍ୱର ଆଇନ କଲେଜ ଛାତ୍ରଛାତ୍ରୀ, ବି. ଜେ. ବି, ରାଜଧାନୀ, ରମାଦେବୀ ମହିଳା କଲେଜ, ଡି. ଏମ୍. ସ୍କୁଲ ଛାତ୍ରଛାତ୍ରୀମାନେ ଏହି ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିଲେ । ପୁଲିସ ଆଇ. ଜି. ଶ୍ରୀ ବି. କେ. ରାୟ ରାଜ୍ୟପାଳଙ୍କୁ ପ୍ୟାରେଡ୍ ମଞ୍ଚ ଉପରକୁ ପାଛୋଟି ନେଇଥିଲେ ।



ଏହି ଉତ୍ସବରେ ରାଜ୍ୟପାଳ ୫ଜଣ ପୁଲିସ ଅଫିସରଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା ଓ କୃତିତ୍ୱ ପାଇଁ ରାଷ୍ଟ୍ରପତି-ପ୍ରଦତ୍ତ ପୁଲିସ ପଦକ ପ୍ରଦାନ କରିଥିଲେ । ଏହି ପୁଲିସ ଅଫିସରମାନେ ହେଲେ ସର୍ବଶ୍ରୀ ବି. କେ. ମହାପାତ୍ର, ଆଇ. ପି. ଏସ୍., ଏନ. କେ. ପଟେଲ, ଓ. ପି. ଏସ୍., କେ. କେ. ମହାନ୍ତି ଇନ୍‌ସପେକ୍ଟର, ବି. କେ. ପୃଷ୍ଟି, ଏସ. ଆଇ. ଓ ଜୟାନନ୍ଦ ପ୍ରଧାନ, କନ୍‌ଷ୍ଟେବଲ୍ ।

ଉର୍ଣ୍ଣାକୁଲରେ ମିଡ଼ିଲି ସ୍କୁଲରେ ପ୍ରଧାନ ଶିକ୍ଷକ, ସମ୍ବଲପୁର ହାଇସ୍କୁଲରେ ସହକାରୀ ପ୍ରଧାନ ଶିକ୍ଷକ, ବଲାଙ୍ଗୀର ଏମ୍. ଇ. ସ୍କୁଲର ପ୍ରଧାନ ଶିକ୍ଷକ, ପାଟଣା ଷ୍ଟେଟ ଦେଓ୍ୟାନ ଅଫିସର ହେଡ଼କ୍ଳର୍କ ଓ ନାଏବତହସିଲଦାର ପ୍ରଭୃତି କାର୍ଯ୍ୟ ସେ ସଫଳତାରସହ ତୁଲାଇ ଥିଲେ । ଏହାପରେ ସେ କୋଡ଼ିଏ ବର୍ଷଯାଏ ପାଟଣା ଷ୍ଟେଟର ଶିକ୍ଷା ବିଭାଗର ଡ଼େପୁଟି ଇନିସ୍‌ପେକ୍‌ଟର କାର୍ଯ୍ୟ ଦକ୍ଷତାରସହ ତୁଲାଇଥିଲେ । ତାଙ୍କ ସମୟରେ ପ୍ରାଥମିକ ଶିକ୍ଷା ଓ ନାରୀ ଶିକ୍ଷାର ବ୍ୟାପକ ପ୍ରସାର ଓ ପ୍ରଗ୍ଚର ହୋଇଥିଲା । ସେ ନାରୀ ଶିକ୍ଷାର ପ୍ରସାର ପାଇଁ ଶିକ୍ଷୟିତ୍ରୀ ପଦ ବହୁ ସଂଖ୍ୟାରେ ସୃଷ୍ଟି କରିଥିଲେ ଓ ପ୍ରାଥମିକ ବିଦ୍ୟାଳୟ ପାଇଁ ପକ୍କାଘର ନିର୍ମାଣ କରିଥିଲେ ।

ସେ ଜଣେ ଶିକ୍ଷାବିତ୍, ସାହିତ୍ୟିକ ଓ ଧାର୍ମିକ ବ୍ୟକ୍ତି ଥିଲେ । ସାହିତ୍ୟ ଓ ଧର୍ମର ପ୍ରସାର ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ । ତାଙ୍କର ସାହିତ୍ୟିକ କୃତି ଓ କୃତିତ୍ୱ ମଧ୍ୟରେ ସନାତନ ଧର୍ମ ପତ୍ରିକା ପ୍ରକାଶନ, କୋଶଳ ସାହିତ୍ୟ ସମିତିର ପ୍ରତିଷ୍ଠା, ସମସ୍ତ ବେଦ, ଉପନିଷଦ୍ ଓ ଗୀତାର ଟୀକା ରଚନା, ସଂକ୍ଷିପ୍ତ କୋଶଳ ଇତିହାସ ରଚନା ତଥା ଇଂରାଜୀ ଭାଷାରେ ଷୋଳଶହ ପୃଷ୍ଠା ବ୍ୟାପୀ "History of Orissa" ଗ୍ରନ୍ଥ ରଚନା ଉଲ୍ଲେଖଯୋଗ୍ୟ । ତାଙ୍କର ୨୨୦ ପୃଷ୍ଠା ବ୍ୟାପୀ ସଂକ୍ଷିପ୍ତ କୋଶଳ ଇତିହାସର ଭାଷା ସରଳ, ଐତିହାସିକ ତଥ୍ୟ ସମ୍ବଳିତ ଓ କୋଶଳର ପ୍ରଥମ ଇତିହାସ । ତାଙ୍କର ଐତିହାସିକ ଜୀବନ କୃତି ଓ କୃତିତ୍ୱର ବାହକ । ସେ ଭାରତକୁ କୋଶଳ ଓ କୋଶଳରୁ ପାଟଣାର ଇତିହାସ ଅବତାରଣା କରିଛନ୍ତି । ଏହି ଗ୍ରନ୍ଥରୁ ତତ୍‌କାଳୀନ ପାଟଣାଗଡ଼ଜାତର ଶାସନ ପଦ୍ଧତି, ଅଷ୍ଟମଲ୍ଲିକଙ୍କ ଶାସନ, ରମାଇଦେବଙ୍କର ରାଜ୍ୟଭାର ଗ୍ରହଣ ତଥା ପାଟଣାର ବିଭିନ୍ନ ରାଜାଙ୍କର କାଳ ନିରୂପଣ କରିଛନ୍ତି । ଏଥିରୁ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଐତିହାସିକତ୍ୱର ଭୂୟସୀ ପ୍ରମାଣ ମିଳେ । ସେ ଅତି ବିନୟୀ ଓ ଜ୍ଞାନୀ ଥିଲେ । ତାଙ୍କର ରଚନାବଳୀ ଓଡ଼ିଆ, ଇଂରାଜୀ ଓ ସଂସ୍କୃତ ଭାଷାରେ ତାଙ୍କର ପାଣ୍ଡିତ୍ୟର ପରିଚୟ ଦିଏ । ସେ ଶେଷ ଜୀବନ ପର୍ଯ୍ୟନ୍ତ ଇତିହାସ, ସାହିତ୍ୟ ଓ ଧର୍ମ ଚର୍ଚ୍ଚାରେ ନିରବଚ୍ଛିନ୍ନ ଭାବରେ ନିୟୋଜିତ ଥିଲେ । ସେ ୧୦-୧୧-୧୯୩୫ ଦିନ ମର କଳେବର ତ୍ୟାଗ କରିଥିଲେ ।

ସେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପର୍ଯ୍ୟନ୍ତ ପାଟଣାଗଡ଼ଜାତର ସ୍କୁଲ ପରିଚାଳନା, ଶିକ୍ଷା ସଂସ୍କାର, ନାରୀ ଶିକ୍ଷାର ପ୍ରଗତି, ଛାତ୍ରଙ୍କର ଅଧ୍ୟୟନ ଓ ଚରିତ୍ର ଗଠନ ଦିଗରେ ବ୍ରତୀ ଥିଲେ । ସାହିତ୍ୟ, ଇତିହାସ ଓ ଧର୍ମ ଗ୍ରନ୍ଥ ରଚନା ଦିଗରେ ଅତି ନିପୁଣ ଥିଲେ । ତାଙ୍କର ସାଧନା ମାନବ ସମାଜର ପଥ ପ୍ରଦର୍ଶକ ହେବ ।

ଆକାଶବାଣୀ ପ୍ରତିନିଧି, ବଲାଙ୍ଗୀର


## ପେନ୍‌ସନ ଓ ପରିବାର ପେନ୍‌ସନ ହାର ବୃଦ୍ଧି

### ୪୫ ହଜାର ଅବସର ପ୍ରାପ୍ତ କର୍ମଚାରୀ ଏଥିରେ ଉପକୃତ ହେବେ

ରାଜ୍ୟ ସରକାର ଅବସର ପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନ୍‌ସନ ଓ ପରିବାର ପେନ୍‌ସନ ହାର ଅସ୍ଥାୟୀ ଭାବେ ଶତକଡ଼ା ୨୦ ଭାଗ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ହାର ସର୍ବନିମ୍ନ ୨୦ ଟଙ୍କା ଓ ସର୍ବାଧିକ ୧୦୦ ଟଙ୍କା ମଧ୍ୟରେ ସୀମିତ ରଖା ଯାଇଛି । ସର୍ବନିମ୍ନ ମାସିକ ୫୦ ଟଙ୍କା ପେନ୍‌ସନ ପାଉଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ହେବ ।

୧୯୭୮ ମସିହା ନଭେମ୍ବର ମାସରୁ ଏହି ବର୍ଦ୍ଧିତ ହାର ଲାଗୁ ହେବ । ଫଳରେ ସମଗ୍ର ରାଜ୍ୟର ପ୍ରାୟ ୪୫,୦୦୦ ଅବସରପ୍ରାପ୍ତ କର୍ମଚାରୀ ଉପକୃତ ହେବେ ଏବଂ ରାଜ୍ୟ ସରକାରଙ୍କୁ ଏ ବାବଦରେ ବାର୍ଷିକ ୩୦ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିବ

ଏଠାରେ ସ୍ମରଣ କରାଯାଇ ପାରେ ଯେ ୧୯୭୭ ମସିହା ସେପ୍‌ଟେମ୍ବର ମାସ ଠାରୁ ପେନ୍‌ସନ ହାର ମାସିକ ଶତକଡ଼ା ୧୬ ଭାଗ ତଥା ସର୍ବନିମ୍ନ ୧୬ ଟଙ୍କା ଓ ସର୍ବୋନିମ୍ନ ୮୦ ଟଙ୍କାକୁ ଅସ୍ଥାୟୀ ଭାବେ ବୃଦ୍ଧି କରା ଯାଇଥିଲା ।



କୃତୀ ଶିକ୍ଷକମାନଙ୍କୁ ରାଜ୍ୟପାଳଙ୍କ ଉଦ୍‌ବୋଧନ

ଜାଣି ଆସିଛନ୍ତି । ଛାତ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଭାର ପରିପ୍ରକାଶ କରିବାରେ ଶିକ୍ଷକମାନେ ହିଁ ପ୍ରକୃତ ମାଧ୍ୟମ । ରାଜ୍ୟପାଳ ଶିକ୍ଷକ ସମାଜର ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପର୍କରେ ସୂଚନା ଦେବାକୁ ଯାଇ ଜ୍ଞାନ ବିତରଣ କରିବା, ଜ୍ଞାନର ପରିସରକୁ ଅଧିକ ସମୃଦ୍ଧ କରିବା ଓ ସ୍ୱୀୟ ପରିବେଶକୁ ଗଠନମୂଳକ ଭାବରେ ସଜାଡ଼ିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ବ୍ୟତୀତ ଶିକ୍ଷକମାନେ ସରକାରଙ୍କ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବରେ ଆଗେଇନେବା, ଛାତ୍ରମାନଙ୍କୁ ବୃକ୍ଷରୋପଣ ପାଇଁ ପ୍ରେରଣା ଦେବା ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିବେଶକୁ ଅଧିକତର ରୁଚିସମ୍ପନ୍ନ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ ।




ରାଜ୍ୟପାଳ ଜଣେ କୃତୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି

ଆମ ଦେଶରେ ପ୍ରଥମେ ୧୯୫୮ ମସିହାରେ ଶିକ୍ଷକମାନଙ୍କ ନିମନ୍ତେ ଜାତୀୟ ପୁରସ୍କାର ପ୍ରଦାନ ଯୋଜନା ପ୍ରବର୍ତ୍ତିତ ହୋଇଥିଲା । ଏହି ପୁରସ୍କାର ପାଇବା ପାଇଁ ପ୍ରାଥମିକ ସ୍ତରରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷକମାନେ ଯୋଗ୍ୟ ବିବେଚିତ ହୁଅନ୍ତି । କେବଳ ଜାତୀୟ ପୁରସ୍କାର ଶିକ୍ଷକ ସମାଜ ନିମନ୍ତେ ଯଥେଷ୍ଟ ନ ହେବାରୁ ୧୯୬୩-୬୪ ମସିହାଠାରୁ ରାଜ୍ୟ-ସ୍ତରୀୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରବୀଣ ଶିକ୍ଷକମାନଙ୍କୁ ସର୍ବସାଧାରଣରେ ପରିଚିତ କରାଇବା ଓ ଶିକ୍ଷକତା ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରବର୍ତ୍ତନ କରାଯାଇଛି ।

ମାଧ୍ୟମିକ ଶିକ୍ଷାନୁଷ୍ଠାନ ମାନଙ୍କରେ ଦୀର୍ଘକାଳ ନିଷ୍ଠା ଓ କୃତିତ୍ୱର ସହ ଶିକ୍ଷାଦାନ କରି ଆସିଥିବା ଶିକ୍ଷକମାନଙ୍କ ମଧ୍ୟରୁ ୧୬ ଜଣ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ମଧ୍ୟରୁ ୧୯ଜଣ ଏପରି ମୋଟ ୩୫ ଜଣ ଚଳିତ ବର୍ଷ ରାଜ୍ୟ-ସ୍ତରୀୟ ପୁରସ୍କାର ପାଇଛନ୍ତି ।

ଶ୍ରୀ ବିନୋଦ କିଶୋର ମହାପାତ୍ର, ଆଇ. ପି. ଏସ୍., ଇନ୍ସପେକ୍ଟର ଜେନେରଲ ଅଫ୍ ପୁଲିସ୍, ଭିଜିଲାନ୍ସ, ତାଙ୍କର ଉଚ୍ଚକୋଟୀର କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠାପାଇଁ ୧୯୭୮ ମସିହା ରାଷ୍ଟ୍ରପତି ପୁଲିସ ପଦକ ପାଇଛନ୍ତି । ଶ୍ରୀ ମହାପାତ୍ର ପ୍ରଥମେ ସୈନ୍ୟବାହିନୀରେ କାର୍ଯ୍ୟକରି ୧୯୪୭ ମସିହାରେ ରାଜ୍ୟ ପୁଲିସ୍ ସର୍ଭିସରେ ଯୋଗ ଦେଇଥିଲେ ଓ ୧୯୫୭ ରେ ଭାରତୀୟ ପୁଲିସ ସର୍ଭିସକୁ ଉନ୍ନୀତ ହୋଇଥିଲେ । ତାଙ୍କର ୩୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ବହୁସଂଖ୍ୟକ ପ୍ରଶଂସାପତ୍ର ଓ ୧୯୬୬ ମସିହାରେ ପୁଲିସ ପଦକ ଲାଭ କରିଛନ୍ତି ।



ଶ୍ରୀ ଏନ୍. କେ. ପଟେଲ, ଡ଼ି. ଏସ୍ ପି. ୧୯୪୫ ମସିହାରେ ପୂର୍ବତନ ଗାଙ୍ଗପୁର ଗଡ଼ଜାତରେ ସହକାରୀ ପୁଲିସ ସବ୍ ଇନ୍ସପେକଟର ପଦରେ ଯୋଗ ଦେଇଥିଲେ । ୧୯୭୨ ସସିହାଠାରୁ ବର୍ତ୍ତମାନର ପଦବୀରେ ରହି କାର୍ଯ୍ୟ କରୁଛନ୍ତି । ସେ ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ୧୧ ଟି ଉତ୍ତମ ସେବା ଚିହ୍ନ, ୫ ଟି ଆର୍ଥିକ ପୁରସ୍କାର ୧୧ ଟି ଉଚ୍ଚ ପ୍ରଶଂସାପତ୍ର ଓ ୨ ଟି ପ୍ରଶଂସାପତ୍ର ଲାଭ କରିଛନ୍ତି । ତାଙ୍କର କୃତିତ୍ୱପୂର୍ଣ୍ଣ ସେବା, କର୍ତ୍ତବ୍ୟପରାୟଣତା ଓ ସାଧୁ ଚରିତ୍ରବତାପାଇଁ ୧୯୭୮ ମସିହା ରାଷ୍ଟ୍ରପତି ପୁଲିସ ପଦକ ପାଇଛନ୍ତି ।

୧୯୭୮ ରାଷ୍ଟ୍ରପତି ପୁଲିସ ପଦକ ଲାଭ କରିଥିବା ଶ୍ରୀ କେ. କେ. ମହାନ୍ତି ୧୯୫୨ ମସିହାରେ ଷ୍ଟେନୋ ସବ୍ ଇନ୍ସପେକ୍ଟର ପଦରେ ଯୋଗଦେଇ ୧୯୬୬ ମସିହାରୁ ଇନ୍ସପେକ୍ଟର ପଦରେ କାର୍ଯ୍ୟକରି ଆସୁଛନ୍ତି । ସେ ଜଣେ ଦକ୍ଷ ପୁଲିସ ଅଫିସର ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ୧୧ ଟି ଉତ୍ତମ ସେବାଚିହ୍ନ, ୧୩ ଟି ଆର୍ଥିକ ପୁରସ୍କାର ଏବଂ ୧୬ ଟି ଉଚ୍ଚ ପ୍ରଶଂସାପତ୍ର ପାଇଛନ୍ତି ।

ଶ୍ରୀ ବୀର କିଶୋର ପୃଷ୍ଟି ପୁଲିସ ସବ୍-ଇନ୍ସପେକ୍ଟର ୧୯୭୮ ରାଷ୍ଟ୍ରପତି ପୁଲିସ ପଦକ ଲାଭ କରିଛନ୍ତି । ସେ ୧୯୫୪ ମସିହାରେ ଲିଟରେଟ କନ୍ଷ୍ଟେବଲ ପଦରେ ଯୋଗ ଦେଇ ୧୯୭୨ ମସିହାରୁ ବର୍ତ୍ତମାନର ପଦବୀରେ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ନିଷ୍ଠାପର କାର୍ଯ୍ୟ ଓ କୃତିତ୍ୱପୂର୍ଣ୍ଣ ସେବା ପାଇଁ ୫ଟି ଉତ୍ତମ ସେବା ଚିହ୍ନ, ୨୦ଟି ଆର୍ଥିକ ପୁରସ୍କାର ଓ ୫୩ଟି ଉଚ୍ଚ ପ୍ରଶଂସାପତ୍ର ପାଇଛନ୍ତି ।

ଶ୍ରୀ ଜୟାନନ୍ଦ ପ୍ରଧାନ, କନ୍ଷ୍ଟେବଲ ୧୯୪୫ ମସିହାରୁ ଦକ୍ଷତା ଓ ନିଷ୍ଠାର ସହିତ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ୧୪ଟି ଆର୍ଥିକ ପୁରସ୍କାର, ୪ଟି ଉଚ୍ଚ ପ୍ରଶଂସାପତ୍ର ଓ ୩ଟି ପ୍ରଶଂସାପତ୍ର ପାଇ ପାରିଛନ୍ତି । ତାଙ୍କର କୃତିତ୍ୱପୂର୍ଣ୍ଣ ସେବା କାର୍ଯ୍ୟ ପାଇଁ ୧୯୭୮ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରାଯାଇଛି ।

## ଶିକ୍ଷକମାନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ

୧୯୭୯ ଜନରାଜ୍ୟ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିବା ୩୫ ଜଣ କୃତୀ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ରାଜ୍ୟପାଳ ଏହି ଉତ୍ସବରେ ପୌରୋହିତ୍ୟ କରି ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ରାଜ୍ୟପାଳ ଶିକ୍ଷକ ସମାଜକୁ ଉଦ୍‌ବୋଧନ ଦେଇ କହିଲେ ଯେ ଶିକ୍ଷକମାନଙ୍କର ପ୍ରଚେଷ୍ଟା ଓ ଆନ୍ତରିକ ଉଦ୍ୟମ ଫଳରେ ଦେଶ ତଥା ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ସମ୍ଭବ ହେବ । ସବୁ ସମୟରେ ଶିକ୍ଷକ ମାନବ ସମାଜରେ ଜ୍ଞାନର ଆଲୋକ ବର୍ତ୍ତିକା


# ଚକବନ୍ଦୀ ପଟ୍ଟା ବଣ୍ଟନ

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ଡାଲିଅନ୍ଦା-ଡାଲିପାଟଣା ଚକବନ୍ଦୀ ସର୍କଲ ଅନ୍ତର୍ଗତ ଗ୍ରାମରେ ଚକପଟ୍ଟା ବଣ୍ଟନ ଉତ୍ସବରେ ପୌରୋହିତ୍ୟ କରି କହିଥିଲେ ଯେ ଚକବନ୍ଦୀ ଦ୍ୱାରା ଆମେ କୃଷି-କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିପାରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂର କରିବାରେ ସକ୍ଷମ ହୋଇପାରିବା ।



ବର୍ତ୍ତମାନ ଆମ ରାଜ୍ୟରେ ଚକବନ୍ଦୀ କାର୍ଯ୍ୟକ୍ରମ ପ୍ରତି ଅଗ୍ରାଧିକାର ଦିଆଯାଇଛି । ଆଗାମୀ ୧୦ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ସମାପ୍ତ ହେଲେ ଅତି ଦରକାରୀ କୃଷି ଉତ୍ପାଦନ ବୃଦ୍ଧିରେ ତାହା ବିଶେଷ ସହାୟକ ହେବ । ଏହା ଆମ ଚାଷୀମାନଙ୍କ ପାଇଁ ସମୃଦ୍ଧିର ଏକ ନୂଆଯୁଗର ସୂତ୍ରପାତ କରିବ ।

ଅତିରିକ୍ତ ରଚନାଅଧିକାରୀ
ସୂଚନା ଓ ଲୋକସମ୍ପର୍କ ବିଭାଗ



ଜନ ରାଜ୍ୟ ଦିବସ ଉପଲକ୍ଷେ କଟକ ବାରବାଟୀ ଷ୍ଟେଡ଼ିୟମଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଲେ ଯେ ଆଜିର ଦିବସଟି ସମଗ୍ର ଜାତି ପକ୍ଷରେ ଏକ ଐତିହାସିକ ତଥା ପବିତ୍ର ଦିବସ । ସ୍ୱାଧୀନତା ପ୍ରାପ୍ତିର ୩୧ ବର୍ଷ ମଧ୍ୟରେ ଆମ ଦେଶରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି । ବିଶେଷକରି ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ଓ କୃଷି ଉତ୍ପାଦନ ପ୍ରଭୃତି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଛି । ବହୁ ଆକାଂକ୍ଷିତ ବହୁମୁଖୀ ଇନ୍ଦ୍ରାବତୀ ଯୋଜନା ଓ ସମଲ ବ୍ୟାରେଜ୍ ପ୍ରଭୃତି ଉନ୍ନୟନମୂଳକ କାର୍ଯ୍ୟମାନ ହାତକୁ ନିଆଯାଇଛି । ଓଡ଼ିଶାର ସର୍ବାଙ୍ଗୀନ ସମୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

ହୋଇ ଆସିଛି । ଆଦିବାସୀମାନଙ୍କର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସେମାନଙ୍କର ଜୀବନଧାରଣ ମାନ ଉନ୍ନତ କରିବା ନିମନ୍ତେ ଆଦିବାସୀ ଉପଯୋଜନା ପରିକଳ୍ପିତ ହୋଇଛି । ଷଷ୍ଠ ଯୋଜନାରେ ଆଦିବାସୀ ଉପଯୋଜନା ପାଇଁ ଖର୍ଚ୍ଚ ବରାଦ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

୬ । ସାଧାରଣ ଉଦ୍ୟୋଗ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ମଧ୍ୟ ଆଦିବାସୀ ଅଞ୍ଚଳର ବିଶେଷ ସମସ୍ୟାମାନ ସମାଧାନ କରିବା ସକାଶେ ଅବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପରେ ମଧ୍ୟ ଅତି ଅନୁନ୍ନତ ଆଦିବାସୀମାନଙ୍କ ଉନ୍ନତି ନିମିତ୍ତ କେତେଗୁଡ଼ିଏ ଅତି କ୍ଷୁଦ୍ର ଯୋଜନାର ବ୍ୟବସ୍ଥା କରାଯାଇଛି । ତଫସିଲଭୁକ୍ତ ଜାତିମାନଙ୍କ ମଙ୍ଗଳ ପାଇଁ ଅନୁରୂପ ଅଭିମୁଖ୍ୟ ମଧ୍ୟ ଅନୁସରଣ କରାଯାଉଛି ଏବଂ ବିଭିନ୍ନ ବିକାଶ ଯୋଜନାମାନଙ୍କରେ ତଫସିଲଭୁକ୍ତ ଜାତିମାନେ କେଉଁ ପରିମାଣରେ ଉପକୃତ ହେଉଛନ୍ତି ତାହା କଳନା କରିବାପାଇଁ ଉଦ୍ୟମ କରାଯାଉଛି । ତଫସିଲଭୁକ୍ତ ଜାତି ପାଇଁ ଅର୍ଥ ଲଗାଣ କର୍ପୋରେସନର ସ୍ଥାପନା ଉକ୍ତ ଜାତିମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ । ଏହି କର୍ପୋରେସନ ତଫସିଲ ଜାତିମାନଙ୍କୁ ସର୍ବନିମ୍ନ ମୂଳଧନ (ମାର୍ଜିନ ମନି) ଯୋଗାଇବ ଏବଂ ଆର୍ଥିକ ଦୃଷ୍ଟିରୁ ଲାଭଜନକ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବ୍ୟବସାୟିକ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କରୁ ଅର୍ଥ ହାସଲ କରିବା ଦିଗରେ ସାହାଯ୍ୟ କରିବ ।

୭ । ମୋ ସରକାର ଗାଁ ଗହଳରେ ବାସ କରୁଥିବା ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଉନ୍ନତି ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି । ୧୯୭୮-୭୯ ମଧ୍ୟରେ ୧୨୭ଟି ବ୍ଲକ୍‌ରେ ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ଅତିରିକ୍ତ କର୍ମ ସଂସ୍ଥାନର ବ୍ୟବସ୍ଥା କରିବା ଓ ଦରିଦ୍ର ଲୋକମାନଙ୍କର ଆୟବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ରାଜ୍ୟର ୧୧୮ଟି ବ୍ଲକ୍‌ରେ ଆଦିବାସୀ ଉପଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି ।

୮ । ମୋ ସରକାର ଗ୍ରାମମାନଙ୍କରେ ବାସ କରୁଥିବା ସବୁଠାରୁ ବେଶି ଗରିବ ପରିବାରଗୁଡ଼ିକର ଆର୍ଥନୀତିକ ବିକାଶ ଘଟାଇ ଧନୀ ଲୋକଙ୍କ ପରିବର୍ତ୍ତେ ଗରିବ ଲୋକମାନଙ୍କ ଉପକାର ସାଧନପାଇଁ ଏକ ନୂଆ ଢାଞ୍ଚାର ଅନ୍ତ୍ୟୋଦୟ ନାମକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ସମାଜର ଦୁର୍ବଳତର ଶ୍ରେଣୀର କଲ୍ୟାଣ ପାଇଁ ଆମ୍ଭେମାନେ ୧୯୭୪—୭୯ ମଧ୍ୟରେ ୮୯ କୋଟି ଟଙ୍କା ବ୍ୟୟରେ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛୁ ।

୯ । ମୁଁ ଏଥିପୂର୍ବରୁ ଉଲ୍ଲେଖ କରିଛି ଯେ ଲୋକମାନଙ୍କୁ ଆୟକାରୀ ଧନ୍ଦା ଯୋଗାଇ ଦେବା ରାଜ୍ୟ ସରକାରଙ୍କର ପ୍ରଧାନ ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଅନ୍ୟତମ । ୧୯୭୭-୭୮ ମଧ୍ୟରେ ଭାରତ ସରକାରଙ୍କ ପ୍ରବର୍ତ୍ତିତ "କାମ ବିନିମୟରେ ଖାଦ୍ୟ କାର୍ଯ୍ୟକ୍ରମ" ଶୁରୁ ହୋଇଛି । ଏହି ପରିକଳ୍ପନାଟି ଅଧିକ ଶ୍ରମବହୁଳ ଓ କର୍ମାଭିମୁଖୀ ।

୧୦ । ୧୯୭୭-୭୮ ରେ ବିଭିନ୍ନ ବିକାଶ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ୨୩୧୦୬'୧୮ ଟନ୍ ଗହମ ଉପଯୋଗ କରାଯାଇଥିଲା । ଚଳିତ ବର୍ଷ ପାଇଁ ଏଥିନିମନ୍ତେ ୨ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି । ଏଥିମଧ୍ୟରୁ ଆମେ ୧୯୭୮ ଡିସେମ୍ବର ମାସ ମଧ୍ୟରେ ୧'୧୨ ଲକ୍ଷ ଟନ୍ ଉପଯୋଗ କରି ସାରିଛୁଁ । ଏହି ପରିକଳ୍ପନାର ଲୋକପ୍ରିୟତା ଦୃଷ୍ଟିରୁ ୧୯୭୯-୮୦ରେ ଆମେ ୩ଲକ୍ଷ ଟନ୍ ଖାଦ୍ୟଶସ୍ୟ ପାଇଁ ପରିକଳ୍ପନା କରିଛୁଁ । ଏହି ପରିକଳ୍ପନାର ସର୍ବାଧିକ ସୁବିଧା ଗ୍ରହଣ କରିବା ପାଇଁ ଯେଉଁ ନୂତନ କାର୍ଯ୍ୟବିଧି ସ୍ଥିର ହୋଇଛି ତାହା ମୋ ସରକାରଙ୍କ ପକ୍ଷେ ପ୍ରଶଂସାର କଥା । ଭୂମିହୀନ ଶ୍ରମିକ, ବିଶେଷ କରି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟ ଏହାଦ୍ୱାରା ଯଥେଷ୍ଟ ଉପକୃତ ହୋଇଛନ୍ତି । ଏହା ଫଳରେ ଉନ୍ନୟନଭିତ୍ତିକ କାର୍ଯ୍ୟ ଆକାରରେ ମୂଲ୍ୟବାନ ସମ୍ପଦ ସୃଷ୍ଟି ହୋଇପାରିଛି ।

୧୧ । ଗତବର୍ଷ ଏହି କାର୍ଯ୍ୟକ୍ରମ ଅନୁସାରେ ୬୮'୬୯ ଲକ୍ଷ ଶ୍ରମ ଦିବସ ପାଇଁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରଯାଇଥିବାବେଳେ ଏ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ୨୪୦ ଲକ୍ଷ ଶ୍ରମ ଦିବସ ପାଇଁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରଯାଇ ପାରିଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ଗାଁ ଗହଳର ଶ୍ରମିକମାନଙ୍କ ନିଯୁକ୍ତି ସମସ୍ୟା ସଫଳତା ସହକାରେ ସମାଧାନ କରାଯିବା ସଙ୍ଗେ ସଙ୍ଗେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବାରେ ଏବଂ ସର୍ବସାଧାରଣ ସରକାରୀ ସମ୍ପତ୍ତି ରକ୍ଷଣାବେକ୍ଷଣ ଦିଗରେ ସାହାଯ୍ୟ ମିଳିପାରିଛି । ଆମ୍ଭେମାନେ ୧୯୭୭-୭୮ ମଧ୍ୟରେ ସଫଳତା ପୂର୍ବକ 'କାମ ବିନିମୟରେ ଖାଦ୍ୟ' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରି ପାରିଥିବା—ଆମ ରାଜ୍ୟବାସୀ ତଥା ମୋ ସରକାରଙ୍କ ପକ୍ଷରେ ଏକ ପ୍ରଶଂସାର କଥା । ଚଳିତ ବର୍ଷ ଏ ଦିଗରେ ଆମର କୃତିତ୍ୱ ଶତ୍ ଉଚ୍ଚକୋଟୀର ଏବଂ ଏ କାର୍ଯ୍ୟରେ ଓଡ଼ିଶା ସମଗ୍ର ଦେଶରେ ବରବର ଅଗ୍ରଣୀ ହୋଇ ରହିଛି ।

୧୨ । ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପଦଗୁଡ଼ିକ ବରବର ଆମ ରାଜ୍ୟରେ ଲାଗି ରହିଥିବାରୁ ଏଗୁଡ଼ିକ ପୌନଃପୁନିକ ଘଟଣାରେ ପରିଣତ ହେଲାଣି କହିଲେ ଚଳେ । ୧୯୭୮ ଅପ୍ରେଲ ମାସରେ କଟକ ଓ କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳ ଉପରେ ଏକ ଅଭୂତପୂର୍ବ ବିଭୀଷିକାପୂର୍ଣ୍ଣ ଘୂର୍ଣ୍ଣିବାତ୍ୟା ଆଘାତ ଦେବା ଫଳରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅନ୍ତର୍ଗତ ପୁରୁଣା ବନ୍ଧଗୋଡ଼ା ନାମକ ଏକ ସମୃଦ୍ଧ ଗ୍ରାମ ଏକାବେଳକେ ନିଶ୍ଚିହ୍ନ ହୋଇଗଲା । ଏହି ବିପତ୍ତି ପଛେ ପଛେ ଆସିଲା କରାଳ ବନ୍ୟା । ଏହା ଫଳରେ ରାଜ୍ୟର ୧୦୦୬ ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫୪୨୫ ଟି ଗ୍ରାମ ବିଶିଷ୍ଟ ୧୫୭ ଟି ବ୍ଲକ୍ କ୍ଷତିଗ୍ରସ୍ତ ହେଲା । ଏଥିଯୋଗୁଁ ୩୨୫୩'୯୮ ଲକ୍ଷ ଟଙ୍କା ମୂଲ୍ୟର ସର୍ବସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା । ଏହି କ୍ଷତି ଭରଣା କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କଠାରୁ ଅଗ୍ରୀମ ଯୋଜନା ସାହାଯ୍ୟ ଆକାରରେ ୧୯୨ ଲକ୍ଷ ଟଙ୍କା ଓ ୬୬୫ ଲକ୍ଷ ଟଙ୍କା ମିଳି ସାରିଛି । ଏସବୁ କ୍ଷେତ୍ରରେ ମୋ ସରକାର ଯଥା ସମୟରେ ସାହାଯ୍ୟ ଯୋଗାଇ ଦେଇଥିଲେ । କ୍ଷତିଗ୍ରସ୍ତ ଅଞ୍ଚଳମାନଙ୍କର ଅଧିବାସୀମାନେ ପ୍ରଶଂସ୍ୟ ଧୈର୍ଯ୍ୟ ଓ ମନୋବଳ ଦେଖାଇଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

୧୩ । ମୋ ସରକାର ଭୂ-ସଂସ୍କାର କାର୍ଯ୍ୟକାରୀ କରିବା ଓ ଚକବନ୍ଦୀ କାର୍ଯ୍ୟକ୍ରମ ଯଥା ସମୟରେ ସଂପୂର୍ଣ୍ଣ କରିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରନ୍ତି । ଏ ପର୍ଯ୍ୟନ୍ତ ୧'୨୪ ଲକ୍ଷ ଏକର ବଳକା ଜମି ସରକାରଙ୍କଠାରେ ନ୍ୟସ୍ତ ହୋଇଛି । ଏଥି ମଧ୍ୟରୁ ୧'୧୦ଲକ୍ଷ ଏକର ଜମି ହାତକୁ ନିଆଯାଇଛି ଏବଂ ୯୪୩୩୫'୦୬୧ ଏକର ୬୯,୯୬୬ ଭୂମିହୀନ ଲୋକଙ୍କ ମଧ୍ୟରେ ବଣ୍ଟା ଯାଇଛି । ଏହି ଲୋକମାନଙ୍କ ମଧ୍ୟରୁ ୩୮,୦୯୫ ଜଣ ଆଦିବାସୀ ଏବଂ ୨୨,୯୭୯ ଜଣ ହରିଜନ । ୧,୭୩,୨୩୫ ଜଣ ପ୍ରଜାଙ୍କୁ ରୟତି ସ୍ୱତ୍ୱ ଅର୍ପଣ କରଯାଇଛି । ଭୂ-ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ରହିଥିବା ସମସ୍ତ ପ୍ରତିବନ୍ଧକ ଦୂର କରିବା ପାଇଁ କାର୍ଯ୍ୟାନୁଷ୍ଠାନ କରଯାଇଛି । ଭୂମିହୀନ ଲୋକଙ୍କୁ ଭୂମି ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଦୃଢ଼ ନିର୍ଦ୍ଦେଶାବଳୀ ଦିଆଯାଇଛି । ବର୍ତ୍ତମାନର ସରକାର କାର୍ଯ୍ୟଭାର ଗ୍ରହଣ କରିବା ପରଠାରୁ ଚାଷ ଉଦ୍ଦେଶ୍ୟରେ ୨୮,୩୮୦ଜଣ ବ୍ୟକ୍ତିଙ୍କୁ ୩୬୩୮୨'୪୮୦ ଏକର ପତିତ ଜମି ଏବଂ ଘର ତିଆରି ଉଦ୍ଦେଶ୍ୟରେ ୫୬,୫୬୮ଜଣ ବ୍ୟକ୍ତିଙ୍କୁ ୨୬୫୩'୦୫୩ ଏକର ଘରଡ଼ିହ ବଣ୍ଟା ଯାଇଛି । ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟମାନଙ୍କ ମାଲିକାନାରେ ଥିବା ଜମିର ବେଆଇନ୍ ହସ୍ତାନ୍ତର ରୋକିବାପାଇଁ ସଂପୃକ୍ତ ଆଇନ ବା ରେଗୁଲେସନ୍‌ଗୁଡ଼ିକୁ ଯଥାଯଥ ଭାବରେ ବଳବତ୍ କରିବାପାଇଁ



ଓଡ଼ିଶାର ସର୍ବାଙ୍ଗୀନ ବିକାଶପାଇଁ ସବୁମତେ
ଉଦ୍ୟମ କରାଯିବ

# ଓଡ଼ିଶା ବିଧାନ ସଭା ପଞ୍ଚମ ଅଧିବେଶନରେ

# ରାଜ୍ୟପାଳ
# ଶ୍ରୀ ଭଗବତ ଦୟାଲ ଶର୍ମାଙ୍କ
# ଉଦ୍‌ବୋଧନ

୧୯୭୯ ଫେବୃୟାରୀ ୧୨ ତାରିଖରେ ଓଡ଼ିଶା ବିଧାନ ସଭା ପଞ୍ଚମ ଅଧିବେଶନରେ ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ତାଙ୍କର ଅଭିଭାଷଣରେ ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଓଡ଼ିଶାର ଜନସାଧାରଣ ନିଜନିଜକୁ ଉତ୍ସର୍ଗ କରିବାପାଇଁ ନିବେଦନ କରିଥିଲେ । ବିଧାନ ସଭାର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଲେ :

ଓଡ଼ିଶା ବିଧାନ ସଭାର ଏହି ପଞ୍ଚମ ଅଧିବେଶନ ଉପଲକ୍ଷେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜ୍ଞାପନ କରୁଛି । ଏହି ଅବସରରେ ଏକ ସୁଖମୟ ଓ ସମୃଦ୍ଧିମନ୍ତ ନବବର୍ଷ ପାଇଁ ମୁଁ ଆପଣମାନଙ୍କୁ ଓ ଓଡ଼ିଶାର ଜନସାଧାରଣଙ୍କୁ ମୋର ସାଦର ଅଭିନନ୍ଦନ ଜଣାଉଛି ।

୨ । ମୁଁ ଗତଥର ଆପଣମାନଙ୍କୁ ଭେଟିବା ପରଠାରୁ ଏହିମଧ୍ୟରେ ଓଡ଼ିଶା ଏବଂ ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହଙ୍କ ଦୁଃଖାବହ ମୃତ୍ୟୁ ଖବର ଆମ୍ଭେମାନେ ପାଇଛୁ । ଏହି ରାଜ୍ୟର ଲୋକେ ତାଙ୍କୁ ଜଣେ ଦୟାଳୁ ଓ ସମ୍ମାନାସ୍ପଦ ବ୍ୟକ୍ତି ହିସାବରେ କୃତଜ୍ଞତାର ସହିତ ମନେ ରଖିବେ । ଆମ ରାଜ୍ୟର କେତେକ ବିଶିଷ୍ଟ ନାଗରିକଙ୍କର ଇତିମଧ୍ୟରେ ପରଲୋକ ଘଟି ଯାଇଛି । ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ବିରେନ୍ ମିତ୍ର ଯେ କି ଜନସାଧାରଣଙ୍କର ଅତି ପ୍ରିୟ ଥିଲେ ଏବଂ ସ୍ୱୀୟ ଅନୁକମ୍ପା ପାଇଁ ଖ୍ୟାତି ଅର୍ଜନ କରିଥିଲେ ସେ ଆମ୍ଭମାନଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ପ୍ରଖ୍ୟାତ ବୈଜ୍ଞାନିକ ତଥା ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କୁ ମଧ୍ୟ ଆମ୍ଭେମାନେ ହରାଇଛେ । ପୂର୍ବତନ ବିଧାନ ସଭା ସଦସ୍ୟା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ • ସୁଭଦ୍ରା ମହତାବଙ୍କ ପରଲୋକପ୍ରାପ୍ତି ଫଳରେ ମଧ୍ୟ ଗୋଟିଏ ଉଲ୍ଲେଖଯୋଗ୍ୟ କ୍ଷତି ଘଟିଛି । ଅନ୍ୟ ଯେଉଁ ପୂର୍ବତନ ବିଧାନ ସଭା ସଦସ୍ୟମାନଙ୍କ ଶୋକାବହ ମୃତ୍ୟୁରେ ଆମ୍ଭେମାନେ ଦୁଃଖିତ ସେମାନେ ହେଲେ, ସର୍ବଶ୍ରୀ ଦୀନବନ୍ଧୁ ବେହେରା, ଅକ୍ଷୟ ନାରାୟଣ ପ୍ରହରାଜ, କିଶୋର ଚନ୍ଦ୍ର ଦେଓ, ବାଉଧର ନାୟକ, ମୋହନ ନାୟକ ଓ ନାରାୟଣ ପଣ୍ଡା । ଏମାନଙ୍କର ଦୁଃଖାବହ ମୃତ୍ୟୁରେ ମୋ ସହିତ ଗଭୀର ଶୋକ ପ୍ରକାଶ କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

୩ । ଆପଣମାନେ ଜାଣନ୍ତି, ଜନତା ସରକାର କ୍ଷମତାକୁ ଆସିବା ପରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନୀତିଗୁଡ଼ିକୁ ରୂପାୟିତ କରିବା ପାଇଁ ଧାରାବାହିକ ଉଦ୍ୟମ କରାହୋଇ ଆସିଛି । ଦରଦାମ୍ ବୃଦ୍ଧିକୁ ରୋକାଯାଇ ପାରିଛି ଏବଂ ଏକାନ୍ତ ଆବଶ୍ୟକୀୟ ଖାଦ୍ୟ ପଦାର୍ଥର ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଘଟିଛି ।

୪ । ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଓଡ଼ିଶା ଏବେ ମଧ୍ୟ ଦାରିଦ୍ର୍ୟର କବଳରେ ପଡ଼ି ରହିଛି । ଆମ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କ ଶତକଡ଼ା ହାର ସର୍ବାଧିକ । ଅନ୍ୟ ଯେଉଁ ଦୁଇଟି ସମସ୍ୟା ଉଦ୍‌ବେଗ ସୃଷ୍ଟି କରିଛି, ସେଗୁଡ଼ିକ ହେଲା କ୍ରମବର୍ଦ୍ଧମାନ ବେକାରୀ ଓ ଅର୍ଦ୍ଧବେକାରୀ । ମୁଁ ଅନୁଭବ କରୁଛି ଯେ ରାଜ୍ୟରେ ବିଗତ ଯୋଜନାମାନଙ୍କରେ ବିନିଯୁକ୍ତ ହୋଇଥିବା ଅର୍ଥ ଆମର ଆବଶ୍ୟକତାକୁ ଚାହିଁ ଯଥେଷ୍ଟ ନ ଥିଲା । ବେସରକାରୀ ଉଦ୍ୟୋଗରେ ଅର୍ଥ ବିନିଯୋଗ ଆଶାନୁରୂପ ହୋଇନାହିଁ । ଫଳରେ ରାଜ୍ୟର ଅର୍ଥନୀତିରେ ଚତୁର୍ଥ ଯୋଜନାରେ ଶତକଡ଼ା ୨·୬ ହାରରେ ଏବଂ ପଞ୍ଚମ ଯୋଜନାରେ ଶତକଡ଼ା ୨ ହାରରେ ବୃଦ୍ଧି ଘଟିଥିଲେ ମଧ୍ୟ ମୁଖ୍ୟତଃ ଯଥେଷ୍ଟ ପରିମାଣରେ ଅର୍ଥ ବିନିଯୋଗ କରାଯାଇ ନ ପାରିବାରୁ ଶତକଡ଼ା ୨·୫ ହାରରେ ଘଟିଥିବା ଜନସଂଖ୍ୟା ବୃଦ୍ଧି ସହିତ ଉକ୍ତ ବୃଦ୍ଧି ତାଳ ରକ୍ଷା କରି ପାରିଲା ନାହିଁ । ମୁଣ୍ଡପିଛା ଜାତୀୟ ଆୟ ଓ ମୁଣ୍ଡପିଛା ରାଜ୍ୟ ଆୟ ମଧ୍ୟରେ ବ୍ୟବଧାନ ଶୋଚନୀୟ ଭାବରେ ବଢ଼ି ଚାଲିଲା । ଏହାର ପରିଣାମରେ ଆଦିବାସୀ, ହରିଜନ ଓ ଆର୍ଥିକ ଦୃଷ୍ଟିରୁ ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଯେଉଁମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୭୦ ଭାଗ, ସେମାନେ ସବୁଠାରୁ ବେଶି ଅସୁବିଧା ଭୋଗିଲେ । ଏହି ପରିପ୍ରେକ୍ଷୀରେ ମୋ ସରକାର ବରାବର ଜୋର ଦେଇ କହି ଆସିଛନ୍ତି ଯେ ରାଜ୍ୟର ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମ୍ବଳ-ଭିତ୍ତିକ ନ ହୋଇ ଆବଶ୍ୟକତା ଉପରେ ପର୍ଯ୍ୟବସିତ ହେବା ଉଚିତ୍ ।

୫ । ମୋ ସରକାର ଆଦିବାସୀ ଉନ୍ନୟନ ପ୍ରତି ଗଭୀର ଧ୍ୟାନ ଦେଉଛନ୍ତି । ଆଦିବାସୀ ଓ ହରିଜନମାନଙ୍କ ଉନ୍ନତି କଲେ ସବୁ ପ୍ରକାର ଶୋଷଣ ଲୋପ କରିବା ଏବଂ ସେମାନଙ୍କର ଅର୍ଥନୈତିକ ଓ ଶିକ୍ଷାଗତ ସ୍ତର ଉନ୍ନତ କରିବା ଆମ ଯୋଜନାର ମୁଖ୍ୟ ଲକ୍ଷ୍ୟ

କରାଯାଉଥାଏ । ଓଡ଼ିଶା କୃଷି ମହାବିଦ୍ୟାଳୟ ଓ କେନ୍ଦ୍ର ଧାନ ଗବେଷଣା ଅନୁଷ୍ଠାନର ଗବେଷଣା-ଲବ୍ଧ ଜ୍ଞାନକୁ ସ୍ଥାନୀୟ ପରିସ୍ଥିତି କୃଷିକ୍ଷେତ୍ର ପରୀକ୍ଷା ନିରୀକ୍ଷା କରିବା ପାଇଁ ପ୍ରତି ଜିଲ୍ଲାରେ ସମୁପଯୋଗୀ ଗବେଷଣା କେନ୍ଦ୍ରମାନ ସ୍ଥାପିତ ହୋଇଛି । ଏହି କେନ୍ଦ୍ର ଗବେଷଣା ଓ ସଂପ୍ରସାରଣ ମଧ୍ୟରେ ମୁଖ୍ୟ ଯୋଗସୂତ୍ର ସ୍ଥାପନ କରିପାରିଛି । ଭାରତ ସରକାର ଓ ବିଶ୍ୱବ୍ୟାଙ୍କର ବହୁ ବିଶେଷଜ୍ଞ ଗତବର୍ଷ ଏ ରାଜ୍ୟ ପରିଦର୍ଶନ କରିଛନ୍ତି ଏବଂ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଦେଖି ଯାଇଛନ୍ତି । ଆଉ ମଧ୍ୟ ମୋ ସରକାର ଅତି ଅଳ୍ପ ସମୟ ମଧ୍ୟରେ ରାଜ୍ୟରେ କୃଷି ଅନୁଷ୍ଠାନକୁ ଏଭଳି ବ୍ୟାପକ ଭାବରେ ପୁନର୍ଗଠିତ କରିବାରେ ସାଫଲ୍ୟ ହାସଲ କରିଥିବା ଯୋଗୁଁ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ଆସନ୍ତା ବର୍ଷ "ବିଷୟବସ୍ତୁ ବିଶେଷଜ୍ଞ" ପଦଗୁଡ଼ିକ ମଧ୍ୟରୁ ଖାଲିଥିବା କେତେକ ସ୍ଥାନ ପୂରଣ ହେବା ପରେ ପୁନର୍ଗଠିତ କୃଷି ସଂପ୍ରସାରଣ କାର୍ଯ୍ୟର ଫଳାଫଳ ପୁରାପୁରି ଉପଲବ୍ଧ ହେବ ।

୧୯ । କୃଷିସମ୍ବନ୍ଧୀୟ ପ୍ରଣାଳୀଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ବର୍ଷାଧାର ଅଞ୍ଚଳମାନଙ୍କରେ ଆବଶ୍ୟକ, ଜାତୀୟ ତଥା ରାଜ୍ୟ କୃଷି ଫାର୍ମମାନଙ୍କରେ ବିଶେଷଜ୍ଞମାନେ ସେସବୁ ପରୀକ୍ଷା ନିରୀକ୍ଷା କରି ଦେଖିଛନ୍ତି । ମୌସୁମୀ ବର୍ଷା ହେବା ମାତ୍ରେ ମିଳୁଥିବା ପାଣି ଓ ସ୍ୱଳ୍ପ ସହିତ ସହଜ ତଳି ପକାଇବା ଓ ତଳି ତିଆରି "ନର୍ସରୀ" ଉଠାଇବା ପ୍ରଣାଳୀଗୁଡ଼ିକୁ ଅଧିକ ଲୋକପ୍ରିୟ କରାଯାଉଛି । ଏହି ଉଦ୍ଦେଶ୍ୟରେ ସବୁ ଜିଲ୍ଲାରେ ଗ୍ରାମଗୋଷ୍ଠୀ ସ୍ତରରେ ସଂଗଠିତ ହୋଇଛି । ଏଭଳି ସ୍ତରରେ ଉଠାଇବା ଓ ତଳି ପକାଇବା କାମ ଆଗେଇ ନେବା ପାଇଁ ସେଚକୂପ, ପୋଖରୀ ଓ କେନାଲମାନଙ୍କ ଆୟାକଟଗୁଡ଼ିକୁ ବ୍ୟବହାର କରାଯାଉଛି । ଏହି ପଦ୍ଧତି ଅବଲମ୍ବନ କରିବା ଫଳରେ ଖରିଫ୍ ଫସଲ ଅମଳ କାମ ପୂର୍ବାପେକ୍ଷା ସହଜ ହୋଇ ପାରୁଛି । ଏହା ଫଳରେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ରୋଗପୋକ ଆକ୍ରମଣଜନିତ କ୍ଷତିକୁ କମାଇ ଦିଆଯାଇ ପାରିଛି । ସାଧାରଣତଃ ସ୍ୱଳ୍ପକାଳ ମଧ୍ୟରେ ଉତ୍ପନ୍ନ ହେଉଥିବା ଧାନ ବିହନ ବ୍ୟବହାର କରାଯାଉଛି । ପ୍ରଥମ ଫସଲ ଅମଳ ପରେ ଆର୍ଦ୍ରତା ଥିବା ଧାନ ଜମିରେ ଦ୍ୱିତୀୟଫସଲ ରୂପେ ଡାଲି ଜାତୀୟ ଶସ୍ୟ ବା ତୈଳବୀଜ ଚାଷ ପାଇଁ ପରାମର୍ଶ ଦିଆ ଯାଉଛି । ବହୁସ୍ଥାନରେ ଏହି ପଦ୍ଧତିର ପ୍ରସାର ଘଟୁଛି ।

୨୦ । ଗତ ଦଶନ୍ଧି ମଧ୍ୟରେ ଜଳସେଚିତ ଅଞ୍ଚଳମାନଙ୍କରେ ରବି ଓ ଗ୍ରୀଷ୍ମ ଋତୁରେ ଧାନ ଚାଷ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା । ଫସଲ ଭଲ ହୋଇଥିଲା ଏବଂ ଦାମ୍ ମଧ୍ୟ ଆକର୍ଷଣୀୟ ଥିଲା । ତଥାପି ବିଶେଷ କରି ମଇ ମାସରେ ଯେତିକି ପାଣି ମିଳୁଥାଏ ତାକୁ ଯାହିଁ ଚାଷ ଜମିର ପରିମାଣ ସୀମିତ ହୋଇଥାଏ । ଏହି କାରଣରୁ ଖୁବ୍ ଅଳ୍ପ ଚାଷୀ ଏହି ଚାଷ ଫଳରେ ଲାଭବାନ ହୋଇଥାନ୍ତି । ବିଶେଷକରି ତ୍ରିକୋଣଭୂମି ଅଞ୍ଚଳରେ ସାରାବର୍ଷ ଜଳସେଚନ ହେଉଥିବା କାରଣରୁ ଜଳ ନିଷ୍କାସନ ଗୋଟିଏ ବଡ଼ ସମସ୍ୟା ରୂପେ ଦେଖା ଦେଇଥିଲା । ପଟାମୁଣ୍ଡାଇ କେନାଲ ବନ୍ଦ ହେବା ଫଳରେ ଡାଲି ଜାତୀୟ ଶସ୍ୟ ବହୁ ପରିମାଣ ଜମିରେ ଚାଷ ହୋଇ ପାରିଥିଲା ଏବଂ ଚାଷୀମାନେ ବେଶ୍ ରୋଜଗାର କରି ପାରିଥିଲେ । କହିବାକୁ ଗଲେ ସମୁଦାୟ ଖରିଫ୍ ଆୟାକଟ ଅଞ୍ଚଳରେ ବହୁ ସଂଖ୍ୟକ ଲୋକ ଡାଲି ଜାତୀୟ ଫସଲ ଚାଷ କରିଥିଲେ । ଡାଲି ଜାତୀୟ ଶସ୍ୟ ଚାଷ ହେବା ଦ୍ୱାରା ମୃତ୍ତିକାର ଉର୍ବରତା ବଢ଼ିଥାଏ, ମାତ୍ର ଦୁଇଟି ଧାନ ଫସଲ ଚାଷ ହେବା ଦ୍ୱାରା ମୃତ୍ତିକାର ପୁଷ୍ଟିକର ଉପାଦାନ କ୍ଷୟ ପାଇ ଯାଇଥାଏ । କେନାଲ ବନ୍ଦ ଫଳରେ ସବୁଠାରୁ ବେଶି ଯେଉଁ ଲାଭଟି ହେଲା ତାହା ହେଉଛି, ଗତ ୨୦ ବର୍ଷ ହେଲା ଗୁରୁତର ସମସ୍ୟା ସୃଷ୍ଟି କରୁଥିବା ଜଳ ନିଷ୍କାସନ ସମସ୍ୟା ବହୁ ପରିମାଣରେ ଆୟତ୍ତାଧୀନ ହୋଇ ପାରିବା । ଏହି ସମୟ ମଧ୍ୟରେ ଆବଶ୍ୟକୀୟ ଜଳ ନିଷ୍କାସନ ନାହାରଗୁଡ଼ିକୁ ଗଭୀର କରାଯାଇ ପାରିଥିଲା ଓ ମରାମତି କରାଯାଇ ପାରିଥିଲା । ବର୍ତ୍ତମାନ ମୁଁ ଦେଖି ପାରୁଛି ଯେ ଏହିଭଳି ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ତ୍ରିକୋଣଭୂମି ଅଞ୍ଚଳର ଅନ୍ୟାନ୍ୟ ଜଳସେଚିତ ଇଲାକାଗୁଡ଼ିକର ଲୋକମାନଙ୍କ ପକ୍ଷରୁ ପ୍ରବଳ ଦାବୀ ହେଉଛି । ଏହି ଯେଉଁ ସଂସ୍କାର କରାଗଲା ତାହା ସାଧାରଣ ଭାବରେ ରାଜ୍ୟ ପକ୍ଷରେ ଏବଂ ବିଶେଷକରି ତ୍ରିକୋଣଭୂମି ଅଞ୍ଚଳଗୁଡ଼ିକ ପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୋର ଦୃଢ଼ ବିଶ୍ୱାସ, ତ୍ରିକୋଣଭୂମି ଅଞ୍ଚଳରେ ଜଳସେଚନ ଓ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପରିଯୋଜନା ଦିଗରେ ପଟାମୁଣ୍ଡାଇ ରାସ୍ତା ଦେଖାଇଛି । ବର୍ତ୍ତମାନ ବିଭିନ୍ନ ଫସଲର ଦରଦାମ୍ ଦୃଷ୍ଟିରୁ ଚାଷର ଅଭିମୁଖ୍ୟରେ ଘଟିଥିବା ପରିବର୍ତ୍ତନ ସମୟୋପଯୋଗୀ ହୋଇଛି ।

୨୧ । ଏଭଳି ଉନ୍ନୟନ ତଥା ସମ୍ପ୍ରସାରଣ କାର୍ଯ୍ୟକ୍ରମ ଦ୍ୱାରା ୧୯୭୬-୭୭ରେ ମାତ୍ର ୯.୭ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯାଇଥିବା ସ୍ଥଳେ ୧୯୭୭-୭୮ ରେ ୧୩.୭ଲକ୍ଷ ହେକ୍ଟରକୁ ଏହି ଫସଲ ବୃଦ୍ଧି କରାଯାଇପାରିଛି । ଉତ୍ପାଦନ ମଧ୍ୟ ୪.୧ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୬.୮ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ସେହିପରି ୧୯୭୬-୭୭ ଓ ୧୯୭୭-୭୮ ମଧ୍ୟରେ ତୈଳବୀଜ ଚାଷ ୩.୨୫ ଲକ୍ଷ ହେକ୍ଟରରୁ ୪.୨୭ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇବାସଙ୍ଗେ ସଙ୍ଗେ ଉତ୍ପାଦନ ପରିମାଣ ମଧ୍ୟ ୨.୦୬ ଲକ୍ଷ ମେଟ୍ରିକ୍ ଟନରୁ ୨.୮୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଥିଲା । ଚଳିତବର୍ଷ ଓ ଆଗାମୀ ବର୍ଷରେ ବି ଠିକ୍ ଏଭଳି ବୃଦ୍ଧି ଘଟିବ ବୋଲି ଆଶା କରାଯାଏ ।

୨୨ । ବିଗତ ବର୍ଷ ମୋଟ ଖାଦ୍ୟ ଉତ୍ପାଦନ ୩୨.୨ ଲକ୍ଷ ଟନ୍ ହୋଇଥିବାସ୍ଥଳେ ୧୯୭୭-୭୮ରେ ଏହା ୪୩.୨ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଥିଲା । ବିଗତ ବର୍ଷ ହେକ୍ଟର ପ୍ରତି ହାରାହାରି ଉତ୍ପାଦନ ପରିମାଣ ୭.୩୫ କୁଇଣ୍ଟାଲ ହୋଇଥିବାସ୍ଥଳେ ୧୯୭୭-୭୮ରେ ଥିଲା ୯.୮୧ କୁଇଣ୍ଟାଲ । ସର୍ବଭାରତୀୟ ସ୍ତରରେ ହାରାହାରି ଉତ୍ପାଦନ ପରିମାଣ ହେଉଛି ପ୍ରାୟ ୧୨ କୁଇଣ୍ଟାଲ ।

୨୩ । କୃଷି ନିମନ୍ତେ ବିହନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମୟିକ ଭାବେ ବିହନ ବଦଳା ଯାଉ ନ ଥିବାରୁ ଆମର କୃଷି ଉତ୍ପାଦନରେ ଗୁରୁତର ପ୍ରଭାବ ପଡୁଛି । ଭଲ କିସମ ବିହନ ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଆମେ ଗୋଟିଏ ବିହନ କର୍ପୋରେସନ ପ୍ରତିଷ୍ଠା କରିଛୁ । ଏହି କର୍ପୋରେସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ ବଡ଼ ଚାଷୀଙ୍କ ଜରିଆରେ ବିହନ ଉତ୍ପାଦନ କରି ପୂର୍ବ ନିର୍ଦ୍ଧାରିତ ଦରରେ ସେସବୁ ବିହନ ସଂଗ୍ରହ କରାଯିବ । କର୍ପୋରେସନ ଏସବୁ ବିହନକୁ ସଂଶୋଧନ କରି ଯଥାଯଥ ଭାବେ ସଂରକ୍ଷିତ କରିବେ ଏବଂ ବ୍ୟାପକ ଭାବେ ଖୋଲା ଯାଇଥିବା ସମବାୟ ସଂସ୍ଥା ଓ ବେସରକାରୀ ବିକ୍ରେତାମାନଙ୍କ ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦେବେ ।

୨୪ । ୧୯୭୭-୭୮ରେ ପୋଷଣକ୍ଷମ ସାର ବ୍ୟବହାର ୬୫ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ମୋ ସରକାର ବିଭିନ୍ନ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ଜରିଆରେ ସାର ବ୍ୟବହାର ବୃଦ୍ଧି କରିବା ଦିଗରେ ଉଦ୍ୟମ ଚଳାଇଛନ୍ତି । କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଏହା ନିତାନ୍ତ ପ୍ରୟୋଜନ ।

୨୫ । ରାଜ୍ୟରେ ବିଶେଷ କରି ଆଦିବାସୀ ବହୁଳ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ଫଳଚାଷ କ୍ଷେତ୍ରରେ ଉନ୍ନତି ଘଟିଥିବା ଲକ୍ଷ୍ୟକରି ମୁଁ ବିଶେଷ ଆନନ୍ଦିତ । ନୂତନ କରି ପ୍ରବର୍ତ୍ତନ କରାଯାଇଥିବା ଘନ କଲମୀ (ଇନସିଟୁ) ପ୍ରଣାଳୀ ବିଶେଷ ଲୋକପ୍ରିୟ ହୋଇ ପାରିଛି । ସମଗ୍ର ରାଜ୍ୟରେ ନଡ଼ିଆ ଚାଷ ପ୍ରତି ମଧ୍ୟ ବ୍ୟାପକ ଆଗ୍ରହ ସୃଷ୍ଟି ହୋଇଛି । ଲୋକମାନଙ୍କ ମଧ୍ୟରେ ବହୁଳ ଭାବେ ବଣ୍ଟାଯିବା ଉଦ୍ଦେଶ୍ୟରେ ଉନ୍ନତ

ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ୧୯୭୮ ମସିହା ନଭେମ୍ବର ମାସ ସୁଦ୍ଧା ୧୯୫୬ ମସିହାର ୨ ନମ୍ବର ରେଗୁଲେସନ୍ ଅନୁସାରେ ୧୪୮୬୨·୧୫ ଏକର ଜମି ଏବଂ ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁସାରେ ୬୦୭୪·୯୪ ଏକର ଜମି ମୂଳ ମାଲିକମାନଙ୍କୁ ପ୍ରତ୍ୟର୍ପଣ କରଯାଇଛି । ଗୋତି ଶ୍ରମିକମାନଙ୍କ ବିଷୟ ପ୍ରତି ଗୁରୁତର ଧ୍ୟାନ ଦିଆଯାଇଛି । ୧୯୭୮ ଡିସେମ୍ବର ମାସ ସୁଦ୍ଧା ଏ ସମ୍ପର୍କରେ ୭୧୧ଟି ମାମଲା ଦାଏର କରଯାଇଛି । ଭାରତ ସରକାରଙ୍କଠାରୁ ୫୦% ସାହାଯ୍ୟ ନିଆଯାଇ ଗୋତି ଶ୍ରମିକମାନଙ୍କ ଥଇଥାନ ପାଇଁ ପରିକଳ୍ପନା ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ।

୧୪ । ମୋ ସରକାର ଚକବନ୍ଦୀ କାର୍ଯ୍ୟକ୍ରମ ପ୍ରତି ବିଶେଷ ଅଗ୍ରାଧିକାର ଦେଇଛନ୍ତି । ଆଗାମୀ ୧୦ ବର୍ଷ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମକୁ ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚକବନ୍ଦୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି ବିଶ୍ୱବ୍ୟାଙ୍କର ସହାୟତାକୁ ହିସାବକୁ ନିଆଯାଇଛି । ବୃହତ୍ତର ଜଳସେଚିତ ଅଞ୍ଚଳଗୁଡ଼ିକରେ ୬·୪୬ ଲକ୍ଷ ହେକ୍ଟର ଚାଷ ଜମିକୁ ଚକବନ୍ଦୀ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇ ସାରିଲାଣି । ଉକ୍ତ କାର୍ଯ୍ୟକ୍ରମ ସମାପ୍ତ ହେଲେ ଅତି ଦରକାରୀ କୃଷି ଉତ୍ପାଦନ ବୃଦ୍ଧିରେ ତାହା ବିଶେଷ ସହାୟକ ହେବ । ଏହା ଆମ ଚାଷୀମାନଙ୍କ ପାଇଁ ସମୃଦ୍ଧିର ଏକ ନୂଆ ଯୁଗର ସୂତ୍ରପାତ କରିବ ।

୧୫ । ନିଶା ନିବାରଣ ବ୍ୟବସ୍ଥାର ପ୍ରବର୍ତ୍ତନକୁ ଏକ ଜାତୀୟ ନୀତି ରୂପେ ଗ୍ରହଣ କରାଯାଇଛି । ସମଗ୍ର ରାଜ୍ୟରେ ଆଗାମୀ ୪ ବର୍ଷ ମଧ୍ୟରେ ନିଶା ନିବାରଣ ବ୍ୟବସ୍ଥାକୁ ପ୍ରବର୍ତ୍ତନ କରିବା ଲାଗି ଆମେ ମନସ୍ଥ କରିଛୁ। ଉକ୍ତ ନୀତି ଅନୁଯାୟୀ ୧୯୭୯-୮୦ ମସିହା ମଧ୍ୟରେ ଶତକଡ଼ା ୨୫ ଭାଗ ମଦ ଦୋକାନ ବନ୍ଦ କରିଦେବା ଲାଗି ପ୍ରସ୍ତାବ କରାଯାଇଛି । ସମଗ୍ର ରାଜ୍ୟରେ "ମଦ୍ୟପାନ ନିଷିଦ୍ଧ-ଦିବସମାନ" ପ୍ରବର୍ତ୍ତନ କରାଯାଇଛି । ଆଦିବାସୀମାନଙ୍କୁ ଶୋଷଣରୁ ମୁକ୍ତ କରିବା ଲାଗି କୋରାପୁଟ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ପ୍ରଭୃତି ତଫସିଲଭୁକ୍ତ ଜିଲାଗୁଡ଼ିକରେ ଚୁକ୍ତିବନ୍ଧ ବିକ୍ରୀ ବ୍ୟବସ୍ଥାକୁ ରଦ କରାଯାଇଛି, କିନ୍ତୁ ଆଦିବାସୀମାନଙ୍କୁ ସେମାନଙ୍କର ଘରୋଇ ବ୍ୟବହାର ଲାଗି ମଦ ପ୍ରସ୍ତୁତ କରିବା ପାଇଁ ଅନୁମତି ଦିଆଯାଇଛି । ଏହି ସବୁ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ରାଜକୋଷରୁ ୧·୭୫ କୋଟି ଟଙ୍କା କ୍ଷତି ହେବ ।

୧୬ । ଓଡ଼ିଶାର ଅର୍ଥନୀତି କ୍ଷେତ୍ରରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କୃଷି ଉତ୍ପାଦନର ଉନ୍ନତି ବିଧାନ ଦ୍ୱାରା ରାଜ୍ୟର ଆୟ ବିଶେଷ ଭାବେ ପ୍ରଭାବିତ ହୋଇଥାଏ । ତେଣୁ ମୋ ସରକାର ଅର୍ଥନୀତିର ଏହି ଦିଗ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ପ୍ରବଳ ବୃଷ୍ଟିପାତ ସତ୍ତ୍ୱେ ରାଜ୍ୟରେ ବାରମ୍ବାର ମରୁଡ଼ି ଓ ବନ୍ୟା ଘଟୁଛି ଏବଂ ଏହା ଫଳରେ କୃଷି ଉତ୍ପାଦନ ବ୍ୟାହତ ହେଉଛି । ମୌସୁମୀ ବର୍ଷାର ଖିଆଲରୁ କୃଷିକୁ ରକ୍ଷା କରିବା ଲାଗି ଭୂତଳ ଜଳ ସଂପଦର ବିକାଶ ସମେତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । କେବଳ ବୃହତ୍ ଓ ମଧ୍ୟମ ଜଳସେଚନ ପରିକଳ୍ପନା ବାବଦରେ ବିଗତ ୫ ବର୍ଷ ଅର୍ଥାତ ୧୯୭୪—୭୯ ମସିହା ମଧ୍ୟରେ ଆମ୍ଭେମାନେ ୧୦୩ କୋଟି ଟଙ୍କା ବିନିଯୋଗ କରିଥିଲୁ । ଏହା ବ୍ୟତୀତ, କ୍ଷୁଦ୍ର ଜଳସେଚନ ପରିକଳ୍ପନା ବାବଦରେ ଆମ୍ଭେମାନେ ୪୪ କୋଟି ଟଙ୍କା ବ୍ୟୟ କରିଛୁ । ଜଳସେଚନ ବାବଦରେ ମୂଳ ପଞ୍ଚମ ଯୋଜନାରେ ୧୨୬ କୋଟି ଟଙ୍କା ବିନିଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଆମେ ଏହି ଲକ୍ଷ୍ୟକୁ ଟପି ଏ ବାବଦରେ ଗତ ୫ବର୍ଷ ମଧ୍ୟରେ ୧୪୭ କୋଟି ଟଙ୍କା ବିନିଯୋଗ କରିଛୁ । ଏହାଛଡ଼ା ଏହି ସମୟ ମଧ୍ୟରେ କୃଷକମାନେ ସମବାୟ ଓ ବାଣିଜ୍ୟିକ ବ୍ୟାଙ୍କମାନଙ୍କଠୁ ୬୦ କୋଟି ଟଙ୍କା ଋଣ ଆଣି ୩ ଲକ୍ଷରୁ ଊର୍ଦ୍ଧ୍ୱ କୂପ ଖନନ କାର୍ଯ୍ୟ ହାତକୁ ନେଇଛନ୍ତି । ମୁଁ ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ ଓଡ଼ିଶାର ଜନସାଧାରଣ ଓ ଓଡ଼ିଶା ସରକାର ଉଭୟେ ମିଶି ଗତ ୫ ବର୍ଷ ଭିତରେ ୨୦୭କୋଟି ଟଙ୍କା ବିନିଯୋଗ କରିଛନ୍ତି । ପ୍ରଥମ ଯୋଜନା ଆରମ୍ଭରୁ ୪ର୍ଥ ଯୋଜନା ଶେଷ ପର୍ଯ୍ୟନ୍ତ ଏହିସବୁ ଧରଣର ସମସ୍ତ ଜଳସେଚନ ପରିକଳ୍ପନା ବାବଦରେ କେବଳ ୧୩୧ କୋଟି ଟଙ୍କା ବିନିଯୋଗ କରାଯାଇଥିଲା । ବିଗତ ୫ ବର୍ଷ ମଧ୍ୟରେ ୫·୫ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ଯୋଗାଇ ଦିଆଯାଇଛି । ଓଡ଼ିଶାରେ ପଞ୍ଚମ ଯୋଜନାପ୍ରାରମ୍ଭ ବେଳକୁ କେବଳ ୧୦·୮ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆ ଯାଇଥିଲା । ଏହି ବିବରଣୀରୁ ଓଡ଼ିଶାରେ ଜଳସେଚନ ବାବଦରେ ବିନିଯୁକ୍ତ ହୋଇଥିବା ଅର୍ଥ ଓ ତହିଁରୁ ମିଳିଥିବା ଲାଭ ସଂପର୍କରେ ମାନ୍ୟବର ସଦସ୍ୟମାନେ ଭଲ ଭାବରେ ହୃଦୟଙ୍ଗମ କରିପାରିବେ । ୫·୫ ଲକ୍ଷ ହେକ୍ଟର ଜମି ମଧ୍ୟରୁ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ଭିତରେ ୨·୫ ଲକ୍ଷ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା କରାଯାଇ ପାରିଛି । ଏହା କିଛି କମ୍ କଥା ନୁହେଁ ।

୧୭ । ରାଜ୍ୟରେ ଥିବା ସମୁଦାୟ ପ୍ରାୟ ୬୦ ଲକ୍ଷ ହେକ୍ଟର ଚାଷ ଜମି ମଧ୍ୟରୁ ମୋଟାମୋଟି୧୬·୩ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ଜଳସେଚନ ସୁବିଧା ଯୋଗାଇବାରେ ଏଭଳି ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଯୋଗୁଁ ମୁଁ ମୋ ସରକାରଙ୍କୁ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ଜନସାଧାରଣ ଏହି ଯୋଜନାକାଳ ମଧ୍ୟରେ ଉଲ୍ଲେଖଯୋଗ୍ୟ ଭାବରେ ଭୂତଳ ଜଳ ବିକାଶ କାର୍ଯ୍ୟ ଆରମ୍ଭ କରିଥିବା ଯୋଗୁଁ, ଏହି ଅବସରରେ ସେମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

୧୮ । ରାଜ୍ୟର ବହୁ ଅଞ୍ଚଳ ଏବେ ମଧ୍ୟ ବର୍ଷାଧାର ଜମି ହୋଇ ରହିଛି । ଏଭଳି ବର୍ଷାଧାର ଜମିରୁ ସର୍ବାଧିକ ଫସଲ ଅମଳ କରିବା କୃଷି ବିଭାଗର ଏକ ପ୍ରଧାନ ଦାୟିତ୍ୱ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଓ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟଙ୍କଠାରୁ ମିଳୁଥିବା ସର୍ବଶେଷ ଗବେଷଣା-ଲବ୍ଧ ଜ୍ଞାନ ସାହାଯ୍ୟରେ କୃଷି ଉତ୍ପାଦନ ତଥା ଆୟ ବୃଦ୍ଧି ପାଇଁ କୃଷକଙ୍କୁ ଉପଯୁକ୍ତ କୃଷି ପ୍ରଣାଳୀ ସଂପର୍କରେ ପରାମର୍ଶ ଦେବା ସଂପୃକ୍ତ ବିଭାଗ ପକ୍ଷରେ ସମ୍ଭବପର ହୋଇଛି । ଏହି ଗବେଷଣା-ଲବ୍ଧ ଜ୍ଞାନ ଯେପରି ଉପଯୁକ୍ତ ସମୟରେ ଚାଷୀମାନଙ୍କ ନିକଟରେ ପହଞ୍ଚି ପାରିବ ତହିଁର ନିଶ୍ଚିତ ବ୍ୟବସ୍ଥା କରିବା ପାଇଁ ମୋ ସରକାର ଭାରତ ସରକାର, ଖାଦ୍ୟ ଓ କୃଷି ଅନୁଷ୍ଠାନ ଓ ବିଶ୍ୱବ୍ୟାଙ୍କଠାରୁ ବିଶେଷଜ୍ଞ ପରାମର୍ଶ ଲୋଡ଼ିଥିଲେ ଏବଂ ସମୁଦାୟ ସଂପ୍ରସାରଣ ସଂସ୍ଥାକୁ ପୁନର୍ଗଠନ କରିଥିଲେ । କୃଷି ବିଜ୍ଞାନ, ଉଦ୍ଭିଦ ସଂରକ୍ଷଣ ପ୍ରଭୃତି ବିଭିନ୍ନ ବିଷୟବସ୍ତୁ ଉପରେ ବିଶେଷଜ୍ଞମାନଙ୍କୁ ସବ୍‌ଡ଼ିଭିଜନ ଓ ଜିଲାସ୍ତରମାନଙ୍କରେ ଅବସ୍ଥାପିତ କରାଯାଇଛି । ଗ୍ରାମ୍ୟ କୃଷି କର୍ମୀ ଓ କୃଷି ସଂପ୍ରସାରଣ ଅଧିକାରୀମାନଙ୍କ ପାଇଁ ଧାରାବାହିକ ଭିତ୍ତିରେ ଏକ ବହୁଳ ତାଲିମ କାର୍ଯ୍ୟକ୍ରମ ସଂଗଠିତ ହେଉଛି । ଚାଷୀମାନେ ସେମାନଙ୍କ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ କେଉଁ କେଉଁ ସମୟରେ କୃଷି ବିଶେଷଜ୍ଞମାନଙ୍କ ସାକ୍ଷାତ ଲାଭ କରିପାରିବେ, ପ୍ରତ୍ୟେକ ଗ୍ରାମର ଚାଷୀ ସେ ବିଷୟରେ ଅବଗତ ହେବା ଦୃଷ୍ଟିରୁ ଗ୍ରାମଗୁଡ଼ିକୁ ନିୟମିତ ଭବରେ ପରିଦର୍ଶନ କରିବାପାଇଁ ବ୍ୟବସ୍ଥା କରାଯାଇଛି ।ତାଲିମ ଅଧିବେଶନ ଚାଲିଥିବା ବେଳେ ଗ୍ରାମର ଚାଷୀମାନଙ୍କଠାରୁ ଜିଲ୍ଲା କୃଷି ଅଧିକାରୀ ଓ ଉପନିର୍ଦ୍ଦେଶକମାନଙ୍କ ନିକଟକୁ ନାନା ସମସ୍ୟା ଆସି ପହଞ୍ଚେ । ସେତେବେଳେ ସମସ୍ୟାଗୁଡ଼ିକୁ ଚିହ୍ନୋଟ କରିବା ଓ ଯଥା ସମୟରେ ସମାଧାନ କରିବା ସୁବିଧା ହୋଇଥାଏ । ତାଲିମ ସମୟରେ ସମବାୟ ଓ ବ୍ୟବସାୟୀ ବ୍ୟାଙ୍କ ଏବଂ ବେସରକାରୀ ବ୍ୟବସାୟୀଙ୍କ ଭଳି ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ସହିତ ସଂପର୍କ ସ୍ଥାପନ

୩୨ । ଦାଦନ ଶ୍ରମିକମାନଙ୍କ ସମସ୍ୟା ପ୍ରତି ମୋ ସରକାର ବିଶେଷ ସଜାଗ ଅଛନ୍ତି । ରାଜ୍ୟର ଦାଦନ ଶ୍ରମିକ ସମେତ ରାଜ୍ୟ ରାଜ୍ୟ ମଧ୍ୟରେ ସ୍ଥାନାନ୍ତରିତ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଗଠିତ କମିଟି ସୁପାରିଶ୍ କରିଛନ୍ତି । ଏହି ଶ୍ରମିକମାନଙ୍କର କଲ୍ୟାଣ ପ୍ରତି ଦୃଷ୍ଟି ଦେବା ପାଇଁ ଓଡ଼ିଶାର ଅଫିସରମାନଙ୍କୁ ନିଯୁକ୍ତ କରିବା ନିମନ୍ତେ ସରକାର ନିଷ୍ପତ୍ତି କରି ସାରିଛନ୍ତି ।

୩୩ । ସଂରକ୍ଷିତ ଶ୍ରେଣୀର ଲୋକମାନଙ୍କ ସୁବିଧା ପାଇଁ ଷଷ୍ଠ ଯୋଜନା କାଳରେ ରାଜ୍ୟ ରାଜଧାନୀରେ ଏକ କେନ୍ଦ୍ରୀୟ କର୍ମ ସଂସ୍ଥାନ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ପ୍ରସ୍ତାବ ରହିଛି । ଏହିଭଳି ଚାକିରୀ ଅନ୍ୱେଷଣକାରୀଙ୍କ ସୁବିଧା ନିମନ୍ତେ ଜିଲ୍ଲା କର୍ମ ସଂସ୍ଥାନ କାର୍ଯ୍ୟାଳୟମାନଙ୍କରେ ସ୍ୱତନ୍ତ୍ର କର୍ମସ୍ଥାନ ସେଲ ଖୋଲିବା ପାଇଁ ପ୍ରସ୍ତାବ ରହିଛି ।

୩୪ । ପାନୀୟ ଜଳ ଯୋଗାଣ ହେଉଛି ଏକ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ପାନୀୟ ଜଳ ଯୋଗାଣ ଦୃଷ୍ଟିରୁ ଓଡ଼ିଶାରେ ୧୯ ହଜାର ୩୮୪ ଗୋଟି ଗ୍ରାମକୁ ସମସ୍ୟାବହୁଳ ଗ୍ରାମ ବୋଲି ଚିହ୍ନୋଟ କରାଯାଇଛି । ଏହିସବୁ ଗ୍ରାମରେ ହୁଏତ ସ୍ୱାସ୍ଥ୍ୟହାନି ହେଲାଭଳି ପରିସ୍ଥିତି ରହିଛି, ଅଥବା ଜନବସତି ନିକଟରେ ପାନୀୟ ଜଳକୂପ ଆଦୌ ନାହିଁ କିମ୍ବା ନିକୃଷ୍ଟ ଧରଣର ପାଣି ମିଳୁଛି । ମୋ ସରକାର ୧୯୮୦ମାର୍ଚ୍ଚ ମାସ ସୁଦ୍ଧା ୪ ହଜାର ୬୬୮ ଗୋଟି ଗ୍ରାମରେ ଗୋଟିଏ ଲେଖାଏଁ ନଳକୂପ ବସାଇଛନ୍ତି । ଚଳିତ ବର୍ଷ ମଧ୍ୟ ଆହୁରି ୩ ହଜାର ୬୩ ଟି ଗ୍ରାମରେ ନଳକୂପ ବସାଯିବ । ଆସନ୍ତା ବର୍ଷ ୪ ହଜାର ୨୦୦ ଗ୍ରାମରେ ନଳକୂପ ବସାଯିବ । ଏହିଭଳି ସ୍ୱାସ୍ଥ୍ୟହାନି ସମ୍ଭାବନା ଥିବା ୧୨ ହଜାର ୧୪୧ ଗୋଟି ଗ୍ରାମରେ ଅନ୍ୟୂନ ଗୋଟିଏ ଲେଖାଏଁ ନଳକୂପ ବସାଯିବ । ଅବଶିଷ୍ଟ ୭ ହଜାର ୧୪୩ ଗୋଟି ଗ୍ରାମରେ ସ୍ୱାସ୍ଥ୍ୟକର (ସାନିଟାରୀ) କୂପ ଖନନ କରାଯିବ । ଏଥିମଧ୍ୟରୁ ୬ ହଜାର ୪୪ ଟି ଗ୍ରାମରେ କୂପ ଖନନ ସରିଛି ଏବଂ ଅବଶିଷ୍ଟ କୂପ ଆସନ୍ତା ବର୍ଷ ସଂପୂର୍ଣ୍ଣ ହେବ । ଏଥିରୁ ଜଣାଯିବ ଯେ ମୋ ସରକାର ଆସନ୍ତା ବର୍ଷ ଶେଷ ସୁଦ୍ଧା ଚିହ୍ନୋଟ କରାଯାଇଥିବା ସମସ୍ତ ଗ୍ରାମରେ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ଏହା ସଙ୍ଗେ ସଙ୍ଗେ ଯେଉଁ ଗ୍ରାମଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳର ସୁବିଧା ନାହିଁ ଅଥବା ସୁରକ୍ଷିତ ପାନୀୟ ଜଳ ମିଳୁନାହିଁ ସେ ଗ୍ରାମଗୁଡ଼ିକ ଚିହ୍ନୋଟ କରିବା ପାଇଁ ସର୍ଭେ ମଧ୍ୟ କରାଯାଉଛି । ଗତବର୍ଷ ମଧ୍ୟରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆମର ସାଫଲ୍ୟ ସମଗ୍ର ଦେଶରେ ସର୍ବୋତ୍କୃଷ୍ଟ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ ।

୩୫ । ଆମ ରାଜ୍ୟ ପ୍ରତି ପ୍ରକୃତିର ବହୁବିଧ ଅବଦାନ ମଧ୍ୟରୁ ବିସ୍ତୀର୍ଣ୍ଣ ସବୁଜ ତଥା ମନୋରମ ଅରଣ୍ୟାନୀ ଅନ୍ୟତମ । ଏଗୁଡ଼ିକ କେବଳ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳ ନୁହେଁ, ବରଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ଏମାନଙ୍କ ଅବଦାନ ଉଲ୍ଲେଖନୀୟ । ଆମର ଏହି ବିପୁଳ ଜଙ୍ଗଲ ସଂପଦର ଯେତେ ଶୀଘ୍ର କ୍ଷୟ ଘଟୁଛି ତାହା ବାସ୍ତବିକ ଅତ୍ୟନ୍ତ ଦୁଃଖଦାୟକ । ଜଙ୍ଗଲ କ୍ଷତିଜନିତ ଦୁର୍ଦ୍ଦଶାର ଭରଣା ପାଇଁ ମୋ ସରକାର ଏକ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ୧୯୭୮-୭୯ ମସିହାରେ ୨୪ ହଜାର ୮୧୦ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯାଇଛି । ୩୮୬ କିଲୋମିଟର ଦୀର୍ଘ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ପାଇଁ ଯୋଜନା କରାଯାଇଛି । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ୭୭୩.୪୫ ଲକ୍ଷ ଟଙ୍କା ବ୍ୟୟରେ ବୃକ୍ଷରୋପଣ ପାଇଁ ମୋ ସରକାର ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ଭାରତ ସରକାର ଗ୍ରହଣ କରିଛନ୍ତି ।

୩୬ । ସୁଦୀର୍ଘ ଉପକୂଳ ତଥା ଜଳାଶୟର ବହୁଳତା ଦୃଷ୍ଟିରୁ ଓଡ଼ିଶାରେ ମତ୍ସ୍ୟ ସଂପଦବିକାଶର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ । ଏଣୁ ଗ୍ରାମାଞ୍ଚଳରେ ସଘନ ଓ ମିଶ୍ରିତ ମତ୍ସ୍ୟ ଚାଷ କାର୍ଯ୍ୟକ୍ରମ, ଖାରିଆ ପାଣିରେ ମାଛ ଚାଷ, ଜଳାଶୟର ଉନ୍ନୟନ, ଆଭ୍ୟନ୍ତରୀଣ ଧୀମର ଜଳ ତଥା ସାମୁଦ୍ରିକ ମାଛ ଧରା ବ୍ୟବସ୍ଥାର ସଂପ୍ରସାରଣ, ବୃହତ ଧରଣର ମତ୍ସ୍ୟ ବିକ୍ରୟ କେନ୍ଦ୍ର ତଥା ଶୁଖୁଆ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ମାଛ ଯାଆଁଳ ଉତ୍ପାଦନ ବ୍ୟବସ୍ଥାରେ ଉନ୍ନତି ପ୍ରଭୃତି ନୂତନ କାର୍ଯ୍ୟକ୍ରମମାନ ସରକାର ହାତକୁ ନେଇଛନ୍ତି । କେନ୍ଦ୍ରୀୟ ସହାୟତାରେ ଗଞ୍ଜାମ, ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗିର, ଫୁଲବାଣୀ ଓ ମୟୂରଭଞ୍ଜ ଏହି ଛଅଟି ଜିଲ୍ଲାରେ ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା ପ୍ରତିଷ୍ଠିତ ହୋଇଛି । ଏହି ସଂସ୍ଥାଗୁଡ଼ିକ ମତ୍ସ୍ୟ ଚାଷୀଙ୍କୁ ଚିହ୍ନୋଟ କରି ସେମାନଙ୍କର ନିଜ ନିଜ ପୁଷ୍କରିଣୀରେ ମାଛ ଚାଷର ଉନ୍ନତି ପାଇଁ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକରୁ ଋଣ ପାଇବାରେ ସାହାଯ୍ୟ କରୁଛନ୍ତି । ସମୁଦ୍ରରୁ ମାଛ ଧରିବା ପାଇଁ ଦେଶୀ ଡଙ୍ଗା ଓ ଜାଲ ଖରିଦ କରିବା ନିମନ୍ତେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ସାହାଯ୍ୟ ଦିଆଯାଉଛି । ଧାମରା ମାଛଧରା ବନ୍ଦରଠାରେ ମାଛ ଖଲାସ କରିବା ଓ ଡଙ୍ଗାଗୁଡ଼ିକ ଆଶ୍ରୟ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ, ଚାନ୍ଦିପୁରଠାରେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସୁବିଧା ଦେବା, ବାଲୁଗାଁ, କାଳୁପଡ଼ା ଓ ସାତପଡ଼ାଠାରେ ଛୋଟ ମତ୍ସ୍ୟପୋତ (ଜେଟି) ନିର୍ମାଣ ପ୍ରଭୃତି କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଛି । ଅସ୍ତରଙ୍ଗ ମାଛଧରା ବନ୍ଦର ନିର୍ମାଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ପ୍ରସ୍ତାବ କରିଛନ୍ତି ଏବଂ ଭାରତ ସରକାରଙ୍କ ଅନୁମୋଦନ ନିମନ୍ତେ ଏହା ପଠାଯାଇଛି ।

୩୭ । ପଶୁପାଳନ କାର୍ଯ୍ୟକ୍ରମର ବିକାଶ କ୍ଷେତ୍ରରେ ଆମର ପ୍ରଧାନ ଆଭିମୁଖ୍ୟ ହେଉଛି ଗୋ ସଂପଦର ବିକାଶ ସାଧନ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଚାଷ ନିମନ୍ତେ ବିଦେଶୀ-ପ୍ରଜନନ ପଶୁ ସାହାଯ୍ୟରେ ଜାତିଆ ଗୋରୁ ଉତ୍ପାଦନ କରିବା । କୃତ୍ରିମ ପ୍ରଜନନ ପାଇଁ ଘନୀଭୂତ ଗୋବୀର୍ଯ୍ୟ ସଂଗ୍ରହ କରିବା ଏଥିର ଅନ୍ୟ ଏକ ମୁଖ୍ୟ ଦିଗ । କଳାହାଣ୍ଡି, ଫୁଲବାଣୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ଭାରତୀୟ କୃଷି ଶିଳ୍ପ ପ୍ରତିଷ୍ଠାନର ସହାୟତା କ୍ରମେ ଉନ୍ନତ ସଙ୍କର ବାଛୁରୀ ଉତ୍ପାଦନ ପାଇଁ ଏକ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯିବ । ବିଭିନ୍ନ ଗୋ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଦୁଗ୍ଧ ଉତ୍ପାଦନ ବର୍ତ୍ତମାନ ଉତ୍ପାଦନ ତୁଳନାରେ ୧୯୭୯-୮୦ ମସିହା ସୁଦ୍ଧା ୮,୦୦୦ ଟନକୁ ବୃଦ୍ଧି ପାଇବାର ଆଶା କରାଯାଉଛି । ଚାଷୀମାନଙ୍କର ଉଦ୍‌ବୃତ୍ତ ଦୁଗ୍ଧ ବିକ୍ରୟ ପାଇଁ ୧୪୫ ଗୋଟି ସମବାୟ ସମିତି ଗଠନ ନିମନ୍ତେ ପ୍ରସ୍ତାବ ରହିଛି । କଟକଠାରେ ଡେନ୍‌ମାର୍କ ସରକାରଙ୍କ ସହାୟତାରେ ଗୋବୀର୍ଯ୍ୟ ସଂରକ୍ଷଣ ପାଇଁ ଏକ ଘନୀଭୂତ ଗୋବୀର୍ଯ୍ୟ ଭଣ୍ଡାର ପ୍ରତିଷ୍ଠିତ ହୋଇଛି । ଚଳିତ ବର୍ଷ ମଧ୍ୟରେ ଏଠାରୁ ୧୦୦ଟି କୃତ୍ରିମ ପ୍ରଜନନ କେନ୍ଦ୍ରକୁ ଗୋବୀର୍ଯ୍ୟ ଯୋଗାଇ ଦିଆଯାଇପାରିବ । ଦୁଗ୍ଧ ଉତ୍ପାଦନ ପାଇଁ ଗୋଖାଦ୍ୟ ପ୍ରସ୍ତୁତ କରିବା ଅତ୍ୟନ୍ତ ଆବଶ୍ୟକ । ତେଣୁ ଘାସ ବିହନ ଉତ୍ପାଦନ କରି ସେଗୁଡ଼ିକୁ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି ।

୩୮ । ନିର୍ମାଣାଧୀନ ଥିବା ଜଳସେଚନ ଯୋଜନାଗୁଡ଼ିକୁ ଆସନ୍ତା ବର୍ଷ ମଧ୍ୟରେ ଜଳସେଚନ ବିଭାଗ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକ ଧ୍ୟାନ ଦେବେ । ପରିକଳ୍ପିତ ଏକମାତ୍ର ନୂତନ ଯୋଜନାଟି ହେଉଛି ମୟୂରଭଞ୍ଜର ବଙ୍କାବିହା ଯୋଜନା । ଆସନ୍ତା ବର୍ଷରେ ଯେଉଁ

କିସମର ଗୁରା ଉତ୍ପାଦନ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହାଛଡ଼ା ଉତ୍କୃଷ୍ଟ ଧରଣର ନଡ଼ିଆଗଛ ଚିହ୍ନୋଟ କରାଯାଇ ସେଭଳି ନଡ଼ିଆ ଗଛର ପ୍ରସାର ନିମନ୍ତେ ସେ ସବୁ ଗଛର ନଡ଼ିଆ ଖରିଦ କରାଯାଉଛି । ଡେଙ୍ଗା ଓ ବାମନ ନଡ଼ିଆ ଗଛର ସମ୍ମିଶ୍ରଣରେ ଅଧିକ ଅମଳକ୍ଷମ ତଥା ଶୀଘ୍ର ବଢୁଥିବା ନଡ଼ିଆଗଛ ଉଦ୍ଭାବନ ଦିଗରେ ଗବେଷଣା କାର୍ଯ୍ୟ ଅବ୍ୟାହତ ରହିଛି ।

୨୬ । ବର୍ଷା ଉପରେ ନିର୍ଭର କରୁଥିବା କୃଷି ପାଇଁ ଜଳ ବିଭାଜିକା ବ୍ୟବସ୍ଥା ଅବଲମ୍ବନ କରିବା ସକାଶେ ଏବେ ଗୋଟିଏ ନୂଆ କୌଶଳ ଉଦ୍ଭାବନ କରାଯାଇଛି । ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ଉପ-ଜଳ ବିଭାଜିକା ଅଞ୍ଚଳକୁ ଏକ ପୂର୍ଣ୍ଣାଙ୍ଗ ଅଞ୍ଚଳରୂପେ ଧରାଯାଉଛି ଏବଂ ବିଭିନ୍ନ ସ୍ତରରେ ଅବସ୍ଥିତ ଜମି ନିମନ୍ତେ ଉପଯୁକ୍ତ ଫସଲ ଢାଞ୍ଚା ସ୍ଥିର କରାଯିବା ସଙ୍ଗେ ସଙ୍ଗେ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ପାଇଁ ଆବଶ୍ୟକୀୟ ପନ୍ଥା ନିର୍ଦ୍ଦେଶ କରି ଦିଆ ଯାଉଛି । ଆବଶ୍ୟକୀୟ ସର୍ବେକ୍ଷଣ (ସର୍ଭେ) ଓ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ପରିଚାଳନା ସଂକ୍ରାନ୍ତ ଯୋଜନା ପ୍ରସ୍ତୁତ କରାଯାଉଛି । ଅତି ଶୀଘ୍ର ଏ ଧରଣର ବହୁ ସଂଖ୍ୟକ ପଥପ୍ରଦର୍ଶକ ଯୋଜନା ହାତକୁ ନିଆଯିବ ।

୨୭ । ଗୌଣ ଫସଲ ଚାଷ କରାଯାଉଥିବା ଜମିରେ (ମାର୍ଜିନାଲ ଲ୍ୟାଣ୍ଡ) ବ୍ୟବସାୟିକ ଭିତ୍ତିରେ କାଜୁବାଦାମ ଚାଷ କରିବା ନିମନ୍ତେ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଗୋଟିଏ କାଜୁବାଦାମ ଉନ୍ନୟନ କର୍ପୋରେସନ ଗଠନ କରାଯାଉଛି । ଓଡ଼ିଶାରେ ନୂତନ କରି ଉଦ୍ଭାବନ କରାଯାଇଥିବା ପାର୍ଶ୍ୱ କଲମୀ (ସାଇଡ୍ ଗ୍ରାଫ୍ଟିଂ) ପ୍ରଣାଳୀ ଅନ୍ୟାନ୍ୟ ରାଜ୍ୟର ଦୃଷ୍ଟି ଆକର୍ଷଣ କରିଛି । ଏହି ପ୍ରଣାଳୀ ଦ୍ୱାରା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇ ପାରୁଛି ।

୨୮ । ପଞ୍ଚମ ଯୋଜନା କାଳରେ ସମବାୟ କାର୍ଯ୍ୟକଳାପର ଉଲ୍ଲେଖନୀୟ ପ୍ରସାର ଘଟିଛି । ୧୯୭୪ରୁ ୧୯୭୮ ସୁଦ୍ଧା ୪ ବର୍ଷ ମଧ୍ୟରେ ସଭ୍ୟ ସଂଖ୍ୟା ଥିଲା ୧୬.୨୬ ଲକ୍ଷ । ଏହାକୁ ମୂଳ ବର୍ଷ ଧରାଗଲେ ଏହି ସମୟ ମଧ୍ୟରେ ସଭ୍ୟ ସଂଖ୍ୟା ଆହୁରି ୫.୬୬ ଲକ୍ଷକୁ ବୃଦ୍ଧି ପାଇଛି । ଏହି ସଭ୍ୟମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ହେଉଛନ୍ତି ଦୁର୍ବଳ ଶ୍ରେଣୀର । ସେହି ସମୟ ମଧ୍ୟରେ ବିନିଯୋଗ କରାଯାଇଥିବା ସ୍ୱଳ୍ପ ମିଆଦୀ ଋଣ ପରିମାଣ ୧୧କୋଟି ଟଙ୍କାରୁ ୨୬.୫୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଚତୁର୍ଥ ଯୋଜନା କାଳରେ ମଧ୍ୟମ ମିଆଦୀ ଋଣ ପରିମାଣ ୧.୩୭ କୋଟି ଟଙ୍କା ହୋଇଥିବା ସ୍ଥଳେ ପଞ୍ଚମ ଯୋଜନା କାଳରେ ଏହା ୯.୩୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଚତୁର୍ଥ ଯୋଜନା କାଳରେ ବିନିଯୋଗ ହୋଇଥିବା ଦୀର୍ଘ ମିଆଦୀ ଋଣ ପରିମାଣ ୩.୦୯ କୋଟି ଟଙ୍କା ହୋଇଥିବା ସ୍ଥଳେ ପଞ୍ଚମ ଯୋଜନା କାଳରେ ଏହା ୧୧.୪୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ସମବାୟ ସଂସ୍ଥାମାନଙ୍କର ମୋଟ ଜମା ପରିମାଣ ଥିଲା ୪୧.୩୫ କୋଟି ଟଙ୍କା । ଚତୁର୍ଥ ଯୋଜନା କାଳରେ ସମବାୟ ସଂସ୍ଥାମାନଙ୍କ ଜରିଆରେ ୮ କୋଟି ଟଙ୍କା ମୂଲ୍ୟର କୃଷିଜାତ ଦ୍ରବ୍ୟ ବିକ୍ରିବଟା ହୋଇଥିବା ସ୍ଥଳେ ପଞ୍ଚମ ଯୋଜନାରେ ବାର୍ଷିକ ୧୬ କୋଟି ଟଙ୍କା ମୂଲ୍ୟର ଏଭଳି କୃଷିଜାତ ସାମଗ୍ରୀ ବିକ୍ରିବଟା କରାଯାଉଥିଲା । ଗ୍ରାମାଞ୍ଚଳ ଗୋଦାମ ଗୁଡ଼ିକର ମହଜୁଦ କ୍ଷମତା ୩୪,୦୦୦ରୁ ୭୮,୦୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଥିଲା । ଗ୍ରାମାଞ୍ଚଳରେ ବିକ୍ରୀ କରାଯାଉଥିବା ଖାଉଟି ସାମଗ୍ରୀର ପରିମାଣ ବାର୍ଷିକ ୫୦ ଲକ୍ଷ ଟଙ୍କାରୁ ୧୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ସହରାଞ୍ଚଳରେ ଏହା ୧.୫ କୋଟି ଟଙ୍କାରୁ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ।

୨୯ । ୧୯୭୭-୭୮ରେ ସମବାୟ ଋଣ ଆକାରରେ ୫୧.୯୮ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସ୍ଥଳେ ୧୯୭୮-୭୯ରେ ଏହି ଋଣ ପରିମାଣ ୬୧.୫ କୋଟି ଟଙ୍କାକୁ ଏବଂ ୧୯୭୯-୮୦ ସୁଦ୍ଧା ୭୩ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସେହିପରି ଖାଉଟି ସମବାୟ ସଂସ୍ଥାଗୁଡ଼ିକ ଜରିଆରେ ଗତବର୍ଷ ୩୦.୬୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଖାଉଟି ସାମଗ୍ରୀ ବିକ୍ରୀ ହୋଇଥିବା ସ୍ଥଳେ ଚଳିତ ବର୍ଷ ଏଭଳି ବିକ୍ରୀ ପରିମାଣ ୪୨ କୋଟି ଟଙ୍କା ଏବଂ ଆଗାମୀ ବର୍ଷ ୫୨ କୋଟି ଟଙ୍କା ହେବ ।

୩୦ । ଦରଦାମ ବୃଦ୍ଧି ରୋକିବା ସଙ୍ଗେ ସଙ୍ଗେ ଲାଭଖୋର ବ୍ୟବସାୟୀଙ୍କ ଶୋଷଣରୁ ଖାଉଟିମାନଙ୍କ ସୁରକ୍ଷା ନିମନ୍ତେ ସମବାୟ ସଂସ୍ଥା ଜରିଆରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ଦିଗରେ ମୋ ସରକାର ଗୁରୁତ୍ୱ ଆରୋପ କରି ଆସିଛନ୍ତି । ଏ ଉଦ୍ଦେଶ୍ୟରେ ଶୀର୍ଷ ସମବାୟ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ୩୪ଟି ପାଇକାରୀ ସମବାୟ ଭଣ୍ଡାର, ୬୧୧ଟି ପ୍ରାଥମିକ ଖାଉଟି ଭଣ୍ଡାର ଏବଂ ଗ୍ରାମାଞ୍ଚଳରେ ବୃହତ ବହୁମୁଖୀ ସମବାୟ ସମିତି ସମେତ ୨,୮୪୯ଟି ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଯାଇଛି । ଏ ସମସ୍ତ ସମବାୟ ସଂସ୍ଥା ୩,୫୦୦ଖୁଚୁରା ବିକ୍ରୀ କେନ୍ଦ୍ର ଜରିଆରେ ୧୯୭୭-୭୮ରେ ୩୦.୬୫ କୋଟି ଟଙ୍କା ମୂଲ୍ୟର ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଯୋଗାଇ ଦେଇଥିଲେ । ଏହି ସମବାୟ ସଂସ୍ଥା ୧୯୭୮-୭୯ରେ ୪୨ କୋଟି ଟଙ୍କା ଏବଂ ୧୯୭୯-୮୦ରେ ୫୨ କୋଟି ଟଙ୍କା ମୂଲ୍ୟର ଖାଉଟି ସାମଗ୍ରୀ ବିକ୍ରୀ କରିବେ । ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଚାହିଦା ପୂରଣ ପାଇଁ ଗ୍ରାମାଞ୍ଚଳରେ ୬୨ଟି ଜନତା ଦୋକାନ ଖୋଲାଯାଇଛି । ଏ ସମସ୍ତ ଜନତା ଦୋକାନ ସମବାୟ ଭଣ୍ଡାରଗୁଡ଼ିକର ଶାଖା ରୂପେ କାର୍ଯ୍ୟ କରୁଛି । ୧୯୭୮-୭୯ ସୁଦ୍ଧା ଜନତା ଦୋକାନ ସଂଖ୍ୟା ୮୦କୁ ଏବଂ ୧୯୭୯-୮୦ରେ ୧୪୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି ।

୩୧ । ଭଲ ଫସଲ ହେବା ସଙ୍ଗେ ସଙ୍ଗେ ଯଥେଷ୍ଟ ଖାଦ୍ୟଶସ୍ୟ ଗଚ୍ଛିତ ରହିଥିବା ସତ୍ତ୍ୱେ ଚାଷୀମାନେ ଯେପରି ଉଚିତ୍ ମୂଲ୍ୟ ପାଇ ପାରିବେ ଓ ଅସୁବିଧାରେ ପଡ଼ି ଖାଦ୍ୟଶସ୍ୟ ଯେପରି ବିକ୍ରୀ ନ କରିବେ ଏ ଉଦ୍ଦେଶ୍ୟରେ ମୋ ସରକାର ଖାଦ୍ୟଶସ୍ୟ ସଂଗ୍ରହ କରୁଛନ୍ତି । ଆଦିବାସୀ ଅଞ୍ଚଳରୁ ଧାନ ଖରିଦ୍ କରିବା ପାଇଁ ରାଜ୍ୟ ସମବାୟ ବାଣିଜ୍ୟ ସଂଘକୁ ୧ କୋଟି ୫୦ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଛି । ଏହା ଛଡ଼ା ଛୋଟ ଛୋଟ ଚାଷୀମାନେ ଯେପରି ଉଚିତ ଦର ପାଇପାରିବେ ସେ ଦିଗରେ ବ୍ୟବସ୍ଥା କରାଯାଇଛି । ଏ ଦଗରେ ମୋ ସରକାରଙ୍କର ନୀତି ସହ ସାମଞ୍ଜସ୍ୟ ରକ୍ଷାକରି ଚାଉଳକଳ ପରମିଟ୍ ପ୍ରଦାନ କରିବା ଦିଗରେ ରହିଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରାଯାଇଛି ଏବଂ ଏ ସଂକ୍ରାନ୍ତ ପ୍ରଣାଳୀକୁ ସରଳ କରାଯାଇଛି । ଗ୍ରାମାଞ୍ଚଳରେ ବହୁ ସଂଖ୍ୟକ ଲୋକଙ୍କ କର୍ମ ସଂସ୍ଥାନ ଦିଗରେ ଏହା ମଧ୍ୟ ବିଶେଷ ସହାୟକ ହୋଇ- ପାରିଛି । ବିଭିନ୍ନ ଖାଉଟି ସାମଗ୍ରୀ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଶ୍ରେଣୀର ଲୋକେ ବ୍ୟବହାର କରୁଥିବା ଗହମ, ଚାଉଳ ଓ ଚିନିର ଦରଦାମ୍ ସ୍ଥିର ରଖାଯାଇ ପାରିଥିବାରୁ ମୁଁ ବିଶେଷ ଆନନ୍ଦିତ । କଣ୍ଟ୍ରୋଲ ଏବଂ ଚିନିର ଦ୍ୱିବିଧ ଦର ଧାର୍ଯ୍ୟ ପ୍ରଣାଳୀକୁ ଉଠାଇ ଦିଆଯିବା ଦ୍ୱାରା ଚିନି ଦର ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ଏବଂ ବଜାରରେ ଯଥେଷ୍ଟ ଚିନି ମିଳି ପାରୁଛି ।

୪୬ । ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ୫,୬୨୬ ଟି କ୍ଷୁଦ୍ରଶିଳ୍ପ ସଂସ୍ଥା ପ୍ରତିଷ୍ଠିତ ହୋଇଥିବା ସ୍ଥଳେ ଷଷ୍ଠ ଯୋଜନା କାଳ ମଧ୍ୟରେ ୮,୦୦୦ଟି ସଂସ୍ଥା ପ୍ରତିଷ୍ଠା କରିବାକୁ ମୋ ସରକାର କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଏହି ଶିଳ୍ପ ସଂସ୍ଥାସବୁ ୯୧ ହଜାର ବ୍ୟକ୍ତିଙ୍କୁ ବିଭିନ୍ନ କର୍ମ ନିଯୁକ୍ତିର ସୁଯୋଗ ଯୋଗାଇଦେବ । ୧୯୭୮ ନଭେମ୍ବର ମାସ ଶେଷ ସୁଦ୍ଧା ୩ କୋଟି ୫୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୪୫୯ ଟି ଶିଳ୍ପ ସଂସ୍ଥାର ଉତ୍ପାଦନ ଆରମ୍ଭ ହୋଇଛି ଏବଂ ୨ ହଜାର ୮୦୦ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଛି । ୧୯୭୮-୭୯ ରେ ୨,୬୭୩ ଜଣ ଶିଳ୍ପୋଦ୍ୟୋଗୀଙ୍କୁ ଅସ୍ଥାୟୀ ଭାବରେ ରେଜିଷ୍ଟ୍ରିଭୁକ୍ତ କରାଯାଇଥିଲା । ତନ୍ମଧ୍ୟରୁ ୧୯୭୯ ମାର୍ଚ୍ଚ ଶେଷ ସୁଦ୍ଧା ୧,୧୬୧ ଟି ସଂସ୍ଥା ପ୍ରତିଷ୍ଠା କରିବାର କାର୍ଯ୍ୟକ୍ରମ ରହିଛି । ୧୩ କୋଟି ୩୨ ଲକ୍ଷ ଟଙ୍କା ବିନିଯୋଗରେ ୧୯୭୯-୮୦ ମସିହା ମଧ୍ୟରେ ୧,୩୦୦ ଟି କ୍ଷୁଦ୍ର ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି । ଏ ଗୁଡ଼ିକରେ ୧୬ ହଜାର ଲୋକଙ୍କୁ କର୍ମ ନିଯୁକ୍ତି ଦିଆଯାଇ ପାରିବ । ଶିଳ୍ପୋନ୍ନୟନ ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ତନ୍ମଧ୍ୟରେ ଶିଳ୍ପୋଦ୍ୟୋଗୀଙ୍କୁ ଉନ୍ନତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଜିସୁଦ୍ଧା ୬୮୭ ଜଣ ଗ୍ରାଜୁଏଟ୍ ଏବଂ ଅଣଗ୍ରାଜୁଏଟ୍ ଶିଳ୍ପୋଦ୍ୟୋଗୀଙ୍କୁ ତାଲିମ ଦିଆଗଲାଣି ଓ ବର୍ତ୍ତମାନ ୨୭୪ ଜଣ ତାଲିମ ପାଉଛନ୍ତି । ୭୦ ଜଣ ଆଦିବାସୀ ଶିଳ୍ପୋଦ୍ୟୋଗୀଙ୍କ ପାଇଁ କେନ୍ଦ୍ରୀୟ ସାହାଯ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା କରାଯାଉଛି ।

୪୭ । କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ହେଲା କାରଖାନା ଗୃହ । ତେଣୁ ପଞ୍ଚମ ଯୋଜନାରେ ୫୫୬ ଟି କାରଖାନା ନିର୍ମିତହୋଇଥିବାସ୍ଥଳେ ଷଷ୍ଠ ଯୋଜନା କାଳ ମଧ୍ୟରେ ୨,୨୯୫ଟି ଗୃହ ନିର୍ମାଣ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ।

୪୮ । ମୁଁ ଆନନ୍ଦିତ ଯେ ୬୧ ଲକ୍ଷ ୮୬ ହଜାର ଟଙ୍କା ବିନିଯୋଗରେ ୧୯୭୭-୭୮ ଏବଂ ୧୯୭୮-୭୯ ମସିହା ମଧ୍ୟରେ ଜିଲ୍ଲାଗୁଡ଼ିକରେ ଥିବା ୬୩ଟି ରୁଗ୍ଣ ପଞ୍ଚାୟତ ସମିତି ଶିଳ୍ପସଂସ୍ଥାକୁ ପୁଣି ଚାଲୁ କରାଯାଉଛି ।

୪୯ । ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ପୁନର୍ଗଠନ ପାଇଁ ମୋ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ୧୯୭୮-୭୯ ରେ ଅର୍ଥିତ ଦାସ ବ୍ୟବସା ୨ କୋଟି ୧୯ ଲକ୍ଷ ୯୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଆସନ୍ତା ବର୍ଷ ଏହା ୨ କୋଟି ୫୨ ଲକ୍ଷ ୫୯ ହଜାର ଟଙ୍କାକୁ ବୃଦ୍ଧି ପାଇବାର ସମ୍ଭାବନା ଅଛି । ୧୯୭୮-୭୯ ରେ ଗ୍ରାମ୍ୟ ଶିଳ୍ପର ଉନ୍ନତି ପାଇଁ ୯୯୩ ଜଣ ଗ୍ରାମ୍ୟ କାରିଗର ଏବଂ ୧୯୯ ଟି ସମବାୟ ସଂସ୍ଥାକୁ ଅର୍ଥିକ ସାହାଯ୍ୟ ଦିଆଯାଇଛି । ଏତଦ୍ୱାରା ୬୩ ହଜାର ଲୋକଙ୍କ ପାଇଁ କର୍ମ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି । ଆସନ୍ତା ବର୍ଷରେ ୫,୨୦୦ ଜଣ ଗ୍ରାମ୍ୟ କାରିଗରଙ୍କୁ ଏବଂ ୩୨୬ଟି ସମବାୟ ସଂସ୍ଥାକୁ ସାହାଯ୍ୟ ଦେବାର କାର୍ଯ୍ୟକ୍ରମ ରହିଛି ।

୫୦ । ବିଶେଷତଃ ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ଉଦ୍ଦେଶ୍ୟରେ ହସ୍ତଶିଳ୍ପର ବିକାଶ ଉପରେ ଉପଯୁକ୍ତ ଗୁରୁତ୍ୱ ଦିଆଯାଉଛି । ଏ କ୍ଷେତ୍ରରେ ପ୍ରଥମଥର ପାଇଁ ସମବାୟ ଅନୁଷ୍ଠାନ ପରିସରର ବାହାରେ ରହି କାର୍ଯ୍ୟ କରୁଥିବା କାରିଗରମାନଙ୍କୁ ବ୍ୟକ୍ତିଗତ ଭାବରେ ସରକାରୀ ସାହାଯ୍ୟ ଦିଆଯାଉଛି । ସେ ପ୍ରକାର କାରିଗରମାନଙ୍କୁ ପୂର୍ଣ୍ଣାଙ୍ଗ ସାହାଯ୍ୟ ପ୍ରଦାନ କରିବା ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ହସ୍ତଶିଳ୍ପ ଉତ୍ପାଦନ ତଥା ତାଲିମ କେନ୍ଦ୍ରରେ ଓ ହସ୍ତଶିଳ୍ପ ନକ୍ସା (ଡିଜାଇନ) କାମରେ ନିଯୁକ୍ତ ଥିବା ବିଧବାଶ୍ରମ ଏବଂ ଅନାଥ ବାଳକବାଳିକାମାନଙ୍କୁ ମଧ୍ୟ ଏହି ଆର୍ଥିକ ସାହାଯ୍ୟର ପରିସରଭୁକ୍ତ କରିବାକୁ ପ୍ରସ୍ତାବ ରହିଛି । ୧୯୭୮-୭୯ରେ ୨୦ଟି ହସ୍ତଶିଳ୍ପ ସମବାୟ ସମିତି ଗଠିତ ହୋଇ ୧,୮୦୩ ଜଣ ବ୍ୟକ୍ତିଙ୍କୁ କର୍ମ ନିଯୁକ୍ତି ଦିଆଯାଇଛି । ଆସନ୍ତା ବର୍ଷ ୧,୫୦୦ ଜଣ ସଭ୍ୟଙ୍କୁ ନେଇ ୨୬ଟି ସମିତି ଗଠନ କରିବାକୁ କାର୍ଯ୍ୟକ୍ରମ ରହିଛି । ୪୦୦ ଜଣ ଶିଳ୍ପ କାରିଗରଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି । କଞ୍ଚାମାଲ ଭଣ୍ଡାର ଜରିଆରେ ୧୦ ଲକ୍ଷ ଟଙ୍କା ମୂଲ୍ୟର କଞ୍ଚାମାଲ ଗ୍ରାମ୍ୟ କାରିଗରମାନଙ୍କୁ ଯୋଗାଇ ଦିଆଯାଇଛି ।

୫୧ । ହସ୍ତଚାଳିତ ବସ୍ତ୍ର ପାଇଁ ଓଡ଼ିଶା ବିଖ୍ୟାତ । ୨୦ ହଜାର ତନ୍ତୁବାୟଙ୍କୁ ପୁରାସମୟ କାମଧନ୍ଦା ଯୋଗାଇ ଦେବା ଉଦ୍ଦେଶ୍ୟରେ ଅଧିକ ସଂଖ୍ୟକ ତନ୍ତକୁ ଏକ ଯୋଜନାର ଅନ୍ତର୍ଭୁକ୍ତ କରିବା ଏବଂ ବିକ୍ରୀବଟାର ସୁଯୋଗ ଦେବା ପାଇଁ ପଦକ୍ଷେପ ନିଆଯାଉଛି । ୧୯୭୮-୭୯ରେ ୩ ହଜାର ୫୦୦ ଜଣ ତନ୍ତୁବାୟଙ୍କୁ ତନ୍ତୁବାୟ ସହଯୋଗ ସମିତିଗୁଡ଼ିକରେ ସଭ୍ୟଶ୍ରେଣୀଭୁକ୍ତ କରାଯାଇଛି । ସେହି ବର୍ଷ ମଧ୍ୟରେ ରିଜର୍ଭ ବ୍ୟାଙ୍କ ସେ ସମିତିଗୁଡ଼ିକୁ ସେମାନଙ୍କର କାର୍ଯ୍ୟକାରୀ ମୂଳଧନ ବାବଦକୁ ୧ କୋଟି ୪୦ ଲକ୍ଷ ଟଙ୍କା ଦେଇଥିଲେ । ଏହି ମୂଳଧନ ୧୯୭୮-୭୯ରେ ୧ କୋଟି ୬୯ ଲକ୍ଷ ୬୭ ହଜାର ଟଙ୍କାରେ ପହଞ୍ଚିଛି । ଆସନ୍ତା ବର୍ଷ ଏହାକୁ ୨ କୋଟି ପର୍ଯ୍ୟନ୍ତ ବୃଦ୍ଧି କରିବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ୧୮ଟି ତନ୍ତୁବାୟ ସହଯୋଗ ସମିତି ଥିବା ସ୍ଥଳେ ୧୯୭୯-୮୦ରେ ୪୫ଟି ନୂତନ ତନ୍ତୁବାୟ ସମବାୟ ସମିତି ଗଠନ କରାଯାଇ ୬,୦୦୦ ତନ୍ତୁବାୟଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରାଯିବ ।

୫୨ । ୧୯୭୮ରେ ଓଡ଼ିଶା ରାଜ୍ୟ ହସ୍ତଚାଳିତ ତନ୍ତୁବାୟ ସହଯୋଗ ସମିତି ଏବଂ ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋରେସନଙ୍କ ଜରିଆରେ ଜନତା ବସ୍ତ୍ର ଉତ୍ପାଦନ ଆରମ୍ଭ କରାଯାଇଥିଲା । ଏହି ବସ୍ତ୍ର ଉତ୍ପାଦନର ଅଗ୍ରଗତି ସନ୍ତୋଷଜନକ ହୋଇଛି । ୧୯୭୭-୭୮ରେ ୨,୦୦୦ଟି ତନ୍ତ ପ୍ରତିଷ୍ଠିତ ହୋଇଥିବା ସ୍ଥଳେ ୧୯୭୯-୮୦ରେ ୭,୦୦୦ଟି ତନ୍ତ ପ୍ରତିଷ୍ଠା କରାଯାଇ ୧୪ ହଜାର ତନ୍ତୁବାୟଙ୍କୁ ନିଯୁକ୍ତି ଦିଆଯିବ । ଫଳରେ ପ୍ରତ୍ୟେକ ବ୍ୟକ୍ତି ମାସକୁ ଅନ୍ୟୁନ ୨୫୦ଟଙ୍କା ଆୟ କରି ପାରିବେ ।

୫୩ । ମାନ୍ୟବର ସଦସ୍ୟମାନେ ଜାଣି ଖୁସି ହେବେ ଯେ ଢେଙ୍କାନାଳରେ ଥିବା ଦ୍ୱିତୀୟ ସମବାୟ ସୂତାକଳରୁ ୧୯୭୯ ମସିହା ଜୁନ୍‌ମାସ ସୁଦ୍ଧା ୨୫ ହଜାର ତାକୁଡ଼ି ଉତ୍ପାଦିତ ହୋଇ ପାରିବ । ଗଞ୍ଜାମ ଜିଲ୍ଲାରେ ୫ କୋଟି ଟଙ୍କା ବ୍ୟୟରେ ତୃତୀୟ ସମବାୟ ସୂତାକଳ ପ୍ରତିଷ୍ଠା କରିବା ପାଇଁ ଯୋଜନା କମିଶନଙ୍କଠାରୁ ଅନୁମୋଦନ ମିଳିଲାଣି । ବର୍ତ୍ତମାନ ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋରେସନଙ୍କ ଦ୍ୱାରା ସଘନ ହସ୍ତତନ୍ତ ଉନ୍ନୟନ ଏବଂ ରପ୍ତାନି ପାଇଁ ହସ୍ତତନ୍ତ ଉତ୍ପାଦନ ଯୋଜନା ଦୁଇଟି କାର୍ଯ୍ୟକାରୀ କରାଯାଉଛି । ଯେଉଁ ତନ୍ତୁବାୟମାନେ ସମବାୟ ପରିସରଭୁକ୍ତ ହୋଇ ନାହାନ୍ତି, ସେମାନଙ୍କ ପାଇଁ ଏହି ଦୁଇଟି ଯୋଜନା ଉଦ୍ଦିଷ୍ଟ । ୧୯୭୮-୭୯ରେ ଉତ୍ପାଦନ ପାଇଁ ୩,୫୩୬ଟି ତନ୍ତ ଚାଲୁ କରାଯାଇଥିଲା । ଏହା ଫଳରେ ୬,୮୭୪ ଜଣ ବୁଣାକାର ଉପକୃତ ହୋଇଥିଲେ । ୧୯୭୯-୮୦ରେ କାର୍ଯ୍ୟକ୍ରମ ଅନୁଯାୟୀ ୨୦,୦୦୦ ବୁଣାକାରଙ୍କୁ ନିଯୁକ୍ତି ଦେବା ପାଇଁ ୧୦,୦୦୦ ତନ୍ତ ଚାଲୁ କରିବା ସକାଶେ ଲକ୍ଷ୍ୟ ରଖାଯାଇଛି । ୧୯୭୮-୭୯ରେ ୪୩·୧୪ ଲକ୍ଷ ଟଙ୍କା ମୂଲ୍ୟର ୧୦·୬୯ ଲକ୍ଷ ମିଟର ବସ୍ତ୍ର ଉତ୍ପାଦିତ ହୋଇଥିଲା । ୧୯୭୯-୮୦ରେ ୫୫୧·୪୦ ଲକ୍ଷ ଟଙ୍କା ମୂଲ୍ୟର ୧୯୫ ଲକ୍ଷ ମିଟର ବସ୍ତ୍ର ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି ।

୬ଟି ମଧ୍ୟମ ଜଳସେଚନ ଯୋଜନା ପୂର୍ଣ୍ଣାଙ୍ଗ ହେବାର ସମ୍ଭାବନା ଅଛି, ସେଗୁଡ଼ିକ ହେଲା ତାହୁକା ସୁନ୍ଦର, ସାଇପାଲ, ବଡଘାଟି, ଖଡ଼କେଇ, ଘମନଦୀ ଏବଂ ଜେସା । ଭାରତର ରାଷ୍ଟ୍ରପତି ଗତ ଡିସେମ୍ବର ମାସରେ ମହାନଦୀ ବ୍ୟାରେଜ ଏବଂ ରେଙ୍ଗାଲି ଜଳସେଚନ ଯୋଜନାର ୨ୟ ପର୍ଯ୍ୟାୟଭୁକ୍ତ ସମସ୍ତ ବ୍ୟାରେଜର ଶିଳାନ୍ୟାସ କରିଥିବା ଆମମାନଙ୍କ ପକ୍ଷରେ ଗୌରବର ବିଷୟ ।

୩୯ । ମୋ ସରକାର ଯେଉଁସବୁ କାର୍ଯ୍ୟକ୍ରମ ଉପରେ ଅଗ୍ରାଧିକାର ଦେଇଛନ୍ତି ତନ୍ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରାଧାନ୍ୟ ଲାଭ କରିଛି । ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରେ ବିଦ୍ୟୁତ୍ ଉତ୍ପାଦନ ଶକ୍ତି ୬୮୧.୫ ମେଗାୱାଟ୍ ଥିବା ସ୍ଥଳେ ଏହା ୧୯୭୭-୭୮ ଶେଷ ସୁଦ୍ଧା ୯୧୪ ମେଗାୱାଟ୍‌କୁ ବୃଦ୍ଧି ପାଇଛି । ବାଲିମେଳା ବିଦ୍ୟୁତ୍ ପ୍ରକଳ୍ପର ୬୦ ମେଗାୱାଟ୍ ବିଶିଷ୍ଟ ୪ଗୋଟି ଅତିରିକ୍ତ ୟୁନିଟ୍ ସ୍ଥାପନ କରଯିବା ଫଳରେ ଏପରି ବୃଦ୍ଧି ସମ୍ଭବ ହୋଇଛି । ୧୯୮୩-୮୪ ସୁଦ୍ଧା ବିଦ୍ୟୁତ୍ ଉତ୍ପାଦନ ଶକ୍ତି ୯୧୪ ମେଗାୱାଟ୍‌ରୁ ୧,୪୬୪ ମେଗାୱାଟ୍‌କୁ ବୃଦ୍ଧି ପାଇବ ବୋଲି ମୋର ବିଶ୍ୱାସ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପ୍ରସାରଣ ପ୍ରକଳ୍ପର ପ୍ରଥମ ୟୁନିଟ୍ ୧୯୭୯ ମସିହା ଡିସେମ୍ବର ମାସରେ ଏବଂ ୨ୟ ୟୁନିଟ ୧୯୮୦ ଜୁନ୍ ମାସରେ ଚାଲୁ କରଯିବାର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ୬୦୦ ମେଗାୱାଟ୍ ପ୍ରତିଷ୍ଠିତ ଶକ୍ତି ତଥା ୨୨୭ ମେଗାୱାଟ୍ ସ୍ଥିର-ଶକ୍ତି (ଫାର୍ମ କାପାସିଟି) ବିଶିଷ୍ଟ ଉପର-ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ଭୀମକୁଣ୍ଡ ବିଦ୍ୟୁତ୍-ପ୍ରକଳ୍ପର କାର୍ଯ୍ୟ ହାତକୁ ନେବାର ପ୍ରସ୍ତାବ ଅଛି । ତାଳଚେରଠାରେ କେନ୍ଦ୍ରୀୟ ପ୍ରକଳ୍ପ ଭାବରେ ୧,୦୦୦ ମେଗାୱାଟ୍ ଶକ୍ତି ସମ୍ପନ୍ନ ଏକ ସୁପର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମୋ ସରକାର ଭାରତ ସରକାରଙ୍କଠାରେ ଦୃଢ଼ ଦାବୀ କରିଛନ୍ତି । ସେହି କେତେକ ନୂତନ ଯୋଜନା ୧୯୭୯-୮୦ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଆପାତତଃ ପ୍ରସ୍ତାବ କରଯାଇଛି, ସେଗୁଡ଼ିକ ହେଲା :— ବାଲିମେଳା ୨ୟ ପର୍ଯ୍ୟାୟ, ହୀରାକୁଦ ୩ୟ ପର୍ଯ୍ୟାୟ ଏବଂ ରେଙ୍ଗାଲି ସମ୍ପ୍ରସାରଣ କାର୍ଯ୍ୟକ୍ରମ । ଭବିଷ୍ୟତରେ ବିଦ୍ୟୁତ୍ ଶକ୍ତିର ଚାହିଦା ପ୍ରତି ଦୃଷ୍ଟି ରଖି କୋଦାଳୀ, ନିମ୍ନ ଓ ମଧ୍ୟମ କୋଲାବ୍, ନିମ୍ନ ମାଛକୁଣ୍ଡ, ବୃନ୍ଦାବନଙ୍ଗ ଜଳବିଦ୍ୟୁତ୍ ଯୋଜନା ଏବଂ ଇବ୍ ନଦୀ ନିକଟସ୍ଥ କୋଇଲାଖଣି ଅଞ୍ଚଳରେ ଏକ ତାପଜ କେନ୍ଦ୍ର ପ୍ରତିଷ୍ଠା ପାଇଁ ସର୍ଭେ ତଥା ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରଯିବ ।

୪୦ । ଯୁଦ୍ଧିଷ୍ଠିରଠାରୁ ଜୋଡ଼ା ପର୍ଯ୍ୟନ୍ତ ଆନ୍ତଃରାଜ୍ୟ ଟ୍ରାନ୍ସମିସନ ଲାଇନର ସଂଯୋଗ ସମ୍ପୂର୍ଣ୍ଣ ହୋଇଛି । ଏତଦ୍ୱାରା ଆମେ ବିହାର ଏବଂ ଡି: ଭି: ସିକୁ ବିଦ୍ୟୁତ୍-ଶକ୍ତି ବିକ୍ରୟ କରିବାକୁ ସମର୍ଥ ହୋଇଛୁ । ତାଳଚେର-ଜୋଡ଼ା ୨ୟ ସରକିଟ୍ ୨୨୦ କେ: ଭି: ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ତାଳଚେର-ରାଉରକେଲା ୨୨୦ କେ: ଭି: ଲାଇନର କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହୋଇଯିବ ।

୪୧ । ବିହାର, ପଶ୍ଚିମ ବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶ ସରକାରମାନଙ୍କ ସହିତ ଆନ୍ତଃରାଜ୍ୟ ନଦୀ ବିବାଦ ସମାଧାନ ଦିଗରେ ଯେଉଁସବୁ ଐତିହାସିକ ଚୁକ୍ତି ସମ୍ପାଦିତ ହେଲା ସେଥିପାଇଁ ମୁଁ ମୋ ସରକାରଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ବିହାର, ପଶ୍ଚିମ ବଙ୍ଗ ଏବଂ ଓଡ଼ିଶା ମଧ୍ୟରେ ସୁବର୍ଣ୍ଣରେଖା ରାଜିନାମା ସ୍ୱାକ୍ଷରିତ ହୋଇଛି । ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ରାଜ୍ୟ ଦୁଇଟି ମଧ୍ୟରେ ଥିବା ସମସ୍ତ ନଦୀ-ବିବାଦ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ ହୋଇଯାଇଛି । ଏଠାରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରଯାଇ ପାରେ ଯେ ୧୯୪୦ ଠାରୁ ମାଛକୁଣ୍ଡ ଯୋଜନାରୁ ଯେଉଁ ୨୦ ଭାଗ ବିଦ୍ୟୁତ୍ ଶକ୍ତି ମାନ୍ଦ୍ରାଜ ସରକାରଙ୍କୁ ଦିଆ ହେଉଥିଲା, ଏହି ଚୁକ୍ତି ସମ୍ପାଦିତ ହେବା ଫଳରେ ବର୍ତ୍ତମାନ ତାହା ଆମକୁ ମିଳି ପାରିବ । ଏତଦ୍ୱାରା ଓଡ଼ିଶାର ରହି ଆସିଥିବା ଦୀର୍ଘକାଳର ଏକ ଦୁଃଖର କାରଣ ଦୂର ହୋଇ ପାରିଛି ।

୪୨ । ଆମ ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଗ୍ରାମ୍ୟବିଦ୍ୟୁତ୍‌କରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଯୋଜନା ଉପରେ ମୋ ସରକାର ଯଥେଷ୍ଟ ଅଗ୍ରାଧିକାର ଦେଇଛନ୍ତି । ୪୬ ହଜାର ୯୯୨ଟି ଗ୍ରାମ ମଧ୍ୟରୁ ୧୯୭୭-୭୮ ଶେଷ ସୁଦ୍ଧା ୧୪ ହଜାର ୧୬୧ଟି ଗ୍ରାମରେ ବିଦ୍ୟୁତ୍‌କରଣ ହୋଇଛି । ଫଳରେ ସର୍ବମୋଟ ଗ୍ରାମର ଶତକଡ଼ା ୩୦.୧୩ ଭାଗ ଗ୍ରାମ ଏବଂ ଗ୍ରାମାଞ୍ଚଳର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୨-୮୩ ସୁଦ୍ଧା ୫ହଜାର ୫୯୮ ଗ୍ରାମ ଅର୍ଥାତ୍ ଶତକଡ଼ା ୪୧ ଭାଗ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । ୧୯୭୮-୭୯ ଏବଂ ୧୯୭୯-୮୦ ମଧ୍ୟରେ ଯଥାକ୍ରମେ ୨ ହଜାର ୪୮ ଗ୍ରାମ ଏବଂ ୧ ହଜାର ୨୨୬ ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଗ୍ରାମ୍ୟ ବିଦ୍ୟୁତ୍‌କରଣ ବାବଦରେ ଅଧିକ ଅର୍ଥ ବରାଦ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେସନ, କୃଷି ପୁନଃ ଅର୍ଥଲଗାଣ ତଥା ଉନ୍ନୟନ କର୍ପୋରେସନ ଏବଂ ବ୍ୟବସାୟୀ ବ୍ୟାଙ୍କମାନଙ୍କ ତରଫରୁ ମିଳିତ ଆର୍ଥିକ ସାହାଯ୍ୟ ଦେବାର ଯେଉଁ ଯୋଜନା ରହିଛି ତାହାର ସୁଯୋଗ ନିଆଯିବ ।

୪୩ । ଗତବର୍ଷ ମଧ୍ୟରେ ମୋ ସରକାର, ପ୍ରଥମ ଥର ପାଇଁ ପମ୍ପସେଟ୍ ଏବଂ ବେସରକାରୀ ଅଗଭୀର ନଳକୂପଗୁଡ଼ିକରେ ବ୍ୟାପକ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଗତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୬ ହଜାର ୪୨୭ ଟି କୂପ ବିଦ୍ୟୁତ୍ ସଂଯୋଗ ହୋଇଥିବା ସ୍ଥଳେ ଚଳିତ ବର୍ଷ ୧୦ ହଜାର କୂପ ଏବଂ ନଳକୂପକୁ ବିଦ୍ୟୁତ୍‌ଶକ୍ତି ସଂଯୋଗ କରାଯିବ ବୋଲି ଆଶା କରାଯାଉଛି ।

୪୪ । ଶିଳ୍ପ କ୍ଷେତ୍ରରେ ମୋ ସରକାରଙ୍କ ମୌଳିକ ନୀତି ଅନୁଯାୟୀ ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତିର ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଶିଳ୍ପଗୁଡ଼ିକୁ ଅଧିକ ସକ୍ରିୟ କରାଯିବା ସଙ୍ଗେ ସଙ୍ଗେ ପୁଞ୍ଜି ବିନିଯୋଗର ସଂପ୍ରସାରଣ କରାଯିବ । ଯାହାହେଉ, ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବା ଲାଗି ସ୍ୱଳ୍ପ ପୁଞ୍ଜି ଆବଶ୍ୟକ କରୁଥିବା ଶିଳ୍ପାନୁଷ୍ଠାନସବୁ ବ୍ୟାପକ ଭାବରେ ପ୍ରତିଷ୍ଠା କରିବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହା ବୋଲି ଓଡ଼ିଶାର ଶିଳ୍ପ ବିକାଶ ଦିଗରେ ବୃହତ୍ତମ, ମଧ୍ୟମ ଓ କ୍ଷୁଦ୍ରଶିଳ୍ପଗୁଡ଼ିକର ଭୂମିକା କମ ଗୁରୁତ୍ୱପୂର୍ଣ୍ଣ ବୋଲି ଏଥିରୁ ବୁଝିବାକୁ ହେବ ନାହିଁ ।

୪୫ । ବର୍ତ୍ତମାନ ଜିଲ୍ଲା ସଦର ମହକୁମାଗୁଡ଼ିକ ହେବ କ୍ଷୁଦ୍ରଶିଳ୍ପ ଉନ୍ନୟନର କେନ୍ଦ୍ରବିନ୍ଦୁ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟର ୧୩ ଗୋଟି ଜିଲ୍ଲାରେ ଜିଲ୍ଲାଶିଳ୍ପକେନ୍ଦ୍ର ସବୁ ପ୍ରତିଷ୍ଠା କରାଯାଇ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁସାରେ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ, ଆର୍ଥିକ, ପରିଗ୍ରଳନାଗତ ଏବଂ ବାଣିଜ୍ୟ ସଂପର୍କୀୟ ବୈଷୟିକ ଜ୍ଞାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଆନୁଷଙ୍ଗିକ ସାହାଯ୍ୟ ମଧ୍ୟ କରାଯିବ । ମୋର ଦୃଢ଼ ବିଶ୍ୱାସ ଯେ ଶିଳ୍ପୋଦ୍ୟୋଗୀମାନଙ୍କୁ ଏହି ନୂତନ ଉପାୟରେ ସାହାଯ୍ୟ କରିବା ଦ୍ୱାରା କ୍ଷୁଦ୍ର ଶିଳ୍ପର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ।

୬୦ । ଚଳିତ ବର୍ଷ ଯାଏ ସୁଦ୍ଧା ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଓଡ଼ିଶା ପାଇଁ ପ୍ରାୟ ୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଚଳିତ ବର୍ଷ ଏହି ନିଗମ ୧୧ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର କରିବାର ଆଶା କରାଯାଉଛି ।

୬୧ । ପଞ୍ଚମଯୋଜନା କାଳରେ ଓଡ଼ିଶାର ଗୃହ ନିର୍ମାଣ, ସହରାଂଚଳ ପାନୀୟ ଜଳ ଯୋଗାଣ ଏବଂ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପାଇଁ ଭାରତୀୟ ଜୀବନ ବୀମା କର୍ପୋରେସନ ୨୪ କୋଟି ୪୨ ଲକ୍ଷ ଟଙ୍କା ଦେଇଛନ୍ତି ।

୬୨ । ସପ୍ତମ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ଓଡ଼ିଶା ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ୩ କୋଟି ୫୮ ଲକ୍ଷ ଟଙ୍କାରୁ ୮ କୋଟି ୭୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମୋ ସରକାର ଆଗାମୀ ବିଧାନ ସଭା ଅଧିବେଶନରେ ୧୯୩୭ ମସିହା ଓଡ଼ିଶା ଦୁର୍ଭିକ୍ଷ ପାଣ୍ଠି ପରିଚାଳନା ବିଲ୍‌ର ସଂଶୋଧନ ପାଇଁ ଏକ ବିଲ୍ ଆଣିବାକୁ ପ୍ରସ୍ତାବ ରଖିଛନ୍ତି ।

୬୩ । ଓଡ଼ିଶାରେ ପ୍ରଚୁର ଖଣିଜ ସଂପଦ ଭରି ରହିଛି । ଏସବୁ ସଂପଦର ପର୍ଯ୍ୟାପ୍ତ ଉନ୍ନୟନ ତଥା ବିନିଯୋଗ ନିମନ୍ତେ ଏକ ସୁଚିନ୍ତିତ ଖଣି ଉନ୍ନୟନ କାର୍ଯ୍ୟକ୍ରମ ରୂପାୟନ କରାଯାଉଛି । ନୂତନ ଖଣି ଅଂଚଳ ଅନୁସନ୍ଧାନ ପାଇଁ ମଧ୍ୟ ଉଦ୍ୟମ କରାଯାଉଛି । ଏହାର ଫଳାଫଳ ବିଶେଷ ଉତ୍ସାହଜନକ । ଟିଣ ଭଳି ଏକ ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ ଧାତୁର ଅନୁସନ୍ଧାନ ପର୍ଯ୍ୟାୟକ୍ରମେ ହାତକୁ ନିଆଯାଉଛି । ଭାରତ ସରକାରଙ୍କ ସହାୟତାରେ ମୋ ସରକାର ବକ୍ସାଇଟ ଧାତୁର ଅନୁସନ୍ଧାନ ନିମନ୍ତେ ଏକ ଆଶୁ ଫଳପ୍ରଦ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟରେ ଏକ ହଜାର ନିୟୁତ ଟନରୁ ଉର୍ଦ୍ଧ୍ୱ ବକସାଇଟ୍ ଧାତୁ ଗଚ୍ଛିତ ରହିଥିବାର ଅଟକଳ କରାଯାଇଛି ।

୬୪ । ରାଜ୍ୟରେ କେତେ ପରିମାଣରେ କ୍ରୋମାଇଟ୍ ପଥର ଗଚ୍ଛିତ ରହିଛି ତାହା କଳନା କରିବା ପାଇଁ ଗୋଟିଏ କ୍ରାସ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟର ବିଭିନ୍ନ ଅଂଚଳରେ ତିନି କୋଟି ଟନ୍‌ରୁ ଅଧିକ କ୍ରୋମାଇଟ୍ ପଥର ଗଚ୍ଛିତ ରହିଛି ବୋଲି ବର୍ତ୍ତମାନ ହିସାବରୁ ଜଣାଯାଉଛି । ଇବ୍ କୋଇଲା ଖଣି ଅଂଚଳରେ କୋଇଲାର ଗଚ୍ଛିତ ପରିମାଣ ଏବଂ ତୁଗ୍ରୀ ଇଲାକାରେ ଲୁହାପଥର ଓ ଡୋଲୋମାଇଟର ଗଚ୍ଛିତ ପରିମାଣ ଜାଣିବା ପାଇଁ ଅନୁରୂପ କାର୍ଯ୍ୟକ୍ରମକୁ ଆହୁରି ପ୍ରଖର କରାଯାଇଛି । ଆପଣମାନେ ଜାଣି ଆନନ୍ଦିତ ହେବେ ଯେ ରାଜ୍ୟର ୨୩୭ଟି ଖଣିରୁ ୧୪·୪ ନିୟୁତ ଟନ ଧାତୁ ପଥର ଉତ୍ତୋଳନ କରାଯାଇଛି । ଏଥି ମଧ୍ୟରୁ ରପ୍ତାନି ଉଦ୍ଦେଶ୍ୟରେ ୧୪·୮ ଲକ୍ଷ ମେଟ୍ରିକ୍ ଟନ୍ ରପ୍ତାନି କରାଯାଇଥିଲା । ୧୯୭୭-୭୮ରେ ଖଣି ରାଜସ୍ୱ ବାବଦରେ ୪ କୋଟି ୮ ଲକ୍ଷ ୧୩ ହଜାର ଟଙ୍କା ଅଦାୟ କରା ଯାଇଥିବା ସ୍ଥଳେ ଚଳିତ ବର୍ଷ ଏହି ପରିମାଣ ୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଏ ।

୬୫ । ଖଣିଜ ପଦାର୍ଥ ଉତ୍ତୋଳନ, ପରିବହନ ଏବଂ ମାଙ୍ଗାନିଜ୍ ଓ କ୍ରୋମ୍ ପଥର ବିକ୍ରୟ କ୍ଷେତ୍ରରେ ଓଡ଼ିଶା ଖଣି କର୍ପୋରେସନ୍ ଦୃଢ଼ ଉଦ୍ୟମ କରିଛନ୍ତି । ଦଇତାରି ଲୁହା ପଥର ଖଣିରୁ ଲୁହା ପଥର ରପ୍ତାନି କରିବାରେ ଏହି କର୍ପୋରେସନ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିପାରିଛି । ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ଦେଇ ରୁମାନିଆକୁ ୨·୬ ଲକ୍ଷ ମେଟ୍ରିକ୍ ଟନ୍ ଲୁହା ପଥର ରପ୍ତାନି କରାଯାଇଥିଲା । ଇସ୍ପାତ୍ କାରଖାନାମାନଙ୍କୁ ମୁଖ୍ୟ ସରବରାହକାରୀ ହିସାବରେ ମାଙ୍ଗାନିଜ ଯୋଗାଇବାରେ ଓଡ଼ିଶା ଖଣି କର୍ପୋରେସନ୍‌ର ଭୂମିକା ପ୍ରଶଂସନୀୟ । ଦଇତାରୀ ଲୁହା ପଥର ଖଣିରୁ ଓଡ଼ିଶା ଖଣି କର୍ପୋରେସନ ଦୁର୍ଗାପୁର ଇସ୍ପାତ କାରଖାନାକୁ ଯଥେଷ୍ଟ ଲୁହାପଥର ଯୋଗାଉଛି । ସୁକିନ୍ଦା ମାଳ ଅଂଚଳରେ କ୍ରୋମ ପଥର ଗଚ୍ଛିତ ପରିମାଣ ନିର୍ଦ୍ଧାରଣ କରିବା ପାଇଁ ଆରମ୍ଭ ହୋଇଥିବା ସମନ୍ୱିତ ଅନୁସନ୍ଧାନ କାର୍ଯ୍ୟକ୍ରମରେ ଏହି କର୍ପୋରେସନ ମଧ୍ୟ ଭାଗ ନେଇଥିଲା । ଗନ୍ଧମାର୍ଦ୍ଦନ ପର୍ବତରେ ଗଚ୍ଛିତ ଲୁହା ପଥରର ପରିମାଣ କଳନା ପାଇଁ ସବିଶେଷ ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଛି ଓ ଗନ୍ଧମାର୍ଦ୍ଦନଠାରେ ଲୁହା ପଥର କାରଖାନାର ବିକାଶ ପାଇଁ ଆବଶ୍ୟକ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ କରିବା ସକାଶେ ମେକନ କଂପାନୀକୁ ଦାୟିତ୍ୱ ଦିଆଯାଇଛି । ଦୁଇ ନିୟୁତ ଟନ୍ ବିଶିଷ୍ଟ ପେଲେଟ୍ କାରଖାନା ସ୍ଥାପନ କରିବା ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ।

୬୬ । ରାଜ୍ୟରେ କ୍ଷୁଦ୍ର ବନ୍ଦର ଏବଂ ମାଛଧରା ବନ୍ଦରଗୁଡ଼ିକର ବିକାଶ ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ରହିଛି । ଏ ସଂକ୍ରାନ୍ତରେ ମୋ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଯଥାଯଥ ଦାବୀ ଉପସ୍ଥାପିତ କରିଛନ୍ତି । ନିକଟ ଭବିଷ୍ୟତରେ କେତୋଟି ଯୋଜନାର ଚୂଡ଼ାନ୍ତ ଅନୁମୋଦନ ମିଳିବ ବୋଲି ଆଶା କରାଯାଉଛି । ଗୋପାଳପୁର ବନ୍ଦରଟିକୁ ଏକ ବାଣିଜ୍ୟିକ ତଥା ମାଛଧରା ବନ୍ଦରରୂପେ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟର ବନ୍ଦର ଉନ୍ନୟନ କାର୍ଯ୍ୟକାରୀ କମିଟି ଏହାକୁ ଷଷ୍ଠ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସୁପାରିଶ କରିଥିବାର ମୁଁ ଜାଣିଅଛି । ଏହି ପରିକଳ୍ପନା ପାଇଁ ମୋଟ ନଅକୋଟି ୧୦ ଲକ୍ଷ ଟଙ୍କା ବ୍ୟୟ କରାଯିବ । ବନ୍ଦରର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ଏଠାରେ ବାଲୁକା ପୃଥକ୍‌କରଣ ପ୍ରକଳ୍ପ ନିର୍ମାଣ କରୁଥିବା ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍ ଏହି ବନ୍ଦରର ସର୍ବାଧିକ ବ୍ୟବହାର କରିପାରିବେ ।

୬୭ । ବାଲେଶ୍ୱର ଜିଲ୍ଲାର ଧାମରାଠାରେ ଯନ୍ତ୍ରଚାଳିତ ମାଛଧରା ନୌକା ଓ ଟ୍ରଲରମାନଙ୍କଠାରୁ ମାଛ ଖଲାସ କରିବାର ସୁବିଧା ପାଇଁ ଗୋଟିଏ ଆଧୁନିକ ମାଛଧରା ବନ୍ଦର ସ୍ଥାପିତ ହୋଇଛି । ଏଠାରେ ଡ୍ରେଜିଂ କାର୍ଯ୍ୟ ଶେଷ ହେଲେ ପୋତାଶ୍ରୟଟି କାର୍ଯ୍ୟକାରୀ ଅବସ୍ଥାକୁ ଆସିବ । ନୂଆଗଡ଼ଠାରେ ମଧ୍ୟ ଏକ ମାଛଧରା ବନ୍ଦର ମିଳିତ ଉଦ୍ୟୋଗରେ ସ୍ଥାପନ କରିବା ପାଇଁ ଉଦ୍ୟମ ହେଉଅଛି । ଯୋଜନା କମିଶନଙ୍କଠାରୁ ଏହି ଯୋଜନାର ଚୂଡ଼ାନ୍ତ ଅନୁମୋଦନ ଆମେ ପାଇଅଛୁଁ ଏବଂ କେବଳ କେନ୍ଦ୍ର ସରକାରଙ୍କ ଅର୍ଥ ମଞ୍ଜୁରୀ ଓ ବିନିଯୋଗର ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି ।

୬୮ । ରାଜ୍ୟରେ ଅଧିକତର ରେଳପଥର ବହୁଳ ଆବଶ୍ୟକତା ଥିବା ବିଷୟରେ ମୋ ସରକାର ସଚେତନ ଅଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କଠାରେ ଯଥାଯଥ ଦାବୀ ଉପସ୍ଥାପିତ କରାଯାଇଛି । ୧୪୫ କିଲୋମିଟର ଦୀର୍ଘ ତାଳଚେର–ସମ୍ବଲପୁର ରେଳଲାଇନ ସକାଶେ ନିର୍ମାଣ ଏବଂ ଯାତ୍ରୀ ପରିବହନର ସର୍ଭେ କାର୍ଯ୍ୟ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ହୋଇଥିବାରୁ ମୁଁ ବିଶେଷ ଆନନ୍ଦିତ । ବର୍ତ୍ତମାନ ଏହି ସର୍ଭେ କାର୍ଯ୍ୟ ଚାଲିଛି । ରେଳବାଇ ବୋର୍ଡ ପକ୍ଷରୁ ମଧ୍ୟ ରୂପସା–ତାଳବନ୍ଧ ଅଣଓସାରିଆ ରେଳପଥକୁ (ନୋରୋଗେଜ୍) ଓସାରିଆ ରେଳପଥରେ ପରିଣତ କରିବା ଏବଂ ଏହାକୁ ଗୋରୁମହିଷାଣୀ ପର୍ଯ୍ୟନ୍ତ ସଂପ୍ରସାରଣ କରିବା ପାଇଁ ନିର୍ମାଣ ତଥା ଯାତ୍ରୀ ଗମନାଗମନ ସଂପର୍କରେ ପ୍ରାରମ୍ଭିକ ସର୍ଭେ ଅଟକଳ ମଞ୍ଜୁର କରିଛନ୍ତି । କୋରାପୁଟ ଜିଲ୍ଲାର ଦମନଯୋଡ଼ିଠାରେ ପ୍ରସ୍ତାବିତ ଆଲୁମିନା ପ୍ରକଳ୍ପ ସ୍ଥାପିତ ହେଉଥିବା ଦୃଷ୍ଟିରୁ କୋରାପୁଟ–ସାଲୁର–ପାର୍ବତୀପୁରମ୍ ରେଳ ସଂଯୋଗ ଅପେକ୍ଷା କୋରାପୁଟ–ରାୟଗଡ଼ା

୫୪ । ମୁଁ ବିଶେଷ ଆନନ୍ଦିତ ଯେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ଏହି କର୍ପୋରେସନର ଶାଖା ଅଫିସ ଜିଲ୍ଲା ଶିଳ୍ପ କେନ୍ଦ୍ରମାନଙ୍କର ସହାୟକ ରୂପେ କାର୍ଯ୍ୟ କରିବ । ବିଗତ ବର୍ଷ ଏହି ସଂସ୍ଥାରଅର୍ଥ ଲଗାଣ ୫·୪୨ କୋଟି ଟଙ୍କା ଥିବା ସ୍ଥଳେ ୧୯୭୮-୭୯ ମସିହାରେ ୬୦୦ ୟୁନିଟକୁ ପର୍ଯ୍ୟାୟଭୁକ୍ତ କରି ଏହି କର୍ପୋରେସନର ବିନିଯୋଗ ପରିମାଣ ୧୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆଶା କରାଯାଉଛି । ପଞ୍ଚମ ପଞ୍ଚବାର୍ଷିକ ଯୋଜନାକାଳରେ ଏକ ହଜାର ଶିଳ୍ପ ୟୁନିଟ୍‌କୁ ଏହି ସଂସ୍ଥାର ଅର୍ଥ ଲଗାଣ ୧୧ କୋଟି ଟଙ୍କା ହୋଇଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟରେ ଛଅ ହଜାର ଶିଳ୍ପ ୟୁନିଟ୍‌କୁ ୪୦ କୋଟି ଟଙ୍କା ବିନିଯୋଗ କରିବାର ଲକ୍ଷ୍ୟ ରଖାଯାଇଛି ।

୫୫ ।ଉତ୍ପାଦନ ଓ କ୍ରୟବିକ୍ରୟ କ୍ଷେତ୍ରରେ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର ଅଗ୍ରଗତି ଅବ୍ୟାହତ ରହିଛି । ବରଗଡ଼ ହୀରା ସିମେଣ୍ଟ କାରଖାନା ୪ ଲକ୍ଷ ୨୬ ହଜାର ୧୩୯ ମେଟ୍ରିକ୍ ଟନ୍ ସିମେଣ୍ଟ ଉତ୍ପାଦନ କରି ଉତ୍ପାଦିକା ଶକ୍ତିର ଶତକଡ଼ା ୧୧ ଭାଗରୁ ଊର୍ଦ୍ଧ୍ୱ ଉତ୍ପାଦନ ହାସଲ କରିପାରିଛି । ମିଳିତ ଉଦ୍ୟୋଗରେ ସ୍ଥାପିତ ଧାନମଣ୍ଡଳ ଝୋଟ କାରଖାନାରୁ ଖୁବ୍ ଶୀଘ୍ର ଉତ୍ପାଦନ ଆରମ୍ଭ ହେବ । କର୍ପୋରେସନର ନୂତନ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଉଦ୍ୟୋଗରେ ଏକ ମିନି ସିମେଣ୍ଟ କାରଖାନା ଓ ଗୋଟିଏ ରିଫ୍ରାକ୍‌ଟରି କାରଖାନା ଏବଂ ମିଳିତ ଉଦ୍ୟୋଗରେ ଏକ ଟେବଲ୍ କାରଖାନା ସ୍ଥାପନ କରିବା ସିଦ୍ଧାନ୍ତ କରାଯାଇଛି ।

୫୬ । ପାଞ୍ଚ କୋଟି ଟଙ୍କା ମୂଳଧନ ବିନିଯୋଗରେ ୧୯୭୩-୭୪ ମସିହାରେ ସ୍ଥାପିତ ରାଜ୍ୟ ଶିଳ୍ପ ଉନ୍ନୟନ ଓ ଅର୍ଥଲଗାଣ କର୍ପୋରେସନ ରାଜ୍ୟରେ ବୃହତ୍ ଓ ମଧ୍ୟମ ଧରଣ ଶିଳ୍ପର ବିକାଶ ଦିଗରେ ବିଭିନ୍ନ ଆର୍ଥିକ, ବୈଷୟିକ ଏବଂ ପରିକଳ୍ପନାଗତ ପ୍ରୋତ୍ସାହନ-ମୂଳକ ବ୍ୟବସ୍ଥା ଗ୍ରହଣ କରୁଅଛନ୍ତି । ମିଳିତ ଉଦ୍ୟମରେ ପରିଚାଳିତ ଯୋଜନାରେ ଅର୍ଥଲଗାଣ, ବେସରକାରୀ ଉଦ୍ୟମରେ ପରିଚାଳିତ ଯୋଜନାଗୁଡ଼ିକୁ ଋଣ ଆକାରରେ ଅର୍ଥ ସାହାଯ୍ୟ ତଥା ଅଂଶଧନ ଯୋଗାଣ ସଙ୍ଗେ ସଙ୍ଗେ ଶିଳ୍ପ ସ୍ଥାପନ ପାଇଁ ଆବଶ୍ୟକ ଭିତ୍ତିଭୂମିକ- ସୁବିଧା, ପରିକଳ୍ପନାଗତ ସୁବିଧା ଏବଂ ଅର୍ଥଲଗାଣ ସଂସ୍ଥାରୁ ଋଣ ବ୍ୟବସ୍ଥା କରିବା ଏହି କର୍ପୋରେସନର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ସମୟରେ ଏହି କର୍ପୋରେସନ ଅଂଶଧନ ବାବଦକୁ ୧ କୋଟି ୨୯ ଲକ୍ଷ ୬୧ ହଜାର ଟଙ୍କା ରାଜ୍ୟ ସରକାର ବିନିଯୋଗ କରିଛନ୍ତି । ମିଳିତ ଉଦ୍ୟମରେ ପରିଚାଳିତ ୫ଟି ସହକ୍ଷ ଏବଂ ବେସରକାରୀ ଉଦ୍ୟମରେ ପରିଚାଳିତ ୨୪ଟି ଶିଳ୍ପ ସଂସ୍ଥା ମଧ୍ୟରୁ ୧୭ଟି ଶିଳ୍ପ ସଂସ୍ଥା ଉତ୍ପାଦନ ଆରମ୍ଭ କରିଛନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନାକାଳରେ ରାଜ୍ୟ ଶିଳ୍ପ ଉନ୍ନୟନ ଓ ବିନିଯୋଗ କର୍ପୋରେସନ ୬୦ କୋଟି ୧୮ ଲକ୍ଷ ଟଙ୍କା ମୂଳଧନ ସଂଗ୍ରହ କରି ୫,୬୫୯ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସଂଭାବନା ସୃଷ୍ଟି କରିପାରିଛି । ଏହି କର୍ପୋରେସନ ଷଷ୍ଠ ଯୋଜନାକାଳରେ କାର୍ଯ୍ୟକାରୀ ହେବାକୁ ଥିବା ୧୭ଟି ଶିଳ୍ପ ପ୍ରକଳ୍ପ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ମିଳିତ ଏବଂ ସରକାରୀ ଉଦ୍ୟୋଗରେ ୬୩ ଗୋଟି ନୂତନ ଯୋଜନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହିସବୁ ଉଦ୍ୟୋଗରେ ୧୩ କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରସ୍ତାବ ରହିଛି । ଷଷ୍ଠ ଯୋଜନାର ପ୍ରଥମ ବର୍ଷ ଏହି କର୍ପୋରେସନ ପାଇଁ ୪୬ ଲକ୍ଷ ଟଙ୍କା ଅର୍ଥ ବରାଦ କରାଯାଇଛି । ୨୫ କୋଟି ଟଙ୍କା ବିନିଯୋଗରେ ଗୋଟିଏ ଫେରୋଭାନାଡ଼ିୟମ କାରଖାନା, ୨୨କୋଟି ଟଙ୍କା ବିନିଯୋଗରେ ଏକ ସ୍ପଞ୍ଜ ଲୁହା କାରଖାନା, ୨ କୋଟି ଟଙ୍କା ବିନିଯୋଗରେ ଗୋଟିଏ ଭେଷଜ (ଫାର୍ମାସ୍ୟୁଟିକାଲ୍) କାରଖାନା, ୭ କୋଟି ଟଙ୍କା ବିନିଯୋଗରେ ଅଧିକ ପ୍ରସାରଣଯୋଗ୍ୟ ଇସ୍ପାତ ପଟୀ କାରଖାନା, ୨୯ ଲକ୍ଷ ଟଙ୍କା ବିନିଯୋଗରେ ଏକ କୃତ୍ରିମ ବିଶୋଧକ କାରଖାନା ସ୍ଥାପନ କରିବାପାଇଁ ସବୁ ପ୍ରକାର ବ୍ୟବସ୍ଥା ଶେଷ ହୋଇଛି । ଏହିସବୁ କାରଖାନା ମିଳିତ ଉଦ୍ୟମରେ ଇପିକଲର ସହାୟତାରେ ସ୍ଥାପନ କରିବାର ବ୍ୟବସ୍ଥା ହେଉଛି । ଏହା ବ୍ୟତୀତ ଇପିକଲର ସହାୟତା ଓ ସହଯୋଗରେ ବେସରକାରୀ ଉଦ୍ୟୋଗରେ ଅର୍ଥ ଲଗାଣର ସଂଭାବନା ଉଜ୍ଜ୍ୱଳତର ହୋଇଛି । ଏହି ପରିପ୍ରେକ୍ଷୀରେ ଗୋଟିଏ ସିମେଣ୍ଟ ଗ୍ରାଇଣ୍ଡିଂ ପ୍ଲାଣ୍ଟ୍, ଗୋଟିଏ କାଲସିୟମ୍ କାରବାଇଡ୍ କାରଖାନା, ଗୋଟିଏ ସିଲିକନ୍ କାରବାଇଡ୍ କାରଖାନା ଏବଂ କାଠଗୁଣ୍ଡ ବୋର୍ଡ କାରଖାନାର ନାମ ଉଲ୍ଲେଖଯୋଗ୍ୟ । ବଡ଼ ବଡ଼ ଶିଳ୍ପ ଉନ୍ନୟନ କେନ୍ଦ୍ରର ବିକାଶ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ନିମନ୍ତେ ରାଜ୍ୟ ସରକାର ଇତି ମଧ୍ୟରେ ଇପିକଲକୁ ଜମି ହସ୍ତାନ୍ତର କରିଛନ୍ତି । ପଞ୍ଚମ ଯୋଜନା କାଳରେ ଏହି ପ୍ରକଳ୍ପ ପାଇଁ ଖୁବ୍ ଅଳ୍ପ ଯୋଜନା ସାହାଯ୍ୟ ମିଳିଥିଲା । ଷଷ୍ଠ ଯୋଜନା କାଳରେ ୧୦ ଗୋଟି ଶିଳ୍ପ ଉନ୍ନୟନ କେନ୍ଦ୍ର ପାଇଁ ଆବଶ୍ୟକ ୬୩୯ ହେକ୍ଟର ଜମିର ବିକାଶ ପାଇଁ ଅଂଶଧନ ବାବଦ ୬ କୋଟି ୪୭ ଲକ୍ଷ ୫୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଷଷ୍ଠ ଯୋଜନାର ପ୍ରଥମ ବର୍ଷରେ ଏ ବାବଦରେ ୨୫ ଲକ୍ଷ ଟଙ୍କା ବିନିଯୋଗ କରିବାର ବ୍ୟବସ୍ଥା ହୋଇଛି ।

୫୭ । ବେସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କ ପାଇଁ ଏକ ବାଧ୍ୟତାମୂଳକ ଗୋଷ୍ଠୀ ବୀମା ଯୋଜନା ୧୯୭୮ ମସିହା ଅପ୍ରେଲ ପହିଲାରୁ କାର୍ଯ୍ୟକାରୀ ହୋଇଛି । ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ନିଯୁକ୍ତ ବିଭିନ୍ନ ଶ୍ରେଣୀର ୧ଲକ୍ଷ ୧୭ ହଜାର ୪୮୯ ଜଣ କର୍ମଚାରୀ ଏହି ବୀମା ଯୋଜନାର ପରିସରଭୁକ୍ତ ହେବେ । ମୃତ କର୍ମଚାରୀଙ୍କର ପରିବାରବର୍ଗଙ୍କୁ ତତ୍‌କ୍ଷଣାତ ଆର୍ଥିକ ସାହାଯ୍ୟ ଯୋଗାଇବାରେ ଏହି ଯୋଜନା ବିଶେଷ ସହାୟକ ହୋଇପାରିଛି । ଏହି ଯୋଜନା ପ୍ରବର୍ତ୍ତନର ପ୍ରଥମ ବର୍ଷରେ ୭୭ ଜଣ ମୃତ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ୫ ଲକ୍ଷ ୮୨ ହଜାର ଟଙ୍କା ସାହାଯ୍ୟ ଦିଆଯାଇଛି ।

୫୮ । ୧୯୭୮ ମସିହା ଜୁନ୍ ମାସ ସୁଦ୍ଧା ବ୍ୟବସାୟିକ ବ୍ୟାଙ୍କ୍‌ଗୁଡ଼ିକ ରାଜ୍ୟରେ ୬୬୦ ଗୋଟି ଶାଖା ଖୋଲିଛନ୍ତି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ଆଉ ୫୦୦ ଗୋଟି ଶାଖାବ୍ୟାଙ୍କ ଖୋଲିବାର ପ୍ରସ୍ତାବ ରହିଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱରଠାରେ ଓଡ଼ିଶା ପାଇଁ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରିବାକୁ ମଞ୍ଜୁର କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ବିଗତ କେତେବର୍ଷ ଧରି ଦାବୀ କରି ଆସୁଥିଲେ । ଏହିସବୁ ବ୍ୟାଙ୍କ୍ ରାଜ୍ୟରେ ୧୭୦ କୋଟି ଟଙ୍କା ଜମା ସଂଗ୍ରହ କରି ପାରିଛନ୍ତି ଏବଂ ୧୦୩ କୋଟି ଟଙ୍କା ଋଣ ଆକାରରେ ବିନିଯୋଗ କରିଛନ୍ତି । ଏହା ବ୍ୟତୀତ ଏହି ସବୁ ବ୍ୟାଙ୍କ୍ ୮୫ କୋଟି ଟଙ୍କା ମୂଲ୍ୟର ସରକାରୀ ବଣ୍ଡ୍ କିମ୍ବା ସରକାରୀ ଗ୍ୟାରେଣ୍ଟି ବଣ୍ଡ୍ ଖରିଦ କରିଛନ୍ତି । ଏହି ଅଗ୍ରିମ ଟଙ୍କାରୁ ଅର୍ଦ୍ଧେକ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ବିନିଯୋଗ କରାଯାଇଛି । ଏହି ଅଗ୍ରିମ, ସର୍ବଭାରତୀୟ ସ୍ତରରେ ୪,୨୯୫ ଟଙ୍କା ଥିବା ସ୍ଥଳେ ଓଡ଼ିଶାରେ ହେଉଛି ୨,୨୬୬ ଟଙ୍କା । ଅଗ୍ରିମ ଟଙ୍କାର ଦୁଇ ତୃତୀୟାଂଶ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ବିନିଯୋଗ କରାଯାଇଛି । ଓଡ଼ିଶାର ବିଭିନ୍ନ ଯୋଜନା ପାଇଁ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ତରଫରୁ ୪୪ କୋଟି ଟଙ୍କା ବିନିଯୋଗ କରିବା ପାଇଁ ମଞ୍ଜୁରୀ ମିଳିଛି ।

୫୯ । ମୁଁ ଆନନ୍ଦର ସହିତ ସୂଚନା ଦେବାକୁ ଚାହେଁ ଯେ ୬୬ କୋଟି ଟଙ୍କା ବିନିଯୋଗରେ ଓଡ଼ିଶାର ୨୫୫ଟି ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କୃଷି ପୁନଃଅର୍ଥଲଗାଣ ଓ ଉନ୍ନୟନ କର୍ପୋରେସନ ଅର୍ଥ ମଂଜୁର କରିଛନ୍ତି ।

୭୨ । ନାଳାବର ସେତୁମାନଙ୍କ କାର୍ଯ୍ୟ ଶେଷ ହେଲେ ଯେ କଳାହାଣ୍ଡି ଜିଲ୍ଲା ଗୁଣୁପୁର- ମୁନିଗୁଡ଼ା-ରାମପୁର ରାସ୍ତାର ଉନ୍ନତି ବିଧାନ କରାଯାଉଛି ଏବଂ ଆସନ୍ତା ବର୍ଷ ଗୁଣୁପୁର ଯାଏ ଏହି ରାସ୍ତାଟି ସଂପୂର୍ଣ୍ଣ ହେବ । ଆଗାମୀ ବର୍ଷ ନିମ୍ନଲିଖିତ ସେତୁଗୁଡ଼ିକ ସଂପୂର୍ଣ୍ଣ ହେବ ।

(୧) କଟକ ଜିଲ୍ଲା ଗୋବରୀ ସେତୁ
(୨) ବାଲେଶ୍ୱର ଜିଲ୍ଲା ପାର୍ବତୀ ସେତୁ
(୩) ମୟୂରଭଞ୍ଜ ଜିଲ୍ଲା କାଳିଆ ପୀଠ ସେତୁ
(୪) କୋରାପୁଟ ଜିଲ୍ଲା ନାଗାବଳୀ ସେତୁ
(୫) ବାଲେଶ୍ୱର ଜିଲ୍ଲା ରାଜଘାଟ ନିକଟସ୍ଥ ସୁବର୍ଣ୍ଣରେଖା ସେତୁ
(୬) ପାଞ୍ଚ ନମ୍ବର ଜାତୀୟ ରାଜପଥର ଇଛିଡ଼ିଆ ନଦୀ ଉପରେ ବୃହତ୍ ସେତୁ

ଶୀଘ୍ର ଆରମ୍ଭ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :-

(୧) ଆନନ୍ଦପୁର ନିକଟରେ ବୈତରଣୀ ସେତୁ
(୨) ଗୁଣୁପୁର ନିକଟରେ ବଂଶଧାରା ସେତୁ
(୩) ନିର୍ଗୁଣ୍ଡି ରେଳ ଷ୍ଟେସନ ନିକଟରେ ପାଞ୍ଚ ନମ୍ବର ଜାତୀୟ ରାଜପଥ ଓ ବୟାଳିଶ ନମ୍ବର ଜାତୀୟ ରାଜପଥ ମଧ୍ୟରେ ସଂଯୋଗକାରୀ ରାସ୍ତା ।
(୪) ସାଲେଭଟା-ଅଗଲପୁର ରାସ୍ତାର ଅଗଲପୁରଠାରେ ଅଂଗ ସେତୁ
(୫) ମହାନଦୀ ଓ ଅଂଗ ନଦୀ ଉପରେ ଯଥାକ୍ରମେ ସୋନପୁର ଓ ବିନିକା ଠାରେ ସେତୁ ନିର୍ମାଣ ସଂକ୍ରାନ୍ତ ଅନୁସନ୍ଧାନ କାର୍ଯ୍ୟ ।
(୬) ଅନୁଗୁଳ-ପୁଅପଡ଼ା ରାସ୍ତାରେ ଜୋକ ନଦୀ ଉପରେ ଉଚ୍ଚ ସେତୁ

୭୩ । ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଗ୍ରାମାଞ୍ଚଳ ସଂଯୋଗକାରୀ ରାସ୍ତା କାର୍ଯ୍ୟକ୍ରମ ଅନୁଯାୟୀ ମୋ ସରକାର ଏକ ବିରାଟ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ଓ ସେ ଦିଗରେ କେତେକ କାର୍ଯ୍ୟ ହୋଇଛି । ଆଗାମୀ ବର୍ଷ ଏ ସବୁ ସଂପୂର୍ଣ୍ଣ କରାଯାଇ ପାରିବ ବୋଲି ଆଶା କରାଯାଏ ।

୭୪ । କାଳିମେଳା ପ୍ରୋଜେକ୍ଟର ହାଇଡ୍ରୋ ଶକ୍ତିକୋଠାର କାରିଗରୀ କାର୍ଯ୍ୟ, ବିଶାଖା- ପାଟଣା ବନ୍ଦରର ଜେଟି ନିର୍ମାଣ କାର୍ଯ୍ୟ, ପାରାଦୀପ ବନ୍ଦରର ମନୋଲିଥ୍ କାର୍ଯ୍ୟ, କାଳିମେଳାର ମାଟି ବନ୍ଧ, ମହାନଦୀ, ଲୁଣା ଓ ସୁନ୍ଦର ନଦୀ ଉପରେ ପ୍ରି-ଷ୍ଟ୍ରେସ୍ଡ଼ ଗାର୍ଡର ସେତୁ, ତାଳଚେର ସାର ପରିକଳ୍ପନା, ସୁନାବେଡ଼ା ଠାରେ ଉଡ଼ାଜାହାଜ କାରଖାନା ଏବଂ ତ୍ରିକୋଣ ଭୂମି ଜଳସେଚନ ବ୍ୟବସ୍ଥା ଅନ୍ତର୍ଗତ ଲୁଣା-ସାଇଫନ୍ କାର୍ଯ୍ୟ ଓଡ଼ିଶା ନିର୍ମାଣ କର୍ପୋରେସନ ସଂପୂର୍ଣ୍ଣ କରି ସାରିଲେଣି । ବର୍ତ୍ତମାନ କର୍ପୋରେସନ ହାତରେ ୨୪ କୋଟି ଟଙ୍କା ବ୍ୟୟ ସମ୍ବଳିତ ୨୧ ଟି ପରିକଳ୍ପନା ରହିଛି । ଏଥି ମଧ୍ୟରୁ ପ୍ରାୟ ୮ କୋଟି ଟଙ୍କାର କାମ ହୋଇ ଗଲାଣି । ଚଳିତ ବର୍ଷ ୫ କୋଟି ଟଙ୍କାର କାମ ସଂପୂର୍ଣ୍ଣ ହେବ । ମୁଁ ବିଶେଷ ଆନନ୍ଦିତ ଯେ ନଦୀ, ବନ୍ଧ, ସ୍ଲୁଇସ୍ ଓ ଅନ୍ୟାନ୍ୟ ଜଳସେଚନ ବ୍ୟବସ୍ଥାରେ ବ୍ୟବହୃତ ହେବା ପାଇଁ ବିଭିନ୍ନ କିସମର ଲୌହ ଗେଟ୍‌ର ନକ୍ସା ପ୍ରସ୍ତୁତ ତଥା ନିର୍ମାଣ କାର୍ଯ୍ୟ କର୍ପୋରେସନ ହାତକୁ ନେଇଛନ୍ତି । ଏଥିପାଇଁ ଆଧୁନିକ ଯନ୍ତ୍ରପାତି ସମ୍ବଳିତ ଏକ ସ୍ୱତନ୍ତ୍ର ଧରଣର କାରଖାନା ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଛି । ଏହି କର୍ପୋରେସନ ଜଳକା ବ୍ୟାରେଜ୍, ସାଲନ୍ଦୀ ଓ ବରଗଡ଼ ସ୍ଲୁଇସ୍‌ର ଗେଟ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିଛନ୍ତି । ରେଂଗାଲି ଏବଂ ତାଳଚେର ଥର୍ମାଲ ଷ୍ଟେସନ ପ୍ରଭୃତି ବୃହତ୍ ଧରଣର କେତେକ କାର୍ଯ୍ୟ ନିର୍ମାଣ କର୍ପୋରେସନର ନିର୍ମାଣାଧୀନ ଅଛି ।

୭୫ । ମୋର ଦୃଢ଼ବୋଧ ହୋଇଛି ଯେ ଷଷ୍ଠ ଯୋଜନା କାଳରେ ସଂଶୋଧିତ ଜାତୀୟ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମର ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ଅଂଗ ଯଥା, ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷାର ସଂପ୍ରସାରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ସ୍କୁଲ ନ ଥିବା ଅଞ୍ଚଳରେ ୪୦୦ ଟି ନୂତନ ପ୍ରାଥମିକ ସ୍କୁଲ ଖୋଲା ଯିବା ସଂଗେ ସଂଗେ ୩୦୦ ଟି ତୃତୀୟ ଶ୍ରେଣୀ ବିଶିଷ୍ଟ ନିମ୍ନ ପ୍ରାଥମିକ ସ୍କୁଲକୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ କରାଯାଇଛି । ୨୦୦ ଉଚ୍ଚ ପ୍ରାଥମିକ ସ୍କୁଲକୁ ମଧ୍ୟଇଂରାଜି ସ୍କୁଲ ରୂପେ ଉନ୍ନୀତ କରଯାଇଛି । ଆଦିବାସୀ ଅଧ୍ୟୁଷିତ ଅଂଚଳ ତଥା ଅନୁନ୍ନତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମୋ ସରକାର ମାଗଣା ପାଠ୍ୟପୁସ୍ତକ ଓ ଲିଖନ ସାମଗ୍ରୀ, ବାଳିକାମାନଙ୍କର ସ୍କୁଲ ପୋଷାକ ଏବଂ ଉପସ୍ଥାନ ବୃତ୍ତି ପ୍ରଭୃତି ଯୋଗାଇ ଦେଇ ଏ ଦିଗରେ ପ୍ରୋତ୍ସାହିତ କରୁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କମ୍ ସାକ୍ଷର ଲୋକ ଥିବା ୩୪ ଟି ବ୍ଲକରେ ୧୮୫୬ ଟି ପ୍ରାକ୍-ପ୍ରାଥମିକ ଶ୍ରେଣୀ ଖୋଲା ଯାଇଛି । ଏହାଦ୍ୱାରା ଆଦିବାସୀ ଓ ହରିଜନ ପିଲାମାନେ ଉପକୃତ ହୋଇଛନ୍ତି ।

୭୬ । ୧୯୭୮-୭୯ ରେ ୧୨୯ ଟି ନୂତନ ହାଇସ୍କୁଲ ସ୍ୱୀକୃତି ପାଇଥିଲା । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହାର ଗୁଣାତ୍ମକ ବିକାଶ ତଥା ଏକତ୍ରୀକରଣ ଉପରେ ଆମର ଗୁରୁତ୍ୱ ଅବ୍ୟାହତ ରହିଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆମର ଅନଗ୍ରସରତାକୁ ବିଚାରକୁ ନେଇ ଚଳିତ ବର୍ଷ ୧୧ଟି ନୂତନ ବେସରକାରୀ କଲେଜକୁ ସ୍ୱୀକୃତି ଦିଆ ଯାଇଛି ଏବଂ ୬ ଟି ସରକାରୀ ଅନୁଷ୍ଠାନରେ ଉପାଧ୍ୟୁତ୍ତର ଶ୍ରେଣୀ ଖୋଲା ଯାଇଛି । ଜାତୀୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ରାଜ୍ୟରେ ଏକ ବ୍ୟାପକ ପ୍ରୌଢ଼ ଶିକ୍ଷା ଅଭିଯାନ ଆରମ୍ଭ କରାଯାଇଛି । ୧୯୮୩ ମସିହା ସୁଦ୍ଧା ୧୫ ରୁ ୩୫ ବର୍ଷ ବୟସ ସୀମା ଭିତରେ ମୋଟ ୫୫ ଲକ୍ଷ ନିରକ୍ଷରଙ୍କ ମଧ୍ୟରୁ ୪୫ ଲକ୍ଷ ଲୋକଙ୍କୁ କାର୍ଯ୍ୟାତ୍ମକ ସାକ୍ଷରକରିବା ପାଇଁ ଲକ୍ଷ୍ୟ ରଖା ଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୯୭୮-୭୯ ଶେଷ ସୁଦ୍ଧା ଅନ୍ତତଃ ୧ ଲକ୍ଷ ଲୋକ ସାକ୍ଷର ହୋଇ ସାରିଥିବେ ବୋଲି ଆଶା କରାଯାଏ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ରହିଥିବା ସୁବିଧାସୁଯୋଗକୁ ଅଧିକ ସୁଦୃଢ଼ କରିବା ସଂଗେ ସଂଗେ ଉପସ୍ନାତକ ସ୍ତରର ଶିକ୍ଷାକୁ ବୃତ୍ତିମୂଳକ କରାଯିବ । ୧୯୭୯-୮୦ ମସିହା ବଜେଟରେ ଅସ୍ଥାୟୀ ଭାବେ ଏ ବାବଦରେ ୧୧.୬୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ରେଳ ସଂଯୋଗର ଉପଯୋଗିତା ବିଷୟରେ ମୋ ସରକାର କେନ୍ଦ୍ର ରେଳବାଇ ମନ୍ତ୍ରୀଙ୍କଠାରେ ଉପସ୍ଥାପିତ କରିଛନ୍ତି । ଆପଣମାନେ ଜାଣି ଖୁସି ହେବେ, ମୋ ସରକାର ରାଜ୍ୟରେ ଆବଶ୍ୟକତା ଭିତ୍ତିରେ ରେଳପଥ ଉନ୍ନୟନ କାର୍ଯ୍ୟକ୍ରମ ବିଷୟରେ ଏକ ତାଲିକା ପ୍ରସ୍ତୁତ କରିଛନ୍ତି ଓ ଏହାକୁ ରେଳବାଇ ମନ୍ତ୍ରୀଙ୍କ ପାଖକୁ ପଠାଇଛନ୍ତି । ରାଜ୍ୟରେ ରେଳପଥ ଉନ୍ନୟନ ପାଇଁ ୧୯୭୯-୮୦ ଆର୍ଥିକ ବର୍ଷରେ ଭୁବନେଶ୍ୱରଠାରେ ଏକ ରେଳ ସମନ୍ୱୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ଆମେ ବିହିତ ବ୍ୟବସ୍ଥା କରୁଅଛୁ । ଏହି ତାଲିକାରେ ନିମ୍ନଲିଖିତ ସମ୍ଭାବିତ ରେଳପଥ ଅନ୍ତର୍ଭୁକ୍ତ କରାଯାଇଛି—

୧ । ଜଖପୁର—ବାଂଶପାଣି

୨ । ତାଳଚେର—ସମ୍ବଲପୁର

୩ । କୋରାପୁଟ—ରାୟଗଡ଼ା

୪ । ଦକ୍ଷିଣାଞ୍ଚଳର ଗୋର୍ପା ଏବଂ ବ୍ରହ୍ମପୁର ଓ ପଶ୍ଚିମାଞ୍ଚଳରେ କେନ୍ଦ୍ରିତ ଏବଂ ରାୟଗଡ଼ା ମଧ୍ୟସ୍ଥ ଯେ କୌଣସି ଦୁଇଟି ସ୍ଥାନର ସଂଯୋଗ ।

୫ । ରୂପସା—ବାରିପଦା—ବାଙ୍ଗିରିପୋଷି ଅଣଓସାରିଆ ରେଳପଥକୁ ଓସାରିଆ ରେଳପଥରେ ପରିଣତ କରିବା ସଙ୍ଗେ ସଙ୍ଗେ ଏହାର ସଂପ୍ରସାରଣ ।

୬ । ନୂଆପଡ଼ା—ଗୁଣପୁର ଅଣଓସାରିଆ ରେଳପଥକୁ ଓସାରିଆ ରେଳପଥରେ ପରିଣତ କରିବା ସଙ୍ଗେ ସଙ୍ଗେ ଏହାର ସଂପ୍ରସାରଣ ।

୭ । ଜୟପାଟଣା, ଜୁନାଗଡ଼ ଏବଂ ଭବାନୀପାଟଣା ଦେଇ ଜୟପୁର—ଅମ୍ବାଗୁଡ଼ା—କେସିଙ୍ଗା ରେଳପଥ ନିର୍ମାଣ ।

୮ । ତାଳଚେରଠାରୁ ବରକୋଟ ଦେଇ ବିମଳାଗଡ଼ ରେଳପଥ ନିର୍ମାଣ

୯ । ଗୋପାଳପୁର—ବ୍ରହ୍ମପୁର ସଂଯୋଗ

୬୯ । ଚଳିତ ବର୍ଷ ରାଜ୍ୟ ସଡ଼କ ପରିବହନ କର୍ପୋରେସନ ଏବଂ ସଡ଼କ ପରିବହନ କଂପାନୀ ପକ୍ଷରୁ ଅତି ପୁରୁଣା ବସ ପରିବର୍ତ୍ତେ ନୂଆ ବସ ଚଳାଇବା ଏବଂ ବସ୍ ଚଳାଚଳ ସଂଖ୍ୟା ବର୍ଦ୍ଧି ପାଇଁ ୨୮୨ଟି ନୂଆ ବସ କିଣାଯାଇଛି । ଆସନ୍ତା ବର୍ଷ ମଧ୍ୟ ଯାତ୍ରୀମାନଙ୍କର ଅଧିକ ସୁବିଧା ପାଇଁ ୨୬୯ଟି ନୂଆ ବସ କିଣାଯିବ ।

୭୦ । ଏହା ସର୍ବବାଦୀସମ୍ମତ ଯେ ଯୋଗାଯୋଗ ବ୍ୟବସ୍ଥା ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ବିଶେଷ ପ୍ରୟୋଜନ । ସର୍ବଭାରତୀୟ ସ୍ତରରେ ହାରାହାରି ପ୍ରତି ଏକଶହ ବର୍ଗ କିଲୋମିଟର ପାଇଁ ୧୬ କିଲୋମିଟର ରେଳପଥ ଥିବା ସ୍ଥଳେ ଓଡ଼ିଶାରେ ସେହି ଅନୁପାତରେ ହାରାହାରି ୮·୬ କିଲୋମିଟର ରେଳପଥ ରହିଛି । ମୋଟାମୋଟି ଏହି କାରଣରୁ ଯୋଜନାରେ ରାସ୍ତା ଉନ୍ନୟନ ନିମନ୍ତେ ଅଗ୍ରାଧିକାର ଦେବା ପାଇଁ ରାଜ୍ୟ ବିଧାନ ସଭାପକ୍ଷରୁ ଗତ ତା ୧୫-୯-୭୮ ରେ ଏକ ସର୍ବସମ୍ମତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା । ମୋ ସରକାର ଯୋଜନା କମିଶନଙ୍କଠାରେ ଏହି ବିଷୟରେ ସମୁଚିତ ଦାବୀ ଉପସ୍ଥାପିତ କରିଛନ୍ତି । ଷଷ୍ଠ ଯୋଜନା କାଳରେ ରାସ୍ତା ଉନ୍ନୟନ ବାବଦରେ ୩୨୭ଟି ଯୋଜନା ପାଇଁ ୧୩୫ କୋଟି ୬୫ ଲକ୍ଷ ଟଙ୍କା ଆବଶ୍ୟକ ହେବ ବୋଲି ଜଣାଯାଇଛି ।

୭୧ । ରାଜ୍ୟର ସୀମିତ ସମ୍ବଳ ମଧ୍ୟରେ ମୋ ସରକାର ନିମ୍ନଲିଖିତ ସଡ଼କ ପୋଲ ନିର୍ମାଣ କରିପାରିଛନ୍ତି ।

୧ । ବଲାଙ୍ଗିର—ଭବାନୀପାଟଣା ରାସ୍ତାରେ ଲାନ୍ଥନଦୀ ପୋଲ

୨ । ନୟାଗଡ଼—ଦଶପଲ୍ଲା ରାସ୍ତାରେ ଝଲି-ଖଳା ନାଳପୋଲ

୩ । ପୁରୁନକଟକ—ନିଆଳି ମାଧବ ରାସ୍ତାରେ ପ୍ରାଚୀନଦୀ ପୋଲ

୪ । ଝିଙ୍କିଝରି—ବାଙ୍କିଅପୀଠ ରାସ୍ତାରେ ବାଂଶୋଳକୁ ସଂଯୋଗ ପୋଲ

୫ । ନରସିଂହପୁର—ବାଲିପୁର ରାସ୍ତାରେ ବଡ଼ସୋହାଗି ପୋଲ

୬ । ଦେଓପଦା—ତଳବରକୋଟ ରାସ୍ତାରେ ବଡ଼ନାଳ ପୋଲ

୭ । ନୟାଗଡ଼—ଖଣ୍ଡପଡ଼ା—ଫତେଗଡ଼ ରାସ୍ତାରେ କାଳିଗିରି ପୋଲ

୮ । ବୋରିଗୁମା—ନବରଙ୍ଗପୁର ରାସ୍ତାରେ ଇନ୍ଦ୍ରାବତୀ ପୋଲ

୯ । କୋରାପୁଟ ଜିଲ୍ଲାର ଗୁରୁଜଧୁଆ ପୋଲ

୧୦ । ବାଲେଶ୍ୱର ଜିଲ୍ଲାର କାଳିକୋର ପୋଲ

୧୧ । ମୟୂରଭଞ୍ଜ ଜିଲ୍ଲାର ଦେବନଦୀ ପୋଲ

୧୨ । କେନ୍ଦ୍ରାପଡ଼ା—ବାଗଡ଼ିଆ ରାସ୍ତାରେ ବଡ଼କୋଦ ପୋଲ ।

ହଜାର ଟଙ୍କା ମଞ୍ଜୁର କରାଯାଇଛି । ଉକ୍ତ ପରିକଳ୍ପନା ଅନୁଯାୟୀ ୧୯୭୮-୭୯ ମସିହା ମଧ୍ୟରେ ସଂପନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ୫,୬୦ଟି ବାସଗୃହ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ରାଜ୍ୟ ସରକାର ଜେନେରାଲ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆଠାରୁ ଗୃହ ନିର୍ମାଣ ପରିକଳ୍ପନାରେ ବିନିଯୋଗ ନିମନ୍ତେ ଏକ କୋଟି ଟଙ୍କା ଆଣିଛନ୍ତି । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ବିଭିନ୍ନ ବାସଗୃହ ନିର୍ମାଣ ପରିକଳ୍ପନା କାର୍ଯ୍ୟ ହାତକୁ ନେଇଛନ୍ତି । ଉକ୍ତ ବୋର୍ଡ ୩ କୋଟି ୧୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ୧୯୭୮-୭୯ରେ ଭୁବନେଶ୍ୱର ଓ ରାଉରକେଲାଠାରେ ୧,୯୦୮ ଗୋଟି ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ୧୯୭୯-୮୦ରେ ଉକ୍ତ ବୋର୍ଡ ରାଜ୍ୟ ସରକାର ଓ "ହୁଡ୍‌କୋ"ଙ୍କଠାରୁ ଋଣ ଆକାରରେ ଆର୍ଥିକ ସାହାଯ୍ୟ ଲାଭକରି ୭ କୋଟି ୫୬ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ଅଟକଳରେ ୬,୧୫୮ ଗୋଟି ବାସଗୃହ ନିର୍ମାଣ କାର୍ଯ୍ୟକ୍ରମ ଭଳି ଏକ ପରିବର୍ଦ୍ଧିତ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରସ୍ତାବ କରିଛନ୍ତି ।

୮୬ । କଟକ ଓ ୫ଟି ନଗର ଉନ୍ନୟନ ସଂସ୍ଥା ଉଲ୍ଲେଖନୀୟ ସଫଳତାସହ କାର୍ଯ୍ୟ କରୁଅଛି । ସ୍ୱଳ୍ପ ଆୟକାରୀ ଓ ଆର୍ଥିକ ସ୍ୱଚ୍ଛଳତା ନଥିବା ବ୍ୟକ୍ତିମାନଙ୍କ ଲାଗି ୬୪୨ ଗୋଟି ବାସଗୃହ ନିର୍ମାଣ ଶେଷ ହୋଇଛି ଏବଂ ଅନ୍ୟ ୪୩୨ ଗୋଟି ବାସଗୃହ ନିର୍ମାଣ ନିକଟରେ ସମାପ୍ତ ହେବ ବୋଲି ଆଶା କରାଯାଏ । ଏତଦ୍‌ବ୍ୟତୀତ ୮୩୩ ଗୋଟି ବାସଗୃହର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ୧୯୭୬ ମସିହା ଜାନୁଆରୀ ମାସରେ ଗଠନ କରାଯାଇଥିବା ଭୁବନେଶ୍ୱର ରିଜିଓନାଲ୍ ଇଂପ୍ରୁଭମେଣ୍ଟ ଟ୍ରଷ୍ଟର କୃତିତ୍ୱ ବିଶେଷ ଉଲ୍ଲେଖନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗତବର୍ଷ ଉକ୍ତ ଟ୍ରଷ୍ଟ ୨୨ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟ ଅଟକଳରେ ୨୩୨ ଗୋଟି ବାସଗୃହ ନିର୍ମାଣ ସମାପ୍ତ କରିଛନ୍ତି ଓ ଚଳିତ ବର୍ଷ ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୫୮ ଗୋଟି ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଉକ୍ତ ଟ୍ରଷ୍ଟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧,୯୯୬ ଗୋଟି ବାସଗୃହ ଓ ୧୬୩ ଗୋଟି ଦୋକାନ ଗୃହ ନିର୍ମାଣ ହାତକୁ ନେଇଛନ୍ତି । ଏତଦ୍‌ବ୍ୟତୀତ ରାଜଧାନୀରେ ୫ କୋଟି ଟଙ୍କା ବ୍ୟୟ ଅଟକଳରେ କଳିଙ୍ଗ ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ଉକ୍ତ ବୋର୍ଡ ହାତକୁ ନେଇଛନ୍ତି । ଏହାଛଡ଼ା ଉକ୍ତ ଟ୍ରଷ୍ଟ କରିଥାରେ ଅନ୍ୟ ଯେଉଁସବୁ ଉଲ୍ଲେଖନୀୟ ନିର୍ମାଣ କାର୍ଯ୍ୟ ହାତକୁ ନେବାର ପ୍ରସ୍ତାବ ରହିଛି, ତନ୍ମଧ୍ୟରେ ଉଡ଼ାଜାହାଜ ପଡ଼ିଆ ନିକଟରେ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସୁପର ବଜାର ନିର୍ମାଣ, ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସହୀଦ ନଗରଠାରେ ଏକ କମ୍ୟୁନିଟି ସେଣ୍ଟର ତଥା ଦୋକାନ ଗୃହ ଓ ଉଡ଼ିଙ୍ଗ ନିର୍ମାଣ, ୫ ଗୋଟି ସ୍ଥାନରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛୋଟ ଛୋଟ ଦୋକାନ ଗୃହ ନିର୍ମାଣ ଓ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ବରମୁଣ୍ଡାଠାରେ ତିନି ହଜାର ବାସଗୃହ ନିର୍ମାଣ ଅନ୍ତର୍ଭୁକ୍ତ ।

୮୭ । ମୋ ସରକାର ବିଚାରାଳୟରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ତୁରନ୍ତ ଫଇସଲା କରିବା ଲାଗି ଓ ଜନସାଧାରଣଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୯୭୮ ମସିହା ମଧ୍ୟରେ ସୁନ୍ଦରଗଡ଼ଠାରେ ଏକ ସ୍ଥାୟୀ ଜଜ୍‌କୋର୍ଟ, କେନ୍ଦୁଝର ଓ କଳାହାଣ୍ଡିଠାରେ ଅତିରିକ୍ତ ଜିଲ୍ଲା ଜଜ୍‌କୋର୍ଟ ପ୍ରତିଷ୍ଠା କରିଛନ୍ତି । ନରସିଂହପୁରଠାରେ ଏକ ସବ୍‌ଅର୍ଡିନେଟ୍ ଜଜ୍‌କୋର୍ଟ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ଦେବୋତ୍ତର ପ୍ରଶାସନିକ ବ୍ୟବସ୍ଥାର ମାନବୃଦ୍ଧି କରିବା ଲାଗି ମୋ ସରକାର ବ୍ରହ୍ମପୁର, ସମ୍ବଲପୁର ଓ ଭୁବନେଶ୍ୱରଠାରେ ୩ ଗୋଟି ଆଞ୍ଚଳିକ ମହକୁମା ପ୍ରତିଷ୍ଠା କରିଛନ୍ତି । ପ୍ରତ୍ୟେକ ମଣ୍ଡଳ ଦାୟିତ୍ୱରେ ଜଣେ ସହକାରୀ ଦେବୋତ୍ତର କମିଶନର ରହିବେ । ସମାଜର ଦରିଦ୍ର ଶ୍ରେଣୀର ଲୋକମାନଙ୍କୁ କଚେରୀରେ ମାମଲା ଲଢ଼ିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ଲାଗି ସରକାର ଯେଉଁ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି, ତାକୁ କାର୍ଯ୍ୟକାରୀ କରିବା ପାଇଁ ଲିଗାଲ୍ ଏଡ୍ କମିଟିମାନ ଗଠନ କରାଯାଇଛି । ଏଥି ନିମନ୍ତେ ୧୯୭୮-୭୯ ମସିହା ମଧ୍ୟରେ ୧ ଲକ୍ଷ ୪୮ ହଜାର ଟଙ୍କା ଯୋଗାଇ ଦିଆଯାଇଛି ।

୮୮ । ଏହା ଏକ ପରିତୋଷର ବିଷୟ ଯେ ମୋ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ସାଂପ୍ରଦାୟିକ ସଦ୍ଭାବ କଡ଼ାକଡ଼ି ଭାବେ ବଜାୟ ରହିଛି । ଜରୁରୀକାଳୀନ ଅବସ୍ଥା ସମୟରେ ଯେଉଁ ପରିବାରର ବ୍ୟକ୍ତିମାନେ ଆଭ୍ୟନ୍ତରୀଣ ନିରାପତ୍ତା ଆଇନ ବଳରେ ଅଟକ ରହିଥିଲେ ସେମାନଙ୍କୁ ପରିବାର ଭତ୍ତା ଦେବା ଉଦ୍ଦେଶ୍ୟରେ ମୋ ସରକାର ୪୦ ହଜାର ଟଙ୍କା ମଂଜୁର କରିଛନ୍ତି ।

୮୯ । ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତି, ବିଶେଷ କରି ହରିଜନ ଓ ଆଦିବାସୀମାନଙ୍କ ସମସ୍ୟା ପ୍ରତି ମୋ ସରକାର ବିଶେଷ ସଚେତନ । ସମାଜର ଦୁର୍ବଳ ଶ୍ରେଣୀ ଓ ଉଚ୍ଚ ବର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରେ ସାଂପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା କରିବା ଲାଗି ଏକ ସୁଚିନ୍ତିତ ଅଭିଯାନ ଆରମ୍ଭ କରାଯାଇଥିଲା । ହରିଜନମାନଙ୍କୁ ଯେପରି କେହି ହଇରାଣ ହରକତ ନ କରନ୍ତି ଓ ସେମାନଙ୍କ ପ୍ରତି ଖରାପ ବ୍ୟବହାର ନ ଦେଖାନ୍ତି ତହିଁର ତଦାରଖ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ହୋଇଥିବା ଅତ୍ୟାଚାର ସଂପର୍କିତ ମାମଲାଗୁଡ଼ିକର ତୁରନ୍ତ ତଥା ଦୃଢ଼ ମୁକାବିଲା କରିବା ପାଇଁ ପୁଲିସ ଏକ ଫଳପ୍ରଦ ଭୂମିକା ଗ୍ରହଣ କରିଥିଲେ । ଏହା ଅନୁସାରେ ସେମାନେ ଘଟଣା ସଂପର୍କରେ ମିଳିତ ଭାବେ ତଦନ୍ତ କରିଥିଲେ ଏବଂ ଆବଶ୍ୟକ ସ୍ଥଳେ ଆପୋଷ ମିଳାମିଶାର ବ୍ୟବସ୍ଥା କରିଥିଲେ । ଏତଦ୍‌ବ୍ୟତୀତ, ହିନ୍ଦୁ ଓ ଅନଗ୍ରସର ଶ୍ରେଣୀର ବ୍ୟକ୍ତିଙ୍କ ମଧ୍ୟରେ ସ୍ନେହ ଓ ସଦ୍ଭାବପୂର୍ଣ୍ଣ ସଂପର୍କ ଆଣିବା ଦିଗରେ ପୁଲିସ ଅଫିସରମାନେ ବିଶେଷ ଉଦ୍ୟମ କରିଥିଲେ । ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସମୁଚିତ ସ୍ୱାର୍ଥରକ୍ଷା ଦିଗରେ ସବୁ ସମୟରେ ସଚେତନ ରହିବା ଲାଗି ମୁଁ ପୁନରାୟ ଗୁରୁତ୍ୱ ଆରୋପ କରୁଛି ।

୯୦ । ଓଡ଼ିଶାର ପ୍ରାକୃତିକ ସମ୍ବଳର ଫଳପ୍ରଦ ଉପଯୋଗ ଲାଗି ବିଭିନ୍ନ କ୍ଷେତ୍ରରେ ଏକ ସମୟସୀମା ନିର୍ଦ୍ଧାରିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ଆପଣମାନେ ବୋଧହୁଏ ମୋ ସହିତ ଏକମତ ହେବେ । ଏହା କାର୍ଯ୍ୟକାରୀ ହେଲେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବହୁ ସଂଖ୍ୟକ ଜନସାଧାରଣଙ୍କ ଅର୍ଥନୈତିକ ବିକାଶ ସାଧନ ହେବା ସଂଗେ ସଂଗେ ରାଜ୍ୟର ଜନସାଧାରଣଙ୍କ ଅର୍ଥନୈତିକ ମାନବୃଦ୍ଧି ହେବା ଦିଗରେ ଏହା ବିଶେଷ ସହାୟକ ହେବ । ଏତଦ୍‌ବ୍ୟତୀତ ଦେଶର ଅନ୍ୟାନ୍ୟ ସମୃଦ୍ଧ ରାଜ୍ୟଗୁଡ଼ିକ ସହ ଆମର ରାଜ୍ୟ ସମକକ୍ଷ ହୋଇ ପାରିବ । ଓଡ଼ିଶା ଦିନେ ଯେ ଏକ ସମୃଦ୍ଧ ରାଜ୍ୟ ରୂପେ ପରିଗଣିତ ହେବ, ସେ କଥା ଆମେମାନେ କେବେହେଲେ ଭୁଲିଯିବା ନାହିଁ । ଆମମାନଙ୍କ ମଧ୍ୟରେ ଥିବା ଭେଦଭାବ ଭୁଲି ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ସମସ୍ତେ ନିଜ ନିଜକୁ ଉତ୍ସର୍ଗ କରିବା ପାଇଁ ମୁଁ ଆପଣମାନଙ୍କୁ ତଥା ଆପଣମାନଙ୍କ ଜରିଆରେ ରାଜ୍ୟବାସୀଙ୍କୁ ନିବେଦନ କରୁଛି ।

୯୧ । ମୁଁ ଆପଣମାନଙ୍କୁ ଅନ୍ତରରେ ଧନ୍ୟବାଦ ଦେଉଛି ଏବଂ ଏତିକି କହି ଆଲୋଚନା ନିମନ୍ତେ ଆପଣମାନଙ୍କୁ ଅବସର ପ୍ରଦାନ କରି ବର୍ତ୍ତମାନ ବିଦାୟ ନେଉଛି ।

ଜୟ ହିନ୍ଦ୍



OGP—MP-VI (I. & P. R.) 87—10,000—17-3-1979

୭୭ । ଶିକ୍ଷାର ସଂପ୍ରସାରଣ ଦୃଷ୍ଟିରୁ ମୋ ସରକାର ଶିକ୍ଷକମାନଙ୍କର ସ୍ୱାର୍ଥରକ୍ଷା ଦିଗରେ ଯତ୍ନବାନ ହୋଇଛନ୍ତି । ସ୍ୱାୟତ୍ତ ଶାସନ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ତ୍ରିବିଧ ସୁବିଧା ପରିକଳ୍ପନା ଲାଗୁ କରାଯାଇଛି । ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ-ଗୁଡ଼ିକର କର୍ମଚାରୀମାନଙ୍କୁ ଗୋଟିଏ ସାଧାରଣ କ୍ୟାଡ଼ରଭୁକ୍ତ କରିବା ଏବଂ ସେମାନଙ୍କୁ ବିଭିନ୍ନ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ ଭିତରେ ସ୍ଥାନାନ୍ତର ବ୍ୟବସ୍ଥା କରିବା ପାଇଁ ୧୯୭୮ ରେ ୧୯୬୯ ମସିହାର ଓଡ଼ିଶା ଶିକ୍ଷା ଆଇନକୁ ସଂଶୋଧନ କରାଯାଇଛି ।

୭୮ । ମୋ ରାଜ୍ୟର ଉପସ୍ଥିତ ସାମାଜିକ ଅର୍ଥନୈତିକ ଅବସ୍ଥା ଦୃଷ୍ଟିରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାବଦ ବ୍ୟୟ ୧୯୭୮-୭୯ ରେ ୩ କୋଟି ୬୮ ଲକ୍ଷ ଟଙ୍କା ରଖାଯାଇଥିବା ସ୍ଥଳେ ୧୯୭୯-୮୦ ରେ ଏହା ୪ କୋଟି ୧୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୧୯୭୯-୮୦ ରେ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଓ ସଂକ୍ରାମକ ରୋଗ ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଷଷ୍ଠ ଯୋଜନା କାଳରେ ୭୭ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩୦ ଶଯ୍ୟା ବିଶିଷ୍ଟ ହାସପାତାଳରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି । ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଗଲାଣି ଏବଂ ୧୯୭୯-୮୦ରେ ୧୪ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଯିବାର କାର୍ଯ୍ୟକ୍ରମ ରହିଛି । ଆଗାମୀ ବର୍ଷ ମଧ୍ୟରେ ୬୫ ଟି ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବାର ପ୍ରସ୍ତାବ ରହିଛି । ମୁଁ ବିଶେଷ ଆନନ୍ଦିତ ଯେ ରାଜ୍ୟର ସମସ୍ତ ଜିଲ୍ଲା ହାସପାତାଳ ଏବଂ ୧୬ ଟି ସବଡ଼ିଭିଜନ ହାସପାତାଳରେ ବିଭିନ୍ନ ବିଷୟକ ବିଶେଷଜ୍ଞ ନିଯୁକ୍ତି କରାଯାଇଛି ।

୭୯ । ଜନସଂଖ୍ୟା ବୃଦ୍ଧି ସମସ୍ୟା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଜାତୀୟ ଲକ୍ଷ୍ୟ ସହ ସମତା ରକ୍ଷା କରି ମୋ ସରକାର ଜନସଂଖ୍ୟା ବୃଦ୍ଧି ହାର ଏକ ହଜାର ପିଛା ୩୦ ରେଖାଏଁ କମାଇବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି । ସୁଖର କଥା ଯେ ପରିବାର ନିୟନ୍ତ୍ରଣ କ୍ଷେତ୍ରରେ କୌଣସି ବଳ ପ୍ରୟୋଗ କରିବାର ଅବକାଶ ମିଳି ନାହିଁ । ଲୋକଙ୍କୁ ବୁଝାଇ ସୁଝାଇ ଓ ଯେତେ ଦୂର ସମ୍ଭବ ତାଙ୍କ ନିକଟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପହଞ୍ଚାଇ ଦେଇ ଏ ଦିଗରେ ଅଗ୍ରଗତି ସାଧିତ ହୋଇ ପାରିଛି । ପଞ୍ଚମ ଯୋଜନା ଶେଷ ସୁଦ୍ଧା ୧୧·୩୬ ଲକ୍ଷ ସନ୍ତାନ ଉତ୍ପାଦନକ୍ଷମ ଦମ୍ପତିଙ୍କର ପରିବାର ନିୟନ୍ତ୍ରଣ ଉପଯୁକ୍ତ କରାଯାଇଥିଲା । ରାଜ୍ୟର ମୋଟ ସନ୍ତାନ ଉତ୍ପାଦନକ୍ଷମ ଦମ୍ପତିଙ୍କ ସଂଖ୍ୟାର ଏହା ହେଉଛି ଶତକଡ଼ା ୨୬·୫ ଭାଗ । ଅନୁରୂପ ସମୟ ମଧ୍ୟରେ ସର୍ବଭାରତୀୟ ସ୍ତରରେ ଏହାର ହାର ଥିଲା ଶତକଡ଼ା ୨୩·୪ ଭାଗ ।

୮୦ । ଚଳିତ ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ରୂପେ ଘୋଷିତ ହୋଇଥିବା ୧୯୭୯ ରେ କାର୍ଯ୍ୟକାରୀ କରାଯିବା ପାଇଁ ଏକ ବିଶଦ ଯୋଜନା ପ୍ରଣୟନ କରାଯାଇଛି । ଉପକୃତ ହେବା ଶିଶୁ ଓ ସେମାନଙ୍କ ମା' ମାନଙ୍କୁ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ସଂସ୍ଥାର ପରିସରଭୁକ୍ତ କରିବାପାଇଁ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି । ଉକ୍ତ ସଂସ୍ଥାରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ସମେତ ଆବଶ୍ୟକ ହେଉଥିବା ଅଧିକ ଔଷଧପତ୍ର ମଧ୍ୟ ଯୋଗାଇ ଦିଆଯାଏ । ଷଷ୍ଠ ଯୋଜନା କାଳରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ମୌଳିକ କୌଶଳ ପରିକଳ୍ପିତ ହୋଇଛି । ଏହା ଅନୁସାରେ ସ୍ୱେଚ୍ଛାକୃତ ଅଭ୍ୟୋପଗମ ଉପରେ ବିଶେଷ ଜୋର ଦିଆଯାଇ ପରିବାର ନିୟୋଜନର ସମସ୍ତ ଗ୍ରହଣଯୋଗ୍ୟ ପ୍ରଣାଳୀଅନୁଯାୟୀ ଉଦ୍ୟମକୁ ବୃଦ୍ଧି କରାଯିବ । ଏହାର ଉଦ୍ଦେଶ୍ୟ ହେଲା, ୧୯୮୩ ମସିହା ଶେଷ ସୁଦ୍ଧା ସନ୍ତାନ ଉତ୍ପାଦନକ୍ଷମ ଆନୁମାନିକ ୧୬ ଲକ୍ଷ ୫୨ ହଜାର ଦମ୍ପତିଙ୍କୁ ପରିବାର ନିୟନ୍ତ୍ରଣ ସଂପର୍କିତ ସୁରକ୍ଷା ପ୍ରଦାନ କରିବା । ଉକ୍ତ ଦମ୍ପତିମାନେ ସନ୍ତାନ ଉତ୍ପାଦନକ୍ଷମ ସମୁଦାୟ ଦମ୍ପତିମାନଙ୍କର ଶତକଡ଼ା ୩୬ ଭାଗ ଅଟନ୍ତି ।.

୮୧ । ଅଶୋକ ମେହେଟା କମିଟିଙ୍କ ରିପୋର୍ଟକୁ ଭିତ୍ତିକରି ଢାଞ୍ଚାରେ ଜିଲ୍ଲା ପରିଷଦ ଗଠନ କରିବା ନିମନ୍ତେ ମୋ ସରକାର ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

୮୨ । ୧୯୭୭-୭୮ ମସିହା ମଧ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ୧୮ ଲକ୍ଷରୁ ଅଧିକ ସଂଖ୍ୟକ ସ୍କୁଲକୁ ଯାଉଥିବା ଓ ସ୍କୁଲ ଯାଇ ନଥିବା ଶିଶୁ, ପ୍ରସୂତି ଓ ଆସନ୍ନପ୍ରସବା ମହିଳାମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ଆସନ୍ତା ବର୍ଷ ମଧ୍ୟରେ ବିଶେଷ-କରି ସ୍କୁଲ ଯାଉନଥିବା ୧·୭୬ ଲକ୍ଷ ଶିଶୁ ଯେପରି ଏହି କାର୍ଯ୍ୟକ୍ରମଦ୍ୱାରା ଉପକୃତ ହୋଇପାରିବେ, ସେଥିପାଇଁ ପ୍ରସ୍ତାବ ରଖାଯାଇଛି । ଆନ୍ତର୍ଜାତିକ ଶିଶୁ ସମ୍ବତ୍ସରରେ ଏହି କାର୍ଯ୍ୟକ୍ରମଟି ଗୁରୁତ୍ୱପୂର୍ଣ୍ଣ ।

୮୩ । ରାଜ୍ୟର ପର୍ଯ୍ୟଟନ ସଂପଦ ଦେଶ ତଥା ବିଦେଶରେ ବେଶ୍ ସମାଦୃତ ହୋଇ ପାରିଛି । ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ କ୍ଷେତ୍ରରେ ଏହାକୁ ପରିଚିତ କରାଇବା ନିମନ୍ତେ ପଦକ୍ଷେପମାନ ନିଆଯାଇଛି । ଅସ୍ତରଙ୍ଗଠାରେ ଗୋଟିଏ ସ୍ନାନାଗାର ନିର୍ମାଣର ପରିକଳ୍ପନା ରଖାଯାଉଛି । ଏହା ଫଳରେ କୋଣାର୍କ, ଭୁବନେଶ୍ୱର ଓ ପୁରୀ ସ୍ୱର୍ଣ୍ଣତ୍ରିଭୁଜ ସହିତ ଏହାର ଯୋଗାଯୋଗ ସ୍ଥାପିତ ହୋଇ ପାରିବ । ମୋ ସରକାର ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଏକ ପର୍ଯ୍ୟଟନ କର୍ପୋରେସନ ଗଠନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ।

୮୪ । ଆମ୍ଭେମାନେ ଏକ ମହାନ୍ ସାଂସ୍କୃତିକ ପରଂପରାସଂପନ୍ନ ରାଜ୍ୟର ଅଧିବାସୀ ହେବାର ବିଶେଷ ଅଧିକାର ଲାଭ କରିପାରିଛୁ । ଏହି ଗୌରବମୟ ଅତୀତ ଆମ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜିରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ମୁଁ ସୁଖୀ ଯେ ଏହି ପ୍ରାଚୀନ କୀର୍ତ୍ତିସମୂହର ସୁରକ୍ଷା ନିମନ୍ତେ ମୋ ସରକାର କେନ୍ଦ୍ର ସରକାରଙ୍କ ଘନିଷ୍ଠ ସହାୟତାରେ ଯଥେଷ୍ଟ ପଦକ୍ଷେପ ନେଉଛନ୍ତି । ବହୁସଂଖ୍ୟକ ସଂସ୍କୃତ ଓ ଓଡ଼ିଆ ପାଣ୍ଡୁଲିପିର ପ୍ରକାଶନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଅଦ୍ୟାବଧି ଏହିଭଳି ୩୦ଟି ପାଣ୍ଡୁଲିପି ସଂପାଦନା କରାଯାଇ ପ୍ରକାଶିତ ହୋଇଛି । ସାହିତ୍ୟ, ନୃତ୍ୟ, ନାଟକ ଓ ସଂଗୀତର ଉନ୍ନତିକଳ୍ପେ ମୋ ସରକାର ତିନିଗୋଟି ଏକାଡ଼େମୀକୁ ସାହାଯ୍ୟ କରି ଆସୁଛନ୍ତି । ଆନ୍ତର୍ଜାତିକ ସ୍ତରରେ ଆଦୃତ ହୋଇଥିବା ଛଉ ନୃତ୍ୟ ସଂପର୍କରେ ସଂପ୍ରତି ଏକ ଆଲୋଚନାଚକ୍ର ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଗ୍ରାମ୍ୟ କ୍ରୀଡ଼ା କସରତର ବିକାଶ ନିମନ୍ତେ ମୋ ସରକାର ଚଳିତବର୍ଷ ମଧ୍ୟରେ ୨୪ଟି ଗ୍ରାମ୍ୟ କ୍ରୀଡ଼ା କସରତ କେନ୍ଦ୍ର ଓ ଦୁଇଟି ଜିଲ୍ଲା ତାଲିମ କେନ୍ଦ୍ର ମଞ୍ଜୁର କରିଛନ୍ତି । ରାଜ୍ୟ ରାଜଧାନୀରେ ଏକ ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ପରିତୋଷର ବିଷୟ ଏହି ଯେ ରାଜ୍ୟରେ ପାଠାଗାର ଆନ୍ଦୋଳନ ଅଧିକ ସକ୍ରିୟ ହେବା ସଙ୍ଗେ ସଙ୍ଗେ ଉଭୟ ଗ୍ରାମ ତଥା ସହରାଞ୍ଚଳରେ ଶହ ଶହ ପାଠାଗାରମାନ ଗଢ଼ି ଉଠୁଛି । ରାଜଧାନୀରେ ଗୋଟିଏ ଶୀର୍ଷ ପାଠାଗାର ସ୍ଥାପନ ନିମନ୍ତେ ଏକ ପ୍ରସ୍ତାବ ବିଚାରାଧୀନ ରହିଛି ।

୮୫ । ରାଜ୍ୟରେ ଦେଖା ଦେଇଥିବା ଗୁରୁତର ବାସଗୃହ ଅଭାବ ପୂରଣ କରିବା ଲାଗି ବହୁ ସଂଖ୍ୟକ ବାସଗୃହ ନିର୍ମାଣ ପରିକଳ୍ପନା କାର୍ଯ୍ୟକାରୀ କରାଯାଇଛି । ୧୯୭୭-୭୮ ମସିହା ଶେଷ ସୁଦ୍ଧା ୧୧,୬୧୯ ଗୋଟି ବାସଗୃହ ନିର୍ମାଣ ଲାଗି ୮ କୋଟି ୫୭ ଲକ୍ଷ ୩୨



କେନ୍ଦ୍ର ତଥ୍ୟ ଏବଂ ବେତାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜଗବୀର ସିଂହ ୧୯୭୯ ଫେବୃଆରୀ ୧୧ ତାରିଖରେ
କୋଣାର୍କ ସୂର୍ଯ୍ୟ ମନ୍ଦିରର ରମଣୀୟ ଶିଳ୍ପକଳାର ପରିଦର୍ଶନ କରୁଛନ୍ତି ।




ମାଡ୍ରାସ ପ୍ରଦର୍ଶନୀରେ ଓଡ଼ିଶା ମଣ୍ଡପ

PRINTED AT ORISSA GOVERNMENT PRESS, CUTTACK-10



କେନ୍ଦ୍ର ବାଣିଜ୍ୟ ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କେ. କେ. ଗୋଏଲ ଗତ ଫେବୃଆରୀ ୮ ତାରିଖରେ ଭୁବନେଶ୍ୱର ସଚିବାଳୟଠାରେ ପାର୍ଲାମେଣ୍ଟାରି କନ୍‌ସଲ୍‌ଟେଟିଭ୍ କମିଟିର ଏକ ଉଚ୍ଚସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି ।



ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନଙ୍କଦ୍ୱାରା ତୁରଲା ଗାମରେ ପୌଢ଼ଶିକ୍ଷା ସଂପର୍କରେ ଆୟୋଜିତ ଏକ ସାଧାରଣ ସଭାର ଏକ ଦୃଶ୍ୟ ।